ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୪/୨୦୨୫ (୧୮ ପୃଷ୍ଠା) Bhubaneswar, Wednesday, December 24/2025 Page 18 ₹ 7.00
୫୨ଶ ଭାଗ ୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 31 ମୂଲ୍ୟ ₹୭/-

# ତେଜିଲା ବାଂଲାଦେଶ ବିରୋଧୀ ମନୋଭାବ



ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ଉଚ୍ଚାୟୁକ୍ତ ଅଫିସ ନିକଟରେ ବିକ୍ଷୋଭକାରୀଙ୍କ ସହ ପୋଲିସର ଧସ୍ତାଧସ୍ତି। (ଫଟୋ: ଚମନ ଗୌତମ)

- **ଦିଲ୍ଲୀରେ ବାଂଲା ଉଚ୍ଚାୟୁକ୍ତ ଅଫିସ ଘେରାଉ ଉଦ୍ୟମ**
- **ବିକ୍ଷୋଭକାରୀ-ପୋଲିସ ଧସ୍ତାଧସ୍ତି**
- **ଭାରତୀୟ ହାଇ କମିଶନଙ୍କୁ ଢାକାର ସମନ**
- **ଭାରତକୁ ଯୁଦ୍ଧ ଧମକ ଦେଲା ଶରିଫ୍‌ଙ୍କ ଦଳ**

**ନୂଆଦିଲ୍ଲୀ/କୋଲକାତା,୨୩।୧୨**

ବାଂଲାଦେଶରେ ଡିସେମ୍ବର ୧୮ରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ଲୋକେ ପିଟି ପିଟି ହତ୍ୟା କରିବା ପରଠାରୁ ଭାରତରେ ଏହି ଭିଡ଼ହିଂସା ବିରୋଧରେ ଉତ୍ତେଜନା ଲାଗିରହିଛି। ମଙ୍ଗଳବାର ଦିଲ୍ଲୀରୁ କୋଲକାତା ପର୍ଯ୍ୟନ୍ତ ବିଶ୍ୱହିନ୍ଦୁ ପରିଷଦ(ଭିଏଚ୍‌ପି), ବଜରଙ୍ଗ ଦଳ ଓ ଅନ୍ୟ ହିନ୍ଦୁ ସଙ୍ଗଠନଗୁଡ଼ିକ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଶେଷକରି ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ହାଇ କମିଶନ ଅଫିସ ଘେରାଉ ପାଇଁ ଉଦ୍ୟମ ହୋଇଥିବାବେଳେ କୋଲକାତାରେ ବିକ୍ଷୋଭକାରୀମାନେ ବାଂଲାଦେଶ ଅନ୍ତରୀଣ ସରକାରଙ୍କ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଉଭୟ ସ୍ଥାନରେ ଏପରି ସ୍ଥିତି ଉପୁଜିଥିଲା ଯେ ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଦିଲ୍ଲୀରେ ବାଂଲାଦେଶ ଉଚ୍ଚାୟୁକ୍ତ ନିକଟରେ ସବୁଠୁ ଉଗ୍ର ଚିତ୍ର ଦେଖିବାକୁ ମିଳିଛି। ଏହି ହାଇ-ସିକ୍ୟୁରିଟି ଜୋନ୍‌ରେ ପୋଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ହେବା ସହ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ବିକ୍ଷୋଭକାରୀମାନେ ଗୈରିକ ଧ୍ୱଜା ଓ ବ୍ୟାନର ଧରି ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବାରୁ ସୁରକ୍ଷା ବଳ ସହ ଧସ୍ତାଧସ୍ତି ହୋଇଥିଲେ। ଏଭଳି ସ୍ଥିତିରେ ବାଂଲାଦେଶକୁ ଭାରତରେ ଥିବା ଏହାର ମିଶନ୍‌ଗୁଡ଼ିକରେ ସୁରକ୍ଷା ଚିନ୍ତା ବଢ଼ିଛି। ଢାକାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ବାଂଲାଦେଶ ମଙ୍ଗଳବାର ସମନ କରିଛି। ଅପରପକ୍ଷେ ପାକିସ୍ତାନର ଶାସକ ମୁସ୍‌ଲିମ୍ ଲିଗ୍ ପିଏମ୍‌ଏଲ୍ ମଧ୍ୟ ଭାରତକୁ ଯୁଦ୍ଧ ଧମକ ଦେଇଛି। ନୂଆଦିଲ୍ଲୀ ବାଂଲାଦେଶର ସ୍ୱାୟତ୍ତତା ଉପରେ ଆକ୍ରମଣ କଲେ କିମ୍ବା ମନ୍ଦ ଦୃଷ୍ଟିରେ ଦେଖିଲେ, ପାକିସ୍ତାନୀ ସେନା ଓ ଆମ କ୍ଷେପଣାସ୍ତ୍ରଗୁଡ଼ିକ ବେଶି ଦୂରରେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ଦଳର ଛାତ୍ରନେତା କମ୍‌ରାନ୍ ସୟିଦ୍ ଉସ୍‌ମାନି ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେପଟେ ଭାରତର ବନ୍ଧୁରାଷ୍ଟ୍ର ରୁଷିଆ ସ୍ଥିତିକୁ ଦେଖି ବାଂଲାଦେଶକୁ ୧୯୭୧ ବେଳର କଥା ସ୍ମରଣ କରାଇଦେଇଛି।

ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା ଘଟଣା ପ୍ରତିବାଦରେ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ବାହାରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଭୟ ସଙ୍ଗଠନର ଅନେକ ଶହ ସମର୍ଥକ ବ୍ୟାରିକେଡ୍ ଭାଙ୍ଗି ଆଗକୁ ମାଡ଼ିବାରୁ ପୋଲିସ ସହିତ ଧସ୍ତାଧସ୍ତି ହୋଇଛି। ଫଳରେ ହାଇ କମିଶନ ନିକଟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଦିଲ୍ଲୀରୁ ଯିବ ରାଜଧାନୀ









# ପୋଲିସ-ଚାଷୀ ଧସ୍ତାଧସ୍ତି

## ମାସେ ପରେ ବି ଉଠୁନି ଧାନ

ବରଗଡ଼,୨୩।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଏକମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଏହାସତ୍ତ୍ୱେ ଧାନ କିଣାବିକା ନେଇ ନାନା ସମସ୍ୟା ଲାଗି ରହିଛି। ଧାନ ବିକ୍ରି ପାଇଁ ଅନେକ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିପାରି ନାହିଁ। ଅନ୍ୟପକ୍ଷରେ ଯେଉଁ ଚାଷୀମାନଙ୍କୁ ଟୋକନ୍ ମିଳିଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷେତ୍ରରେ ବିକ୍ରି ତାରିଖ ବିଳମ୍ବରେ ଥିବାବେଳେ ବିକ୍ରିଯୋଗ୍ୟ ଧାନ ପରିମାଣକୁ ମଧ୍ୟ ଅନ୍ୟବର୍ଷ ତୁଳନାରେ ହ୍ରାସ କରି ଦିଆଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ଧାନ ଉଠାଣ ନେଇ ବିଗତ ବର୍ଷଗୁଡ଼ିକରେ ମିଲର୍ସମାନଙ୍କୁ ଯେଉଁଭଳି ଆଲଟ୍‌ମେଣ୍ଟ ଦିଆଯାଉଥିଲା, ଏଥର ସେଥିରେ ମଧ୍ୟ ବ୍ୟତିକ୍ରମ ଦେଖାଦେଇଥିବା ଚାଷୀମାନେ କହିଛନ୍ତି। ଏହାକୁ ନେଇ ଜିଲାର ଚାଷୀମାନେ ପୁଣି ଆନ୍ଦୋଳନମୁହାଁ ହୋଇଛନ୍ତି। ମଙ୍ଗଳବାର ବିଭିନ୍ନ ମଣ୍ଡିରୁ ଶତାଧିକ ଚାଷୀ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଚାଷୀମାନେ ପହଞ୍ଚିବା ପୂର୍ବରୁ ପୋଲିସ କାର୍ଯ୍ୟାଳୟର ମୁଖ୍ୟ ଫାଟକ ବନ୍ଦ କରିଦେଇଥିଲା। ଫଳରେ ଅନେକ ଚାଷୀ ଧସେଇ ପଶିଥିବା ବେଳେ ପୋଲିସ ଅନ୍ୟ ଚାଷୀମାନଙ୍କୁ ଆଉ ଭିତରକୁ ଛାଡି ନ ଥିଲା। ଫଳରେ ଉତ୍ତେଜନା ଦେଖାଯାଇଥିଲା। ପୋଲିସ ଏବଂ ଚାଷୀମାନଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ପରେ ଚାଷୀମାନେ ବିଭିନ୍ନ ନାରାବାଜି ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ସେଠାରେ ଚାଷୀ ପ୍ରତିନିଧିମାନେ ଉଦ୍‌ବୋଧନ ଦେଇ ଧାନ କିଣାବିକା ସମସ୍ୟାକୁ ନେଇ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଚାଷୀ ପ୍ରତିନିଧିମାନେ କହିଥିଲେ, ମଣ୍ଡି ଖୋଲିବାର ପ୍ରାୟ ଗୋଟିଏ ମାସ ବିତି ଯାଇଥିଲେ ହିଁ ଏପର୍ଯ୍ୟନ୍ତ ଟୋକନ ମିଳିନାହିଁ। ଅନେକ ଚାଷୀଙ୍କୁ କେବଳ ୬, ୭ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ମିଳିଛି। ବହୁ ଚାଷୀଙ୍କ ଟୋକନ ଫେବୃଆରୀ ଶେଷଯାଏ ବିକ୍ରି କରିବା ପାଇଁ ଆସିଛି। ଏଥିସହ ଯେଉଁ ଚାଷୀମାନଙ୍କୁ ଟୋକନ ମିଳିଛି ସେମାନଙ୍କ ଧାନ ଉଠୁନାହିଁ। ମିଲର୍ସଙ୍କ ଗାଡ଼ି ମଣ୍ଡିକୁ ଆସୁନାହିଁ। କଟ୍‌ନୀଛଟ୍‌ନୀ ଚରମ ସୀମାରେ ପହଞ୍ଚିଛି। ଯଦି ଏହି ସମସ୍ୟାର ସମାଧାନ କରା ନ ଯାଏ, ତା'ହେଲେ ବରଗଡ଼ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ଆକ୍ରୋଶର ଶିକାର ହୋଇପାରନ୍ତି ବୋଲି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଛନ୍ତି। ଧାନ ଉଠାଣର ଦୈନିକ ସୀମାକୁ ହଟାଇ ଯୁଦ୍ଧକାଳୀନ ଭିତ୍ତିରେ ଧାନକିଣା ପ୍ରକ୍ରିୟାକୁ ଚଳାଇବାକୁ ଜୟ କିଷାନ ଆନ୍ଦୋଳନ ତରଫରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଚାଷୀଙ୍କ ଧାରଣାସ୍ଥଳକୁ ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଆସି ଚାଷୀମାନଙ୍କୁ ଧାନ ଉଠାଣ ଏବଂ ଟୋକନ ପ୍ରଦାନ ନେଇ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।



ବରଗଡ଼ରେ ପୋଲିସ ସହ ଚାଷୀଙ୍କ ଧସ୍ତାଧସ୍ତି।

# ଚାଷୀଙ୍କୁ ପ୍ରାପ୍ୟ ଦେବାରେ ସରକାର ଫେଲ୍: ବିଜେଡି

## ନ୍ୟାୟ ପ୍ରଦାନ ଦାବିରେ ରାସ୍ତାକୁ ଓହ୍ଲାଇବୁ: ପ୍ରମିଳା

ଭୁବନେଶ୍ୱର,୨୩।୧୨(ସୁନିତ୍ ମିଶ୍ର)



ଧାନକିଣାକୁ ନେଇ ରାଜ୍ୟର ଚାଷୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଇନ୍‌ପୁଟ୍ ସବ୍‌ସିଡି ବାବଦକୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଦେଉଛୁ କହି ବାହାଦୁରି ମାରୁଥିବା ଡବଲ ଇଞ୍ଜିନ ସରକାର ବାସ୍ତବରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଇନ୍‌ପୁଟ୍ ସବ୍‌ସିଡି ୮୦୦ ଟଙ୍କା ଦେଉଛୁ କହି ନିଜ ପିଠି ନିଜେ ଥାପୁଡ଼ାଉଥିବା ରାଜ୍ୟ ଭାଜପା ସରକାର ବାସ୍ତବରେ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବାରେ ଫେଲ୍ ମାରିଛନ୍ତି। ୨୦୨୪-୨୫ ବର୍ଷରେ ୨୦% ଧାନ ସଂଗ୍ରହ ହୋଇପାରି ନ ଥିଲା। ଏବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ସମୟ ଉପନୀତ ହୋଇସାରିଥିଲେ ମଧ୍ୟ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାଜ୍ୟର ୧୧ ଜିଲାରେ ଧାନମଣ୍ଡି ଖୋଲା ହେଲା ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ କୌଣସି ଜାଗାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇନାହିଁ ବୋଲି ବିଜେଡି ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି।

ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ୧୧ଟି ଜିଲାର ଚାଷୀ ବର୍ତ୍ତମାନ ରାସ୍ତାରେ। ଟୋକନ ପିଛା କେତେ ଧାନ ସରକାର କିଣିବେ ବୋଲି ସନ୍ଦେହ ସୃଷ୍ଟି ହେଲାଣି। କୁହାଯାଉଛି ଟୋକନ ପିଛା ୧୦୦ କୁଇଣ୍ଟାଲ ଧାନ କିଣାହେବ। ଧାନକିଣାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ମନ୍ତବ୍ୟ ଚିନ୍ତାଜନକ ହୋଇଛି। ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ତାଳମେଳ ରହୁନାହିଁ। ଯୋଗାଣ ମନ୍ତ୍ରୀ ଚଳିତ ବର୍ଷ ସ୍ଥିରୀକୃତ ହୋଇଥିବା ପରିମାଣରୁ ଅଧିକ ଧାନ କିଣାଯିବ ନାହିଁ ବୋଲି କହିଲା ବେଳେ ସମବାୟ ମନ୍ତ୍ରୀ ଟୋକନ ପିଛା ୧୫୦ କୁଇଣ୍ଟାଲ ଧାନ କିଣାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍ ବୈଠକରେ ସମସ୍ତ ବଳକା ଧାନକୁ କିଣାଯିବ ବୋଲି ସୂଚନା ଦେଇଥିଲେ। ଏଥିରୁ କେଉଁଟା ଠିକ୍ ବୋଲି ଲୋକମାନେ ବୁଝିବେ ସେ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କ ଭିତରେ ସମନ୍ୱୟ ନାହିଁ। ଜିଓ ଟ୍ୟାଗ୍, ସାଟେଲାଇଟ ସର୍ଭେ, ଏଫ୍‌ଏକ୍ୟୁ ଓ ଗ୍ରେନ୍ ଏନାଲାଇଜର ମାଧ୍ୟମରେ ଧାନ କିଣା ପରିମାଣକୁ ଜାଣିଶୁଣି କମାଇ ଦିଆଯାଉଛି। ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ବିଜେଡି ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି, ରାଜ୍ୟର ଚାଷୀମାନେ ଟୋକନ ପାଇବା ନେଇ ଚାହିଁବସିଛନ୍ତି। ଟୋକନ ବିତରଣ ନେଇ କୌଣସି ସ୍ୱଚ୍ଛତା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

# ମରାମତି ପରେ ହସ୍ତାନ୍ତର କରାଯାଇଛି: ଏଏସ୍‌ଆଇ

## ହାଇକୋର୍ଟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲା

କଟକ,୨୩।୧୨(କାର୍ତ୍ତିକ ସାହୁ)

ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍‌ଆଇ) ହାଇକୋର୍ଟଙ୍କୁ ଜଣାଇଲେ ରତ୍ନଭଣ୍ଡାର ମରାମତି ସରିଯାଇଛି। ଏଥିସହ ଶ୍ରୀମନ୍ଦିର ପ୍ରଶାସନକୁ ଗତ ଜୁଲାଇ ୬ରେ ରତ୍ନଭଣ୍ଡାର ହସ୍ତାନ୍ତର କରିସାରିଥିବା ଏଏସ୍‌ଆଇ ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇଛି। ୧୯୭୮ ମସିହା ପରେ ରତ୍ନଭଣ୍ଡାରରେ ଅଳଙ୍କାର ଗଣତି ହୋଇ ନ ଥିବା ବାବଦରେ ଆଡ୍‌ଭୋକେଟ୍ ଜେନେରାଲ ଦର୍ଶାଇଥିଲେ ଯେ, ସରକାର ଏହା ଉପରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍‌ଓପି) ଆଣିବାକୁ ବିଚାର ବିମର୍ଶ କରୁଛନ୍ତି। ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ବଡ଼ଦିନ ଛୁଟି ପରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯିବ ବୋଲି ଜଣାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି କରିଛନ୍ତି।

ସୂଚନାନୁସାରେ, ଆବେଦନକାରୀ ଦିଲ୍ଲୀପ କୁମାର ବରାଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରି ୨ଟି ଆବେଦନ କରିଥିଲେ। ପ୍ରଥମରେ ଜଷ୍ଟିସ ରଘୁବୀର ଦାଶ କମିଶନ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଦାଖଲ କରିଥିବା ରିପୋର୍ଟ ରାଜ୍ୟ କ୍ୟାବିନେଟରେ ଉପସ୍ଥାପନ କରିବାକୁ ସରକାର ସତ୍ୟପାଠରେ ହାଇକୋର୍ଟଙ୍କୁ ଜଣାଇଥିଲେ। ମାତ୍ର ଅଦ୍ୟାବଧି ତାହା ଦାଖଲ କରାଯାଇନାହିଁ। ଦ୍ୱିତୀୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ରହିଥିବା ଶ୍ରୀଜୀଉମାନଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀଗୁଡ଼ିକର ଗଣତିମଣତି କରାଯାଇ ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଉ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ୯୭,୯୭୨ ଚାଷୀଙ୍କଠାରୁ ସଂଗ୍ରହ ହେଲାଣି ୪,୩୯,୨୯୪ ମେଟ୍ରିକ୍ ଟନ୍ ଧାନ

## ଧାନ ସଂଗ୍ରହ ନେଇ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ

### ୧୧ ଜିଲାରୁ ଧାନ ସଂଗ୍ରହ ଚାଲିଛି, ଅନ୍ୟ ସବୁଠି ନିର୍ଦ୍ଧାରିତ ତାରିଖରେ ଚାଲିବ

ଭୁବନେଶ୍ୱର,୨୩।୧୨(ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଙ୍ଗଳବାର ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଖରିଫ ୨୦୨୫-୨୬ ଧାନ ସଂଗ୍ରହର ସମୀକ୍ଷା କରିଛନ୍ତି। ଚାଷୀଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ ଓ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୭, ୯୭୨ ଜଣ ଚାଷୀଙ୍କଠାରୁ ୪,୩୯,୨୯୪ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇସାରିଛି। ବରଗଡ଼ ଜିଲାରେ ସର୍ବାଧିକ ୩୬, ୩୫୬ ଜଣ ଚାଷୀ ୧, ୬୩, ୨୮ ମେଟ୍ରିକ୍ ଟନ୍ ଧାନ ମଣ୍ଡିରେ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ୍ ୯, ୪୧, ୪୩୩ ଜଣ ଚାଷୀଙ୍କୁ ଟୋକେନ୍ ଯୋଗାଯାଇଛି। ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ନିର୍ଦ୍ଧାରିତ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହେବ। ଏହି ପ୍ରକ୍ରିୟାରେ ନିୟୋଜିତ ବିଭାଗୀୟ ଅଧିକାରୀଙ୍କୁ ନିୟମିତ ଭାବେ ମଣ୍ଡି ପରିଦର୍ଶନ ଲାଗି କୁହାଯାଇଛି। ସମ୍ପ୍ରତି ରାଜ୍ୟରେ ଖରିଫ ଧାନ ସଂଗ୍ରହ ଜାରି ରହିଥିବାବେଳେ ୧୧ ଜିଲାରେ ମଣ୍ଡି ଦ୍ୱାରା ସଂଗ୍ରହ ଆରମ୍ଭ ହୋଇସାରିଛି। ଏଗୁଡ଼ିକ ମଧ୍ୟରେ ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ରହିଛି। ରାଜ୍ୟର ସବୁ ମଣ୍ଡିରେ ସିସି କ୍ୟାମେରା ଲାଗିଛି ଏବଂ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ମନିଟରିଂ କରାଯାଉଛି। ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାରାୟଣ ନାଏକ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ସଞ୍ଜୟ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ।

# ସମ୍ମିଳନୀ ପାଇଁ ଅନୁମତି ଦେଇ ପରେ ବାତିଲକଲା ପ୍ରଶାସନ

## ନବୀନଙ୍କୁ ଭେଟିଲା ଓଡ଼ିଶା ସାମାଜିକ ନ୍ୟାୟ ମିଳିତ ମଞ୍ଚ



ଭୁବନେଶ୍ୱର,୨୩।୧୨(ସୁନିତ୍ ମିଶ୍ର)

ଏସ୍‌ସି, ଏସ୍‌ଟି, ସଂଖ୍ୟାଲଘୁ କର୍ମଚାରୀମାନଙ୍କ ରାଷ୍ଟ୍ରୀୟ ସଙ୍ଗଠନ ବାମ୍‌ସେଫ୍‌ର ୪୨ତମ ରାଷ୍ଟ୍ରୀୟ ସମ୍ମିଳନୀ ଆସନ୍ତା ୨୬ରୁ ୩୦ ପର୍ଯ୍ୟନ୍ତ କଟକଠାରେ ହେବ। ଏଥିଲାଗି କଟକ ଡେପୁଟି କମିଶନରଙ୍କଠାରୁ ଗତ ନଭେମ୍ବର ୧ରୁ ଅନୁମତିପତ୍ର ମିଳିସାରିଲା ପରେ ଆନୁଷଙ୍ଗିକ ଗ୍ରାଉଣ୍ଡରେ ଓ ଅନ୍ୟାନ୍ୟ ଦେୟ ଦାଖଲ କରାଯାଇସାରିଛି। ଏହାସହ ୧ ଲକ୍ଷ ପ୍ରତିନିଧିଙ୍କ ଆଗମନକୁ ଆକଳନକରି କଟକ ବାଲିଯାତ୍ରା ପଡ଼ିଆରେ ଟେଣ୍ଟ ଓ ଅନ୍ୟାନ୍ୟ ସରଞ୍ଜାମର ବ୍ୟବସ୍ଥା କରାଯାଇଛି। ଦେଶବ୍ୟାପୀ ପ୍ରତିନିଧିମାନେ ଯୋଗଦେବାକୁ ଯାତାୟାତ ଟିକେଟ କରିସାରିଛନ୍ତି। ଏ ସମସ୍ତ ପ୍ରସ୍ତୁତି ସରିଥିଲା ବେଳେ ଏକ ଅସମୀଚୀନ କାରଣ ଦର୍ଶାଇ ଗତ ୨୨ ତାରିଖରେ କଟକ ଡେପୁଟି କମଶନର ଏକ ପତ୍ର ଜରିଆରେ ଅନୁମତି ପ୍ରତ୍ୟାହାର କରିଛନ୍ତି। କଟକ ପ୍ରଶାସନ ଏହାକୁ ପ୍ରତ୍ୟାହାର କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାମାଜିକ ନ୍ୟାୟ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଲୋହିଆ ଏକାଡେମି ଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ବିଭିନ୍ନ ଗଣତାନ୍ତ୍ରିକ ଆମ୍ବେଦକରବାଦୀ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓଡ଼ିଶା ସାମାଜିକ ନ୍ୟାୟ ମିଳିତ ମଞ୍ଚକୁ ସମର୍ଥନ ଜଣାଇଛନ୍ତି। ଏହାପରେ ସଙ୍ଗଠନର ଏକ ପ୍ରତିନିଧି ଦଳ ବିରୋଧ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିଛନ୍ତି। ରାଜ୍ୟର ଶୀର୍ଷ ପ୍ରଶାସନ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ସହ କଥା ହେବେ ବୋଲି ନବୀନ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ମୋକିମଙ୍କ ବନ୍ଧୁମିଳନରେ ନୂଆ ଦଳ ଚର୍ଚ୍ଚା



ରସୁଲପୁର,୨୩।୧୨(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସତ୍‌ସଙ୍ଗ ବିହାର ସମ୍ମିଳନୀ କକ୍ଷରେ ପୂର୍ବତନ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଏକ ବନ୍ଧୁମିଳନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଦଳ ଗଠନ ଉପରେ ଚର୍ଚ୍ଚା କରାଯାଇଛି। ବୈଠକରେ ମୋକିମ କହିଛନ୍ତି, ଏବେ ସେ ଦଳମତ ନିର୍ବିଶେଷରେ ମୁକ୍ତ ଭାବରେ ରାଜନୀତି କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଓଡ଼ିଶାବାସୀଙ୍କ ସ୍ୱାର୍ଥରକ୍ଷା ଓ ଅରାଜକତା ବିରୋଧରେ ଲଢ଼େଇ ଜାରି ରଖିବା ତାଙ୍କର ଲକ୍ଷ୍ୟ ରହିଛି। ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳରେ ଅଣଦେଖା ହୋଇରହିଥିବା ପୁରୁଖା ନେତାଙ୍କୁ ଭେଟୁଛନ୍ତି। ଆଗକୁ ନୂତନ ଦଳ ଗଠନ ହେବା ନେଇ ସ୍ଥିତି ଯାଞ୍ଚ କରାଯାଉଛି। ବିଭିନ୍ନ ସ୍ଥାନରେ ଦେଖାଦେଉଥିବା ରାଜନୈତିକ ସଂକଟ ଓ ରାଜନେତାଙ୍କ ମତାମତକୁ ପାଥେୟ କରି ଆଗକୁ ଯାହାକିଛି ନିଷ୍ପତ୍ତି ନିଆଯିବ। ଏହି ଅବସରରେ ଖବରଦାତାମାନେ ମୋକିମ୍‌ଙ୍କୁ ପୁରୁଖା ନେତା ବିଜୟ ମହାପାତ୍ରଙ୍କୁ ଭେଟି ଥିବା ସମ୍ପର୍କରେ ପ୍ରଶ୍ନ କରିଥିଲେ। ସେଥିରେ ଉତ୍ତର ରଖିବାକୁ ଯାଇ ମୋକିମ କହିଥିଲେ, ସେ କେବଳ ବରିଷ୍ଠ ନେତା ମହାପାତ୍ରଙ୍କୁ ଭେଟିଛନ୍ତି, ତାହା ନୁହେଁ, ରାଜ୍ୟର ରାଜନୈତିକ ପରିସ୍ଥିତିକୁ ନେଇ ସେ ବହୁ ନେତାଙ୍କ ସହ ଭେଟି ଆଲୋଚନା କରିଛନ୍ତି। ଆଗକୁ ବହୁ ନେତାଙ୍କୁ ଭେଟିବାକୁ ନେଇ କାର୍ଯ୍ୟକ୍ରମ ରହିଛି।

ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ମୁଖପାତ୍ର ନରେଶ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦଳର ପୁରୁଖା ନେତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେମାନେ କହିଥିଲେ, କଂଗ୍ରେସ, ଭାଜପା, ବିଜେଡିରେ ବହୁ ପୁରୁଖା ନେତା ଅଣଦେଖା ହୋଇଆସୁଛନ୍ତି। ସେମାନଙ୍କୁ ଏକତ୍ରିତ କରିବା ପାଇଁ ଏକ ପ୍ଲାଟଫର୍ମର ଆବଶ୍ୟକତା ଅଛି। ଏହାର ଏକମାତ୍ର ବିକଳ୍ପ ହେଉଛି ନୂତନ ଦଳ ଗଠନ କରି ଜନସାଧାରଣଙ୍କ ପାଖକୁ ଯିବା ଏବଂ ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରିବା। ବୈଠକରେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ମୁଖପାତ୍ର ନିକୁଞ୍ଜ ପଶାୟତ, ଦଶରଥପୁର ବ୍ଲକର କଂଗ୍ରେସ ନେତା ଶ୍ୟାମସୁନ୍ଦର କର, ଅଶୋକ ମହାନ୍ତି, ଦେବେନ୍ଦ୍ର ପଣ୍ଡା, ଯାଜପୁର ପୌର ପରିଷଦରୁ ଦିଲୀପ ଦାସ, ହୃଦାନନ୍ଦ ବେହୁରିଆ, ବଡ଼ଚଣାରୁ ସଞ୍ଜୟ ରାୟ, ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସମେତ ବହୁ ନେତା ଯୋଗଦେଇ ଥିଲେ।

# ସଚେତନତା ରୋକିବ ଡାହାଣୀ ପ୍ରଥା, ବାଲ୍ୟବିବାହ

## ଅଧିକାରୀମାନେ ଗାଁ ଗାଁ ବୁଲି ସଚେତନ କରନ୍ତୁ: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୨୩।୧୨(ସୁଚିସ୍ମିତା ସାହୁ)

ସାମାଜିକ ସମାନତା ହିଁ ବିକଶିତ ଓଡ଼ିଶାର ମୂଳପିଣ୍ଡ। ଉତ୍ତରପିଢ଼ିକୁ ଏକ କୁପ୍ରଥା ବିହୀନ ସୁସ୍ଥ ସମାଜ ପ୍ରଦାନ କରିବା ପାଇଁ ଆମ ସରକାର ପ୍ରତିବଦ୍ଧ। ରାଜ୍ୟର ଗାଁ ଗାଁ ବୁଲି ଅଧିକାରୀମାନଙ୍କୁ ଏହି ଅନ୍ଧବିଶ୍ୱାସ ବିରୋଧରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଶିକ୍ଷା ଓ ସଚେତନତା ମାଧ୍ୟମରେ ହିଁ ରାଜ୍ୟରେ ଡାହାଣୀ ପ୍ରଥା, ଅନ୍ଧବିଶ୍ୱାସ ଓ ବାଲ୍ୟବିବାହ ବିରୋଧରେ ଲଢ଼ିପାରିବା। କେବଳ କର୍ତ୍ତବ୍ୟ ଭାବି ନୁହେଁ, ମାନବିକତା ଦୃଷ୍ଟିରୁ ଅଧିକାରୀମାନଙ୍କୁ କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ବାଲ୍ୟବିବାହ ନିଷେଧ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳା ରାଜ୍ୟ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ ଏହି ବକ୍ତବ୍ୟ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ ଆଇନ ପ୍ରଣୟନ ସହ ଜନସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିଭାଗୀୟ ଯୋଜନା ଉପରେ ଆଲୋକପାତ କରିବା ସହ ସମସ୍ତଙ୍କ ସହଯୋଗରେ ଏଭଳି ଅସାମାଜିକ ପ୍ରଥା ସହ ଲଢ଼େଇ କରିବାକୁ ପଡ଼ିବ ବୋଲି କହିଥିଲେ। ଆଇନଜୀବୀ ମାନସୀ ପାଢ଼ୀ ଏବଂ ସାମାଜିକ କର୍ମୀ ବେଣୁଧର ସେନାପତି ଓଡ଼ିଶା ଡାହାଣୀ ପ୍ରଥା ନିବାରଣ ଆଇନ-୨୦୧୩ ଏବଂ ବାଲ୍ୟବିବାହ ନିଷେଧ ଆଇନ-୨୦୦୬ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମନିଷା ବାନାର୍ଜୀ ସ୍ୱାଗତ ଭାଷଣ ଏବଂ ବିଭାଗୀୟ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏଥିରେ ୩୧୪ ବିଡିଓ, ୩୦ ଜିଲା ଶିକ୍ଷା ଅଧିକାରୀ, ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ଜିଲା ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିବୃନ୍ଦ।

DSPL-438



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜାତୀୟ ଉପଭୋକ୍ତା ଦିବସ-୨୦୨୫ ପାଳନ ଅବସରରେ

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମ ରାଜ୍ୟରେ ଡିସେମ୍ବର ୨୪ ତାରିଖ ଦିନ 'ଜାତୀୟ ଉପଭୋକ୍ତା ଦିବସ-୨୦୨୫' ପାଳନ କରାଯାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଉପଭୋକ୍ତାମାନଙ୍କୁ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରିବା ସହିତ ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ପ୍ରଣୟନ କରାଯାଇଅଛି । ସେମାନଙ୍କୁ ସଚେତନ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଜସ୍ୱ ମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ତଥା ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନଙ୍କ ସହାୟତାରେ ରାଜ୍ୟ ଓ ଜିଲ୍ଲାସ୍ତରରେ ଉପଭୋକ୍ତାଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ କର୍ମଶାଳା ଏବଂ ଆଲୋଚନାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ସେହିପରି ଖାଉଟି ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡିକୁ ଲୋକାଭିମୁଖୀ କରିବା ପାଇଁ ମଧ୍ୟ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି ।

ଚଳିତ ବର୍ଷ ପାଳିତ ହେବାକୁ ଥିବା 'ଜାତୀୟ ଉପଭୋକ୍ତା ଦିବସ-୨୦୨୫'ର ବିଷୟବସ୍ତୁ ହେଉଛି 'ଡିଜିଟାଲ୍ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ' ।

ଏହି ଦିବସର ଯଥାର୍ଥ ପ୍ରତିପାଳନ, ଉପଭୋକ୍ତାମାନଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ଖାଉଟି ବିପ୍ଳବକୁ ଅଧିକ ଲୋକାଭିମୁଖୀ କରି ସେମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ଖାଉଟି ସୁରକ୍ଷା ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଅଛି ।

ମୋହନ ଚରଣ ମାଝୀ
(ମୁଖ୍ୟମନ୍ତ୍ରୀ, ଓଡ଼ିଶା)

OIPR-07001/13/0026/2526

### ଆସିଲା ନିୟମ: ୧ରୁ ଗାଡ଼ି ଧରପଗଡ଼




# ୧୫୦ ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୧୨(ସୁନିତ୍ ମିଶ୍ର)

ରାଜ୍ୟର ସ୍ୱାସ୍ଥ୍ୟସେବାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡ଼ିହୋଇଛି। ୪୨୮ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି। ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟାଡିୟମଠାରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୧୫୦ଟି ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୨୮ଟି ନୂଆ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏଥିରେ ୪୧୯ଟି ପୁରୁଣା, ୨ଟି ଦୁର୍ଘଟଣାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଆମ୍ବୁଲାନ୍ସକୁ ପରିବର୍ତ୍ତନ କରାଯାଇଛି। ଏହିସବୁ ସ୍ଥାନରେ ନୂଆ ଆମ୍ବୁଲାନ୍ସ ବ୍ୟବହାର କରିବାକୁ ସରକାର ସ୍ଥିର କରିଛନ୍ତି। ଏହା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ବିଭାଗରେ ବିମାନବନ୍ଦର/ଏୟାରଷ୍ଟ୍ରିପ୍‌ରେ ବ୍ୟବହାର ପାଇଁ ୫ଟି ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର୍ ହସ୍ପିଟାଲ୍ ଲାଗି ୨ଟି ଏଏଲ୍‌ଏସ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ଲାଗି ଚେଷ୍ଟା କରାଯାଉଛି। ତେଣୁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସ ଗୁଡିକୁ ବଦଳାଯାଇ ନୂଆ ଅଣାଯାଉଛି। ସ୍ୱାସ୍ଥ୍ୟସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆହୁରି ୧୦୮ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା (ଇଏମ୍‌ଏସ୍) ଆମ୍ବୁଲାନ୍ସ କ୍ରୟ କରାଯାଇଛି। ୪୨୮ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ନୂତନ ଜରୁରୀକାଳୀନ ଆମ୍ବୁଲାନ୍ସକୁ ଓଡିଶାବାସୀଙ୍କ ନିମନ୍ତେ ଲୋକାର୍ପଣ କରାଯାଉଛି। ଅବଶିଷ୍ଟ ନୂତନ ଆମ୍ବୁଲାନ୍ସ ଗୁଡିକୁ ଖୁବଶୀଘ୍ର ଆମ୍ବୁଲାନ୍ସ ସେବାରେ ନିୟୋଜିତ କରାଯିବ। ଏହା ସହିତ ପୁରୁଣା ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ଫ୍ଲିଟ୍‌କୁ ପରିବର୍ତ୍ତନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗୀୟ କମିଶନର ତଥା ସଚିବ ଅଶ୍ୱତୀ ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା ବୃନ୍ଦା ଡିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଆମ୍ବୁଲାନ୍ସ ସେବାକୁ ଲୋକାର୍ପଣ କରୁଛନ୍ତି।

# 'ଷ୍ଟ୍ରଙ୍ଗ୍ ପଏଣ୍ଟ' ଖୋଜ: କନକ ବର୍ଦ୍ଧନ

## ମହାନଦୀ ଜଳବିବାଦ: ପ୍ରଥମ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ



ଭୁବନେଶ୍ୱର,୨୩।୧୨
(ରବିନାରାୟଣ ଜେନା)

ମହାନଦୀ ଆନ୍ତଃ ରାଜ୍ୟ ଜଳବିବାଦର ସମାଧାନ ଲାଗି ରାଜ୍ୟର ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ଏବେ ଏକ୍ ହୋଇଛନ୍ତି। ଆଗାମୀ ଦିନରେ ଯଦି କୌଣସି କାରଣରୁ ଛତିଶଗଡ଼ ସରକାର ଆପୋସ ଆଲୋଚନାରେ ଏହାର ସମାଧାନ ଲାଗି ଅରାଜି ହୁଅନ୍ତି, ତେବେ ଟ୍ରିବ୍ୟୁନାଲରେ କିଭଳି ଓଡ଼ିଶା ସ୍ୱାର୍ଥକୁ ସୁରକ୍ଷିତ ରଖାଯାଇପାରିବ ସେନେଇ ମହାନଦୀ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକରେ ନିଷ୍ପତ୍ତି ହୋଇଛି। ରାଜୀବ ଭବନଠାରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟ ଅଧିକାରୀମାନେ ଛତିଶଗଡ଼ ସରକାରଙ୍କ ସେତୁ ନିର୍ମାଣ ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ଏତେବଡ଼ ଜଳବିବାଦର ସମାଧାନ ଲାଗି ଯଦି ଉଭୟ ରାଜ୍ୟ ମଧ୍ୟରେ କୌଣସି କାରଣରୁ ଆପୋସ ଆଲୋଚନା କାଟୁ ନ କରେ, ତେବେ ସେକ୍ଷେତ୍ରରେ ଟ୍ରିବ୍ୟୁନାଲରେ କିଭଳି ଓଡ଼ିଶାର ବଳିଷ୍ଠ ଯୁକ୍ତି ଉପସ୍ଥାପନ ହୋଇପାରିବ, ସେଥିଲାଗି ବିକଳ୍ପ ପନ୍ଥା 'ଷ୍ଟ୍ରଙ୍ଗ୍ ପଏଣ୍ଟ' ଖୋଜି ବାହାର କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ହୀରାକୁଦ ପ୍ରକଳ୍ପ, ମହାନଦୀ ଜଳବିବାଦର ଐତିହାସିକ ପୃଷ୍ଠଭୂମି, ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ କାର୍ଯ୍ୟର ବର୍ତ୍ତମାନର ସ୍ଥିତି, ମହାନଦୀ ସମ୍ବନ୍ଧୀୟ ସମସ୍ୟାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପ୍ରକ୍ରିୟା ଏବଂ ମହାନଦୀ ଅବବାହିକା ସମ୍ବନ୍ଧୀୟ ବିଷୟଗୁଡ଼ିକର ସାମଗ୍ରିକ ସ୍ଥିତି ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଏବଂ ମହାନଦୀ ଜଳ ସମସ୍ୟାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ଦିଗରେ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃମନ୍ତ୍ରାଳୟ କମିଟିର ପରବର୍ତ୍ତୀ ବୈଠକ ୨୦୨୬ ଜାନୁଆରୀରେ ଡକାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବୈଠକରେ କମିଟି ସଦସ୍ୟ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିର୍‌ଦୋସ ଯୋଗଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର ଆଭାସି ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ।

# ଟ୍ୟୁଶନ ହେବେ ରାଜସ୍ୱ ବାବୁ

## ଯୋଜନାର କାର୍ଯ୍ୟକାରିତା ଉପରେ ସରକାରଙ୍କ ଫୋକସ୍

ଭୁବନେଶ୍ୱର,୨୩।୧୨
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୮ ମାସ ମଧ୍ୟରେ ରାଜସ୍ୱସେବାକୁ ଲୋକଙ୍କ ନିକଟତର କରିବା ପାଇଁ ଭୂ-ବନ୍ଦୋବସ୍ତ ଆଇନଠାରୁ ଆରମ୍ଭକରି ଜମି ପଞ୍ଜୀକରଣ ଓ ପାର୍ଟପ୍ଲଟ ବିକ୍ରି ଭଳି ୧୩ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଗଲାଣି। ହେଲେ ତୃଣମୂଳସ୍ତରରେ ରାଜସ୍ୱ ଅଧିକାରୀମାନେ କାର୍ଯ୍ୟ ସମ୍ପାଦନ ବେଳେ ଝୁଣ୍ଟୁଛନ୍ତି। ଅଧିକାଂଶ ଅଧିକାରୀ ସରକାରଙ୍କ ସଂଶୋଧିତ ନିୟମକୁ ଠିକଣା ଭାବେ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ସାଧାରଣ ଲୋକେ ରାଜସ୍ୱ ସେବା ପାଇବାରେ ଅନ୍ତରାୟ ସୃଷ୍ଟି ହେଉଛି। ମଧ୍ୟସ୍ଥମାନେ ଏହାର ଫାଇଦାଉଠାଉଛନ୍ତି। ଏ ସଂକ୍ରାନ୍ତରେ ବହୁ ଅଭିଯୋଗ ସରକାରଙ୍କ ଦୃଷ୍ଟିଗୋଚରକୁ ଆସିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ଏହାକୁ ନେଇ ତତ୍ପରତା ପ୍ରକାଶ ପାଇଛି। ଏଣିକି ଅଧିକାରୀଙ୍କୁ 'ରାଜସ୍ୱ ପାଠଶାଳା'ରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେଇ ବାବୁଙ୍କ ଏହି ଟ୍ୟୁଶନ୍ ପ୍ରକ୍ରିୟା ନୂଆବର୍ଷରୁ ଆରମ୍ଭ ହେବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜଣାଯାଇଛି। ସୂଚନା ଅନୁଯାୟୀ, ରାଜସ୍ୱ ବିଭାଗ ପକ୍ଷରୁ ପ୍ରତିଦିନ ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ ଅନ୍‌ଲାଇନ ରାଜସ୍ୱ ପାଠଶାଳା ଆରମ୍ଭ ହେବ। ଏଥିରେ ପାଳି କରି ପ୍ରତିଦିନ ବିଭିନ୍ନ ବର୍ଗର ଅଧିକାରୀଙ୍କୁ ଯୋଡ଼ାଯିବ। କେଉଁଦିନ ସବୁ ଜିଲାର ଜିଲାପାଳ ଏହି ଅନ୍‌ଲାଇନ୍ ପାଠଶାଳାରେ ନାମ ଲେଖାଇବେ ତ ଆଉ କେଉଁଦିନ ଅତିରିକ୍ତ ଜିଲାପାଳ, ତହସିଲଦାର, ରେଜିଷ୍ଟ୍ରାର ଓ ସବ୍ ରେଜିଷ୍ଟ୍ରାର ରହିବେ। ସେହିପରି ଭୂ-ବନ୍ଦୋବସ୍ତ ଓ ଚକବନ୍ଦୀ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀଙ୍କୁ ମଧ୍ୟ ଏହି ପାଠଶାଳାରେ ପ୍ରଶିକ୍ଷଣ ଦିଆଯିବ। ସେଥିପାଇଁ ବିଭାଗ ପକ୍ଷରୁ ପ୍ରତ୍ୟେକ କାର୍ଯ୍ୟଦିବସକୁ ନେଇ ପ୍ଲାନିଂ କରାଯିବ। କେଉଁଦିନ କେଉଁ ଅଧିକାରୀଙ୍କ କେଉଁ ବିଷୟରେ ପାଠଶାଳାରେ ଶିକ୍ଷା ଦିଆଯିବ ଏବଂ ସେମାନଙ୍କୁ କେଉଁ ବର୍ଗର ଅଧିକାରୀ ଶିକ୍ଷାଦେବେ ତାହା ପୂର୍ବରୁ ନିର୍ଦ୍ଧାରିତ ହେବ ଏବଂ ଅଧିକାରୀମାନଙ୍କୁ ଅବଗତ କରାଇ ଦିଆଯିବ। ଯଦି କୌଣସି ଅଧିକାରୀ ରାଜସ୍ୱ ପାଠଶାଳାରେ ଅନୁପସ୍ଥିତ ରହିବେ ତେବେ ସେ ବିଭାଗର ସ୍ୱତନ୍ତ୍ର ଗ୍ରୁପ୍‌ରେ ଜଣାଇବେ ଏବଂ ପରବର୍ତ୍ତୀ ପାଠଶାଳାରେ ଉପସ୍ଥିତ ରହି ଜ୍ଞାନ ଆହରଣ କରିବେ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ବିସ୍ତୃତ ଖସଡ଼ା ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ନୂତନ ବର୍ଷରେ ବିଭାଗ ପକ୍ଷରୁ ଏହାକୁ ବିଧିବଦ୍ଧ ଭାବେ ଆରମ୍ଭ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ପୁରୁଣାକାଳିଆ ବ୍ରିଟିଶ ଆଇନ ବନ୍ଦ ହୋଇ ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲାଣି। ଏପରି କି ୫୦ରୁ ଅଧିକ ରାଜସ୍ୱ ଗ୍ରାମ ମଧ୍ୟ ଘୋଷଣା ହୋଇଛି। ହେଲେ ଏପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳର ଅଧିକାରୀଙ୍କୁ ଏ ବାବଦରେ ଜଣାନାହିଁ। ଏଭଳି କେତେକ ଅଭିଯୋଗକୁ ନେଇ ବିଭାଗ ଏବେ ଆକ୍ସନମୋଡ୍‌କୁ ଆସିଛି। କେଉଁ ଅଧିକାରୀମାନେ ବାସ୍ତବରେ ସରକାରଙ୍କ ସଂଶୋଧିତ ନିୟମ ସମ୍ପର୍କରେ ଜାଣି ନାହାନ୍ତି ଏବଂ କେଉଁମାନେ ଜାଣିକରି ଠକିବାକୁ ଚେଷ୍ଟା କରୁଛନ୍ତି ସେସବୁ ରାଜସ୍ୱ ପାଠଶାଳା ଅବସରରେ ସମୀକ୍ଷା କରାଯିବ। ଯଦି କୌଣସି ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ରାଜସ୍ୱ ସେବାକୁ ଲୋକଙ୍କୁ ପ୍ରଦାନ କରିବାରେ ଅବହେଳା ପ୍ରଦର୍ଶନ କରିଥିବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗର ଚିଠା ପ୍ରସ୍ତାବରେ ରହିଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବାଗ୍ମୀ ବିଶ୍ୱନାଥ କରଙ୍କ ୧୬୧ତମ ଜୟନ୍ତୀ ଓ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ବିଧାନ ସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା।
- ସିପିଆଇ ପକ୍ଷରୁ ରେଳ ଭଡ଼ା ବୃଦ୍ଧିକୁ ବିରୋଧ କରି ଧାରଣା, ସ୍ଥାନ: ମଞ୍ଚେଶ୍ୱର ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକା ପକ୍ଷରୁ ବିଶ୍ୱ ଓଡ଼ିଶୀ ଉତ୍ସବ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ ୨୦୨୫, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ଆଭାସୀ ମାଧ୍ୟମରେ ୪୯୧ ଅଙ୍ଗନୱାଡ଼ି କେନ୍ଦ୍ରର ଉଦ୍‌ଘାଟନ, ସ୍ଥାନ: ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗ କନ୍‌ଫରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମିଡ୍ ଡେ ମିଲ୍ ୱାର୍କର୍ସ ୟୁନିୟନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା।
- ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ଅଲାରପୁର ରଙ୍ଗ ବଜାରସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଶିବସେନା ପାର୍ଟି ଓଡ଼ିଶା ପକ୍ଷରୁ ଧାରଣା, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ଅପରାହ୍ନ ୪ଟା।
- ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ନୂଆସାହି, ବାଲିଆପଟା, ରସୁଲଗଡ଼, ସମୟ: ଅପରାହ୍ନ ୪ଟା।
- ଚତୁଃଦିବସୀୟ ସାଧନା ଶିବିର, ସ୍ଥାନ: ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସମୟ: ଅପରାହ୍ନ ୫ଟା।
- ଏସ୍‌ଟି ଜାଭିୟର ହାଇସ୍ କୁଲ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଭିଏସ୍‌ଏସ୍ ନଗର, ସମୟ: ଅପରାହ୍ନ ୫ଟା।
- ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ଜାତୀୟ ଗ୍ରାହକ ଦିବସ ପାଳନ , ସ୍ଥାନ: ଲୋହିଆ ଏକାଡେମୀ, ୟୁନିଟ ୯, ସମୟ: ଅପରାହ୍ନ ୫ଟା।

**କଟକ**
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଅବସରେ ଆଲୋଚନାସଭା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସକାଳ ୮ଟା ୩୦।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ମହୋତ୍ସବ, ସ୍ଥାନ: ରେଲୱେ ଇନ୍‌ଷ୍ଟିଚ୍ୟୁଟ୍, ସମୟ: ସକାଳ ୯ଟା।
- ଦିଲ' କଲେଜ ପୁରାତନ ଛାତ୍ର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ପୁରୀ**
- ଆଞ୍ଚଳିକ କମିଟି ପକ୍ଷରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକୀ ପାଳନ ସମାରୋହ, ସ୍ଥାନ: କମ୍ୟୁନିଷ୍ଟ ପାର୍ଟି ଅଫିସ ପ୍ରାଙ୍ଗଣ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲୁଫ୍ଲକ୍ସ ଆମ୍ୟୁଜ୍‌ମେଣ୍ଟ ପାର୍କ ଉଦ୍‌ଘାଟନ, ସ୍ଥାନ: ପୁରୀ କୋଣାର୍କ ବେଳାମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରିୟଦର୍ଶିନୀ କଲେଜ୍ ଅଫ ନର୍ସିଂ ପକ୍ଷରୁ ସ୍ୱାଗତ ସମାରୋହ, ସ୍ଥାନ: ପୁରୀ-କୋଣାର୍କ ବେଳାମାର୍ଗ ବାଲିଗୁଆଲି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରୋଟାରୀ ସାଗର ପକ୍ଷରୁ କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ହରଚଣ୍ଡୀ ସାହି ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ,ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା୧୫।

**ଖୋର୍ଦ୍ଧା**
- ରାଜ୍ୟ ଓ ସ୍ୱତନ୍ତ୍ର ଜନଜାତି ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରେଟ୍ ୨ୟ ଦିବସ, ସ୍ଥାନ: ରାଜ୍ୟ ତାଲିମ କେନ୍ଦ୍ର, ବରୁଣେଇ ଶିଳ୍ପାଞ୍ଚଳ, ସମୟ: ସକାଳ ୭ଟା।
- ଶରଧାପୁର ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ମହୋତ୍ସବ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଖଣ୍ଡ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ବାଲିଖଣ୍ଡ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଉର୍ମିକମ୍ପୋଷ୍ଟ ପ୍ରଦର୍ଶନୀ, ସ୍ଥାନ: ମଇତାପୁର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଏଫ୍‌ଏମ୍‌ୟୁରେ ଆନ୍ତର୍ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ବ୍ୟାସବିହାର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ୩୧ତମ ବାର୍ଷିକ ଉତ୍ସବ ଓ କଳା ମେଳା-୨୦୨୫ର ଦ୍ୱିତୀୟ ଦିବସ, ସ୍ଥାନ: ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ସୁଲଗ୍ନା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- କୋଶମ୍ଭ ମେଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଉତ୍କଳ କେଶରୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଜାମିତୀରା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ପାଳିଆବିନ୍ଧା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା, ସ୍ଥାନ: ମଠଡିହ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଏବିଭିପି ପକ୍ଷରୁ ନଗର ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ଏକାଡେମିକ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଗଣିଜାଙ୍ଗ, ବନ୍ତ, ସମୟ: ଅପରାହ୍ନ ୪ଟା।
- ଏନ୍‌ଆର୍‌ଆଇ ସ୍କୁଲର ବାର୍ଷିକ ଉତ୍ସବ 'ସ୍ପନ୍ଦନ', ସ୍ଥାନ: ଆରଡ଼ିଛକ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବାଣିଜ୍ୟ ମେଳା ଉଦ୍‌ଘାଟନ, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ମୟୂରଭଞ୍ଜ ଜିଲା ଭାଜପାର ଖବରଦାତା ସମ୍ମିଳନୀ,ସ୍ଥାନ:ଟକଟପୁର ଦଳୀୟ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଗ୍ରାହକ ଦିବସ ପାଳନ,ସ୍ଥାନ:ଦିଗନ୍ତ ବିକାଶ ଉଚ୍ଚ ବିଦ୍ୟାଳୟ ପରିସର, ଦାରଗାଡିହି, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ଗୋସାଇଁଙ୍କ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ:ଉଦଳା ଥାନା ତ୍ରିନାଥ ଗୋସାଇଁ ନାଟ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**
- ଉପଭୋକ୍ତା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ, ସ୍ଥାନ: ରାମଲିଙ୍ଗେଶ୍ୱର ପାର୍କ, ସମୟ: ଅପରାହ୍ନ ୫ଟା।

**ଗଞ୍ଜାମ**
- କେନ୍ଦୁପଦର କଲେଜ ଏନ୍‌ଏସ୍‌ଏସ ପକ୍ଷରୁ ସ୍ୱତନ୍ତ୍ର ଶିବିର, ସ୍ଥାନ: କେଶରାପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ନଗର ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବୁଗୁଡ଼ା ବଡ଼ଦାଣ୍ଡ, ସମୟ: ପୂର୍ବାହ୍ନ ୧୦ ଟା।
- ବିରଞ୍ଚିନାରାୟଣ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପନ, ସ୍ଥାନ: ବୁଗୁଡ଼ା ବ୍ଲକ୍ ଆଦିପୁର ଛକ, ସମୟ: ଅପରାହ୍ନ ୧ଟା।
- ନିୟୁ ଏରା ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ବୁଗୁଡ଼ା ନିଉଏରା ପବ୍ଲିକ ସ୍କୁଲ, ସମୟ: ଅପରାହ୍ନ ୩ ଟା।

**କନ୍ଧମାଳ**
- ନଟରାଜ କଳାମନ୍ଦିର ପକ୍ଷରୁ ଶୀତ ଉତ୍ସବ, ସ୍ଥାନ: ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ଜିଲାସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ଲକ୍ଷ୍ମୀଧର ସରକାରୀ ମ୍ୟୁନିସିପାଲ ହାଇସ୍କୁଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱରସ୍ୱତୀ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ, ସ୍ଥାନ: ସୁନ୍ଦରିଖୋଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଲିଗାଲ ଆୱାରନେସ୍ ସେମିନାର, ସ୍ଥାନ: ସିନର୍ଜି, ଇଞ୍ଜିନିୟରିଙ୍ଗ୍ କଲେଜ, ଢେଙ୍କାନାଳ, ସମୟ: : ଅପରାହ୍ନ ୨ଟା।

**ଅନୁଗୋଳ**
- ଚମ୍ପତିମୁଣ୍ଡାରେ ଥିବା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଏମପିହଲ ଓ ବିବେକାନନ୍ଦ ପାର୍କର ଉଦଘାଟନ, ସ୍ଥାନ: ଚମ୍ପତିମୁଣ୍ଡା , ସମୟ : ପୂର୍ବାହ୍ନ ୧୦ ଟା।
- ଅଷ୍ଟକିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ପତାକା ଖେଳପଡ଼ିଆ, ଆଠମଲ୍ଲିକ, ସମୟ: ଅପରାହ୍ନ ୨ଟା ୩୦।

**କେନ୍ଦ୍ରାପଡ଼ା**
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଡେରାବିଶ ଓ ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଜିଲା ସୂଚନା ଅଧିକାର ଆଇନ ଅଭିଯାନ ପକ୍ଷରୁ ରାସ୍ତା ନିର୍ମାଣ ଅନିୟମିତତା ବିରୋଧରେ ଗଣଧାରଣା, ସ୍ଥାନ: ଆରଆଣ୍ଡବି ଡିଭିଜନ-୨ କାର୍ଯ୍ୟାଳୟ ସମ୍ମୁଖ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ହୀରକ ଜୟନ୍ତୀ ସମାରୋହ, ସ୍ଥାନ: କନିକା ଉଚ୍ଚ ବିଦ୍ୟାଳୟ, ରାଜକନିକା, ସମୟ: ଅପରାହ୍ନ ୪ଟା।
- ଅଙ୍କୁର ଶିକ୍ଷା ନିକେତନର ବାର୍ଷିକ ଉତ୍ସବ, ସ୍ଥାନ: ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

**ଯାଜପୁର**
- ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃକଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବ୍ୟାସନଗର ସ୍ୱୟଂ ଶାସିତ କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରସୁଲପୁର ବ୍ଲକ କଲଣ ଲିଟିଲ ଫ୍ଲିଙ୍କିଲ ଏକାଡେମିକର ବାର୍ଷିକ ଉତ୍ସବ, ସ୍ଥାନ: ଏକାଡେମିକ ପରିସର, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଘୋଡ଼ଲାଗି ପର୍ବର ୨୮ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡ଼ଲାଗି ପର୍ବର ୨୮ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ଖଣ୍ଡପଡ଼ା ସରକାରୀ ଚିକିତ୍ସାଳୟ, ସମୟ:ଅପରାହ୍ନ ୨ଟା।
- ଜିଲା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ପୌଷ ପୂର୍ଣ୍ଣିମା ସୁନାବେଶର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୫ଟା।
- ପଠାଣୀ ସାମନ୍ତଙ୍କର ୧୯୧ତମ ଜୟନ୍ତୀ, ସ୍ଥାନ: ଖଣ୍ଡପଡ଼ା ପଠାଣୀ ସାମନ୍ତ ସ୍ମୃତି ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- କୃଷକ ନେତା ରବି ପାଢ଼ୀଙ୍କ ଜୟନ୍ତୀ, ସ୍ଥାନ: ପଣସଗୁଡା ଫାର୍ମ ହାଉସ, ଗୁଣପୁର, ସମୟ: ସକାଳ ୭ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଆରଏମ୍‌ସି, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ମୁକ୍ତା ପାର୍କ, ଓଏମ୍‌ପି ଛକ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**କୋରାପୁଟ**
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ବାଞ୍ଜାଲାପୁଟ ଖେଳ ପଡ଼ିଆ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ୨୩ ପଞ୍ଚାୟତରେ ସତନ୍ତ୍ର ଗ୍ରାମସଭା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ଗ୍ରାମସଭା, ସ୍ଥାନ: ପଙ୍ଗାଙ୍ଗି ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଡିଏଭିଏସ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ହାଲ ସୁନାବେଡ଼ା, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୩ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଜିଏମୟୁ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୭ଟା।
- ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ନୂତନ ବର୍ଷ -୨୦୨୫ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ବରଗଡ ଜିଲା ବରଡୋଲ ଆମ୍ବ ପ୍ରକାଶ ଅନୁଷ୍ଠାନର ନାଟକ ଏ.. ଆଇ ଦେଲୁ ଦେଲୁ କାଏଁ ଭେଲକେଇ ମଞ୍ଚସ୍ଥ, ସ୍ଥାନ : ଖାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୬ଟା୧୫।
- ସମ୍ବଲପୁର ବିଜେଡି ମହାବିଦ୍ୟାଳୟ ଡ୍ରାମାଟିକ କ୍ଲବ ପକ୍ଷରୁ ନାଟକ ସମିୟାର ଡାକ ମଞ୍ଚସ୍ଥ, ସ୍ଥାନ : ଖାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୭ଟା ୩୦।
- ବାରଗଡ ଜିଲା ଗାଇସିଲେଟ ଗୌରରେନ ମୁଣ୍ଡା ନିଆଳିମିଳି ନାଟ୍ୟକଳା ପରିଷଦର ନାଟକ ବିନ କୁଳିଆ ମଞ୍ଚସ୍ଥ, ସ୍ଥାନ: ଖାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ: ରାତି ୮ଟା ୪୫।

**ବଲାଙ୍ଗୀର**
- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀର ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହାର ପ୍ରସିଦ୍ଧ ବଡ଼ଦେଓ ଯାତ୍ରା, ସ୍ଥାନ: ଜମିଦାର ଘର ରାଜବାଟି, ସମୟ ଅପରାହ୍ନ ୩ଟା।

**ରାଉରକେଲା**
- ଇଣ୍ଡୋ ଇଂରାଜୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିର୍ସାମୁଣ୍ଡା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଲାୟନ୍ସ ଫେଟ କାର୍ଯ୍ୟକ୍ରମ-୨୦୨୫, ସ୍ଥାନ: ସିଭିଲ ଟାଉନସିପ ଏଲ୍‌ଆଇସି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାସନ୍ତୀ ଡିଏଭି ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ସେକ୍ଟର-୧୪, ସ୍କୁଲ ପରିସର ସମୟ: ସନ୍ଧ୍ୟା ୫ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୪୫।
- ନାଟ୍ୟ ମହୋତ୍ସବ ୫ମ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଜେପି ହସ୍ପିଟାଲର ବାର୍ଷିକ ଉତ୍ସବ ଓ ଫେଟେ ଉଦ୍‌ଯାପିତ, ସ୍ଥାନ: ବେଦବ୍ୟାସ, ଦାଣ୍ଡିଆପଲ୍ଲୀ ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ଧନୁଯାତ୍ରାର ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ସର୍ବଭାରତୀୟ ୨୯ତମ ଛିଣ୍ଡେଇକେଲା କ୍ରିକେଟ କପ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଚନ୍ଦ୍ରଶେଖର ମିନି ଷ୍ଟାଡିୟମ, ପାଇକମାଳ, ସମୟ: ଅପରାହ୍ନ ୨ଟା।
- ବରଗଡ଼ ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ରାଜ ଦରବାର ମଞ୍ଚ, ହାଟପଦା, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ପ୍ରାରମ୍ଭ ସ୍କୁଲର ୮ତମ ବାର୍ଷିକ ଉତ୍ସବ, ସ୍ଥାନ: କେସିଙ୍ଗା ବସ୍‌ଷ୍ଟାଣ୍ଡ ନିକଟ ଜଗନ୍ନାଥ ସ୍କୋୟାର, ସମୟ: ଅପରାହ୍ନ ୫ଟା।

**ବୌଦ୍ଧ**
- ଜିଲାପରିଷଦ ବୈଠକ, ସ୍ଥାନ: ପଞ୍ଚାୟତ ଭବନ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ପୋଲିସର ଭୈରବୀ ସ୍କ୍ୱାଡ୍‌ର ଉନ୍ମୋଚନ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ଅପରାହ୍ନ ୪ଟା।

**ଦେବଗଡ଼**
- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ୍ ପ୍ରତିଯୋଗିତାର ତୃତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଗ୍ରାହକ ଦିବସ, ସ୍ଥାନ: ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଅର୍ଦ୍ଧିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପ୍ରୋଗ୍ରେସ ଇନ୍ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀରାମ ଲୀଳା ମହୋତ୍ସବର ଚତୁର୍ଥ ରଜନୀରେ ତେଣ୍ଟିପାଲି, ବଲାଙ୍ଗୀର ନାଟ୍ୟ ସାଂସଦ ଦ୍ୱାରା ସୀତାଚୋରି ପରିବେଷଣ, ସ୍ଥାନ: ପଞ୍ଚମୁଖୀ ହନୁମାନ ବାଟିକା, ପଥରଘାଟ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: କୋମନା ବ୍ଲକ ତରବୋଡ଼ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ୯ଟା ୩୦।
- ପ୍ରଥମ ଜୋନସ୍ତରୀୟ ୟୁନିଟ୍ କପ୍ କ୍ରିକେଟ ଦଶମ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ପୂର୍ବାହ୍ନ ୧୦ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଅଷ୍ଟମ ରଜନୀରେ ରଙ୍ଗସଭା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଧନୁଯାତ୍ରା ଉପଲକ୍ଷେ ସୁପରହିଟ ଷ୍ଟାର୍ ନାଇଟ ଉମାକାନ୍ତ ବାରିକ ଅର୍କେଷ୍ଟ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଧନୁଯାତ୍ରା ପଡିଆ, ସମୟ: ରାତି ୧୦ଟା।

**ଝାରସୁଗୁଡ଼ା**
- କ୍ରିକେଟ ପ୍ରତିଯୋଗିତା, ସ୍ଥାନ:ଲୁହାବଗା କ୍ରିକେଟ ପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।
- ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା, ସ୍ଥାନ:ତେଲିପଡ଼ା, କନକତୋରା,ସମୟ:ସନ୍ଧ୍ୟା ୬ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉତ୍ତମ ପରିବା ସୁସିଝା କରିବା**
**ଯାହା ମାଆ ରାନ୍ଧି ଜାଣେ,**
**ତା' ଝିଅକୁ ବରିବା।**

କଥାରେ ଅଛି ମା' ଗୁଣେ ଝିଅ। ମା' ଯଦି ଭଲ ରନ୍ଧାବଢ଼ା କରି ଶିଖିଥାଏ ତା' ଝିଅ ମଧ୍ୟ ମା'ଠାରୁ ସେଭଳି ଶିକ୍ଷା ପାଇ ଭଲ ରୋଷେଇ କରିବାର ସମ୍ଭାବନା ରହିଥାଏ। ସେହି ଦୃଷ୍ଟିରୁ ସେଭଳି ଝିଅକୁ ଚୟନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଡ଼ି ଯା' କାକ-ପୋଇରେ**
**ଘେନି ଶୁଭ ବାରତା**
**ବନବାସୁ ଫେରି ଆସନ୍ତୁ**
**ରାମ ଲକ୍ଷ୍ମଣ ସୀତା।**

ଘରର ଚାଳ କିମ୍ବା ଛାତ ଉପରେ କାଉ ରାବିଲେ ଘରକୁ କେହି ଆତ୍ମୀୟ ବା ନିକଟ ସମ୍ପର୍କୀୟ ଆଗମନ କରିବାର ଶୁଭ ସୂଚନା ପ୍ରାପ୍ତ ହୋଇଥାଏ। ତ୍ରେତୟା ଯୁଗରେ ପିତୃ ସତ୍ୟ ପାଳନ କରି ପ୍ରଭୁ ରାମଚନ୍ଦ୍ର, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ବନବାସ ଗମନ କରିଥିବାବେଳେ ତାଙ୍କ ଲେଉଟାଣିକୁ ଯେମିତି ରାଜ୍ୟବାସୀ ଚାତକ ପରି ଚାହିଁ ରହିଥିଲେ ସେମିତି ଦୂର ବିଦେଶରେ ରହୁଥିବା ଆତ୍ମୀୟ ସକୁଶଳେ ଘରକୁ ଫେରି ଆସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରସ୍ତୁତ ହେବ ୪୯ ଖଣିର ବାର୍ଷିକ ନିଲାମ କ୍ୟାଲେଣ୍ଡର

ଭୁବନେଶ୍ୱର, ୨୩।୧୨(ସୁନିତ୍ ମିଶ୍ର)

ରାଜ୍ୟର ୪୯ଟି ଖଣିର ନିଲାମ ପାଇଁ ବାର୍ଷିକ କ୍ୟାଲେଣ୍ଡର ଚୂଡାନ୍ତ କରିବା ଲାଗି ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିଛନ୍ତି। ଜାନୁଆରୀ ୩ ଅପରାହ୍ନ ୪ଟାରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ଖଣି ନିଲାମ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ଚୂଡ଼ାନ୍ତ କରାଯିବ। ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ସଚିବ ଏନେଇ ଗତ ୨୦ରେ ବୈଠକରେ ଓଏମ୍‌ସି ଲିମିଟେଡ୍‌ର ଏମ୍‌ଡି, ଓଡ଼ିଶାର ଖଣି ନିର୍ଦ୍ଦେଶକ, ଓଡ଼ିଶାର ଡେପୁଟି ଡାଇରେକ୍ଟର ଜେନେରାଲ୍ ଜିଏସ୍‌ଟି, ଏମ୍‌ଇସିଏଲ୍‌ର ଚେୟାରମ୍ୟାନ୍-କମ୍-ମ୍ୟାନେଜିଂ ଡାଇରେକ୍ଟର ଏବଂ ଆଇବିଏମ୍‌ର ରିଜିଓନାଲ୍ କଣ୍ଟ୍ରୋଲର ଅଫ୍ ମାଇନ୍ସଙ୍କୁ ପୂର୍ଣ୍ଣାଙ୍ଗ ତଥ୍ୟ ସହିତ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି, ଖଣି ମନ୍ତ୍ରଣାଳୟ ପକ୍ଷରୁ ମିନେରାଲ୍ ବ୍ଲକ ଗୁଡିକର ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରି ତାକୁ ତୁରନ୍ତ ପ୍ରକାଶ କରିବା ଦରକାର। ନିଲାମ ପ୍ରକ୍ରିୟାରେ ଯେପରି ସ୍ୱଚ୍ଛତା ରଖିହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଓଡିଶା ମାଇନ୍ସ ଏବଂ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ୩୫ଟି ମେଜର ମିନେରାଲ, ୧୪ଟି କ୍ରିଟିକାଲ ମିନେରାଲ୍ସର ତାଲିକା ପ୍ରକାଶ କରିଛନ୍ତି। ଏଗୁଡିକର ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ।

## ତେଜିଲା ବାଂଲାଦେଶ...

ପ୍ରଥମ ପୃଷ୍ଠାରୁ...

ଅରାଜକତା ସ୍ଥିତି ଉପୁଜିଥିଲା। ୧୫,୦୦୦ ପୋଲିସ ମୁତୟନ ସହ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ବିକ୍ଷୋଭକାରୀ ଗୈରିକ ପତାକା ଧରି ଓ ସ୍ଲୋଗାନ ଦେଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଆଡ଼େ ମାଡ଼ିଯାଇଥିଲେ। ୮୦୦ ମିଟର ଦୂରରୁ ପୋଲିସ ବିକ୍ଷୋଭକାରୀଙ୍କୁ ଅଟକାଇବାରେ ସମର୍ଥ ହୋଇଥିଲା। ହିନ୍ଦୁ ରକ୍ତର ଗୋଟିଏ ଗୋଟିଏ ବୁନ୍ଦାର ହିସାବ ଚାହୁଁ ବୋଲି ବିକ୍ଷୋଭକାରୀ ସ୍ଲୋଗାନ ଦେଇଥିଲେ। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ବାଂଲାଦେଶର ମିମେନସିଂ ଅନ୍ତର୍ଗତ ବାଲୁକାଠାରେ ଆଲ୍ଲାଙ୍କୁ ନିନ୍ଦା କରିବା ଅଭିଯୋଗରେ ୨୫ ବର୍ଷୀୟ ଦୀପୁ ଚନ୍ଦ୍ର ଦାସଙ୍କୁ ଉତ୍ତ୍ୟକ୍ତ ଲୋକେ ଫ୍ୟାକ୍ଟ୍ରି ବାହାରେ ପିଟି ହତ୍ୟା କରିବା ପରେ ମୃତଦେହକୁ ଜାଳିଦେଇଥିଲେ। ହିନ୍ଦୁ ଯୁବକଙ୍କୁ ବୀଭତ୍ସ ହତ୍ୟା ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିକ୍ଷୋଭକାରୀ ଦାବି କରିଛନ୍ତି। ହତ୍ୟାକାଣ୍ଡ ପଛରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ବାଂଲାଦେଶର ଅନ୍ତରୀଣ ସରକାର ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ବିକ୍ଷୋଭକାରୀ ଅଭିଯୋଗ କରିବା ସହ ସେଠାରେ ରହୁଥିବା ହିନ୍ଦୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର କଠୋର କୂଟନୈତିକ ପଦକ୍ଷେପ ଗ୍ରହଣ କରିବାକୁ ବିକ୍ଷୋଭକାରୀ ଦାବି କରିଛନ୍ତି। ବାଂଲାଦେଶର ଲୋକମାନେ ଜିହାଦୀ ମାନସିକତା ରଖିଲେ ଆମେ କ'ଣ କରିପାରିବୁ। ସେଠାରେ ହିନ୍ଦୁ ପରିବାରଗୁଡ଼ିକର ସମର୍ଥନରେ ଭିଏଚ୍‌ପି ଏବଂ ବଜରଙ୍ଗ ଦଳର ପ୍ରତ୍ୟେକ କର୍ମୀ ଛିଡ଼ାହେବେ। ଆମେ ସବୁ ପ୍ରତିବନ୍ଧକକୁ ଅତିକ୍ରମ କରି ବାଂଲାଦେଶ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବୁ ବୋଲି ଜଣେ ବିକ୍ଷୋଭକାରୀ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ସେମାନେ ଚେତାବନୀ ଦେଇଛନ୍ତି। ହିନ୍ଦୁ ଏକତା ପାଇଁ ଜଣେ ବିକ୍ଷୋଭକାରୀ ଆହ୍ୱାନ ଦେଇଛନ୍ତି।

କୋଲକାତାରେ ମଧ୍ୟ ବହୁସଂଖ୍ୟାରେ ହିନ୍ଦୁ ସଂଗଠନର ସମର୍ଥକମାନେ ବାଂଲାଦେଶ ଉପଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ଶୋଭାଯାତ୍ରା ଉଦ୍ୟମ କରିଥିଲେ। ପୋଲିସ ଅଟକାଇବାରୁ ବିକ୍ଷୋଭକାରୀଙ୍କ ସହ ସଂଘର୍ଷ ହୋଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ସଂଘର୍ଷରେ ଅନେକ ପୋଲିସ ଏବଂ ବିକ୍ଷୋଭକାରୀ ଆହତ ହୋଇଛନ୍ତି। ପୋଲିସ ୧୨ ଜଣ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ଇତିମଧ୍ୟରେ ଭାରତରେ ଥିବା ବାଂଲାଦେଶର କୂଟନୈତିକ ମିଶନର ସୁରକ୍ଷାକୁ ନେଇ ଉଦ୍‌ବେଗ ଜଣାଇବା ପାଇଁ ଢାକା ମଙ୍ଗଳବାର ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କୁ ସମନ ଜାରି କରିଛି। ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା ଘଟଣାକୁ ନେଇ ବିକ୍ଷୋଭ ବଢ଼ିବା ସହ ବିଭିନ୍ନ ସହରରେ କନ୍‌ସୁଲାର ସର୍ଭିସ୍ ସ୍ଥଗିତ ରଖାଯାଇଛି। ବାଂଲା ବହିର୍ବ୍ୟାପାର ସଚିବ ଅସାଦ ଆଲମ ସିଆମ୍ ନୂଆଦିଲ୍ଲୀ, କୋଲକାତା, ଅଗରତାଲାରେ ଥିବା ଏହାର ମିଶନରେ ସୁରକ୍ଷା ସ୍ଥିତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ନିମନ୍ତେ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଡାକିଥିଲେ। ନିକଟରେ ଘଟିଥିବା ଘଟଣା ପାଇଁ ଢାକା ଅତ୍ୟନ୍ତ ଚିନ୍ତିତ ବୋଲି ବହିର୍ବ୍ୟାପାର ସଚିବ ଜଣାଇବା ସହ ଭିଏନା ଚୁକ୍ତି ଅନୁଯାୟୀ କୂଟନୈତିକ ମିଶନଗୁଡ଼ିକୁ ପୂର୍ଣ୍ଣ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦେଶର ଉତ୍ତରଦାୟିତ୍ୱ ଉପରେ ଜୋର ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ପାରିବାରିକ ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। ଶେଷ ସମୟରେ କୌଣସି ସୁଯୋଗ ପାଇ ହରାଇବା ସକାଶେ ବ୍ୟଥିତ ହେବାକୁ ପଡ଼ିପାରେ। ଆବଶ୍ୟକତା ଉପଲବ୍ଧି କରି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରଶ୍ରୀକାତର ସହକର୍ମୀଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

**ବୃଷ** କୌଣସି ଘଟଣାକୁ କେନ୍ଦ୍ରକରି ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସଙ୍ଗକୁ ପରିବାରରେ ଶାନ୍ତି ମଧ ଫେରି ଆସିବ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରିବ ନାହିଁ।

**ମିଥୁନ** ବିଗିଡ଼ି ଯାଇଥିବା ପରିବେଶକୁ ସୁଧାରିବା ସକାଶେ କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ ବ୍ୟବହାର ଦ୍ୱାରା କାମ ହାସଲ କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ପଡ଼ିପାରେ। ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ମଉଳି ଯାଇଥିବା ଆଶା କଅଁଳି ଉଠିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ** ମନ ଭଲ ନ ଥିବା କାରଣରୁ ପ୍ରତ୍ୟେକ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ପୁରୁଣା ସମସ୍ୟା ତୁଟି ଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନରୁ ମନୋବଳ ବୃଦ୍ଧି ପାଇବ। ଭ୍ରାତୃ ସମ୍ପର୍କରେ ସାମାନ୍ୟ ଉନ୍ନତି ଘଟିବା କାରଣରୁ ମାନସିକ ଅସ୍ଥିରତା ଦୂର ହୋଇଯିବ।

**ସିଂହ** ଆଲୋଚନାର ଶେଷଭାଗରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପରିବାରର ଆବଶ୍ୟକତା ଅନୁଯାୟୀ ଧାରକରଜ କରି କାମ ଚଳାଇ ନେବେ। ପରିସ୍ଥିତି ଯାହା ହେଉନା କାହିଁକି ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କନ୍ୟା** ବିବାଦୀୟ ଘଟଣାର ସମାଧାନ ସକାଶେ ବନ୍ଧୁ ପରାମର୍ଶ ଲୋଡ଼ିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବାରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଆଲୋଚନା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଦୀର୍ଘ ଦିନ ହେଲା ଖୋଜୁଥିବା ଜିନିଷ ଆଜି ବନ୍ଧୁଙ୍କ ଜରିଆରେ ପାଇଯିବେ।

**ତୁଳା** ଆଲୋଚନା ପରିସରରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାଳୁ ସହକର୍ମୀଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବାର ସୂଚନା ରହିଛି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ପଡ଼ୋଶୀ ସହାୟତା କରିବେ।

**ବିଛା** ଅଧିକାଂଶ ସମୟରେ ଟେନ୍‌ସନରେ ଚଳିଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ। ଉପରିସ୍ଥ ଅଧିକାରୀଙ୍କ ସହାୟତାରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବା ଠିକ୍ ହେବ ନାହିଁ। ଗୃହସୀମା କିମ୍ବା ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଲାଗି ରହିଥିବା ବିବାଦର ଆଜି ସମାଧାନ ଘଟିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା କାରଣରୁ କୈଫିୟତ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ପ୍ରକାଶନ ଏବଂ ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମକର** ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟସ୍ଥିତି କାରଣରୁ ଅର୍ଥ କାରବାରରେ କଳହର ଆଶଙ୍କା ରହିଛି। ମୂଲ୍ୟବାନ ଜିନିଷଟି ପରକୁ ଦେଇ ଆବଶ୍ୟକ ସମୟରେ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନା ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆଜିର କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ଶାନ୍ତିପ୍ରଦ ରହିବାର ସୂଚନା ରହିଛି।

**କୁମ୍ଭ** ମାନସିକ ସ୍ଥିତି ଭଲ ରହିଲେ ମଧ୍ୟ ଦୈହିକ ଦୁର୍ବଳତା ଲାଗିରହିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ଭୁଲ୍‌ବୁଝାମଣା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ଅଟକି ରହିଯିବ।

**ମୀନ** ସାମାନ୍ୟ ବଚସାକୁ କେନ୍ଦ୍ରକରି ଆଜି ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହେବ। ଆନୁଷ୍ଠାନିକ ସ୍ତରରେ ସବୁ ସମସ୍ୟା ଜାଣି ମଧ୍ୟ ନୀରବତା ଅବଲମ୍ବନ କରିବାକୁ ଶ୍ରେୟ ମନେକରିବେ। କୌଣସି ବ୍ୟତିକ୍ରମ ଅବଲୋକନ କରି ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଡିସେମ୍ବର ୨୪ ତାରିଖ, ରାଷ୍ଟ୍ରୀୟ ଉପଭୋକ୍ତା ଦିବସ, ଅଦ୍ୟ ବରଗଡରେ ୧୧ ଦିନ ବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ। ରାଶିନକ୍ଷତ୍ର-ଧନିଷ୍ଠା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୧ମି. ଗତେ ଘ.୦୮.୩୧ମି. ମଧ୍ୟେ, ଘ.୧୦.୪୧ମି. ଗତେ ଘ.୧୧.୪୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୦୭ମି. ମଧ୍ୟେ ରାହୁ କାଳ।

# ବାରିପଦାରେ ନିର୍ମାଣ ହେବ ଆଧୁନିକ ଅଟଳ ବସ୍‌ଷ୍ଟାଣ୍ଡ


ସମୀକ୍ଷା ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅଧିକାରୀମାନେ।

- ବସ୍‌ଷ୍ଟାଣ୍ଡରେ ମିଳିବ ବିମାନବନ୍ଦର ଭଳି ସୁବିଧା: ନଗର ଉନ୍ନୟନ ମନ୍ତ୍ରୀ
- ଉତ୍ତର ଓଡ଼ିଶାରେ ସାର୍ବଜନୀନ ଢାଞ୍ଚା ପ୍ରକଳ୍ପ ଭାବେ ମାଇଲଷ୍ଟୋନ ହେବ

**ଭୁବନେଶ୍ୱର, ୨୩।୧୨ (ବନ୍ଦନା ସେଠୀ)**

ମୟୂରଭଞ୍ଜ ଜିଲାର ବାରିପଦାକୁ ଏକ ମୁଖ୍ୟ ପରିବହନ କେନ୍ଦ୍ର ଭାବେ ଉନ୍ନତ କରାଯିବ। ଯାତ୍ରୀ ସୁବିଧା, ସହରୀୟ ଗତିଶୀଳତା ଓ ପର୍ଯ୍ୟଟନ ସମ୍ଭାବନାକୁ ଦୃଷ୍ଟିରେ ରଖି ବାରିପଦାରେ ବିମାନବନ୍ଦର ଭଳି ସୁବିଧା ସହିତ ଆଧୁନିକ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଏ ନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି। ମଙ୍ଗଳବାର ଉନ୍ନତି ଭବନରେ ପ୍ରକଳ୍ପ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ମହାପାତ୍ର ଅଧ୍ୟକ୍ଷତା କରି କହିଲେ, ଏହି ବସ୍ ଟର୍ମିନାଲ ଉତ୍ତର ଓଡ଼ିଶାରେ ସାର୍ବଜନୀନ ଢାଞ୍ଚା ପ୍ରକଳ୍ପ ଭାବେ ମାଇଲଷ୍ଟୋନ ହେବ। ଏହି ପ୍ରକଳ୍ପ ପାଇଁ ଅର୍ଥର ଅଭାବ ରହିବ ନାହିଁ। ସମସ୍ତ ସଂପୃକ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ପ୍ରକଳ୍ପକୁ କାର୍ଯ୍ୟାନ୍ୱୟନ କରିବେ। ପ୍ରାୟ ୫ ଏକର ଜମିରେ ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ଯାତ୍ରୀ ସୁବିଧା, ସୁରକ୍ଷା, ସୁଲଭତା ଓ କାର୍ଯ୍ୟକ୍ଷମ ପରିଚାଳନାକୁ ପ୍ରାଥମିକତା ଦେଇ ଟର୍ମିନାଲ୍‌ର ଡିଜାଇନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଓଏସ୍‌ଆର୍‌ଟିସି ପକ୍ଷରୁ ପ୍ରସ୍ତୁତ 'ଏ-କ୍ଲାସ' ଯାତ୍ରୀ ମୁଖୀ ଡିଜାଇନ ପ୍ରେଜେଣ୍ଟେଶନ୍‌ର ବିସ୍ତୃତ ଆଲୋଚନା ହୋଇଥିଲା। ଅଟଳ ବସ୍‌ଷ୍ଟାଣ୍ଡ ଓ ବାରିପଦା ସହରର ଦୃଶ୍ୟମାନତା, ସୁଲଭତା ଓ ସ୍ଥାପତ୍ୟ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ଭଳି ପ୍ରସ୍ତାବିତ ଫ୍ଲାଏଓଭର ନିର୍ମାଣ ଡିଜାଇନ୍ ହେବା ଦରକାର ବୋଲି ସଂପୃକ୍ତ ଢାଞ୍ଚା ଯୋଜନାର ସମୀକ୍ଷା ସମୟରେ ମନ୍ତ୍ରୀ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମ୍ପୃକ୍ତ ସହରାଞ୍ଚଳ ସ୍ଥାନୀୟ ସରକାର (ୟୁଏଲ୍‌ବି) ପକ୍ଷରୁ ପ୍ରକଳ୍ପ ଅଞ୍ଚଳ ଓ ଆଖପାଖରେ ୬,୦୦୦ରୁ ଅଧିକ ଗଛ ରୋପଣ କରାଯିବ। ଏହା ସହିତ ଜଙ୍ଗଲ ବିଭାଗ ପକ୍ଷରୁ ୧୦ଏକର ଅଞ୍ଚଳରେ ସବୁଜକରଣ ପାଇଁ ଅର୍ଥରାଶି ଆବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ବସ୍‌ଷ୍ଟାଣ୍ଡରେ ପ୍ରଶସ୍ତ ଓ ଥଣ୍ଡା ବାତାନୁକୂଳିତଯୋଗ୍ୟ ପ୍ରତୀକ୍ଷା ହଲ, ପରିଷ୍କାର ଶୌଚାଳୟ, ଫୁଡ୍‌କୋର୍ଟ, କ୍ଷୁଦ୍ର ବ୍ୟବସାୟ ସ୍ଥାନ, ଦିବ୍ୟାଙ୍ଗ-ସହଜ ସୁବିଧା, ଡିଜିଟାଲ ଯାତ୍ରୀ ସୂଚନା ପ୍ରଣାଳୀ, ସିସିଟିଭି ନିରୀକ୍ଷଣ, ୱାଇ-ଫାଇ ସଂଯୋଗ, ମୋବାଇଲ ଚାର୍ଜିଂ ପଏଣ୍ଟ, ଶିଶୁ-ମିତ୍ର କ୍ଷେତ୍ର ପରିଚାଳନା, ରକ୍ଷଣାବେକ୍ଷଣ ଓ ଫ୍ଲିଟ୍ ପରିଚାଳନା ପାଇଁ ଏକତ୍ରିତ ବସ ଡିପୋ, ବର୍ଷାଜଳ ସଂରକ୍ଷଣ, ସୌର ଆଲୋକୀକରଣ ଓ ସବୁଜ ଖୋଲା ସ୍ଥାନ ଆଦି ରହିବ। ନୂତନ ବସ୍ ଟର୍ମିନାଲ ସହରର କେନ୍ଦ୍ରକୁ ଭିଡ଼ମୁକ୍ତ କରିବା ସହ ରାସ୍ତା ସୁରକ୍ଷା ଉନ୍ନତ କରିବ। ଏଥିସହ ଭୁବନେଶ୍ୱର, ବାଲେଶ୍ୱର, କୋଲକାତା ସହିତ ଅନ୍ୟାନ୍ୟ ମୁଖ୍ୟ ସ୍ଥାନକୁ ସଂଯୋଗ ସୁଦୃଢ଼ କରିବ। ଏହି ପ୍ରକଳ୍ପ ଶିମିଳିପାଳ ଜାତୀୟ ଉଦ୍ୟାନ ଓ ପାର୍ଶ୍ୱବର୍ତ୍ତୀ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ସାହ ଦେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଓଏସ୍‌ଆର୍‌ଟିସିର ଅତିରିକ୍ତ ସଚିବ-ସହ-ମହାପ୍ରବନ୍ଧକ ଅରୁଣ ବିଶ୍ୱାଳ, ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଆଜିଠୁ ବରଗଡ଼ ଧନୁଯାତ୍ରା

**ବରଗଡ଼, ୨୩।୧୨ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ବୁଧବାରରୁ ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଏବଂ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ସନ୍ଧ୍ୟା ୭ଟାରେ ସ୍ଥାନୀୟ ହାଟପଦାସ୍ଥିତ ରାଜ ଦରବାରରେ ଉକ୍ତ ମହୋତ୍ସବକୁ ଉଦ୍‌ଘାଟନକରିବା କାର୍ଯ୍ୟକ୍ରମ ରହିଛି। ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଦୀର୍ଘ ୧୧ଦିନବ୍ୟାପୀ ବରଗଡ଼ ସହର ମଥୁରା ନଗରୀ ଏବଂ ଅମ୍ବାପାଲି ଗୋପପୁର ହେବ। ମଝିରେ ବୋହିଯାଇଥିବା ଜୀରାନଦୀ ଯମୁନା ପାଲଟିବ। ମଥୁରା ନଗରୀରେ କଂସ ରାଜୁତି ଏବଂ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଦେଖିବାକୁ ମିଳିବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଯାଇଛି। ବିଗତ ବର୍ଷ ଭଳି ଏଥର ମଧ୍ୟ ମହୋତ୍ସବର ପ୍ରଥମ ୭ଦିନ ହାଟପଦା ମଞ୍ଚ ଏବଂ ଶେଷ ୪ଦିନ ଲୋକମଣ୍ଡପ ପଡ଼ିଆ ମଞ୍ଚ ରାଜ ଦରବାର ପାଲଟିବ। ଅନ୍ୟପଟେ ଲୋକମଣ୍ଡପ ପଡ଼ିଆ ମଞ୍ଚରେ ପ୍ରଥମ ୭ଦିନ ଏବଂ ହାଟପଦା ମଞ୍ଚରେ ଶେଷ ୪ଦିନ ରଙ୍ଗମହଲ ଦୃଶ୍ୟାଭିନୟ ଅଭିନୀତ ହେବ।

# ବିସ୍ଫୋରଣରେ କ୍ଷତାକ୍ତ ହାତୀର ମୃତ୍ୟୁ

**ବାରିପଦା, ୨୩।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ବିସ୍ଫୋରକଯୁକ୍ତ ଖାଦ୍ୟ ଖାଇ କ୍ଷତାକ୍ତ ଅବସ୍ଥାରେ ଚିକିତ୍ସାଧୀନ ମାଈ ହାତୀର ମୃତ୍ୟୁ ହୋଇଛି। ହାତୀର ଏଭଳି ଅବସ୍ଥା କରିଥିବା ବ୍ୟକ୍ତିଙ୍କ ବିରୋଧରେ ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ଅଞ୍ଚଳରେ ହାତୀପଲ ଚଳପ୍ରଚଳ କରୁଥିବା ସମୟରେ ଏକ ମାଈହାତୀ ଗୁରୁତର ଅବସ୍ଥାରେ ଘୂରିବୁଲୁଥିବା ଦେଖିବାକୁ ମିଳିଥିଲା। ଖାଦ୍ୟ ଓ ପାନୀୟ ଗ୍ରହଣକରି ନ ପାରି ଏଣେତେଣେ ଦୌଡୁଥିବାରୁ ବନ ବିଭାଗ ଗତ ୧୧ତାରିଖରେ ଟ୍ରାଙ୍କୁଲାଇଜ୍‌କରି ତାକୁ ଉଦ୍ଧାର କରିଥିଲା। ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନ୍‌ଛିଣ୍ଡା ପ୍ରାଣୀ ଚିକିତ୍ସାଳୟରେ ରଖାଯାଇ ହାତୀଟିର ଚିକିତ୍ସା କରାଯାଉଥିଲା। ୨ଜଣ ପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା ଚଳାଇଥିଲେ। ଶନିବାର ହାତୀର ମୃତ୍ୟୁ ହୋଇଥିବା ବେଳେ ବନ ବିଭାଗ ଘଟଣାକୁ ଲୁଚାଇଥିଲା।

## ବ୍ରିଜ୍‌ରେ ପିଟିହେଲା ବାଇକ୍: ୨ ମୃତ

**ଗୁଡଭେଲା, ୨୩।୧୨ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ମୁକୁନ୍ଦପୁର ଗ୍ରାମପଞ୍ଚାୟତ ଅଧୀନ ପୁରୁଣାପାଣିସ୍ଥିତ ବ୍ରିଜ୍‌ରେ ମଙ୍ଗଳବାର ଏକ ବାଇକ୍ ପିଟି ହେବାରୁ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଇଁଲାଶାରୀ ଗ୍ରାମର ନିରାକାର ଖୁଣ୍ଟିଲି(୩୦) ଓ ବଲାଙ୍ଗୀର ବରପଦର ଗ୍ରାମର ଗୌରାଙ୍ଗ ପୋଢ (୨୭)। ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତୁଷୁରା ପୋଲିସ ଅପମୃତ୍ୟୁ ମାମଲା(ନଂ.୩୧୫/୨୫) ରୁଜୁକରିଛି।

# ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୩।୧୨ (ଦୁର୍ଯ୍ୟୋଧନ ପାତ୍ର)**


ପୋଲିସ ଅଧିକାରୀଙ୍କ ସହ ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି ଜିଲା ପୋଲିସ ନିକଟରେ ଡିଜିପି ୱାଇ. ବି. ଖୁରାନିଆଙ୍କ ଉପସ୍ଥିତିରେ ମଙ୍ଗଳବାର ୨୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ଗୋଟେ ଏକେ- ୪୭ ରାଇଫଲ, ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ୍, ୨ଟି ଇନ୍‌ସାସ୍ ରାଇଫଲ୍, ୩ଟି ୩୦୩ ରାଇଫଲ୍, ଦୁଇଟି ୧୨ବୋର ରାଇଫଲ୍, ୧୫୦ଟି ଅଫୁଟା ଗୁଳି, ୧୨ଟି ଟିଫିନ୍ ବୋମା, ବିଦ୍ୟୁତ୍ ତାର ସହ ଅନ୍ୟ ସାମଗ୍ରୀ ପୋଲିସକୁ ସମର୍ପଣ କରିଛନ୍ତି। ବର୍ତ୍ତମାନ ଛତିଶଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସଂଗଠନ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ମାଓବାଦୀଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ମୋଟ ୧ କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କା ଦିଆଯିବ। ଏଥିସହ ନିୟମ ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ, ଅନ୍ତ୍ୟୋଦୟ ଗୃହ ଯୋଜନା, ବିବାହ ସହାୟତା, ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ, ୩୬ ମାସ ପର୍ଯ୍ୟନ୍ତ ଦକ୍ଷତା ବିକାଶ ତାଲିମ, ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ଇତ୍ୟାଦି ପ୍ରଦାନ କରାଯିବ ବୋଲି ଡିଜିପି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିଆଇଜି ଆଣ୍ଟି ନକ୍ସଲ ଅପରେଶନ ସନ୍ଦୀପ ପଣ୍ଡା, ଡିଆଇଜି ଇଣ୍ଟେଲିଜେନ୍ସ ଅଖିଳେଶ୍ୱର ସିଂ, କୋରାପୁଟ ଡିଆଇଜି କନ୍‌ୱର ବିଶାଲ ସିଂ, ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ବିଜୟ ସିହ୍ନା, ମାଲକାନଗିରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।










> ଜଗତର କୁଟୀଳତା ଦେଖି ମୁଖ ଫେରାଇ ଚାଲିଯାଅନା। ଏ ଜଗତ ହେଲା ଯେପରି ଏକ ବିଷଧର ଆହତ ସର୍ପ। ତା'ର କୁଟୀଳଗତିରେ ସେ ଚାଲିଛି ଆପଣାର ନିୟତି ଅଭିମୁଖରେ। ତା'ହେଲା ତା'ର ବାହ୍ୟଖୋଳର (ସାପକାତି ପରି) ପରିବର୍ତ୍ତନ ଓ ଆଧ୍ୟାତ୍ମିକ ସିଦ୍ଧି। ଅପେକ୍ଷା କରି ଦେଖ –ଏହା ହେଲା ଏକ ବାଜିଖେଳ। ଏହି ହେୟତା ଭିତରୁ କିନ୍ତୁ ଭଗବାନ ଉଜ୍ଜ୍ୱଳ ହୋଇ ବିଜୟୀ ହୋଇ ଉଠି ଆସିବେ। **–ଶ୍ରୀଅରବିନ୍ଦ**

# ଦିଲ୍ଲୀରୁ ଯିବ ରାଜଧାନୀ

ଦିଲ୍ଲୀ ଭାରତର ରାଜଧାନୀ ହୋଇଥିବାରୁ ଦେଶର ବିଭିନ୍ନ ପ୍ରାନ୍ତର ଲୋକ ସେଠାରେ ରହିବାକୁ କିମ୍ବା ବୁଲିଯିବାକୁ ପସନ୍ଦ କରିଥାଆନ୍ତି। ସେଠି ପାର୍ଲାମେଣ୍ଟ, ଲାଲ୍‌କିଲ୍ଲା, ସୁପ୍ରିମକୋର୍ଟ, ଇଣ୍ଡିଆ ଗେଟ୍, ଏମ୍ସ, ବଡ଼ ବିଶ୍ୱବିଦ୍ୟାଳୟ ଭଳି ଅନେକ କିଛି ରହିଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ହେଲେ ଏବେ ଦିଲ୍ଲୀ ଯିବା କଥା କହିଲାବେଳକୁ ଅନେକେ ଭାବିଲେଣି। କାରଣ ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳ ପ୍ରଦୂଷିତ ବାୟୁର ଏକ କମ୍ବଳ ଢାଙ୍କି ହେଲା ଭଳି ହୋଇଛି। ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ପାଖାପାଖି ୫୦୦ ଛୁଇଁ ଅତି ଖରାପ ସ୍ଥିତି ସୃଷ୍ଟି କରିଛି। ଲୋକେ ପ୍ରଶ୍ୱାସ ନେବାକୁ ଭୀଷଣ କଷ୍ଟ ଅନୁଭବ କରୁଥିବା ବେଳେ କୋଭିଡ୍ ସମୟ ଭଳି ଛୋଟ ପିଲାଙ୍କ ପାଇଁ ସ୍କୁଲରୁ ଅନ୍‌ଲାଇନ କ୍ଲାସ ହେବା ଖବର ମିଳିଛି। ସବୁଠାରୁ ସାଂଘାତିକ ଘଟଣା ହେଲା, ଦିଲ୍ଲୀ ଆଖପାଖ ଅଞ୍ଚଳ ଓ ଉତ୍ତର ପ୍ରଦେଶରେ ଡିସେମ୍ବର ୧୬ ତାରିଖରେ ସିରିଜ୍ ଦୁର୍ଘଟଣା ଘଟିବାରୁ ୨୫ ଜଣଙ୍କ ଜୀବନ ଯାଇଥିବା ବେଳେ ୫୯ ଆହତ ହୋଇଥିଲେ। ପ୍ରଦୂଷିତ ବାୟୁ ସହ ଘନକୁହୁଡ଼ି ମିଶି ଯାଉଥିବାରୁ ଦୃଶ୍ୟମାନ ସ୍ତର ପ୍ରବଳମାତ୍ରାରେ ହ୍ରାସ ପାଇଛି। ଗାଡ଼ିକୁ ଗାଡ଼ି ବାଡ଼େଇ ହୋଇ ଜଳିଯିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ, ଭୀଷଣ ବାୟୁ ପ୍ରଦୂଷଣ ଓ କ୍ଷୀଣ ଆଲୋକ ଯୋଗୁ ଅନେକ ଟ୍ରେନ୍ ଓ ବିମାନ ବହୁ ବିଳମ୍ବରେ ଚାଲୁଛନ୍ତି ବା ସ୍ଥଳବିଶେଷରେ କେତେକକୁ ବାତିଲ କରି ଦିଆଯାଉଛି।

ଦିଲ୍ଲୀ ବାୟୁ ପ୍ରଦୂଷଣ ବିଷୟ ସଂସଦରେ ଆଲୋଚନା ହୋଇଛି। ବିଭିନ୍ନ ଦଳର ନେତା ଉଦ୍‌ବେଗ ପ୍ରକାଶ କରୁଥିଲେ ମଧ୍ୟ ତାହାର ନିରାକରଣ ଲାଗି ବାସ୍ତବ ବାଟ ବାହାରିପାରୁ ନାହିଁ। ପଞ୍ଜାବ ଓ ହରିୟାଣାରେ କୃଷକମାନେ ସେମାନଙ୍କ କ୍ଷେତରେ ନିଆଁ ଲଗାଇ ଶସ୍ୟର ଖୁଣ୍ଟାଗୁଡ଼ିକୁ ପୋଡ଼ି ଦେବା ପରେ ସେଥିରୁ ନିର୍ଗତ ଧୂଆଁ ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳର ବାୟୁମଣ୍ଡଳକୁ ଆଚ୍ଛାଦିତ କରିଦେଉଛି। ଏହାକୁ ରୋକିବା ପାଇଁ ଧରପଗଡ଼ ହେଉଥିବାରୁ କୃଷକମାନେ ଖୁଣ୍ଟା ପୋଡ଼ିବା ସମୟରେ ପରିବର୍ତ୍ତନ କଲେଣି। ଅକ୍ଟୋବରରୁ ଡିସେମ୍ବର ଅମଳ ସମୟ। ସେମାନେ ସାଧାରଣତଃ ଅପରାହ୍ନ ୧ଟାରୁ ୨ଟି ଭିତରେ ଖୁଣ୍ଟାକୁ ପୋଡ଼ି ଦେଉଥିଲେ। ହେଲେ ନାସାର ଉପଗ୍ରହ ସୂଚନା ଦେଉଛି ଯେ, କୃଷକମାନେ ଏବେ ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ତାହା ପୋଡୁଛନ୍ତି। ନଡ଼ାପୋଡ଼ି ରୋକିବା ପାଇଁ ସାଟେଲାଇଟ୍ ଯୋଗେ ଏହା ଉପରେ ନଜର ରଖାଯାଉଥିବା ଚାଷୀମାନେ ଜାଣିବା ପରେ ସମୟରେ ପରିବର୍ତ୍ତନ କରିଛନ୍ତି। ଫଳରେ ସେହି ଦୃଶ୍ୟକୁ ସାଟେଲାଇଟ ଧରିବା ସମ୍ଭବ ହେଉ ନାହିଁ ବୋଲି ନାସା ପକ୍ଷରୁ କୁହାଯାଇଛି। ଏଭଳି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ସରକାର ସମାଜର ବିଭିନ୍ନ ବର୍ଗଙ୍କ ସହଯୋଗ ନେଇ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। କୃଷକଙ୍କୁ କେବଳ କହିଦେଲେ ବା ସେମାନଙ୍କୁ ବୁଝାଇ ଦେଲେ ହେବ ନାହିଁ। ଆର୍ଥିକ ଦୃଷ୍ଟିରୁ ଉପଯୁକ୍ତ କ୍ଷତିପୂରଣ ଦେଇ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବା ଦରକାର। କିଛିଦିନ ତଳେ ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଦିଲ୍ଲୀରେ କୃତ୍ରିମ ବର୍ଷା କରାଯାଇଥିଲା। ହେଲେ ତାହାର ସୁଫଳ ପ୍ରାୟତଃ ଅନୁଭୂତ ହେଲା ନାହିଁ। ଖୁଣ୍ଟାପୋଡ଼ି ସହ ଅତ୍ୟଧିକ ଗାଡ଼ିମୋଟର ଚଳାଚଳ, କାରଖାନା ଓ ମଣିଷର ବର୍ଜ୍ୟବସ୍ତୁରୁ ନିର୍ଗତ ଧୂଆଁ ଆଦି ଅନେକ ଦିଗ ରହିଛି, ଯାହା ବାୟୁକୁ ଦୂଷିତ କରିବାରେ ଲାଗିଛି। ରାତାରାତି ବିରାଟ ପରିବର୍ତ୍ତନ ଅଣାଯାଇପାରିବ ନାହିଁ। ଦିଲ୍ଲୀର ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିର୍‌ସା ହାତ ଟେକି ଦେଇ କହିଲେଣି କୌଣସି ନିର୍ବାଚିତ ସରକାର ୯/୧୦ ମାସ ମଧ୍ୟରେ ଏକ୍ୟୁଆଇ ସ୍ତର କମାଇପାରିବେ ନାହିଁ। ଏହା କହି ଦିଲ୍ଲୀବାସୀଙ୍କୁ ଭୁଲ୍ ମାଗିଲା ବେଳେ ପୂର୍ବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାର ବାୟୁ ପ୍ରଦୂଷଣ ରୋକିବାରେ କିଛି କରି ନ ଥିବା ସେ ପ୍ରକାଶ କରିଛନ୍ତି। ମଞ୍ଜିନ୍ଦରଙ୍କ ଦଳ ଭାଜପା ବିରୋଧୀ ଆସନରେ ଥିବା ବେଳେ ଯେଭଳି ଅଭିଯୋଗ କରୁଥିଲେ ଏବେ ସେହି ଢଙ୍ଗରେ କହିବା ଗ୍ରହଣୀୟ ହେଉନାହିଁ। ଶାସନରେ ଥିବା ବ୍ୟକ୍ତିଙ୍କ କିଛି କରିବାର ସୁଯୋଗ ଥାଏ। ଚେଷ୍ଟା କରିବା ପୂର୍ବରୁ ପଛଘୁଞ୍ଚା ଦେବା ତାଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଉଛି।

ଏକ ବିକାଶଶୀଳ ଦେଶ ଭାବେ ଭାରତକୁ ଆର୍ଥିକ ଦୃଷ୍ଟିକୋଣରୁ କାରଖାନା ଚଳାଇବାକୁ ପଡ଼ିବ, ଲୋକେ ଯିବାଆସିବା କରିବା ଗତି ଓ ପ୍ରଗତିର ଲକ୍ଷଣ। ବିକଳ୍ପ ପନ୍ଥା ବାହାର କରା ନ ଯାଇ ଏକାଥରେ ଗାଡ଼ି ବନ୍ଦ କରିହେବ ନାହିଁ। କିନ୍ତୁ ସେଗୁଡ଼ିକୁ କିଭଳି ସୀମିତ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଜୀବାଶ୍ମ ଇନ୍ଧନଚାଳିତ ଗାଡ଼ିରୁ ବିଦ୍ୟୁତ୍ ଓ ସୌରଚାଳିତ ଯାନ ସଂଖ୍ୟା ବଢ଼ାଇବା ପାଇଁ ବର୍ଷ ନୁହେଁ, ଦଶନ୍ଧି ଦରକାର। ତେଣୁ ସେଥିପାଇଁ ସଘନ ଗବେଷଣା ଓ ଗଭୀର ଅନୁଧ୍ୟାନ ଆବଶ୍ୟକ।

ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳର ନିମ୍ନ ବାୟୁ ଗୁଣବତ୍ତା ବ୍ୟତୀତ ଅନେକ ମନୁଷ୍ୟକୃତ କାର୍ଯ୍ୟ ପରିବେଶକୁ ବିଗାଡ଼ିବାରେ ଲାଗିଛି। ଆରାବଳିର ପରିଭାଷା ବଦଳାଯାଇ ଯେଭଳି ପଦକ୍ଷେପ ନିଆଯାଉଛି ଓ କେନ୍ଦ୍ର ସରକାରଙ୍କ କଥାରେ ସର୍ବୋଚ୍ଚ ନ୍ୟାୟାଳୟ 'ହଁ' ଭରିଲା ଭଳି ମନେ ହେଉଥିବାରୁ ତାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବା ଥୟ। ଦୂରରେ ଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ବିକାଶ ନାମରେ ପ୍ରକୃତି ବିରୋଧୀ କାର୍ଯ୍ୟ କରାଯାଉଥିବାରୁ ତାହା ସେଠାକାର ପରିବେଶ ଓ ପରିସଂସ୍ଥାନକୁ କ୍ଷତି ପହଞ୍ଚାଇବାର ସବୁ ସୂଚନା ଦେଲାଣି। ତାହା ହୁଏତ ଦିଲ୍ଲୀ ଉପରେ ସିଧାସଳଖ ପ୍ରଭାବ ପକାଉ ନାହିଁ, କିନ୍ତୁ ସମଗ୍ର ଦେଶବାସୀ ଆଗାମୀ ବର୍ଷଗୁଡ଼ିକରେ ନିଶ୍ଚୟ କ୍ଷତି ସହିବେ।

ଦିଲ୍ଲୀରେ କେତେକ ମହଲରେ ଗୁଜବ ହେଉଛି ଯେ, ଜାତୀୟ ରାଜଧାନୀ ଦିଲ୍ଲୀକୁ ଅନ୍ୟତ୍ର ନେବା ପାଇଁ ମସୁଧା ଆରମ୍ଭ ହେଲାଣି। ଏହି ଗୁଜବକାରୀଙ୍କ ଅନୁଯାୟୀ କେନ୍ଦ୍ର ସରକାର, ଦିଲ୍ଲୀ ସରକାର, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ ସରକାର ଭାଜପା ଅଧୀନରେ ଥିବା ହେତୁ କୌଣସି ମିଳିତ ପ୍ରତିକାର ନ କରିବା ଯୋଗୁ ଏପରି ଗୁଜବ ଜନ୍ମ ନେଇପାରୁଛି। ଏଭଳି ମିଥ୍ୟା ପ୍ରଚାର ବିଶ୍ୱସନୀୟ ହୋଇପାରୁ ନାହିଁ, କିନ୍ତୁ ତାହାପଛର ଯୁକ୍ତି ଓ ବାୟୁମଣ୍ଡଳର ସ୍ଥିତି ଦେଖିଲେ ଗୁଜବକୁ ମଧ୍ୟ ଟାଳି ହେଉନାହିଁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 5 | 6 |
| | 4 | | 1 | | | 7 | | |
| | | 9 | | | | | 4 | |
| 4 | | | | | | | 6 | |
| | | 6 | | 3 | 2 | | | |
| 5 | 3 | | | 6 | | | 7 | 1 |
| 3 | | | | | 4 | | 1 | |
| | 9 | | | | | | | |
| | 7 | 5 | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 5 | 2 | 8 | 7 | 3 | 9 |
| 3 | 2 | 7 | 1 | 6 | 9 | 8 | 4 | 5 |
| 5 | 9 | 8 | 4 | 7 | 3 | 2 | 6 | 1 |
| 8 | 4 | 6 | 2 | 3 | 5 | 1 | 9 | 7 |
| 7 | 3 | 2 | 8 | 9 | 1 | 4 | 5 | 6 |
| 1 | 5 | 9 | 7 | 4 | 6 | 3 | 8 | 2 |
| 6 | 1 | 5 | 3 | 8 | 7 | 9 | 2 | 4 |
| 2 | 7 | 3 | 9 | 5 | 4 | 6 | 1 | 8 |
| 9 | 8 | 4 | 6 | 1 | 2 | 5 | 7 | 3 |

ଗତକାଲିର ଉତ୍ତର

# ଶିକ୍ଷା ଓ ଶିକ୍ଷକ



ଡ. ସନ୍ତୋଷ କୁମାର ମହାପାତ୍ର

ଶିକ୍ଷା ହେଉଛି ଗୋଟିଏ ଦେଶର ସବୁଠୁ ମୌଳିକ ଓ ଶକ୍ତିଶାଳୀ ସାମାଜିକ ଭିତ୍ତିଭୂମି। ଏହା କେବଳ ପାଠପଢ଼ା, ପରୀକ୍ଷା, ସାର୍ଟିଫିକେଟ କିମ୍ବା ଚାକିରି ପାଇବାର ଉପାୟ ମାତ୍ର ନୁହେଁ; ଏହା ମଣିଷର ଚିନ୍ତାଧାରା, ନୀତିବୋଧ, ଦାୟିତ୍ୱବୋଧ ଓ ସାମାଜିକ ସଚେତନତାକୁ ଗଢ଼ି ତୋଳେ। ଯେଉଁ ସମାଜ ଶିକ୍ଷାକୁ ଗୁରୁତ୍ୱ ଦେଇଥାଏ, ସେହି ସମାଜ ଦୀର୍ଘକାଳରେ ନୀତିଶୀଳ, ସ୍ୱାଭିମାନୀ ଓ ସୁସଂଗଠିତ ହୋଇ ଉଠେ। ଯେତେବେଳେ ଶିକ୍ଷା ଭୁଶୁଡ଼ି ପଡ଼େ, ଅନ୍ୟ ସବୁକିଛି ମଧ୍ୟ ସେହିପରି ହୁଏ। ନେଲ୍‌ସନ ମଣ୍ଡେଲା ଏକଦା କହିଥିଲେ 'ଯଦି ତୁମେ ଏକ ଦେଶକୁ ନଷ୍ଟ କରିବାକୁ ଚାହୁଁଛ, ତା'ର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କର, ତୁମକୁ ଏକ ଜାତିକୁ ନଷ୍ଟ କରିବା ପାଇଁ କ୍ଷେପଣାସ୍ତ୍ର ଆବଶ୍ୟକ ନାହିଁ'। ଏହାର ଅର୍ଥ, ଏକ ଦେଶର ଦୀର୍ଘକାଳୀନ ପ୍ରଗତି ଏବଂ ସ୍ଥିରତା ପାଇଁ ଏକ ଦୃଢ଼ ଶିକ୍ଷା ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ। ଏକ ବିଫଳ ଶିକ୍ଷା ବ୍ୟବସ୍ଥା, ଅଯୋଗ୍ୟ ମଣିଷ ସୃଷ୍ଟି କରେ, ଦାରିଦ୍ର୍ୟର ଏକ ଚକ୍ରକୁ ସ୍ଥାୟୀ କରେ, ଏକ ଭୁଲ୍ ରାସ୍ତାରେ ସମାଜକୁ ନେଇଯାଏ। ଅବଶ୍ୟ ଶିକ୍ଷା ବ୍ୟବସ୍ଥା ସମାଲୋଚନାମୂଳକ ଚିନ୍ତାଧାରା, ନବସୃଜନ, ଜିଜ୍ଞାସୁତା ଏବଂ ସମସ୍ୟା ସମାଧାନକୁ ପ୍ରୋତ୍ସାହିତ କରିବା ଉଚିତ, ଯାହା ସବୁ ଏକ ଜାତିର ବିକାଶ ପାଇଁ ଜରୁରୀ। ଯାହା ଏବେ ହେଉନାହିଁ। ଶିକ୍ଷା ଜଣେ ବ୍ୟକ୍ତିକୁ କେବଳ ଚାକିରିଯୋଗ୍ୟ ନୁହେଁ, ବିଭିନ୍ନ ମାଧ୍ୟମରେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ଉଚିତ। କାରଣ ଆର୍ଥିକ ସୁରକ୍ଷା ବିନା ସମାଜରେ ଆତ୍ମମର୍ଯ୍ୟାଦା ସହିତ ବଞ୍ଚିବା କଷ୍ଟକର। ଶିକ୍ଷା ମଧ୍ୟ ଜୀବନର କ୍ରୁର ବାସ୍ତବତା ଓ ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହେବାରେ ସହାୟକ ହେବା ଉଚିତ। ଯାହା ହେଉନାହିଁ।

ଏକ ଦେଶର ଶିକ୍ଷା ବ୍ୟବସ୍ଥାର ମୂଳ ଆଧାର ହେଉଛନ୍ତି ଶିକ୍ଷୟିତ୍ରୀ ଓ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ସରକାର ବା ଶିକ୍ଷାନୁଷ୍ଠାନର ପରିଚାଳକ। ଜଣେ ପିଲାର ଜୀବନରେ ମାତାପିତା ପରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ କେବଳ ପାଠ୍ୟପୁସ୍ତକର ଜ୍ଞାନ ପ୍ରଦାନକାରୀ ନୁହେଁ; ସେମାନେ ମଣିଷ ଗଢ଼ନ୍ତି, ଚରିତ୍ର ଗଢ଼ନ୍ତି ଓ ଭବିଷ୍ୟତ ପିଢ଼ିକୁ ଦେଶ ଓ ସମାଜ ପାଇଁ ଦାୟିତ୍ୱଶୀଳ ନାଗରିକରେ ପରିଣତ କରନ୍ତି। ଶିଶୁମନ ଯେତେବେଳେ କୋମଳ ଥାଏ, ସେତେବେଳେ ଶିକ୍ଷକଙ୍କ ପ୍ରଭାବ ସବୁଠୁ ଗଭୀର ଓ ଦୂରଗାମୀ ହୁଏ। ଶିଷ୍ଟାଚାର, ସତ୍ୟନିଷ୍ଠା, ସହିଷ୍ଣୁତା, ସହଯୋଗ, ଶ୍ରମର ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱ ଏହି ସମସ୍ତ ଗୁଣ ଛାତ୍ରୀଛାତ୍ରଙ୍କ ମନରେ ପ୍ରତିଷ୍ଠା କରିବାରେ ଶିକ୍ଷକଙ୍କ ଅବଦାନ ଅମୂଲ୍ୟ। ସେମାନେ ମାର୍ଗଦର୍ଶକ, ଉପଦେଷ୍ଟା ଓ ଆଦର୍ଶ ରୂପେ ଛାତ୍ରୀଛାତ୍ରଙ୍କ ନୀତିଗତ, ବୌଦ୍ଧିକ ତଥା ସାମାଜିକ ବିକାଶରେ ଗଭୀର ପ୍ରଭାବ ପକାନ୍ତି।



ତେଣୁ ଶିକ୍ଷକଙ୍କୁ ସମ୍ମାନ ଓ ସମର୍ଥନ ଦେବା ମାନେ ସମାଜର ଭବିଷ୍ୟତରେ ନିବେଶ କରିବା।

ଦୁଃଖର କଥା, ଆଜି ଶିକ୍ଷକମାନେ ସେହି ମର୍ଯ୍ୟାଦା ଓ ସମ୍ମାନ ପାଉନାହାନ୍ତି। ଯଦିଓ ସେଥିପାଇଁ ସେମାନେ କିଛିଟା ଦାୟୀ, ବେଶି ଆମର ସାମାଜିକ ବ୍ୟବସ୍ଥା, ଶାସନ ପଦ୍ଧତି ଓ ବଜାର ଅର୍ଥନୀତି, ଉପଭୋକ୍ତାବାଦ, ମୂଲ୍ୟବୋଧର ଅବକ୍ଷୟ ଦାୟୀ। ଶିକ୍ଷାର ବ୍ୟବସାୟକରଣ, ଘରୋଇକରଣ ସାଙ୍ଗକୁ ଅଭିଭାବକମାନେ ଶିକ୍ଷକମାନଙ୍କୁ ସେତିକି ଗୁରୁତ୍ୱ ନ ଦେବା, ପିଲାମାନେ ସେତିକି ସମ୍ମାନ ନ ଦେବା ମଧ୍ୟ ଏକ କାରଣ। ଅଭିଭାବକମାନେ ଯେତେବେଳେ ସଫଳତାକୁ କେବଳ ଆର୍ଥିକ ସମୃଦ୍ଧି ସହିତ ଯୋଡ଼ିଦିଅନ୍ତି, ସେତେବେଳେ ଛାତ୍ରୀଛାତ୍ର ମଧ୍ୟ ଶିକ୍ଷାକୁ ଜୀବନ ଗଢ଼ିବାର ଉପକରଣ ପରିବର୍ତ୍ତେ ଏକ ଅର୍ଥ ଅର୍ଜନର ଉପାୟ ଭାବେ ଦେଖନ୍ତି। କିନ୍ତୁ ସମ୍ପ୍ରତି କିଛି ବେସରକାରୀ ସ୍କୁଲରେ ଶିକ୍ଷକଙ୍କୁ କମ୍ ବେତନ ଦେଇ ମଧ୍ୟ ଭଲ ପଢ଼ାହେଉଥିବାର ଉଦାହରଣ ଦିଆଯାଇ ସରକାରୀ ଶିକ୍ଷକଙ୍କୁ ବେତନ କମ୍ ଦେବାପାଇଁ ଅପ ପ୍ରଚାର ଚାଲିଛି। ଏହା କେବଳ ଅନ୍ୟାୟ, ନିନ୍ଦନୀୟ ନୁହେଁ,ବରଂ ମହାନ୍ ଶିକ୍ଷକ ବୃତ୍ତି ପ୍ରତି ଅସମ୍ମାନର ପ୍ରତିଫଳନ। ଶିକ୍ଷକଙ୍କୁ କମ୍ ବେତନରେ ନିଯୁକ୍ତ କରିବା, ଅସ୍ଥାୟୀ ରଖିବା କିମ୍ବା ସମାଜରେ ସେମାନଙ୍କ ପ୍ରତି ସମ୍ମାନ କମାଇବା ମାନେ ଦେଶକୁ ଅନ୍ଧକାର ଭିତରକୁ ଠେଲିଦେବା।

ବେତନ କମ୍ ହୋଇ ମଧ୍ୟ ଭୟ କିମ୍ବା ପ୍ରତିବଦ୍ଧତା ଲୋକଙ୍କୁ ଭଲ କାମ କରାଏ ଏହି ତର୍କ ଯଦି ଠିକ୍ ହୁଏ, ତେବେ ଏହା ସମସ୍ତ ବୃତ୍ତି, ଯଥା ପ୍ରଶାସନିକ ସେବା, ଡାକ୍ତରୀ, ଇଞ୍ଜିନିୟରିଂ,ଏପରି କି ବିଧାୟକ ଓ ସାଂସଦଙ୍କ ପାଇଁ ମଧ୍ୟ ଲାଗୁ ହେବା ଉଚିତ। କେବଳ ଶିକ୍ଷକମାନେ ହିଁ କାହିଁକି ଏହି ତର୍କର ଶିକାର ହେବେ ? ଜଣେ ସ୍ନାତକ ହୋଇ ଉଚ୍ଚ ପଦାଧିକାରୀ ହୋଇ କାମ ନ କରି ଅଧିକ ଦରମା ପାଇବେ, କିନ୍ତୁ ଜଣେ ସେହି ସ୍ନାତକ ହୋଇ ଛୋଟ ପଦବୀରେ ରହି ବହୁତ ନିଷ୍ଠାର ସହିତ କାମ କଲେ କମ୍ ଦରମା ପାଉଛନ୍ତି। ଆମ ଶାସନ ବ୍ୟବସ୍ଥାରେ କାର୍ଯ୍ୟ, ଦକ୍ଷତା ଅପେକ୍ଷା ପଦବୀକୁ ଭିତ୍ତିକରି ଦରମା ଦିଆଯାଏ। ଯେଉଁ ପଦ ପଦବୀରେ ଅଧିକ ଦରମା, ସେହି ପଦବୀରେ ଅଧିଷ୍ଠିତ ହେବାପାଇଁ ବିଜ୍ଞ, ପ୍ରତିଭାଶାଳୀ ଛାତ୍ରୀଛାତ୍ର ଚେଷ୍ଟା କରନ୍ତି। ଯଦି ଶିକ୍ଷକମାନଙ୍କୁ କମ୍ ବେତନ ଦିଆଯିବ, ତେବେ ଭଲ ପ୍ରତିଭାଶାଳୀ ଛାତ୍ରୀଛାତ୍ର ଶିକ୍ଷକ ହେବାପାଇଁ ଚେଷ୍ଟା କରିବେ ନାହିଁ। ମଣିଷ ଗଢ଼ା ବ୍ୟକ୍ତି ଦୁର୍ବଳ ହେଲେ ସାମାଜିକ ବ୍ୟବସ୍ଥା ଆହୁରି ଭୁଶୁଡି ପଡ଼ିବ। ବାସ୍ତବତା ହେଉଛି, ବେତନ କାମର ଗୁଣମାନର ସିଧାସଳଖ ପରିମାପକ ନୁହେଁ। ବେତନ ଏକ ବୃତ୍ତି ପ୍ରତି ସମାଜର ଆକର୍ଷଣ ସୃଷ୍ଟି କରେ, କିନ୍ତୁ କର୍ତ୍ତବ୍ୟନିଷ୍ଠା ମଣିଷର ନୈତିକ ମୂଲ୍ୟବୋଧ ଉପରେ ନିର୍ଭର କରେ। ଏଣୁ ଶିକ୍ଷକ ସହିତ ସବୁ ବୃତ୍ତିର ଲୋକ ଏପରି କି ପ୍ରଶାସକ, ନେତା, ମନ୍ତ୍ରୀ କିପରି ନିଷ୍ଠାର ସହିତ କାର୍ଯ୍ୟ କରିବେ ସେଥିପାଇଁ ସାଧୁତା, ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯିବା ଉଚିତ। ଆରିଷ୍ଟଟଲଙ୍କ ଭାଷାରେ– ମାନସିକ ଶିକ୍ଷା ସହ ନୈତିକ ଓ ଭାବନାତ୍ମକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ।

ଏକ ସମୟ ଥିଲା, ଯେତେବେଳେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରୁ ପାଠପଢ଼ି ଅନେକ ପ୍ରତିଭାଶାଳୀ ବୈଜ୍ଞାନିକ, ପ୍ରଶାସକ, ଲେଖକ, ଚିକିତ୍ସକ, ଯନ୍ତ୍ରୀ ଓ ବୁଦ୍ଧିଜୀବୀ ସୃଷ୍ଟି ହୋଇଥିଲେ। ସର୍ବଭାରତୀୟ ପ୍ରଶାସନିକ ସେବାରେ ସଫଳ ହେଉଥିଲେ । ସେତେବେଳେ ଶିକ୍ଷାର ଗୁଣମାନ ଭାଷା ଉପରେ ନୁହେଁ, ଶିକ୍ଷକଙ୍କ ନିଷ୍ଠା ଓ ଶିକ୍ଷାଦାନ ପ୍ରଣାଳୀ ଉପରେ ନିର୍ଭର କରୁଥିଲା। କିନ୍ତୁ ଇଂଲିଶକୁ ସଫଳତାର ପ୍ରତୀକ ଭାବେ ଦେଖିବା ଓ ସମାଜର ପ୍ରଭାବଶାଳୀ ବର୍ଗ ଇଂଲିଶ ମାଧ୍ୟମରେ ପଢାଇବା ଯୋଗୁ, ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଗୁଣାତ୍ମକ ମୂଲ୍ୟ ହ୍ରାସ ପାଇଲା । ଏଣୁ ପ୍ରତିଷ୍ଠିତ ଲୋକ ତାଙ୍କ ପିଲାଙ୍କୁ ଆଗ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇଲେ ସବୁ ସମାଧାନ ହୋଇଯିବ। ପୁନଶ୍ଚ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାରଙ୍କ ଭୂମିକା। ନୋବେଲ ବିଜେତା ଅମର୍ତ୍ତ୍ୟ ସେନ ସର୍ବଦା ଶିକ୍ଷା ଓ ସ୍ୱାସ୍ଥ୍ୟରେ ବିନିଯୋଗ ଏବଂ ମାନବିକ ଉନ୍ନୟନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। କିନ୍ତୁ ଶିକ୍ଷା କ୍ଷେତ୍ରରେ ସରକାରୀ ବ୍ୟୟ କ୍ରମଶଃ ହ୍ରାସ ପାଇଚାଲିଛି। କୋଠାରୀ କମିଶନ ଜିଡିପିର ୬% ଶିକ୍ଷା ପାଇଁ ବ୍ୟୟ କରିବାକୁ ସୁପାରିସ କରିଥିଲେ, କିନ୍ତୁ ତାହାର ଅଧା ବ୍ୟୟ ହେଉନି। ୨୦୨୩ରେ ଶିକ୍ଷାରେ ମୋଟ ଜିଡିପିର ଜାପାନ ୭.୪୩ %, ଆମେରିକା ୬%, ଚାଇନା ୬.୧୩%, ଜର୍ମାନୀ ୪.୬% ବ୍ୟୟ କରିଲାବେଳେ ଭାରତରେ ଏହା ପାଖାପାଖି ୩% ରହୁଛି। କେନ୍ଦ୍ର ବଜେଟରେ ଶିକ୍ଷା ବାବଦ ବ୍ୟୟ ଯାହା ୨୦୧୧-୧୨ରେ ମୋଟ ବଜେଟର ୫.୦୪% ଥିଲା ବେଳେ ୨୦୨୪-୨୫ରେ ୨.୫୦%କୁ ହ୍ରାସ ପାଇଛି। ଯଦି ଆମେ ସ୍ୱାଭିମାନୀ ଓ ଦାୟିତ୍ୱଶୀଳ ସମାଜ ଗଢ଼ିବାକୁ ଚାହୁଁଛୁ, ତେବେ ଶିକ୍ଷା ଓ ଶିକ୍ଷକଙ୍କୁ ପୁନଃ ତାହାର ମୂଲ୍ୟ, ମର୍ଯ୍ୟାଦା ଦେବାକୁ ପଡିବ। ଶିକ୍ଷକମାନେ ମଧ୍ୟ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ହେବା ଉଚିତ।

**ମୋ:୯୪୩୭୨୦୮୭୬୨**

# ଆସାମର ହାତୀ-ଟ୍ରେନ୍ ଧକ୍କା



ଡ. ଲାଲା ଅଶ୍ୱିନୀ କୁମାର ସିଂହ

ଶନିବାର(୨୦-୧୨-୨୫) ବିଳମ୍ବିତ ରାତିରେ ଆସାମରେ ଘଟିଥିବା ହାତୀ-ଟ୍ରେନ୍ ଧକ୍କା ଏକ ବଡ଼ ଘଟଣା। ଗୋଟିଏ ଧକ୍କାରେ ୮ଟି ହାତୀଙ୍କ ମୃତ୍ୟୁ ହୋଇଛି। ଆସାମରେ ଏହା ଏପର୍ଯ୍ୟନ୍ତ ରେକର୍ଡ ହୋଇଥିବା ସବୁଠାରୁ ଘାତକ ଟ୍ରେନ୍-ହାତୀ ଧକ୍କା। ସଂସଦରେ ଶେୟାର କରାଯାଇଥିବା ସରକାରୀ ତଥ୍ୟ ଦର୍ଶାଉଛି, ୨୦୨୧-୨୨ ଏବଂ ୨୦୨୩-୨୪ ମଧ୍ୟରେ ଟ୍ରେନ୍ ଧକ୍କାରେ ୪୭ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୨୧-୨୨: ୧୫ ହାତୀଙ୍କ ମୃତ୍ୟୁ ହୋଇଥିଲା, ୨୦୨୨-୨୩: ୧୫ଟି ହାତୀ ଓ ୨୦୨୩-୨୪ରେ ୧୭ଟି ମୃତ୍ୟୁ ହୋଇଥିଲା । ଗତ ୩ ବର୍ଷ ମଧ୍ୟରେ ଏହା ଏକ ଉପର ଆଡ଼କୁ ଯାଉଥିବା ଧାରା ନିଶ୍ଚିତ କରେ।

ଭାରତରେ ପ୍ରକଳ୍ପ-ହାତୀ ୧୯୯୦-୯୧ରେ ଆରମ୍ଭ ହୋଇଥିଲା। ରେଳ ଦୁର୍ଘଟଣା ଯୋଗୁ କେବଳ ୨୦୦୯ ପରଠାରୁ ନିର୍ଭରଯୋଗ୍ୟ ତଥ୍ୟ ମିଳିପାରୁଛି । ଏହା ପୂର୍ବରୁ ଅର୍ଥାତ୍ ୧୯୯୦-୨୦୦୮ ମସିହା ମଧ୍ୟରେ ଏଭଳି ଦୁର୍ଘଟଣା ବିରଳ ହୋଇଥିଲେ ସୁଦ୍ଧା ବୃଦ୍ଧିପାଉଥିବା ଜଣାଯାଏ । ୨୦୦୯-୧୦ରୁ ୨୦୨୪ ମଧ୍ୟରେ ଟ୍ରେନ ଧକ୍କାରେ୧୮୬ ହାତୀଙ୍କ ମୃତ୍ୟୁ ହୋଇଛି। ଏହି ସମୟ ମଧ୍ୟରେ ବାର୍ଷିକ ନିରନ୍ତର ମୃତ୍ୟୁ ସାଧାରଣତଃ ପ୍ରତିବର୍ଷ ୧୦-୨୦ ହାତୀ। ୧୯୯୦ ଦଶକର ଶେଷଭାଗରେ ହାତୀ ବାସସ୍ଥାନ ଦେଇ ରେଳଲାଇନ ବିସ୍ତାର ହେବା ସହ ଟ୍ରେନ୍-ହାତୀ ଧକ୍କା ବୃଦ୍ଧିପାଇବା ଆରମ୍ଭ ହୋଇଥିଲା। ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଏବଂ କେରଳରେ ହଟ୍‌ସ୍ପଟ୍ ଦେଖାଗଲା।

ହାତୀ-ଦୁର୍ଘଟଣା ଦୃଷ୍ଟିକୋଣରୁ ଏକ ମିଳିତ ସରକାରୀ ସର୍ଭେ ଦ୍ୱାରା ଚିହ୍ନଟ ହୋଇଥିବା ୧୪ଟି ରାଜ୍ୟରେ ୭୭ଟି ଉଚ୍ଚ ବିପଦପୂର୍ଣ୍ଣ ରେଳପଥ ଜଣାଯାଏ। ସର୍ବାଧିକ ବିପଦପୂର୍ଣ୍ଣ ରାଜ୍ୟଗୁଡ଼ିକ ମଧ୍ୟରେ ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା, କେରଳ, ତାମିଲନାଡୁ ଅନ୍ତର୍ଭୁକ୍ତ।

ବର୍ତ୍ତମାନ ସମୟରେ ହାତୀମାନଙ୍କର ପାରମ୍ପରିକ ଚଲାପଥ ବଦଳିବାରେ ଲାଗିଛି। ହାତୀ କରିଡର ପରିବର୍ତ୍ତନ ହେଉଛି, କାରଣ ସେମାନଙ୍କର ବାସସ୍ଥାନ ସଙ୍କୁଚିତ ହେଉଛି, ଖଣ୍ଡଖଣ୍ଡ ହୋଇ ଅଧିକ ବିପଦପୂର୍ଣ୍ଣ ହେଉଛି। ଜଙ୍ଗଲଗୁଡ଼ିକ ଭିତ୍ତିଭୂମି ଏବଂ ମାନବ କାର୍ଯ୍ୟକଳାପକୁ ସ୍ଥାନ ଦେଉଥିବାରୁ ହାତୀମାନେ ସେମାନଙ୍କର ପ୍ରାଚୀନ ପ୍ରବାସୀପଥଗୁଡ଼ିକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଛନ୍ତି, ଯାହା ସେମାନଙ୍କୁ ରାସ୍ତା, ରେଳପଥ ଏବଂ ଜନବସତି ସହ ନିକଟତର କରୁଛି ଏବଂ ଦୁର୍ଘଟଣାର ଆଶଙ୍କା ବୃଦ୍ଧିକରୁଛି।

ଓଡ଼ିଶାରେ ଟ୍ରେନ୍-ହାତୀଧକ୍କାକୁ ଏଡ଼ାଇବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ସିଷ୍ଟମ କାର୍ଯ୍ୟକାରୀ କରାଯାଇଥିଲା ଏବଂ ୨୦୨୪ ଶେଷଭାଗରେ ବ୍ୟବହାର ହୋଇଥିବା ରିପୋର୍ଟ କରାଯାଇଥିଲା। ବିଶେଷକରି ଡିସେମ୍ବର



୨୦୨୪ରେ ରାଉରକେଲା ବନଖଣ୍ଡରେ ସ୍ଥାପିତ ଏକ ଏଆଇଭିତ୍ତିକ ଥର୍ମାଲ କ୍ୟାମେରା ସିଷ୍ଟମ ରେଳଟ୍ରାକ୍‌ରେ ହାତୀଙ୍କ ଏକ ପଲକୁ ଚିହ୍ନଟ କରିଥିଲା ଏବଂ କର୍ତ୍ତୃପକ୍ଷଙ୍କୁ ସତର୍କ କରିଥିଲା, ଯେଉଁମାନେ ହାତୀଙ୍କୁ ସୁରକ୍ଷିତ ଭାବରେ ପାରକରିବା ପାଇଁ ଏକ ମାଲବାହୀ ଟ୍ରେନ୍ ବିଳମ୍ବ କରିଥିଲେ(ଙ୍

ହାତୀ-ଟ୍ରେନ୍‌ଧକ୍କାକୁଏଡ଼ାଇବା ପାଇଁଓଡ଼ିଶାରେ ବ୍ୟବହୃତ ପ୍ରଯୁକ୍ତିବିଦ୍ୟା ହେଉଛି ଏକ ପ୍ରକାର ସଫଳ ପ୍ରୟାସ। ଏହା ଏଆଇଚାଳିତ କ୍ୟାମେରା ସିଷ୍ଟମ ଯୋଗୁ ସମ୍ଭବ ହେଉଛି। ଏହି ଉନ୍ନତ ଏଆଇ କ୍ୟାମେରାଗୁଡ଼ିକ ହାତୀ ବାସସ୍ଥାନରେ ରେଳଟ୍ରାକ୍ ସହ ସ୍ଥାପିତ ହୋଇଛି। ଏଆଇ କ୍ୟାମେରାଗୁଡ଼ିକ ଟ୍ରାକ୍ ପାଖକୁ ଆସୁଥିବା ହାତୀମାନଙ୍କୁ ଚିହ୍ନଟ କରନ୍ତି ଏବଂ ତୁରନ୍ତ ନିୟନ୍ତ୍ରଣ କକ୍ଷକୁ ସତର୍କ ପଠାନ୍ତି। ଏହି ପ୍ରାରମ୍ଭିକ ସତର୍କତା ରେଳ କର୍ତ୍ତୃପକ୍ଷଙ୍କୁ ସମୟସୀମା ମଧ୍ୟରେ ଟ୍ରେନ୍‌ଗୁଡ଼ିକୁ ଅଟକାଇବା କିମ୍ବା ବିଳମ୍ବ କରିବାକୁ ସୁବିଧା ଦେଇଥାଏ। ଫଳରେ ଟ୍ରେନ ଯୋଗୁ ହାତୀପଲ ସହ ଧକ୍କାକୁ ରୋକାଯାଇଥାଏ।

ଏହି ସିଷ୍ଟମରେ ଉଚ୍ଚ ରିଜୋଲ୍ୟୁଶନ ଏଆଇ ଏବଂ ଟାୱାରରେ ଲଗାଯାଇଥିବା ଥର୍ମାଲ କ୍ୟାମେରା ଅନ୍ତର୍ଭୁକ୍ତ, ଯାହା ହାତୀମାନଙ୍କ ରଚିତ୍ର ଏବଂ ସ୍ଥାନ ବିବରଣୀ କଏଦ କରିଥାଏ। ଜଣାଯାଏ, ଏଭଳି ପ୍ରଯୁକ୍ତିବିଦ୍ୟା ଆପଣାଇଥିବା ଯୋଗୁ ରେଳଲାଇନ ଉପରେ ହାତୀ ତଥା ଅନ୍ୟାନ୍ୟ ବନ୍ୟପ୍ରାଣୀ ଏବଂ ଟ୍ରେନ୍ ଉଭୟର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜଙ୍ଗଲ ଏବଂ ରେଳ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟକୁ ସକ୍ଷମ କରାଯାଇପାରୁଛି। ଏହି ପ୍ରଯୁକ୍ତିବିଦ୍ୟା ଓଡ଼ିଶାର ରାଉରକେଲା ବନାଞ୍ଚଳରେ ସଫଳତାର ସହ ନିୟୋଜିତ ହୋଇଛି ଏବଂ ଟ୍ରେନ୍ ସମ୍ବନ୍ଧୀୟ ହାତୀ ମୃତ୍ୟୁ ହ୍ରାସ କରିବା ପାଇଁ ବ୍ୟାପକ ପ୍ରଶମନ ପ୍ରୟାସର ଏକ ଅଂଶ। ମାତ୍ର ହାତୀମୃତ୍ୟୁ ହାର ପାଇଁ ଆହୁରି ଅନେକ କାରଣ ରହିଛି, ବଢୁଛି ଅଥବା ତାହା ଏବେ ନୂତନକରି ଉଭାହେଉଛି।

୨୦୧୯ରୁ୨୦୨୪ ମଧ୍ୟରେ ଓଡ଼ିଶାରେ ଟ୍ରେନ୍ ଦୁର୍ଘଟଣା ଯୋଗୁ ୧୪ହାତୀଙ୍କ ମୃତ୍ୟୁ ରେକର୍ଡ କରାଯାଇଛି। ଆହୁରି ବ୍ୟାପକ ଭାବରେ କହିବାକୁ ଗଲେ ୨୦୧୫-୧୬ରୁ ୨୦୨୩-୨୪ ପର୍ଯ୍ୟନ୍ତ ଓଡ଼ିଶାରେ ଟ୍ରେନ୍ ଧକ୍କା ଯୋଗୁ ୨୬ ହାତୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାଗୁଡ଼ିକ ସାଧାରଣତଃ ରାତିରେ କିମ୍ବା କମ୍ ଦୃଶ୍ୟମାନତାରେ ପାରମ୍ପରିକ ହାତୀପଥକୁ ଛେଦନ କରୁଥିବା ସ୍ଥାନରେ ଘଟେ। ଏହି ସମୟ ମଧ୍ୟରେ ରାଜ୍ୟରେ ବିଦ୍ୟୁତ୍ ଆଘାତ ଏବଂ ଶିକାର ଯୋଗୁ ହାତୀଙ୍କ ମୃତ୍ୟୁର ମଧ୍ୟ ବହୁସଂଖ୍ୟା ହୋଇଛି। ଟ୍ରେନ-ହାତୀ ଧକ୍କା ହ୍ରାସ କରିବା ପାଇଁ ପ୍ରୟାସରେ ଏଆଇଚାଳିତ କ୍ୟାମେରା ସତର୍କତା ବ୍ୟବସ୍ଥା ଏବଂ ହାତୀ ବାସସ୍ଥାନରେ ରେଳଟ୍ରାକ୍‌ରେ ସୁରକ୍ଷା ବ୍ୟବସ୍ଥା ଉନ୍ନତ କରିବା ପାଇଁ ଜଙ୍ଗଲ ଏବଂ ରେଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଅନ୍ତର୍ଭୁକ୍ତ।

ଏହି ପରିପ୍ରେକ୍ଷୀରେ ଅନ୍ୟାନ୍ୟ ସ୍ଥାନରୁ ସମ୍ମିଳିତ ଅନୁଭୂତି ତଥା ବିଶେଷକରି ଓଡ଼ିଶା ରାଜ୍ୟର କୁଶଳତା ଓ ଅନୁଭବ ବିନିଯୋଗ ହୋଇପାରିଲେ ଟ୍ରେନ-ହାତୀ-ଦୁର୍ଘଟଣା କମିପାରନ୍ତା ବୋଲି ମନେକରାଯାଏ।

**ବନ୍ୟପ୍ରାଣୀ ଅନୁସନ୍ଧାନ ଅଧିକାରୀ**
**(ଅବସରପ୍ରାପ୍ତ), ଓଡ଼ିଶା**
**ମୋ: ୮୭୬୩୦୧୩୬୭୧**

## ଏଇ ଭାରତରେ

ଜଣଙ୍କ ଜୀବନଜୀବିକା ସଂଘର୍ଷ ପଥରେ ଅନେକ ସମୟରେ ବଡ଼ ପରିବର୍ତ୍ତନ ଆସେ। ଏହି କ୍ରମରେ କୃଷିକୁ ଜୀବିକା କରିବା ପାଇଁ ଆଗକୁ ଆସି ସଫଳତା ପାଇଛନ୍ତି ମହାରାଷ୍ଟ୍ରର ବୈଶାଳୀ ପାଟିଲ। ଜଲଗାଁଓ ଜିଲାର ରଭେର ତହସିଲ ଅଞ୍ଚଳରେ ସେ ଏବେ ଜଣେ ସଫଳ ମହିଳା ଚାଷୀ ଭାବେ ପରିଚିତ। ସବୁଠୁ ବଡ଼କଥା ହେଉଛି, ବୈଶାଳୀ ପୁରାତନ କିସମର ଖପ୍‌ଲି ଗହମ ଚାଷକରି ରୋଜଗାରକ୍ଷମ ହେବା ସହ ଏହି ଚାଷକୁ ବ୍ୟାପକ କରି ଅନେକ କୃଷକଙ୍କୁ ସଶକ୍ତ କରିଛନ୍ତି। ଖପ୍‌ଲି ଗହମ ବିଶେଷକରି ଫାଇବର(ତନ୍ତୁ) ଓ ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର। ବୈଶାଳୀଙ୍କ ପରିବାର କଦଳୀ, ବାଦାମ, ନଡ଼ିଆ ଓ ଡାଲିଜାତୀୟ ଚାଷ କରୁଥିଲେ ମଧ୍ୟ ସେ ୨୦୧୮ରେ ୨ ଏକରରେ ଏହି ଖପ୍‌ଲି ଗହମ ଚାଷ ଆରମ୍ଭ କରି ଅଧିକ ଅମଳ କରିପାରିଥିଲେ। ଅଧିକ ଅମଳ ଓ ଏହାର ପୌଷ୍ଟିକ ଗୁଣ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କୃଷକମାନେ ଜାଣିବା ପରେ ସେମାନେ ଏହି ଚାଷ ପ୍ରତି ଆଗ୍ରହୀ ହୋଇଥିଲେ। ବୈଶାଳୀ ସେମାନଙ୍କୁ ବିହନ ଯୋଗାଇଦେବା ଯୋଗୁ ଏବେ ୧,୫୦୦ ଏକରରେ ଏହି ଗହମ ଚାଷ ହୋଇପାରିଛି। ସେ ଖପ୍‌ଲି ଗହମ ବିହନ ପାଇଁ ପ୍ରଥମ ସିଡ୍ ଡିଲର ଲାଇସେନ୍ସଧାରୀ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଡିସେମ୍ବର ୧୯୭୬**

- କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହିତେନ୍ଦ୍ର ଦେଶାଇ ଏବଂ ବୀରଭଦ୍ର ସିଂହ ସ୍ଥାନ ପାଇଥିବା ବେଳେ ପ୍ରତିରକ୍ଷା ଉପମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାଷ୍ଟ୍ରମନ୍ତ୍ରୀ ପାହ୍ୟାକୁ ଉନ୍ନିତ।
- ବୃହତ୍ତର ବମ୍ବେକୁ ଜନସାଧାରଣଙ୍କ ଯାତାୟାତ ସୁବିଧା ପାଇଁ ରାସ୍ତା ପରିବହନର ଉନ୍ନତି ନିମନ୍ତେ ଭାରତ ସରକାର ଓ ବିଶ୍ୱବ୍ୟାଙ୍କ ମଧ୍ୟରେ ଏକ ଋଣ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ସେହି ଗିରି କୋଳେ ଲାଖିଲା ମନର ଦରଜ
ସେହି ଝରଣାରେ ଲୁଚିଲା ରାଗିଣୀ-ମୁରୁଜ ।
କେତେ ବିଲବନେ ରହିଗଲା ଆଖି
ବିପୁଳ ଜୋଛନା ପରଶ ମୁଁ ଚାଖି
କେତେ ସକାଳେ ମୋ ଉଇଁଥିଲା ଶୁଭ ସୁରୁଜ
ସେହି ଘାଟି ପଥେ ଲୁଚିଲା ରାଗିଣୀ ମୁରୁଜ ।
–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀଜଗନ୍ନାଥଙ୍କ ଜମି ଅସୁରକ୍ଷିତ

ମହାଶୟ,

୨୦୨୨ ମସିହାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ ଜମିର ପରିମାଣ ଯେତିକି ଥିଲା ୨୦୨୫ରେ ସେତିକି ଅଛି। ରାଜ୍ୟର ୨୪ ଜିଲାରେ ଶ୍ରୀଜଗନ୍ନାଥଙ୍କ ନାମରେ ମୋଟ ୬୦.୪୨୬,୯୪୩ ଏକର ଜମି ଚିହ୍ନଟ ହୋଇଛି। ଏହା ଭିତରୁ ୩୮,୦୬୧,୮୯୨ ଏକର ଜମି ମହାପ୍ରଭୁ ସର୍ବମଙ୍ଗଳ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ ହୋଇଛି। ଏହା ବାଦ୍ ଅନ୍ୟ ସବୁ ରାଜ୍ୟରେ ମହାପ୍ରଭୁଙ୍କ ନାମରେ ୩୯୫.୨୫୨ ଏକର ଜମି ରହିଛି ବୋଲି ବିଧାନସଭାରେ ମନ୍ତ୍ରୀ ସ୍ପଷ୍ଟିକରଣ ଦେଇଛନ୍ତି। ଓଡ଼ିଶା ପ୍ରିଭେନସନ ଅଫ୍ ଲ୍ୟାଣ୍ଡ ଏନକ୍ରୋଚମେଣ୍ଟ ୧୯୭୨ ଅନୁଯାୟୀ ଜବରଦଖଲ ହଟାଇବାକୁ ପଦକ୍ଷେପ ନିଆଯାଇଛି। ଏହାସତ୍ତ୍ୱେ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଶ୍ରୀଜଗନ୍ନାଥଙ୍କ ନାମରେ ଚିହ୍ନଟ ଜମିକୁ ମହାପ୍ରଭୁଙ୍କ ନାମରେ ରେକର୍ଡ କରାନଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ତଥ୍ୟରୁ ଜଣାପଡ଼ିଛି ଯେ ଏହି ୩ ବର୍ଷ ଭିତରେ ପ୍ରଶାସନ ସର୍ବମଙ୍ଗଳ ଶ୍ରୀଜଗନ୍ନାଥ ନାମକୁ ଇଞ୍ଚେ ବି ଜବି ଆଣିନପାରିବା ରାଜ୍ୟରେ ଆଲୋଚନାର ବିଷୟ ହୋଇଛି।

**–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାରାୟଣ ଥିଲେ ଏକ ଅନୁଷ୍ଠାନ


ସ୍ୱର୍ଗତ ନାରାୟଣ ସାମଲ

ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ନାରାୟଣ ସାମଲଙ୍କ ଆଜି ୭ମ ଶ୍ରାଦ୍ଧବାର୍ଷିକୀ। ଏକାଗ୍ରତା ଓ ସମୟାନୁବର୍ତ୍ତିତା ମଣିଷକୁ କିପରି ସଫଳତାର ଶୀର୍ଷରେ ପହଞ୍ଚାଇଥାଏ, ସେ ଥିଲେ ତାହାର ଜ୍ୱଳନ୍ତ ଉଦାହରଣ। ସେ କନିଷ୍ଠ ଆଇନଜୀବୀଙ୍କ ପାଇଁ ମଧ୍ୟ ଥିଲେ ପ୍ରେରଣାଦାତା। ସେ ଆଇନ ବ୍ୟବସାୟ ଓ ଆଇନଜୀବୀଙ୍କୁ ଏତେ ଭଲପାଉଥିଲେ ଯେ, ଆଇନଜୀବୀ ତଥା ତତ୍କାଳୀନ ଜିଲ୍ଲା ଖାଉଟି ଅଦାଲତ ସଭାନେତ୍ରୀ ପ୍ରତିଭା କୁମାରୀ ସିଂଙ୍କୁ ବିବାହ କରିଥିଲେ। ତିନି ପୁତ୍ର ଦେବୀଦତ୍ତ, ଦେବାଶିଷ ଓ ଦେବବ୍ରତଙ୍କୁ ଆଇନ ଶିକ୍ଷାଦେଇ ଅବହେଳିତ, ନିଷ୍ପେଷିତଙ୍କୁ ନ୍ୟାୟ ଦେବାକୁ ପ୍ରେରଣା ଦେଇଥିଲେ।

ନାରାୟଣ କେବଳ ଜଣେ ଆଇନଜୀବୀରେ ସୀମିତ ନ ଥିଲେ। ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଅବଦାନ ଥିଲା ଅବିସ୍ମରଣୀୟ। ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ପ୍ରବାହ ସାହିତ୍ୟ ପରିଷଦ' ତାଙ୍କର ମାନସ ସନ୍ତାନ। ଗୌରୀ ଫିଲିଂ ଷ୍ଟେଶନ, ଗୌରୀ ଫ୍ଲାଏ ଆଶ୍ ବ୍ରିକ୍ସ, ଗୌରୀ କଟନ୍ ଭଳି ଉଦ୍ୟୋଗ ପ୍ରତିଷ୍ଠା କରି ସାଜିଥିଲେ ଅନେକଙ୍କ ନିଯୁକ୍ତିଦାତା। କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ, କାମାକ୍ଷାନଗର ମହାବିଦ୍ୟାଳୟ, ଭୁବନର ବାଜିରାଉତ ମହାବିଦ୍ୟାଳୟ, ବାଲିଗୋରଡ଼ର ମୂଷା ମଲ୍ଲିକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେଥିପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ତଥା ବହୁ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ । ତାଙ୍କ ମହାନତାକୁ ମନେରଖିବା ପାଇଁ କାମାକ୍ଷାନଗର ସିଭିଲ କୋର୍ଟ ପରିସରରେ ସ୍ଥାପିତ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସମସ୍ତଙ୍କୁ ପ୍ରେରଣା ଦେଉଛି।

୧୫ ଏପ୍ରିଲ ୧୯୪୭ରେ ନାରାୟଣ କାମାକ୍ଷାନଗର ବାଲିଗୋରଡ଼ ପଞ୍ଚାୟତ ନୂଆପାଣି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସାମ୍ୟବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ଏହି ବ୍ୟକ୍ତି କ୍ଷମତା ନୁହେଁ, ବରଂ ତ୍ୟାଗ ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତାରୁ ମାନବିକତା ଅର୍ଜନ କରାଯାଏ ବୋଲି ପ୍ରମାଣ କରିଥିଲେ। କାମାକ୍ଷାନଗର ମାଟିର ସେ ଥିଲେ ସୁଯୋଗ୍ୟ ସନ୍ତାନ। ତାଙ୍କର ମହାନ୍ ଆତ୍ମା ସ୍ୱର୍ଗରୁ ଥାଇ ଆମ୍ଭଙ୍କୁ ମାର୍ଗଦର୍ଶନ କରୁ, ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା। ତାଙ୍କର ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଅଯୁତ ଅଯୁତ ପ୍ରଣାମ।

**-ସୂର୍ଯ୍ୟନାରାୟଣ ସାହୁ**
**ଆଇନଜୀବୀ, କାମାକ୍ଷାନଗର, ଢେଙ୍କାନାଳ**

# ଆଦିବାସୀ ପୂଜକଙ୍କୁ ଭତ୍ତା, ପୂଜାସ୍ଥଳୀର ବିକାଶ ଉପରେ ହେବ ନିଷ୍ପତ୍ତି: ମୁଖ୍ୟମନ୍ତ୍ରୀ

- **ଜନଜାତି ଉପଦେଷ୍ଟା ପରିଷଦ ବୈଠକ**
- **ପେସା ନିୟମାବଳୀକୁ ଅନୁଧ୍ୟାନକରି ରିପୋର୍ଟ ଦେବ ଇଣ୍ଟର ଡିପାର୍ଟମେଣ୍ଟାଲ କମିଟି**

ଭୁବନେଶ୍ୱର, ୨୩।୧୨(ସୁନିତ୍ ମିଶ୍ର)

ଜନଜାତି ସମ୍ପ୍ରଦାୟ କେବଳ ଯୋଜନାର ହିତାଧିକାରୀ ନୁହନ୍ତି ସେମାନେ ରାଜ୍ୟ ପ୍ରଗତିରେ ସହଭାଗୀ ମଧ୍ୟ ଅଟନ୍ତି। ଆଦିବାସୀମାନଙ୍କ ଜୀବନଜୀବିକା, ଅର୍ଥନୈତିକ ବିକାଶ ସହିତ ସେମାନଙ୍କ ଧାର୍ମିକ ଭାବନା ପ୍ରତି ମଧ୍ୟ ଆମକୁ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜନଜାତି ଉପଦେଷ୍ଟା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜନଜାତି ଉପଦେଷ୍ଟା ମଣ୍ଡଳୀର ୧୮ ଜଣ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଛନ୍ତି, ଆଦିବାସୀ ଗ୍ରାମର ପୂଜକମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିବା ଓ ସେମାନଙ୍କ ପୂଜାସ୍ଥଳୀଗୁଡ଼ିକର ବିକାଶ ଓ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏ ବିଷୟରେ ଅନୁଧ୍ୟାନ ଓ ଆଲୋଚନାକରି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଆଦିବାସୀ ଅଞ୍ଚଳଗୁଡ଼ିକରେ ଇକୋ ଟୁରିଜମ୍ ତ୍ୱରାନ୍ୱିତ କରାଯିବା ଓ ଟ୍ରାଇବାଲ ହୋମ୍ ଷ୍ଟେ ବୃଦ୍ଧି କରାଯିବା ପାଇଁ ସୁପାରିସ କରାଯିବ। ଏସ୍‌ଟି ତାଲିକାରେ ରେକର୍ଡ ଅଫ୍ ରାଇଟ୍ସ ଉଭୟ ଓଡ଼ିଆ ଓ ଇଂରାଜୀରେ ଲେଖାଯିବ। ଏସ୍‌ଟି ସମ୍ପ୍ରଦାୟରେ ଅଧିକ ବର୍ଗଙ୍କୁ ଅନ୍ତର୍ଭୁକ୍ତକରିବା ପାଇଁ ଏସ୍‌ସିଏସ୍‌ଟିଆର୍‌ଟିଆଇକୁ ଠିକ୍ ଅନୁଧ୍ୟାନକରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦକୁ ସୁପାରିସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳଙ୍କ ଅଫିସରୁ ଆସିଥିବା ପ୍ରସ୍ତାବଗୁଡ଼ିକୁ ମଧ୍ୟ ଅନୁଧ୍ୟାନକରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଇଣ୍ଟର ଡିପାର୍ଟମେଣ୍ଟାଲ କମିଟି ମାଧ୍ୟମରେ ପେସା ଅଧିନିୟମର ଓଡ଼ିଶା ଭିତ୍ତିକ ନିୟମାବଳୀକୁ ଠିକ୍ ଅନୁଧ୍ୟାନକରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦ ବୈଠକକୁ ସୁପାରିସ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଏକଲବ୍ୟ ମଡେଲ ଆବାସିକ ସ୍କୁଲଗୁଡ଼ିକରେ ବିଜ୍ଞାନ ସହିତ କଳା ଓ ବାଣିଜ୍ୟ ବିଷୟ ରଖିବା ପାଇଁ ସୁପାରିସ କରାଯାଇଛି।

ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ଅନନ୍ତ ନାୟକ, ବଳଭଦ୍ର ମାଝୀଙ୍କ ସହିତ କମିଟିର ସଦସ୍ୟ ଓ ବିଧାୟକମାନେ ଉପସ୍ଥିତ ଥିଲେ। ଏହାସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ନୂଆ ଓଏସ୍‌ଡି କ୍ଷିତୀଶ

ଭୁବନେଶ୍ୱର, ୨୩।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀଙ୍କ ଓଏସ୍‌ଡି ମନୋଜ କୁମାର ବେହେରାଙ୍କୁ ଯାଜପୁରସ୍ଥିତ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ ନିଯୁକ୍ତ କରାଯାଇଛି। ସେହିପରି ଡେଲାଙ୍ଗ ବ୍ଲକ ବିଡିଓ ତଥା ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ କ୍ଷିତୀଶ ବେହେରାଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ନିଯୁକ୍ତ କରାଯାଇଛି।

# ଆହୁରି କଲବଲ କରିବ ଶୀତ

ଭୁବନେଶ୍ୱର, ୨୩।୧୨(ବନ୍ଦନା ସେଠୀ)

ରାଜ୍ୟରେ ଆହୁରି କଲବଲ କରିବ ଶୀତ। ହାଡ଼ଭଙ୍ଗା ଶୀତ ସହିତ ଆଗାମୀ ୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଘନକୁହୁଡ଼ି ନେଇ ପାଣିପାଗ ବିଭାଗ ୱାର୍ନିଂ ଜାରି କରିଛି। ଆଗାମୀ ୭ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ନାହିଁ। ଅନ୍ୟପଟେ ଘନ କୁହୁଡ଼ିରେ ସୁରକ୍ଷିତ ଭାବେ ଯାତାୟାତ ପାଇଁ ସରକାର ସତର୍କତା ଜାରି କରିଛନ୍ତି । ବୁଧବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କନ୍ଧମାଳ, ସୁବର୍ଣ୍ଣପୁର, କଳାହାଣ୍ଡି, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଜଗତ୍‌ସିଂହପୁର, କଟକ ଏବଂ ଗୁରୁବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କନ୍ଧମାଳ, ସୁବର୍ଣ୍ଣପୁର, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା ଜିଲ୍ଲାକୁ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଶୁକ୍ରବାର ଏବଂ ଶନିବାର ସୁନ୍ଦରଗଡ଼, ଜଗତସିଂହପୁର, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଏବଂ ରବିବାର ସୁନ୍ଦରଗଡ଼, ଜଗତ୍‌ସିଂହପୁର, କୋରାପୁଟ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଗତ ୨୪ ଘଣ୍ଟାରେ ରାଉରକେଲା, ଫୁଲବାଣୀ, ଝାରସୁଗୁଡାରେ ଘନ କୁହୁଡ଼ି ଦେଖିବାକୁ ମିଳିଥିବାବେଳେ ଚାନ୍ଦବାଲି, ଭବାନୀପାଟଣା, କୋରାପୁଟ, ବରଗଡ଼, ପାରାଦୀପ, କେନ୍ଦୁଝରରେ ମଧ୍ୟମରୁ ହାଲୁକା କୁହୁଡ଼ି ଦେଖାଦେଇଥିଲା। କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୬.୩ ଡିଗ୍ରୀ ରହିଥିଲା।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹18 ଲକ୍ଷ ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଭେରିଏବଲ୍ ରେଫ୍ରିଜରେଣ୍ଟ ଫ୍ଲୋ (ଭିଆରଏଫ/ଭିଆରଭି) ଟେକ୍ନୋଲୋଜି ଆଧାରିତ ଏୟାର କଣ୍ଡିସନିଂ ସିଷ୍ଟମର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଡିଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 30 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ 05, 2026 ଅପରାହ୍ଣ 04:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**


# ବିଧାୟକଙ୍କ ଦରମା ବୃଦ୍ଧିକୁ ବିରୋଧ: ମାମଲା ଖାରଜ କଲେ ହାଇକୋର୍ଟ

କଟକ, ୨୩।୧୨(କାର୍ତ୍ତିକ ସାହୁ)

ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗକୁ ବିରୋଧ କରି ଦାଏର ମାମଲାକୁ ହାଇକୋର୍ଟ ମଙ୍ଗଳବାର ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଦରମା ବୃଦ୍ଧି ଲାଗୁ ହେବା ନେଇ ବୈଧାନିକ ପ୍ରକ୍ରିୟା ଶେଷ ହୋଇ ନ ଥିବାରୁ ଆବେଦନଟିକୁ ଅପରିପକ୍ୱ ଦର୍ଶାଇଛନ୍ତି। କବିତା ପାତ୍ର ଏ ନେଇ ଆବେଦନରେ ଦର୍ଶାଇଥିଲେ ଯେ, ରାଜ୍ୟ ସରକାର ବିଧାୟକଙ୍କ ଦରମାକୁ ୩ ଲକ୍ଷ ୪୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଭଳି ଦରମା ବୃଦ୍ଧି ବେଆଇନ ଓ ଅସାମ୍ବିଧାନିକ। ଓଡ଼ିଶା ଭଳି ଗରିବ ରାଜ୍ୟରେ ବିଧାୟକମାନଙ୍କ ଦରମା ଏତେ ପରିମାଣରେ ବୃଦ୍ଧି ଗ୍ରହଣୀୟ ନୁହେଁ। ରାଜ୍ୟର ଅର୍ଥ ବ୍ୟବସ୍ଥା ଉପରେ ଏହା ଘୋର ପ୍ରଭାବ ପକାଇବ। ଏହାକୁ ଗୁରୁତ୍ୱ ନ ଦେଇ ସରକାର ଏଭଳି ପଦକ୍ଷେପ ନେବା ଅନୁଚିତ। ମଙ୍ଗଳବାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପିଟିଶନକୁ ବିରୋଧ କରି ଉକ୍ତ ମାମଲା ବିଚାରଯୋଗ୍ୟ ନୁହେଁ ବୋଲି କୁହାଯାଇଥିଲା। ରାଜ୍ୟରେ ବିଧାୟକଙ୍କ ଦରମା ବୃଦ୍ଧି ନେଇ କୌଣସି ବିଧିବଦ୍ଧ ଆଇନ ଆସିନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଓଡ଼ିଶା ବିଧାନସଭା ଓ ବାଚସ୍ପତିଙ୍କ ପକ୍ଷରୁ ଆଇନଜୀବୀ ପ୍ରସନ୍ନ ନନ୍ଦ ମାମଲା ପରିଚାଳନା କରୁଥିଲେ।

# ଯୋଜନା ସଫଳ ହେଉନାହିଁ

**ଶଙ୍ଖ ଭବନରେ ବିଜୁ ମହିଳା ଜନତା ଦଳ ବୈଠକ**

ଭୁବନେଶ୍ୱର, ୨୩।୧୨ (ସୁନିତ୍ ମିଶ୍ର)

ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଶଙ୍ଖ ଭବନଠାରେ କେତେଜଣ ମହିଳା ନେତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୬ରେ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯିବ। ବୈଠକରେ ଏନେଇ ଆଲୋଚନା ହୋଇଥିବାବେଳେ ରାଜ୍ୟବ୍ୟାପୀ ଦଳର ମହିଳା ସଙ୍ଗଠନ କିପରି ସୁଦୃଢ଼ ହେବ ସେନେଇ ଚର୍ଚ୍ଚା ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସୁଜାତା କାର୍ତ୍ତିକେୟନ୍‌ଙ୍କୁ ଦଳରେ ସାମିଲ କରିବାକୁ କିଛିଦିନ ହେବ ଯାହା ଆଲୋଚନା ଚାଲିଛି ସେନେଇ ବୈଠକରେ କୁଆଡ଼େ ଆଲୋଚନା ହେବାର ଥିଲା। ହେଲେ କିଛି କଥା ବାହାରେ ପ୍ରଘଟ ହୋଇଯିବା ଯୋଗୁ କୁଆଡ଼େ ଏହା ସମ୍ଭବ ହୋଇପାରିଲା ନାହିଁ। ଅନ୍ୟପଟେ ଝୁମୁକାଠାରେ କିଛିଦିନ ତଳେ ହୋଇଥିବା ଏକ ଭୋଜିରେ ଯେଉଁ ମହିଳା ନେତ୍ରୀମାନେ ଯୋଗଦେଇଥିଲେ ସେମାନଙ୍କୁ ଏଥିରେ କୁଆଡ଼େ ସାମିଲ କରାଯାଇନାହିଁ। କାରଣ ଝୁମୁକାଠାରେ ହୋଇଥିବା ଭୋଜିରେ ସୁଜାତାଙ୍କୁ ଦଳରେ ସାମିଲ କରାଯିବା କଥାକୁ ବିରୋଧ କରାଯାଇଥିବା କଥା ଶୁଣିବାକୁ ମିଳିଥିଲା। ସେଥିପାଇଁ ସେଠାରେ ଉପସ୍ଥିତ ଥିବା ନେତ୍ରୀଙ୍କୁ ଏଥିରେ ସାମିଲ କରାଯାଇ ନ ଥିବା ଶୁଣିବାକୁ ମିଳୁଛି। ଶଙ୍ଖ ଭବନରେ ଯୋଗଦେଇଥିବା ଜଣେ ନେତ୍ରୀଙ୍କ କହିବା କଥା, ଯେତେ ଯୋଜନା କଲେ ମଧ୍ୟ ତାହା ସଫଳ ହେଉନାହିଁ। ବୈଠକ ସରିବା ପରେ ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାର ଥିଲା। ହେଲେ ସବୁ କିଛି ଭଣ୍ଡୁର ହେବାପରେ ନବୀନ ନିବାସରୁ ଭେଟିବା ଲାଗି ମନା କରାଗଲା।

# ରିପୋର୍ଟ ଦାଖଲ ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ

**ଟ୍ରେନ ଶୌଚାଳୟ ନିକଟରେ ଯୁବ କୁସ୍ତିବିତ୍‌ଙ୍କ ଯାତ୍ରା ପ୍ରସଙ୍ଗ**

ଭୁବନେଶ୍ୱର, ୨୩।୧୨ (ସୁଚିସ୍ମିତା ସାହୁ)

ଟ୍ରେନ ଶୌଚାଳୟ ନିକଟରେ ଯାତ୍ରା କରୁଥିବା ଓଡ଼ିଶାର ଯୁବ କୁସ୍ତିବିତ୍‌ଙ୍କ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଛି। ଏହି ଘଟଣା ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ମଙ୍ଗଳବାର ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ସୂଚନା ଅନୁସାରେ, ଉତ୍ତର ପ୍ରଦେଶର ବାଲିଆରେ ୬୯ତମ ଜାତୀୟ ସ୍କୁଲ ଗେମ୍ସ କୁସ୍ତି (ଫ୍ରି ଷ୍ଟାଇଲ)ର ୧୭ ବର୍ଷରୁ କମ୍ ବୟସର ବାଳିକା ଓ ବାଳକ ଚାମ୍ପିୟନଶିପ୍ ୨୦୨୫-୨୬ରେ ଅଂଶଗ୍ରହଣ ପାଇଁ ୧୮ଜଣ ଯୁବ କୁସ୍ତିବିତ୍ ଏବଂ ୪ଜଣ ଶିକ୍ଷକଙ୍କୁ ପଠାଯାଇଥିଲା। ସେମାନେ ଯାତାୟାତ କରିବା ପାଇଁ ଗତ ନଭେମ୍ବର ୨୦ରେ ତୃତୀୟ ଶ୍ରେଣୀ ଏସି କୋଚ୍‌ରେ ଟିକେଟ ବୁକିଂ କରାଯାଇଥିଲେ ସୁଦ୍ଧା ଟିକେଟ କନଫର୍ମ ହୋଇପାରି ନ ଥିଲା। ତେବେ ଯୁବ ଖେଳାଳିମାନେ ଯେପରି ଜାତୀୟସ୍ତରର ପ୍ରତିଯୋଗିତାରୁ ବଞ୍ଚିତ ନ ହେବେ, ସେଥିପାଇଁ ସେମାନଙ୍କୁ ବିଭାଗ ପକ୍ଷରୁ ବାଲିଆକୁ ପଠାଯାଇଥିଲା। ହେଲେ ବାଲିଆରୁ ଫେରିଲାବେଳେ ସମସ୍ତ ପ୍ରୟାସ ସତ୍ତ୍ୱେ ଟିକେଟ କନଫର୍ମ ହୋଇ ନ ଥିଲା। ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ନନ୍ଦନକାନନ ଏକ୍ସପ୍ରେସ୍‌ରେ ଯାତ୍ରା କରିବା ସହ ଟିଟିଇଙ୍କୁ ଉପଲବ୍ଧ ବର୍ଥ ପାଇଁ ଅନୁରୋଧ କରିଥିଲେ। ପରେ କୋଲକାତା ନିକଟ ହିଜ୍ଲି ଅଞ୍ଚଳଠାରେ ଟିଟିଇଙ୍କ ମାଧ୍ୟମରେ ୧୦ଟି ବର୍ଥ ମିଳିଥିଲା। ବିଭାଗ ଅନୁସାରେ, ଚଳିତବର୍ଷ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ୩୮୫ ଜଣ ଖେଳାଳି ରାଜ୍ୟ ବାହାରେ ୧୯ଟି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଭବିଷ୍ୟତରେ ଯେପରି ଉପରୋକ୍ତ ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ରେଳୱେ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ବୈଠକ ଆୟୋଜନ କରିବାକୁ ବିଭାଗ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।


**ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି**

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାରେ ଅବସ୍ଥିତ ପ୍ଲଟ୍ ନଂ.- ୨୧୬୧/୭୪୬୦ ଏବଂ ୧୫ଟି ଅନ୍ୟାନ୍ୟ ପ୍ଲଟ୍ ଏବଂ ଖାତା ନଂ.- ୬୦୩/୫୪୮୫ ଓ ୧୩ଟି ଅନ୍ୟାନ୍ୟ ଖାତା ଉପରେ ନିର୍ମିତ ହେଉଥିବା "ଇଭୋସ୍ ଅମାନୀ" ନାମ ଓ ଶୈଳୀର ଆବାସିକ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୪ବି୦୩୮ଓଆର୍୧୬୧୯୨୧ (EC24B038OR161921), ତା୦୯।୦୨।୨୦୨୪ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

**ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍**
**କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)**
**ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା**

**OFFICE OF THE CDM & PHO-CUM-DMD, KHORDHA**
DISTRICT PROGRAMME MANAGEMENT UNIT
**NATIONAL HEALTH MISSION**
**Advt. No.20336** **dated 22/12/25**

**CORRIGENDUM NOTICE**

**No.E-622** : In pursuance to the Advertisement No. 19151 dt- 02-12-2025 published in the daily Odia Newspaper "Samaj" and "Dharitri" on dt 03-12-2025 for **"Supply of Food Catering Services under NHM, Khordha"** that the last date of Submission of Tender are hereby extended up to 30-12-2025 by 12.30 PM. The tender will be opened on 30-12-2025 3.30 PM in the Office of the undersigned. The term and Conditions are remain unchanged and same vide above mentioned advertisement.

Sd./- CDM & PHO-cum-DMD, Khordha
OIPR-10029/11/0018/2526

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**


गुमशुदा मो0 इरसाद हुसैन उम्र–करीब 26 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक अफजल मलिक के द्वारा अपने भाई अफजल मलिक उम्र–करीब 26 वर्ष की गुमशुदगी के संबंध में साकची थाना में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा मो0 इरसाद हुसैन उम्र–करीब 26 वर्ष, पिता–मो0 अहतेशाम मलिक, पता–ओल्ड पुरुलिया रोड मानगो, थाना–मानगो, जिला–पूर्वी सिंहभूम, जमशेदपुर जो दिनांक12.10.25 को अपने लॉज, आमबगान मस्जिद से अनयंत्र कहीं और जाने के लिए निकला था और आजतक वापस नहीं लौटा है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा महिला का हुलिया निम्न प्रकार है :–रंग–गोरा, कद–05 फीट 10 इंच, बाल–काला, दाढ़ी बड़ा हुआ एवं मानसिक रुप से कमजोर।

अतः अनुरोध है कि गुमशुदा मो0 इरसाद हुसैन उम्र–करीब 26 वर्ष को खोजबीन/पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, नगर | : 9431706483 |
| थाना प्रभारी, साकची | : 9431706591 |

वरीय पुलिस अधीक्षक, पूर्वी सिंहभूम, जमशेदपुर
PR 369250 Police (25-26)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**OFFICE OF THE EXECUTIVE ENGINEER. MINOR IRRIGATION DIVISION, JAMTARA**

**e-Procurement Tender Notice**
**Two Envelope System**

**Tender Reference No:- WRD/MID/JAMTARA/B.D./S.L.I.-01/2025-26**
**Letter No:-_______/M.I.D.JAMTARA Date:-_______________/**

| | | |
|---|---|---|
| 1 | Name of Work: | Construction of Chief Minister Solar Based Lift Irrigation Scheme at Rajaya under Block - Jamtara, District- Jamtara |
| 2 | Estimated Cost (in Rs.) | Rs. 1,18,75,985.74 |
| 3 | Cost of tender document (in Rs) | Rs. 10,000.00 only (non-refundable). |
| 4 | Earnest Money Deposit (in Rs.) | Rs. 1,19,000.00 |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 30.12.2025 Time: 11:00 AM |
| 8 | Last Date/Time for downloading of bidding documents and Submission of Tender on Website | Date: 15.01.2026 Time: 05:00 PM |
| 9 | Submission of Tender Fee and EMD | Start Date:- 30.12.2025 Time: 11:00 AM Last Date:- 15.01.2026 Time: 05:00 PM |
| 10 | Technical Bid Opening Date | Date: 17.01.2026 Time: 05:00 PM |
| 11 | Officer Inviting Bids | Executive Engineer, Minor Irrigation Division, Jamtara |
| 12 | Contact No. of Procurement Officer email of Procurement Officer | Mob- 8405978740 Email Id-eemijamtara95@gmail.com |
| 13 | Help line No. of Procurement Cell | Mob - 6204257133 |

- Note:- Estimated cost may increase or decrease.
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website http://jharkhandtenders.gov.in

Executive Engineer, Minor Irrigation Division, Jamtara
PR 369209 Minor Irrigation(25-26)#D

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**


गुमशुदा महिला भानुमति भकत, उम्र–करीब 46 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक हराधन भकत के द्वारा अपनी माँ **भानुमति भकत, उम्र–करीब 46 वर्ष** की गुमशुदगी के संबंध में जादुगोड़ा थाना में लिखित आवेदन दिया गया है। आवेदन में इनके द्वारा बताया गया है कि **गुमशुदा भानुमति भकत, उम्र–करीब 46 वर्ष, पति–स्व0 भुपेन भकत, पता–ग्राम–भुटकाड (कालापाथर), थाना–जादुगोड़ा, जिला–पूर्वी सिंहभूम, जमशेदपुर** जो दिनांक–06.11.2025 को अपने घर से बिना बताये निकली है अभी तक वापस नहीं लौटी है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है :–उम्र–46 वर्ष, रंग–सॉवला, कद–05 फीट 01 इंच, भाषा–हिन्दी एवं बंगला।**

अतः अनुरोध है कि **गुमशुदा महिला भानुमति भकत, उम्र–करीब 46 वर्ष** को **खोजबीन/ पता** कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक ग्रामीण, पूर्वी सिंहभूम, जमशेदपुर | : 9470199228 |
| पुलिस उपाधीक्षक, मुसाबनी | : 9431706492 |
| थाना प्रभारी, जादुगोड़ा | : 9431706523 |

वरीय पुलिस अधीक्षक, पूर्वी सिंहभूम, जमशेदपुर
PR 369252 Police(25-26)#D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Admission Open! Admission Open!!**
From Play Group to Class-8
**St.Xaviers Public School**
Mundeilo, Parjang, Dkl.
Urgent requirement for CBSE Pattern
**Principal-01.**
Med BEd (2-5 yr. Experience)
**Teacher-04.** (Bsc Bed./Msc/Bsc)
**Contact : 8260211012/7477211012**

**LEPRA SOCIETY** *requires*
Male ORW for Target Intervention (IDU) project, Bhubaneswar.
Qualification & Experience:- 8th standard or above having 2yrs of experience in social sector.
**Salary :- Rs.10, 500/-(PM)**
Apply to hrd@leprahealthinaction.in by 31st December 2025. For apply detail visit www.leprasociety.in (Careers column)

**ଶେଫ୍/ହେଲ୍ପର ଆବଶ୍ୟକ**
ଇଣ୍ଡିଆନ୍। ଚାଇନିଜ୍। ତନ୍ଦୁର। କଣ୍ଟିନେଣ୍ଟାଲ୍
ଦରମା : 12,000 ରୁ 15,000 + ଇନ୍‌ସେଣ୍ଟିଭ୍
**ରାନ୍ଧୁଣୀ/ହେଲ୍ପର ଆବଶ୍ୟକ**
ରୋଟି। ପରଠା। ରୋଲ୍ସ। ରାଉଣ୍ଡ ମିଲ୍
ଦରମା : 7,000 ରୁ 10,000 + ଇନ୍‌ସେଣ୍ଟିଭ୍
**ସ୍ଥାନ : ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ଯୋଗାଯୋଗ : 8144327308/9861244466**

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/–
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
**At - Phulanakhara, Cuttack**
**Mob : 7809525452**

**अखिल भारतीय आयुर्विज्ञान संस्थान (एम्स), भुवनेश्वर**
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

**File No.: RECT-11012/3/2025-RECU SEC/20638** **Date: 22.12.2025**

**NOTIFICATION**

**RECRUITMENT OF ASSISTANT PROFESSOR (GROUP 'A') POSTS FOR VARIOUS DEPARTMENTS OF AIIMS BHUBANESWAR ON DIRECT RECRUITMENT BASIS-2025.**

**All India Institute of Medical Sciences (AIIMS), Bhubaneswar,** an Autonomous Institute of National Importance, is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim to address regional disparities in quality tertiary healthcare across the country while promoting self-sufficiency in undergraduate, postgraduate, and higher medical education, research and training.

Online applications are invited from eligible Indian citizens and other candidates as permitted under applicable laws for the post of **Assistant Professor** in various departments of the **AIIMS Satellite Centre, Balasore,** on a **Direct Recruitment Basis.** The link for submission of online applications, along with detailed information regarding the advertised posts, shall be activated from the date of publication of this advertisement in the **Employment News/Rozgar Samachar.** All relevant details, including the cut-off dates and other important instructions pertaining to this recruitment, will be provided exclusively on the official website of AIIMS Bhubaneswar.

| Name of the Department | Assistant Professor | | | | |
|---|---|---|---|---|---|
| | UR | OBC | SC | ST | EWS |
| Anaesthesiology | -- | -- | -- | -- | 01 |
| Biochemistry | 01 | -- | -- | -- | -- |
| Cardiology | -- | 01 | -- | -- | -- |
| Dentistry | -- | -- | 01 | -- | -- |
| Dermatology | 01 | -- | -- | -- | -- |
| ENT | 01 | -- | -- | -- | -- |
| General medicine | -- | 01 | -- | -- | -- |
| General surgery | 01 | -- | -- | -- | -- |
| Hospital Administration | -- | -- | 01 | -- | -- |
| Microbiology | -- | 01 | -- | -- | -- |
| Neurology | 01 | -- | -- | -- | -- |
| Neuro surgery | 01 | -- | -- | -- | -- |
| Obstetrics and Gynaecology | 01 | -- | -- | -- | -- |
| Ophthalmology | -- | 01 | -- | -- | -- |
| Orthopedics | 01 | -- | -- | -- | -- |
| Paediatrics | -- | -- | 01 | -- | -- |
| Pathology | -- | -- | -- | 01 | -- |
| Radio diagnosis | -- | 01 | -- | -- | -- |
| **Grand Total** | **08** | **05** | **03** | **01** | **01** |

**Abbreviation used:**
**EWS**- Economically Weaker Section, **OBC**-Other Backward Classes, **SC**- Schedule Caste, **ST**-Schedule Tribe, **UR**- Unreserved

For comprehensive details regarding educational qualifications, age requirements, and eligibility criteria, please refer to **Advertisement No. RECT-11012/3/2025-RECU SEC (I/20637/2025) Dated 22.12.2025,** available on the Institute's official website at **https://aiimsbhubaneswar.nic.in/recruitment-notice/**

Sd/-
**(Prof. (Dr.) Ashutosh Biswas)**
**Executive Director**
**AIIMS, Bhubaneswar**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ଯୁଦ୍ଧ ଓ ସଂଘର୍ଷ

ଆଧୁନିକ ବିଶ୍ୱ ଇତିହାସରେ ୨୦୨୫ ଥିଲା ସବୁଠୁ ସଂଘର୍ଷମୟ ବର୍ଷ। ବିଶ୍ୱର ବିଭିନ୍ନ ଭାଗରେ ଯୁଦ୍ଧ, ସଂଘର୍ଷ, ଗୃହଯୁଦ୍ଧ, ଭୂରାଜନୈତିକ ଉତ୍ତେଜନା, ସୀମା ବିବାଦ, ଆତଙ୍କବାଦୀ ଆକ୍ରମଣ ଆଦି ଦେଖିବାକୁ ମିଳିଥିଲା। ଆଲୋଚ୍ୟ ବର୍ଷରେ ପୂର୍ବ ୟୁରୋପଠାରୁ ନେଇ ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଏସିଆ ପର୍ଯ୍ୟନ୍ତ ସଂଘର୍ଷ ଲାଗି ରହିଥିବାରୁ ମାନବୀୟ ସଙ୍କଟ ଉତ୍ପନ୍ନ ହୋଇଥିଲା। ଦୀର୍ଘ ସମୟ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ଇସ୍ରାଏଲ୍-ପାଲେଷ୍ଟାଇନ୍ ସଙ୍କଟ ଯୋଗୁ ବହୁ ଧନଜୀବନ ହାନି ହୋଇଥିବାବେଳେ ସୁଦାନ, ମ୍ୟାନ୍‌ମାର, ସିରିଆ ଓ [illegible]



## ପହଲଗାମ୍ ଆକ୍ରମଣର ପ୍ରତିଶୋଧ

# ଅପରେଶନ ସିନ୍ଦୂର





[illegible]

## ଇସ୍ରାଏଲ୍-ହମାସ୍ ଯୁଦ୍ଧର ପରିସର ବୃଦ୍ଧି



[illegible]

## ବାଂଲାଦେଶରେ ଭାରତ ବିରୋଧୀ ହିଂସା



[illegible]

## ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଅମୀମାଂସିତ

[illegible]





## ଜାଫର ଏକ୍ସପ୍ରେସ୍ ହାଇଜାକ୍ କଲେ ବଲୁଚ୍ ବିଦ୍ରୋହୀ



[illegible]

## ଆମେରିକାର ମିଶନ୍ ମିଡ୍‌ନାଇଟ୍ ହାମର



[illegible]

## ଟ୍ରମ୍ପଙ୍କ ଯୁଦ୍ଧ ବିରତି ଉଦ୍ୟମ

[illegible]



### ଯୁଦ୍ଧରେ ବିଜୟ ଘୋଷଣା କଲେ ଖାମେନେଇ

## ୧୨ ଦିନିଆ ଯୁଦ୍ଧ

### ଇସ୍ରାଏଲ-ଇରାନ୍ ଘମାଘୋଟ ଲଢ଼େଇ

[illegible]





## ପାକ୍-ଆଫଗାନ ସୀମା ସଂଘର୍ଷ

[illegible]



# ବନ୍ଦ ହେଲା ଊନବିଂଶତମ ଯୋଗିନୀ ମହୋତ୍ସବ

## ବିରୋଧ କରି ମଞ୍ଚରେ ଧାରଣାରେ ବସିଲେ ଅଞ୍ଚଳବାସୀ

ବାଲକାଟୀ,୨୩।୧୨(ମନୋଜ ମଣ୍ଡଳ)



ବିରୋଧ ଯୋଗୁ ବନ୍ଦ ହୋଇଗଲା ଊନବିଂଶତମ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ। ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ହୀରାପୁର ଗ୍ରାମର ଅଧିଷ୍ଠାତ୍ରୀ ପ୍ରସିଦ୍ଧ ତନ୍ତ୍ର ପୀଠରେ ମଙ୍ଗଳବାରଠାରୁ ୩ଦିନିଆ ଅନ୍ତର୍ଜାତୀୟ ଊନବିଂଶତମ ଚଉଷଠି ଯୋଗିନୀ ମହୋତ୍ସବ ଆୟୋଜିତ ହୋଇଥାନ୍ତା। ଏନେଇ ଆୟୋଜକ ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରି ସାରିଥିଲା। ଯୋଗିନୀ ପୀଠରେ ମଞ୍ଚ ପ୍ରସ୍ତୁତି ସହିତ ଦର୍ଶକଙ୍କ ବସିବା ଲାଗି ଟେଣ୍ଟ ବନ୍ଧା ସହ ଚେୟାର ମଧ୍ୟ ପଡ଼ି ସାରିଥିଲା। ସନ୍ଧ୍ୟାରେ ମହୋତ୍ସବ ଉଦ୍‌ଘାଟନ ହେବାକୁ ଥିବାବେଳେ ସକାଳ ୮ଟାରୁ ମଞ୍ଚ ଉପରେ ଧାରଣା ଦିଆଯାଇଥିଲା। ଆୟୋଜକ ନୃତ୍ୟ ପ୍ରତିଷ୍ଠା ଅନୁଷ୍ଠାନ ମନ୍ଦିର ଟ୍ରଷ୍ଟ ଓ ଗ୍ରାମବାସୀଙ୍କୁ ଅଣଦେଖା କରି ମହୋତ୍ସବ ଆୟୋଜନ କରୁଥିବା ଅଭିଯୋଗ ଆଣି ଅଞ୍ଚଳବାସୀଙ୍କ ପକ୍ଷରୁ ଏଭଳି ଧାରଣା ଦିଆଯାଇଥିଲା। ଖବରପାଇ ବାଲିଅନ୍ତା ଥାନା ଅଧିକାରୀ ସୁନୀଲ କୁମାର ପରିଡ଼ା ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଧାରଣାରେ ବସିଥିବା ଲୋକମାନେ ନ ଉଠି ରାତି ପ୍ରାୟ ସାଢ଼େ ୮ଟା ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳାରେ ବସି ରହିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସନ୍ଧ୍ୟାରେ ମହୋତ୍ସବ ଆରମ୍ଭ ହେବାକୁ ଥିବାରୁ ଆୟୋଜକ ସଂସ୍ଥା ମହୋତ୍ସବ ସ୍ଥଳକୁ କଳାକାରମାନଙ୍କୁ ଧରି ପହଞ୍ଚି ଥିଲେ। ହେଲେ ମଞ୍ଚଉପରେ ଧାରଣା ଦିଆଯାଇଥିବା ଦେଖି ନିରାଶ ହେଇ ଫେରିଥିଲେ। ଦର୍ଶକଙ୍କ ପାଇଁ ପଡ଼ିଥିବା ଚୌକି, ଅଟୋରେ ବୋହି ନିଆ ଯାଉଥିଲା ବେଳେ ମଞ୍ଚ ଉପରେ ଅନ୍ଧାର ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ କଳା ପରିବେଷଣ ପାଇଁ ଆସିଥିବା କଳାକାରମାନେ ମଞ୍ଚ ତଳେ ନିରାଶ ହୋଇଥିବାବେଳେ ଦର୍ଶକ ମଧ୍ୟ ଫେରୁଥିବା ଦେଖିବାକୁ ମିଳିଥିଲା।

ସୂଚନା ଯୋଗ୍ୟ, ଭୁବନେଶ୍ୱର ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଏହି ପୀଠରେ ପ୍ରଥମେ ଯୋଗିନୀ ମହୋତ୍ସବର ଆୟୋଜନ ହେଇଥିଲା। ଅନୁଷ୍ଠାନ, ହୀରାପୁର ଗ୍ରାମବାସୀ, ମନ୍ଦିର ଟ୍ରଷ୍ଟ ଓ ବାଲିଅନ୍ତା ପଞ୍ଚାୟତ ସମିତି ସହଯୋଗରେ ପ୍ରତିବର୍ଷ ଡିସେମ୍ବର ୨୩, ୨୪ ଓ ୨୫ତାରିଖ ତିନି ଦିନ ଧରି ମହୋତ୍ସବ ପାଳନ ହୁଏ। ମାତ୍ର ୨୦୨୪ରେ ନୃତ୍ୟ ପ୍ରତିଭା ଅନୁଷ୍ଠାନକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ନିଜସ୍ୱ ଆୟୋଜନରେ ଏଠାରେ ମହୋତ୍ସବ ପାଳନ କରିଥିଲେ। ଅପରପକ୍ଷରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରର ଏକ ସାଂସ୍କୃତିକ ମଣ୍ଡପରେ ଗତ ବର୍ଷ ଚଉଷଠି ଯୋଗିନୀ ମହୋତ୍ସବ କରାଯାଇଥିଲା। ଚଳିତବର୍ଷ ଯୋଗିନୀ ପୀଠରେ ଊନବିଂଶତମ ମହୋତ୍ସବ ଆୟୋଜନ ପାଇଁ ନୃତ୍ୟ ପ୍ରତିଭା ଅନୁଷ୍ଠାନର ସମ୍ପାଦିକା ପ୍ରତିଭା ପଣ୍ଡା ଗତ ସପ୍ତାହରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ହେଲେ ଉକ୍ତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଗ୍ରାମବାସୀ କିମ୍ବା ମନ୍ଦିର ଟ୍ରଷ୍ଟର କାହାରିକୁ ଦେଖିବାକୁ ମିଳି ନ ଥିଲା। ଖବରଦାତା ସମ୍ମିଳନୀରେ ପୂର୍ବତନ ଜୟଦେବ ବିଧାୟକ ଅରବିନ୍ଦ ଢାଲିଙ୍କୁ ମହୋତ୍ସବ କମିଟିର ସଭାପତିଭାବେ ଘୋଷଣା କରାଯିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ତେବେ ଯେଉଁ ଢାଲି ୨୦୨୨ରେ ଯୋଗିନୀ ପୀଠରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ଦ୍ୱାରା କରାଯାଉଥିବା ମହୋତ୍ସବକୁ ବିରୋଧ କରି ଆୟୋଜକଙ୍କ ବିରୋଧରେ ଖୋର୍ଦ୍ଧା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ, ଏବେ ତାଙ୍କୁ ମହୋତ୍ସବର ଅଧ୍ୟକ୍ଷ କରାଯିବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଲିଟିଲ୍ ଷ୍ଟାର ଗ୍ରୁପ୍‌ର ଶିକ୍ଷା ବିକାଶ ଯାତ୍ରା



ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ଶିକ୍ଷା ବିକାଶ ଯାତ୍ରା କାର୍ଯ୍ୟକ୍ରମ ଅବସରରେ ଧରିତ୍ରୀ କାର୍ଯ୍ୟାଳୟକୁ ବୁଲିବାକୁ ଆସିଥିବା କୁନି ପିଲାଙ୍କ ସହ ବାବୁ ମହଲର ସଦସ୍ୟ।

ଭୁବନେଶ୍ୱର,୨୩।୧୨(ସୌମ୍ୟରଞ୍ଜନ ରାଉତ)

- ଧରିତ୍ରୀ କାର୍ଯ୍ୟାଳୟ ବୁଲିଲେ ଶିଶୁ ପ୍ରତିନିଧି ଦଳ
- ପିଲାଙ୍କୁ ଆମୋଦିତ କଲେ ବାବୁ ମହଲର କଳାକାର

ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ମଙ୍ଗଳବାର ୨୪ତମ ଶିକ୍ଷା ବିକାଶ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ୍ ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ଏକ ୩୦ ଜଣିଆ ଶିଶୁ ପ୍ରତିନିଧି ଦଳ ଆସି ଧରିତ୍ରୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଅବସରରେ ଧରିତ୍ରୀ ୟୁଟ୍ୟୁବ୍ ଚ୍ୟାନେଲ ଦ୍ୱାରା ପରିବେଷିତ କାର୍ଟୁନ୍ କାର୍ଯ୍ୟକ୍ରମ 'ବାବୁ ମହଲ' କଳାକାରମାନଙ୍କ ସହ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ବାବୁ ମହଲ' କାର୍ଯ୍ୟକ୍ରମର ମାଝି ବାବୁ, ସନିଆ, ଶାନ୍ତିଅପା, ଜଗାନନା ଆଦି ଚରିତ୍ର ପଛରେ ସ୍ୱର ଦେଇ ଅଗଣିତ ପିଲାଙ୍କ ପ୍ରିୟ ପାଲଟି ଥିବା ସ୍ମିତିରଞ୍ଜନ ମହାନ୍ତି, ମନୋରଞ୍ଜନ ମିଶ୍ର, ଧୀରେନ ଗଣ୍ଡିଆ, ଭବାନୀ ଭୂୟାଁ, ଶିବ ନାରାୟଣ ମହାପାତ୍ର, ଶୁଭେନ୍ଦୁ ଶେଖର ଦେହୁରୀ, ସିଟିନ୍ ଦେବ ଆଦିଙ୍କ ମଜାଳିଆ କଥା ପିଲାମାନଙ୍କୁ ବେଶ୍ ଆମୋଦିତ କରିଥିଲା। କାର୍ଟୁନ୍ ଚିତ୍ରକୁ ଆନିମେଶନ ମାଧ୍ୟମରେ କିପରି ଜୀବନ୍ତ କରାଯାଇ ଏଥିରେ ସ୍ୱର ସଂଯୋଜନା କରାଯାଉଛି ପିଲାମାନେ ଦେଖିବା ସହ ଧରିତ୍ରୀ କାର୍ଯ୍ୟାଳୟ ଓ ଖବରକାଗଜ ଛପାକାରଖାନା ବୁଲି ଦେଖିଥିଲେ। ଏହାପରେ ପିଲାମାନେ ନନ୍ଦନକାନନ, ପଠାଣିସାମନ୍ତ ପ୍ଲାନେଟୋରିଅମ୍ ଆଦି ବୁଲି ଦେଖିଥିଲେ। ଗ୍ରୁପ୍ ପକ୍ଷରୁ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ଜ୍ଞାନରଞ୍ଜନ ମହାପାତ୍ର, ଊର୍ମିଳା ମହାରଣା, ଅମିୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳାତାଲିକାଭୁକ୍ତ ହେଲା ସିଲିକନ ଟେକ୍‌ଲାବ

କଟକ,୨୩।୧୨(କାର୍ତ୍ତିକ ସାହୁ)

## ଏଏସ୍‌ଓ ପରୀକ୍ଷା ବିଭ୍ରାଟରେ ହାଇକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ

ହାଇକୋର୍ଟ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ୨୦୨୪ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସିଲିକନ ଟେକ୍‌ଲାବ ପ୍ରାଇଭେଟ ଲିମିଟେଡ୍ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରୀକ୍ଷା ଗୋପନୀୟତା ଭଙ୍ଗ ଅଭିଯୋଗରେ ଉକ୍ତ ସଂସ୍ଥାକୁ ୫ ବର୍ଷ ପାଇଁ କଳାତାଲିକାଭୁକ୍ତ (ବ୍ଲାକଲିଷ୍ଟ) କରାଯାଇଥିବା ମଙ୍ଗଳବାର ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

ସୂଚନାନୁସାରେ, ୨୦୨୪ରେ ହାଇକୋର୍ଟର ଏଏସ୍‌ଓ ପଦବୀ ନିମନ୍ତେ ୨୦୨୫ ମେ' ୨୨ରେ ଚୁକ୍ତି ଅନୁଯାୟୀ ଉପରୋକ୍ତ ସଂସ୍ଥାକୁ ମୁଖ୍ୟ ଲିଖିତ ପରୀକ୍ଷା ଏବଂ କମ୍ପ୍ୟୁଟର ଆପ୍ଲିକେଶନ ଟେଷ୍ଟ ପରିଚାଳନାର ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥା ୨୦୨୫ ଜୁଲାଇ ୧୩ରେ ମୁଖ୍ୟ ଲିଖିତ ପରୀକ୍ଷା କରିଥିଲା। ପରେ ମୂଲ୍ୟାୟନ ହୋଇଥିବା ଉତ୍ତରପତ୍ରଗୁଡ଼ିକ ଯାଞ୍ଚ କରାଯିବା ପରେ ପରୀକ୍ଷା ନ୍ୟାୟସଙ୍ଗତ ଭାବେ ହୋଇ ନ ଥିବା ଏବଂ ଗୋପନୀୟତା ଭଙ୍ଗ ହୋଇଥିବା ପ୍ରମାଣ ମିଳିଥିଲା। ହାଇକୋର୍ଟଙ୍କ ପକ୍ଷରୁ ସଂସ୍ଥାକୁ ଏନେଇ କୈଫିୟତ ତଲବ କରାଯାଇଥିଲା। ମାତ୍ର ସଂସ୍ଥା ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲା। ତେଣୁ ହାଇକୋର୍ଟ ୨୦୨୫ ମେ ୨୨ର ଚୁକ୍ତିନାମା ବାତିଲ କରିବା ସହ ସଂସ୍ଥାକୁ ୫ ବର୍ଷ ପାଇଁ କଳାତାଲିକାଭୁକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏଏସ୍‌ଓ, ୨୦୨୪ ପରୀକ୍ଷା ପରିଚାଳନାରେ ଅନିୟମିତତା ଜଣାପଡ଼ିବା ପରେ ନଭେମ୍ବର ୧୨ରେ ହାଇକୋର୍ଟ ଜୁଲାଇ ୧୩ରେ ଅନୁଷ୍ଠିତ ହୋଇଥିବା ମୁଖ୍ୟ ପରୀକ୍ଷାକୁ ବାତିଲ କରିଦେଇଥିଲେ। ପୁନଶ୍ଚ ଡିସେମ୍ବର ୭ରେ ସାନି ପରୀକ୍ଷା କରାଯାଇଥିଲା।

# ୧୩୧ ଡିଏସ୍‌ପି ସ୍ତରରେ ବଡ଼ ଧରଣର ଅଦଳବଦଳ

ଭୁବନେଶ୍ୱର,୨୩।୧୨(ତ୍ରିନାଥ ମହାନ୍ତି)

ପଦୋନ୍ନତି ପରେ ଥାନା ଦାୟିତ୍ୱରେ ଥିବା ୧୩୧ ଡିଏସ୍‌ପି ସ୍ତରର ଅଧିକାରୀଙ୍କ ମଧ୍ୟରେ ମଙ୍ଗଳବାର ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ଏଥିସହ ଟୁଇନ୍ ସିଟିରେ ଥିବା ୧୦ ଜଣ ଡିଏସ୍‌ପି ଅନ୍ୟ ପୋଲିସ ଜିଲାକୁ ବଦଳି କରାଯାଇଥିବା ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୪ତାରିଖରେ ସର୍ବମୋଟ ୧୬୮ ଇନ୍ସପେକ୍ଟରଙ୍କୁ ପଦୋନ୍ନତି ମିଳିଥିଲା। ସେଥିମଧ୍ୟରୁ ଜୁନ୍ ମାସରେ ୭୯ ଜଣଙ୍କୁ ତୁରନ୍ତ ପୋଷ୍ଟିଂ ଦିଆଯାଇଥିଲା। ସବୁଠାରୁ ବଡ଼କଥା ସେମାନଙ୍କ ମଧ୍ୟରେ ଅଭିଜ୍ଞତା ଥିବା ଅଫିସର ଥିଲେ ମାତ୍ର ୯ଜଣ। ୭୦ ଜଣ କେବଳ ନୂଆ ପୋଷ୍ଟିଂ ପାଇଥିଲେ, ଯାହାକୁ ନେଇ କେତେଜଣ ପୋଲିସ ଅଫିସରଙ୍କ ମନରେ କ୍ଷୋଭ ପ୍ରକାଶ ପାଇଥିଲା। ଏପରି କି ସେମାନଙ୍କ ମଧ୍ୟରୁ ୬୦ ଜଣ ରିଲିଭ୍ ଅର୍ଡର ପାଇଥିଲେ ବି ନୂଆ ସ୍ଥାନରେ ଯୋଗ ଦେବାକୁ ଅମଙ୍ଗ ହେଉଥିଲେ। ପଦବୀ ଡିଏସ୍‌ପି ଥିଲେ ସୁଦ୍ଧା ମାତ୍ର ଆଇଆଇସିଙ୍କ ଦାୟିତ୍ୱ ତୁଲାଉଥିଲେ। ବାକି ୯୮ ଜଣଙ୍କୁ ଦୀର୍ଘ ୭ମାସ ବିତିଯାଇଥିଲେ ବି ପୋଷ୍ଟିଂ ଦିଆଯାଇ ନ ଥିଲା। ମଙ୍ଗଳବାର ସେମାନଙ୍କୁ ପୋଷ୍ଟିଂ ଅର୍ଡର ମିଳିଛି।

# ରେଳ ଟ୍ରାକ୍‌ରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଏଆଇ କ୍ୟାମେରା

ଭୁବନେଶ୍ୱର,୨୩।୧୨(ଅନୁରାଧା ମହାରଣା)

ରେଳ ଧାରଣା ଉପରକୁ ଚାଲିଆସୁଥିବା ହାତୀଙ୍କ ଉପସ୍ଥିତି ବିଷୟରେ ଆଗୁଆ ଜାଣିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ ଡିଷ୍ଟ୍ରିବ୍ୟୁଟେଡ୍ ଆକୋଷ୍ଟିକ ସିଷ୍ଟମ (ଡିଏଏସ୍) ବ୍ୟବହାର କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସକ୍ଷମ ଅନୁପ୍ରବେଶ ଚିହ୍ନଟ ପ୍ରଣାଳୀ (ଆଇଡିଏସ୍) ବ୍ୟବସ୍ଥା ଗ୍ରହଣ କରାଯାଇଛି। ହାତୀଙ୍କ ସହ ଟ୍ରେନ ଧକ୍କାକୁ ରୋକିବା ଲାଗି ଉତ୍ତର-ପୂର୍ବ ସୀମାନ୍ତ ରେଳୱେର ୧୪୧ ଆର୍‌କେଏମ୍ ସେକ୍ସନରେ ଏଆଇ ପରିଚାଳିତ ଅନୁପ୍ରବେଶ ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରଣାଳୀ ସଫଳତାର ସହ କାର୍ଯ୍ୟ କରୁଛି ଏବଂ ଏହାର କାର୍ଯ୍ୟଦକ୍ଷତାକୁ ଆଧାର କରି ସମ୍ପୂର୍ଣ୍ଣ ଭାରତୀୟ ରେଳପଥ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୯୮୧ ଆର୍‌କେଏମ୍ ସେକ୍ସନରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଅଧିକ ଟେଣ୍ଡର ପ୍ରଦାନ କରାଯାଇଛି। ଏଥିସହ ମୋଟ ସମ୍ପ୍ରସାରଣ ୧୧୨୨ ଆର୍‌କେଏମ୍‌କୁ ବୃଦ୍ଧି ପାଇବ। ଏହି ପ୍ରଣାଳୀ ରେଳପଥ ନିକଟରେ ହାତୀଙ୍କ ଗତିବିଧି ବିଷୟରେ ଲୋକୋ ପାଇଲଟ, ଷ୍ଟେଶନ ମାଷ୍ଟର ଏବଂ ନିୟନ୍ତ୍ରଣ କକ୍ଷକୁ ଠିକ୍ ସମୟରେ ସତର୍କ କରାଇଦେବ। ଏହାଦ୍ୱାରା ସମୟୋଚିତ ପ୍ରତିରୋଧକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ୫୦୦ ମିଟର ପୂର୍ବରୁ ଲୋକୋ ପାଇଲଟମାନଙ୍କୁ ଏଆଇ ଆଧାରିତ କ୍ୟାମେରା ସତର୍କ କରାଇଦେବ। ଏନେଇ ଭାରତୀୟ ରେଳପଥ ପ୍ରଯୁକ୍ତିବିଦ୍ୟା ଆଧାରିତ ସମାଧାନ ମାଧ୍ୟମରେ ରେଳ ଧାରଣାରେ ବନ୍ୟପ୍ରାଣୀ, ବିଶେଷକରି ହାତୀଙ୍କ ମୃତ୍ୟୁକୁ ରୋକିବା ପାଇଁ ନିରନ୍ତର ପ୍ରୟାସ କରାଯାଇଆସୁଥିବା ଭାରତୀୟ ରେଳ ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସିଦ୍ଧାର୍ଥ



@ ଶିବପ୍ରସାଦ



@ ସ୍ମୃତି



@ ଧରମା



@ ଅକ୍ଷୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଲିସ ସହ ସମନ୍ୱୟ ରଖିବେ ତୈଳ କମ୍ପାନୀ

## ତଟବର୍ତ୍ତୀ ସୁରକ୍ଷା ସମନ୍ୱୟ ସମିତି ବୈଠକ

କଟକ,୨୩।୧୨(କାର୍ତ୍ତିକ ସାହୁ)




ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ।

ଓଡ଼ିଶା ପୋଲିସ ପକ୍ଷରୁ ଚତୁର୍ଥ ତଟବର୍ତ୍ତୀ ସୁରକ୍ଷା ସମନ୍ୱୟ ସମିତିର ଏକ ଉଚ୍ଚସ୍ତରୀୟ ବୈଠକ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରତିଷ୍ଠିତ ତୈଳ ଓ ଗ୍ୟାସ କମ୍ପାନୀର ବରିଷ୍ଠ ପଦାଧିକାରୀଙ୍କ ସହ ସୁରକ୍ଷା ଆଦି ପ୍ରସଙ୍ଗରେ ଉପଯୁକ୍ତ ସହଯୋଗ ଓ ସମନ୍ୱୟ ରଖି କାର୍ଯ୍ୟ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା।

ସୂଚନାନୁସାରେ, ପାରାଦୀପ ସମେତ ରାଜ୍ୟର ବିଭିନ୍ନ ଜିଲାରେ ପେଟ୍ରୋଲିୟମ ସଂରକ୍ଷଣ ଏବଂ ପରିବହନ ଭିତ୍ତିଭୂମି ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ବିଭିନ୍ନ ତୈଳ କମ୍ପାନୀର ପାଇପଲାଇନଗୁଡ଼ିକ ବିଭିନ୍ନ ଜିଲା ଦେଇ ଗତି କରୁଥିବା ବେଳେ ଅନ୍ୟ ରାଜ୍ୟକୁ ମଧ୍ୟ ପେଟ୍ରୋଲିୟମ ଯୋଗାଣ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ତୈଳ କମ୍ପାନୀଗୁଡ଼ିକର ସୁରକ୍ଷା ଓ ପରିବହନ ବ୍ୟବସ୍ଥା ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା। ତୈଳ କମ୍ପାନୀଗୁଡ଼ିକର ମାର୍ଗଦର୍ଶିକା ଅନୁପାଳନ କରିବା, କମ୍ପାନୀର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ, ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଡ୍ରୋନ ଅପବ୍ୟବହାର ରୋକିବାକୁ ବିହିତ ପଦକ୍ଷେପ, ତୈଳ ଚୋରି ରୋକିବା, ପାଇପଲାଇନ ଭାଙ୍ଗିବା, ଅଗ୍ନିକାଣ୍ଡ ଏବଂ ବିସ୍ଫୋରଣ ପରିସ୍ଥିତି, ପେଟ୍ରୋଲିୟମ ଭିତ୍ତିଭୂମିର ବୈଷୟିକ ଦିଗ, ସଚେତନତା କାର୍ଯ୍ୟକ୍ରମ, ପାଇପଲାଇନ ନିକଟରେ ଜବରଦଖଲ ଏବଂ ଅସୁରକ୍ଷିତ କାର୍ଯ୍ୟକଳାପ, ଚୋରି ଏବଂ ଅନ୍ୟାନ୍ୟ ସଙ୍ଗିନ ମାମଲାର ବୃତ୍ତିଗତ ତଦନ୍ତ, ପାଇପଲାଇନ ସମ୍ବନ୍ଧୀୟ ଅପରାଧଗୁଡ଼ିକୁ ପ୍ରାଥମିକତା ଦେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ତୈଳ କମ୍ପାନୀଗୁଡିକର ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି ଡିଜିପି ମିଶ୍ର କହିଥିଲେ। ଜିଲା ତଥା ସ୍ଥାନୀୟ ପୋଲିସ ସହିତ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପରସ୍ପର ମଧ୍ୟରେ ସୂଚନା ଆଦାନପ୍ରଦାନ ସହ ସ୍ଥାନୀୟ ଗୋଇନ୍ଦା ଏବଂ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ଡିଜିପି ପରାମର୍ଶ ଦେଇଥିଲେ।

ନିର୍ଦ୍ଦେଶକ (ଗୁଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ସଞ୍ଜୀୟ କୁମାର, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାଏକଙ୍କ ସମେତ ଆଇଓସିଏଲ (ସିଜିଏମ) କମଲ ଶୀଲ, (ସିଜିଏମ, ସିକ୍ୟୁରିଟି)ତରୁଣ କେ. ବିଶାଇ, (ସିଜିଏମ, ଅପରେଶନ) ଆର. କେ. ସାହୁଙ୍କ ସମେତ ବିପିସିଏଲ, ଏଚ୍‌ପିସିଏଲ ଏବଂ ଗେଲ୍ ପରି ପ୍ରମୁଖ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚିକିତ୍ସାଧୀନ ହାତୀଛୁଆ ମୃତ

ବାରଙ୍ଗ,୨୩।୧୨(ଲିଙ୍ଗରାଜ ରାଉତ)

## କେନ୍ଦୁଝରର ବନଖଣ୍ଡରୁ ଉଦ୍ଧାର ହୋଇଥିଲା

ଚନ୍ଦକା ଜଙ୍ଗଲର କୁମାରଖୁଣ୍ଟିରେ ରହୁଥିବା ୬ମାସର ମା' ଛେଉଣ୍ଡ ହାତୀ ଛୁଆ ଶମ୍ଭୁର ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ହର୍ପିକ୍ସ କିମ୍ବା ଆଭ୍ୟନ୍ତରୀଣ ଅସୁବିଧା ଯୋଗୁ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଡିସେମ୍ବର ୧୪ରେ କେନ୍ଦୁଝରର ବନଖଣ୍ଡରୁ ଶମ୍ଭୁକୁ ଉଦ୍ଧାର କରାଯାଇ ଚନ୍ଦକା ଅଭ୍ୟାରଣ୍ୟକୁ ଅଣାଯାଇଥିଲା। ସେଠାରେ ତାକୁ କୁମାରଖୁଣ୍ଟିଠାରେ ଥିବା ବାଳ ହସ୍ତୀ ଭବନରେ ରଖାଯାଇଥିଲା। ସୋମବାର ସକାଳୁ ଶମ୍ଭୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଚନ୍ଦକା ବନ ବିଭାଗ ଅଧିକାରୀ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଏବଂ ନନ୍ଦନକାନନର ପ୍ରାଣୀ ଚିକିତ୍ସକ ଦଳ ସହିତ ପରାମର୍ଶକ୍ରମେ ଚିକିତ୍ସା ଆରମ୍ଭ କରିଥିଲେ। ସନ୍ଧ୍ୟାରେ ସ୍ୱାସ୍ଥ୍ୟରେ ଉନ୍ନତିହେବା ସହ ଖାଦ୍ୟଗ୍ରହଣ କରି ଧୀରେଧୀରେ ଚାଲିବା ଆରମ୍ଭ କରିଥିଲା। ହେଲେ ମଙ୍ଗଳବାର ସକାଳେ ପୁଣି ତା' ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥିଲା। ଚିକିତ୍ସା ଆରମ୍ଭ ସତ୍ତ୍ୱେ ଶମ୍ଭୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇନଥିଲା। ସକାଳ ୭ଟା ୩୦ରେ ଶମ୍ଭୁର ମୃତ୍ୟୁ ଘଟିଥିଲା।

ପ୍ରକାଶ ଯେ, ହାତୀଛୁଆଟି ମା' ଓ ହାତୀପଲଠାରୁ ଅଲଗା ହୋଇ ଏକ ଖାଲରେ ପଡ଼ିଯାଇଥିଲା। ତା ପଛଗୋଡ଼ରେ ଆଘାତ ଲାଗିଥିଲା। ଫଳରେ ସେ ଚାଲିବାରେ କଷ୍ଟ ହେଉଥିଲା। ବନବିଭାଗ ଟିମ୍ ତାକୁ ଉଦ୍ଧାର କରି ପ୍ରଥମେ ମା' ଓ ହାତୀପଲ ସହ ମିଶାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେବାରୁ ଚନ୍ଦକା ଅଭ୍ୟାରଣ୍ୟକୁ ନେଇ ଆସିଥିଲା। ଏଠାକୁ ଆସିବାପରେ ଛୁଆ ହାତୀର ନାମ ଶମ୍ଭୁ ରଖାଯାଇଥିଲା।

# ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୁଏ ମୂଲ୍ୟବୋଧ ଶିକ୍ଷା

ଖୋର୍ଦ୍ଧା,୨୩ା୧୨(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉଦ୍‌ବୋଧନ ଦେଉଛନ୍ତି।

ପଲ୍ଲାହାଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଖଗେଶ୍ୱର ପାଲଟାସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି ଶିକ୍ଷାବିତ୍ କୁଳମଣି ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ବିଦ୍ୟାଭାରତୀ ଯୋଜନାରେ ଶିଶୁ ମନ୍ଦିର ପରିକଳ୍ପନା, ନୈତିକ ମୂଲ୍ୟବୋଧ ଭିତ୍ତିକ ପାଠପଢ଼ା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁମନ୍ଦିର ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର ବୋଲି କହିଥିଲେ। ଆରଏସ୍‌ଏସ୍ ଶତାବ୍ଦୀ ବର୍ଷରେ ସମାଜକୁ ଏକାଠି, ଯୋଡ଼ିବା ଉଦ୍ଦେଶ୍ୟରେ ପଞ୍ଚ ପରିବର୍ତ୍ତନର ଆହ୍ୱାନ ଦେଇଛି। ପରମବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ ରହିଛି। ବିକଶିତ ସମୃଦ୍ଧ ଭାରତ ପରିକଳ୍ପନା ପାଇଁ ସହଭାଗିତା ଜରୁରୀ। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ଦେଶର ବିକାଶ ଦିଗରେ ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖୋର୍ଦ୍ଧା ମାଟିର ଗୌରବମୟ ଇତିହାସ, ପାଇକ ବିଦ୍ରୋହ ସମ୍ପର୍କରେ ଆଲୋକପାତ କରିଥିଲେ। ନିଜ ମାଟିର ଐତିହ୍ୟ ପରମ୍ପରା, ପାଇକ ବୀରତ୍ୱର ଗାଥା ଜାଣିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ପୌରାଞ୍ଚଳ ୫ନମ୍ବର ୱାର୍ଡ କାଉନ୍‌ସିଲର ଅମୀୟ କୁମାର ମହାନ୍ତି, ସାମାଜିକ କର୍ମୀ ସର୍ବେଶ୍ୱର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ିବା ସହ ଖେଳକୁଦ, ବୈଷୟିକ ଜ୍ଞାନ କୌଶଳରେ ମଧ୍ୟ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିମଳ ଚନ୍ଦ୍ର ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ସଞ୍ଜୀବ କୁମାର ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣରେ ଶିଶୁ ବିଦ୍ୟାମନ୍ଦିର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। କ୍ରୀଡ଼ା ଏବଂ ବୌଦ୍ଧିକ ପ୍ରତିଯୋଗିତାରେ ୩୦୦ରୁ ଊର୍ଦ୍ଧ୍ୱ ଶିଶୁ ଭଉଣୀଭାଇଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିସହିତ କ୍ରୀଡ଼ାରେ ଭାଗ ନେଇ କୃତୀତ୍ୱ ହାସଲ କରିଥିବା ଅଭିଭାବକଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଇ ନିବେଦିତା ସାହୁ ବୌଦ୍ଧିକ ଚାମ୍ପିୟନ, ଅମରେଶ ବେହେରା, ଆଦିତ୍ୟ ବେହେରା, ରିତେଶ ମହାରଣା ପ୍ରଥମ କ୍ରୀଡ଼ା ଚାମ୍ପିୟନ ହୋଇଛନ୍ତି। ଶେଷରେ ଶିଶୁ ଭଉଣୀଭାଇମାନେ ନୃତ୍ୟ, ପାଇକ ଆଖଡ଼ା, ପିରାମିଡ ନାଟକ ଆଦି ପରିବେଷଣ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ଥିତି ପରଖିଲେ ତହସିଲଦାର



ବାଘମାରୀ,୨୩ା୧୨(ମିହିର ରଞ୍ଜନ ମହାପାତ୍ର)

## ରାସ୍ତାକୁ ମଇଳା ପାଣି ଛାଡ଼ିବା ପ୍ରସଙ୍ଗ

ବାଘମାରୀ ଗ୍ରାମ ରାସ୍ତାକୁ ମଇଳା ପାଣି ନ ଛାଡ଼ିବା ଦାବିରେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଗତ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଗ୍ରାମବାସୀ ସମାନ ଅଭିଯୋଗ ବେଗୁନିଆ ତହସିଲଦାର ତାପସ କୁମାର ବିଶିଙ୍କ ନିକଟରେ ରଖିଥିଲେ। ତହସିଲଦାର ବିଶି, ରାଜସ୍ୱ ନିରୀକ୍ଷକ ଏବଂ ସରପଞ୍ଚଙ୍କ ସହିତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ୨୫ଫୁଟ ସିମେଣ୍ଟ କଂକ୍ରିଟ ରାସ୍ତାକୁ ଆବର୍ଜନାମୟ କରାଯାଇଛି ଏବଂ ମଇଳା ପାଣି ଛାଡ଼ିବାରୁ ଯାତାୟାତ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ତାହା ଅନୁଧ୍ୟାନ କରି ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ମାଟି ଏବଂ ମୋରମ ପକାଇ ରାସ୍ତାକୁ ଜବରଦଖଲ କରାଯାଇଛି ତାହା ମଧ୍ୟ ସାମ୍ନାକୁ ଆସିଥିଲା। ଯେଉଁମାନେ ମଇଳା ପାଣି ରାସ୍ତାକୁ ଛାଡୁଛନ୍ତି ଏବଂ ମୋରମ ପକାଇ ରାସ୍ତା ପୋତିବାରେ ଲାଗିଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ତହସିଲଦାର ବିଶି ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତାରୁ କିଭଳି କିଭଳି ସ୍ୱଚ୍ଛ କରାଯିବ ସେ ଉପରେ ପଦକ୍ଷେପ ନେଇଛନ୍ତି।

# ବୋଲଗଡ଼ ତହସିଲରେ ସୁଶାସନ ସପ୍ତାହ ପାଳିତ

ବୋଲଗଡ଼,୨୩ା୧୨(ଦେବବ୍ରତ ହୋତା)

ବୋଲଗଡ଼ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସୁଶାସନ ସପ୍ତାହ ପାଳିତ ହୋଇଯାଇଛି। ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ବିଜୟ କୁମାର ସେଠୀଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା, ବୋଲଗଡ଼ ରାଜସ୍ୱ ନିରୀକ୍ଷକ ଦିଲୀପ କୁମାର ରାଉଳ, ରାଜସ୍ୱ ପରିଦର୍ଶକ ଲକ୍ଷ୍ମୀଧର ହାଁସଦା ପ୍ରମୁଖ ଯୋଗଦେଇ ବୋଲଗଡ଼ ତହସିଲ ଅନ୍ତର୍ଗତ ସଂପୁର, ଖଗୁରିଆ, ଇଚ୍ଛାପୁର, ତୃତୀୟାପଡ଼ା, ହରିପୁର, ନୟାପଟଣା ଆଦି ରାଜସ୍ୱ ଗ୍ରାମର ବହୁ ଗରିବ ଲୋକଙ୍କୁ ସେମାନଙ୍କର ନିଜସ୍ୱ ଘରବାରି ପଟ୍ଟା ଓ ଜମି ପଟ୍ଟା ବଣ୍ଟନ କରିଥିଲେ। ଚଳିତ ମାସ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ ଅବସରରେ ସମସ୍ତ ଜନସାଧାରଣ, ଛାତ୍ରୀଛାତ୍ର, ଯୁବବର୍ଗ ଓ ଅନ୍ୟମାନଙ୍କୁ ସମସ୍ତ ପ୍ରକାର ରାଜସ୍ୱ ସେବା ତ୍ୱରିତ ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି। ଜାତି ପ୍ରମାଣପତ୍ର, ବାସସ୍ଥଳୀ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ମୃତ୍ୟୁ ପ୍ରମାଣପତ୍ର, ବିବାହ ପ୍ରମାଣପତ୍ର ଆଦି ସହଜଲବ୍ଧ ହେବା ସହ ବନ୍ୟା, ବାତ୍ୟା, ମରୁଡ଼ି, ଅଗ୍ନିକାଣ୍ଡ, ଭୂମିକମ୍ପ ଓ ବନ୍ୟଜନ୍ତୁଜନିତ କ୍ଷୟକ୍ଷତି ଗୁଡିକରେ ଜିଲା ପ୍ରଶାସନ ସହଯୋଗରେ ଶୀଘ୍ର ତହସିଲ ପକ୍ଷରୁ ଉପଯୁକ୍ତ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରାଯିବ। ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।




ସୁଶାସନ ସପ୍ତାହ ପାଳନ ଅବସରରେ ପଟ୍ଟା ବଣ୍ଟନ କରାଯାଉଛି।

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଖୋର୍ଦ୍ଧା,୨୩ା୧୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଲେଖକ ସାମ୍ମୁଖ୍ୟ ଓଡ଼ିଶାର ମିଳିତ ଆନୁକୂଲ୍ୟରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ଗୀତା ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲେଖକ ସାମ୍ମୁଖ୍ୟର ସଭାପତି ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି, ସାହିତ୍ୟିକ ବିଜୟ ଦାସ ମୁଖ୍ୟବକ୍ତା ଏବଂ ଗବେଷକ ସତ୍ୟବାଦୀ ବଳିୟାରସିଂହ, ନାଟ୍ୟକାର ବିଜୟ କୁମାର ମହାନ୍ତି, ପ୍ରଫେସର ବୈରାଗୀ ଚରଣ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କବିଚନ୍ଦ୍ରଙ୍କ ଜୀବନର ବହୁ ଘଟଣା ଉପରେ ଆଲୋକପାତ କରିଥିଲେ। କବିଚନ୍ଦ୍ର ବାଲ୍ୟଜୀବନରୁ ଶିକ୍ଷକ କୃପାସିନ୍ଧୁ ପଟ୍ଟନାୟକଙ୍କଠାରୁ ଛାନ୍ଦ, ବୈଦ୍ୟନାଥ ମିଶ୍ରଙ୍କଠାରୁ ବେହେଲା, ବାସୁଦେବ ମହାପାତ୍ରଙ୍କ ଠାରୁ କଣ୍ଠ ସଙ୍ଗୀତ ଶିକ୍ଷା କରିଥିଲେ। ୧୦ବର୍ଷ ବୟସରେ ଗୀତ ଗାଇ ବଡ଼ମ୍ବା ରାଜାଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେ ଖଣ୍ଡପଡ଼ାରେ ଚାକିରି କରିବା ବେଳେ କୃଷ୍ଣଲୀଳା ଓ ଶକୁନ୍ତଳା ନାଟକ ପରିବେଷଣ କରିଥିଲେ। ଛାନ୍ଦ, ଉପନ୍ୟାସ, ପ୍ରବନ୍ଧ, ନାଟକ ଆଦି ଅନେକ ପୁସ୍ତକ ଲେଖିଥିଲେ ମଧ୍ୟ କୁମ୍ଭାର ଚକ ତାଙ୍କର ଜୀବନୀ ପୁସ୍ତକ ଥିଲା। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ କେନ୍ଦ୍ର ସଙ୍ଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ ହେବା ସହ ଓଡ଼ିଶା ସଙ୍ଗୀତ ଏକାଡେମୀ ସଭାପତି ମଧ୍ୟ ଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ସେ ଜୀବନବ୍ୟାପୀ ଉଦ୍ୟମ କରିଥିଲେ। ସେ ଖୋର୍ଦ୍ଧା ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ କରିଥିଲେ। ହାଇସ୍କୁଲରେ ପାଠ ପଢ଼ିବା ବେଳେ ତାଙ୍କର ପ୍ରଥମ କବିତା ଉଦୁଉଦୁମା ପ୍ରକାଶ ପାଇଥିଲା। ପୁରୀ ଗଜପତିଙ୍କଠାରୁ ୧୯୨୬ ମସିହାରେ 'କବିଚନ୍ଦ୍ର' ଉପାଧି ଗ୍ରହଣ କରିଥିଲେ। ସାହିତ୍ୟ ଏକାଡେମୀର ଉପସଚିବ ସଞ୍ଜୟ କୁମାର ଛୁଆଲସିଂହ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ଦେଇଥିଲେ। ଲେଖକ ସାମ୍ମୁଖ୍ୟ ସମ୍ପାଦିକା ବିମଳା ସିଂ ବିବରଣୀ ପାଠ କରିଥିଲେ। ଶିବସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମିନତି ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କବୟିତ୍ରୀ ଶାନ୍ତିଲତା ମହାନ୍ତିଙ୍କ କବିତା ପୁସ୍ତକ 'ଭାବ ତରଙ୍ଗ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସଭା ଆରମ୍ଭରେ ଗୋବିନ୍ଦ ଚନ୍ଦ୍ର ମହାରଣା, ବିକ୍ରମ କେଶରୀ ଚମ୍ପତି, ଡ. ବୃନ୍ଦାବନ ପଣ୍ଡା, ନୀଳାଦ୍ରିନାଥ ଜଗଦ୍ଦେବଙ୍କ ସଂଯୋଜନାରେ ୫୬ ଜଣ କବି, କବୟିତ୍ରୀ କବିତା ପାଠ କରିଥିଲେ। ଇତିଶ୍ରୀ ସାହୁ, ସୌଦାମିନୀ ସାମନ୍ତରାୟ, କବିତା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହାତୀ ଆକ୍ରମଣରେ ଜଣେ ଗୁରୁତର

ବେଗୁନିଆ,୨୩ା୧୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ତହସିଲ ହଜ୍ ପଞ୍ଚାୟତ ଅନ୍ତର୍ଗତ କଲରାଝର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ହାତୀ ଆକ୍ରମଣରେ ଗ୍ରାମର ଫକିର ସାହୁ(୫୭) ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୂଚନା ମୁତାବକ, ସକାଳ ସାଢ଼େ ୬ଟାରେ ଫକିର ବାରି ପଛପଟକୁ ଶୌଚ କାର୍ଯ୍ୟ ପାଇଁ ଯାଇଥିଲେ। ସେହି ସମୟରେ ଏକ ହାତୀ ଆସି ଫକିରଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ହାତୀକୁ ଘଉଡ଼ାଇବା ସହିତ ଫକିରଙ୍କୁ ଗୁରୁତର ଭାବେ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାଥାଉ କି, ଚନ୍ଦକା ଅଭୟାରଣ୍ୟରୁ ୧୭ ଟିକିଆ ହାତୀପଲ ଆସି ବେଗୁନିଆ ତହସିଲ ଅନ୍ତର୍ଗତ ନାରଗୋଦା ଜଙ୍ଗଲରେ ରହିଛନ୍ତି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେବା ସହିତ ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ସ୍ଥାନୀୟ ବନ ବିଭାଗ ହାତୀପଲଙ୍କୁ ସୁରକ୍ଷା ଦେବା ସହିତ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହୋଇଆସୁଛି।

OHPC
ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, Ph.-(0663) 2460661, Email-hpschiplima@yahoo.in, Fax No. (0663) 2460505
No.-CHEP/TW-02 (Vol.-VI) (Part File-I)/4971 Date: 22.12.2025
TENDER CALL NOTICE NO.-CHEP-48/2025-26
No.CAD-2800 : Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of LED lights of different ratings for illumination of Chiplima Power House Building and Premises | Rs.2,360/- (Rs.2,000/- + GST @18%) | Rs.2,700/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.26.12.2025 up to 12:30 PM of dtd.08.01.2026.
Sd./- C & P Head, CHEP, Chiplima
OIPR-04006/11/0120/2526

# ବଡ଼ଝାଡ଼ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୨୩ା୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଜ୍ଞା ବିହାର ବଡ଼ଝାଡ଼ ପରିସରରେ ଏକବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ପୁରୀ ଜିଲା ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସୁଦର୍ଶନ ମିଶ୍ର, ସମ୍ମାନିତ ଅତିଥିଭାବେ ପୁରୀ ସଂକୁଳ ସଂଯୋଜକ ତଥା ଘୋଡ଼ା ବଜାର ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ପ୍ରଧାନ, ସୁସାହିତ୍ୟିକ ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଚକ୍ରଧର ମାଝୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅନୁଷ୍ଠାନର ସଭାପତି ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ପ୍ରଦୀପ ମାନସିଂହ, ସମ୍ପାଦକ ପ୍ରସନ୍ନ ପଣ୍ଡା, ସହସମ୍ପାଦକ ଲୁଇସା ମହାପାତ୍ର, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଥ ଜେନା, ଉପଦେଷ୍ଟା ମଣ୍ଡଳୀ ଅଶ୍ୱିନୀ ମାଝୀ, ସାମାଜିକ କର୍ମୀ ଅଭୟ ମହାପାତ୍ର, ନବଘନ ତରେଇ, ଉମାକାନ୍ତ ଜେନା, ପ୍ରଭାତୀ ଜେନା, ବିଦ୍ୟା ମନ୍ଦିରର ସହକାରୀ ପ୍ରଧାନ ଆଚାର୍ଯ୍ୟ ବସନ୍ତ ତରେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ବାଣପୁର,୨୩ା୧୨ (ଦିଲୀପ କୁମାର ସ୍ୱାଇଁ ):

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ବାଣପୁର ପଲଟନ ପଡ଼ିଆ ପରିସରରେ ବାଣପୁର ସତ୍‌ସଙ୍ଗ ବିହାର, ନାରୁଣୀ ଓ ଗମ୍ଭାରୀମୁଣ୍ଡାସ୍ଥିତ ସତ୍‌ସଙ୍ଗ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦେବ ମାଙ୍ଗଳିକ ଓ ନହବତ, ଉଷା କୀର୍ତ୍ତନ, ଉଷା ବିନତି ଓ ସଦ୍‌ଗ୍ରନ୍ଥ ପାଠ ପରେ ଶତାଧିକ ଅନୁକୂଳଚନ୍ଦ୍ରଙ୍କ ଅନୁଗାମୀ ଅନୁକୂଳଚନ୍ଦ୍ରଙ୍କ ତୈଳଚିତ୍ରକୁ ଏକ ରଥରେ ଶୋଭାଯାତ୍ରାରେ ନଗର କୀର୍ତ୍ତନ କରି ସହର ପରିକ୍ରମା କରାଇଥିଲେ। ପରେ ଏକ ସୁସଜ୍ଜିତ ମଞ୍ଚରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମାତୃ ସମ୍ମିଳନୀ ଏବଂ ସଦ୍‌ଗ୍ରନ୍ଥ ପାଠ କରାଯାଇଥିଲା।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KDJR-527, ତା.17.12.2025ରିଖ
କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ / କେନ୍ଦୁଝରଗଡ଼ଙ୍କ ଅଧିକାର କ୍ଷେତ୍ର ଅଧୀନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (₹): 74,67,830.67, EMD (₹) : 1,49,400.00
ବିଡ୍ ଆରମ୍ଭ ହେବା ତାରିଖ : ତା.25.12.2025ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 08.01.2026 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-926/Q/25-26

OFFICE OF THE PRINCIPAL
ATHMALLIK COLLEGE, ATHMALLIK
Dist-Angul
e-mail id - athmallik.college@gmail.com
No.980 Dt.23.12.2025
QUOTATION CALL NOTICE
Sealed quotations are invited from different Registered Firms / Authorised dealers/ Suppliers having valid license DGS & GeM rate contract Registration / TIN/PAN, GST and Income Tax clearance for supply of Canon Xerox Machine Model No.2224N Image Runner (both side printing) along with the requisite documents. The quotation should reached the undersigned on or before 31.12.2025 by 2 pm through speed post / Registered post. The authority reserves the right to accept or reject any or all quotations without assigning any reason thereof.
For contact-
9937161781-Principal, Dr. Trilochan Pradhan
9337066395 - Account Bursar, Sri Braja Gopal Mishra
Sd./- Principal-cum-Secretary
Athmallik College, Athmallik

# ଥମୁନି ମାଙ୍କଡ଼ା ପଥର ଚୋରାଚାଲାଣ

ବାଣପୁର,୨୩ା୧୨(ଦିଲୀପ କୁମାର ସ୍ୱାଇଁ)

## ଚଢ଼ାଉ ଜରିମାନାରେ ସୀମିତ

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଅଞ୍ଚଳର ସଲପଡ଼ିହ ଏବଂ କୁଲେଇ ଅଞ୍ଚଳରୁ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ହେଉଛି। ଏଠାରୁ ଦୈନିକ ଲକ୍ଷାଧିକ ଟଙ୍କାର ମାଙ୍କଡ଼ା ପଥର ବାଣପୁର, ଚିଲିକା, ଟାଙ୍ଗୀ ବ୍ଲକର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ପ୍ରଶାସନ, ପୋଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ପଥର ଖନନ ସହ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ମାଙ୍କଡ଼ା ପଥର ଚୋରା ଚାଲାଣ ରୋକିବା ପାଇଁ ପୋଲିସ, ପ୍ରଶାସନ, ଖଣିବିଭାଗ, ଟ୍ରାନ୍ସପୋର୍ଟ ବିଭାଗର ମିଳିତ ଟାସ୍କ ଫୋର୍ସ ଗଠନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ବେଳେ ବ୍ଲକସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ବାଣପୁର ବ୍ଲକରେ ଏହି ଟାସ୍କ ଫୋର୍ସ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଜଣାପଡ଼ିଛି। ମାଫିଆମାନେ ଜେସିବି ଏବଂ ମେଶିନ ସହାୟତାରେ ଏକର ଏକର ଜମିରୁ ପଥର କାଟି ଚାଲାଣ କରୁଛନ୍ତି। ଏହା ଦ୍ୱାରା ବହୁ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ତେବେ ଚୋରାଚାଲାଣ ସମ୍ପର୍କରେ ସ୍ଥାନୀୟ ଥାନା ଅଧିକାରୀଙ୍କୁ ସୂଚନା ଦିଆଗଲେ ଚଢ଼ାଉ ପୂର୍ବରୁ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରୁଛନ୍ତି। ଯାହାକୁ ନେଇ ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ତହସିଲଦାରଙ୍କୁ ସୂଚନା ଦିଆଗଲେ ମଧ୍ୟ ଚଢ଼ାଉ କରାଯାଉ ନାହିଁ। କେତେକ ସମୟରେ ଚାଲାଣକାରୀଙ୍କଠାରୁ ଜରିମାନା ଆଦାୟ କରି ପ୍ରଶାସନ ଦାୟିତ୍ୱରୁ ମୁକ୍ତ ହୋଇଯାଉଛି। ମାଫିଆମାନେ କେତେଜଣ ଅସାଧୁ କର୍ମଚାରୀଙ୍କୁ ମାସିକିଆ ବଟି ଦେଇ ମାଙ୍କଡ଼ା ପଥର ଚାଲାଣ କରୁଛନ୍ତି। ପ୍ରକାଶ ଯେ, ଜଣେ ବ୍ୟକ୍ତି ବାଣପୁର ତହସିଲ ଅନ୍ତର୍ଗତ ନିଜ ରାଜସ୍ୱ ଜାଗା ଖାତା ନମ୍ବର ୧୩୦/୧୦୭ର ପ୍ଲଟ ନମ୍ବର ୭୨/୬୮୭ ଏବଂ ଖାତା ନମ୍ବର ୧୩୦/୧୨୭ର ପ୍ଲଟ ନମ୍ବର ୭୨/୬୯୮କୁ ଚାଷଜମିରେ ପରିଣତ ପାଇଁ କେବଳ ଉପରେ ଥିବା କଠିନ ମାଟି କାଟିବା ପାଇଁ ଖଣି ବିଭାଗରୁ ଅନୁମତି ଆଣିଥିଲେ। ହେଲେ ମାଙ୍କଡ଼ା ବେପାରର ଅଭିଯୋଗ ପାଇ ଜିଲା ଖଣି ବିଭାଗ ଚିଠି ନମ୍ବର.୨୪୬୦/୨୦୨୫ ରେ ଉକ୍ତ ରାଜସ୍ୱ ପ୍ଲଟର ଅନୁମତିକୁ ବାତିଲ କରିଥିବା ଜଣାପଡ଼ିଛି। ହେଲେ ସେଠାରୁ ପୂର୍ବ ଭଳି ମାଙ୍କଡା ପଥର ଚାଲାଣ ଜାରି ରହିଛି। ଏଭଳି ବେଆଇନ ମାଙ୍କଡ଼ା ଖଣି ଓ ଚୋରା ଚାଲାଣ ସମ୍ପର୍କରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ
ODISHA ELECTRICITY REGULATORY COMMISSION
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021
TEL. No.: 2721048, 2721049
E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org
Together, Let us light up our lives
କେସ୍ ନମ୍ବର - ୭୭ /୨୦୨୫
ସର୍ବସାଧାରଣ ସୂଚନା
ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦ ପାଇଁ ଆବେଦନର ଶୁଣାଣି।
ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି। ଆୟୋଗ ଏହାକୁ ମାମଲା ସଂ ୭୭/୨୦୨୫ ଭାବେ ପଞ୍ଜିକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ମେସର୍ସ ଟିପିସିଓଡିଏଲ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ସମେତ ସମସ୍ତ ପରିଶିଷ୍ଟ ଓଇଆର୍‌ସି ୱେବସାଇଟ୍ (www.orierc.org) ତଥା ମେସର୍ସ ଟିପିସିଓଡିଏଲ୍ ୱେବସାଇଟ (www.tpcentralodisha.com) ରେ ମଧ୍ୟ ଉପଲବ୍ଧ। ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ / ସଂଗଠନ ମେସର୍ସ ଟିପିସିଓଡିଏଲର ଆବେଦନ ଉପରେ ସେମାନଙ୍କର ମତାମତ / ଆପତ୍ତି / ପ୍ରସ୍ତାବ, ଯଦିଥାଏ ତା ୦୫.୦୧.୨୦୨୬ ସୁଦ୍ଧା ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ଆବେଦନକାରିଙ୍କ ନିକଟକୁ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି / ପ୍ରସ୍ତାବର ପ୍ରତ୍ୟୁତ୍ତର ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌ର ଉପରୋକ୍ତ ଆବେଦନ ଉପରେ ଧାର୍ଯ୍ୟ ତାରିଖ ସୁଦ୍ଧା ନିଜର ଆପତ୍ତି / ପ୍ରସ୍ତାବ / ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଶୁଣାଣିରେ ଭାଗ ନେଇପାରିବେ। ଆୟୋଗଙ୍କ ଦ୍ୱାରା ତା ୦୯.୦୧.୨୦୨୬ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ। ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ।
ତାରିଖ : ୨୩.୧୨.୨୦୨୫
ଆୟୋଗଙ୍କ ଆଦେଶକ୍ରମେ
ସ୍ୱା/- ସଚିବ
ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।

## ୨ ଛାତ୍ରଗୋଷ୍ଠୀ ମୁହାଁମୁହିଁ

ତିଗିରିଆ,(ଜାଫର ଖାଁ): ତିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ମଙ୍ଗଳବାର ୨ ଛାତ୍ରଗୋଷ୍ଠୀ କୌଣସି କାରଣକୁ ନେଇ ମୁହାଁମୁହିଁ ହୋଇଛନ୍ତି। ଏହି ଗଣ୍ଡଗୋଳରେ ପାଞ୍ଚଗାଁର ଜଣେ ଛାତ୍ର ଆହତ ହୋଇଛନ୍ତି। ଏ ନେଇ ମହାବିଦ୍ୟାଳୟ ବାହାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କୁ ପଚାରିବାରେ କଲେଜରେ ମଙ୍ଗଳବାର ପରୀକ୍ଷା ହେଉଥିଲା। ଦୁଇଟି ପର୍ଯ୍ୟାୟରେ ମୋଟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଦେଇଥିଲେ। ତେବେ ମହାବିଦ୍ୟାଳୟ ବାହାରେ ଗଣ୍ଡଗୋଳ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ଅଧ୍ୟକ୍ଷ ବେହେରା ସୂଚନା ଦେଇଛନ୍ତି।

# ଗାଁମୁହାଁ ହାତୀପଲ:ବ୍ୟାପକ ଫସଲ ହାନି

## କ୍ଷତିପୂରଣ ଦାବି କଲେ ଚାଷୀ

ବାଙ୍କୀ, ୨୩।୧୨(ଶୁଭେନ୍ଦୁ ମହାପାତ୍ର):

କଟକ ଜିଲା ବାଙ୍କୀ ଉପଖଣ୍ଡରେ ଜଙ୍ଗଲୀ ହାତୀପଲ ଗାଁମୁହାଁ ହେବାରେ ଲାଗିଛନ୍ତି। ସେମାନଙ୍କ ଉପଦ୍ରବ ଯୋଗୁ ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହେବାରେ ଲାଗିଛି। ସବୁ ଜାଣି ବନ ବିଭାଗ ଚୁପ୍ ବସିଥିବାବେଳେ ସରଣ୍ଡା ଜୋନ୍‌ର ସୁବର୍ଣ୍ଣପୁର ଏବଂ ଓସ୍ତିଆ ପଞ୍ଚାୟତରେ ଲାଇନ୍ କାଟି ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଛି। ମାତ୍ର ଆଠଗଡ଼ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏନେଇ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



ଡମପଡ଼ା-ଚନ୍ଦକା ଅଭୟାରଣ୍ୟରୁ ସୋମବାର ୨୨ଟିକିଆ ହାତୀପଲ ଆସି ବାଙ୍କୀ ଉପଖଣ୍ଡ ଓସ୍ତିଆ ପଞ୍ଚାୟତର ଆନନ୍ଦପୁର, ଓସ୍ତିଆ, ବିଷ୍ଣୁପୁର ଓ ବାଗୁଲିଦେଇ ପୀଠ ଅଞ୍ଚଳ ସମେତ ବିଭିନ୍ନ ଗ୍ରାମରେ ଉପଦ୍ରବ କରିଛନ୍ତି। ସେମାନେ ଦଳିଚକଟି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଫଳରେ ବହୁ ପରିବାଚାଷୀ କ୍ଷତିଗ୍ରସ୍ତ ହୋଇ ମାନସିକଭାବେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଅପରପକ୍ଷେ ଆଠଗଡ଼ ବନ ବିଭାଗ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବହୁ ଋଣ ଓ ହାତଉଧାର କରି ଚାଷୀମାନେ ଯେଉଁ ଚାଷ କରିଥିଲେ ତାହା ଉଜୁଡ଼ିଯାଇଛି। ଏସବୁ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ ସହ ହାତୀ ଘଉଡାଇବା ପାଇଁ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

ତୁରନ୍ତ କ୍ଷତିପୂରଣ ନ ମିଳିଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅରୂପ ଚନ୍ଦ୍ର ନାୟକ, ପ୍ରମୋଦ କୁମାର ସାହୁ, ପ୍ରଭାକର ନାୟକ, ବାଉରିବନ୍ଧୁ ନାୟକ, କୁଳମଣି ନାୟକ, ଅନାମ ନାୟକ, ଦିବାକର ନାୟକ ଓ ସୁଧାକର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ଆଠଗଡ଼ ବନ ବିଭାଗ ଅଧିକାରୀ ସୁଷମା ସାହୁଙ୍କୁ ପଚାରିବାରେ ଜଙ୍ଗଲୀ ହାତୀଙ୍କ ଯୋଗୁ ଚାଷୀଙ୍କ ଯେଉଁ ପସଲ ନଷ୍ଟ ହୋଇଛି ତାହାର ଆକଳନ କରି କ୍ଷତିପୂରଣ ପ୍ରଦାନ କରାଯିବ ବୋଲ ଅଧିକାରୀ ସାହୁ କହିଛନ୍ତି।

## ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜଗତପୁର ଚାମ୍ପିୟନ

### ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାଙ୍କୀ,୨୩।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ୨ଦିନ ବ୍ୟାପୀ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ମହିଳା ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀନାରାୟଣ ସ୍ମୃତି ମହାବିଦ୍ୟାଳୟ, ଜଗତପୁର ଚାମ୍ପିୟନ ହୋଇଥିବା ବେଳେ ନେତାଜୀ ସୁଭାଷ ଚନ୍ଦ୍ର ମେମୋରିଆଲ ସିଟି କଲେଜ କଟକ ରନର୍ସଅପ ହୋଇ ପୁରସ୍କୃତ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ସଭାପତିତ୍ୱ କରି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥିଭାବେ କଲେଜର ପୂର୍ବତନ କ୍ରୀଡ଼ା କ୍ଲବ ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା କ୍ଲବ ଉପସଭାପତି ଡ. ଶୈଳେନ୍ଦ୍ର ଦେଓ, ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆସିଥିବା ସର୍ବେଶ୍ୱର ନାଥ, ପ୍ରଫୁଲ୍ଲ କୁମାର ସାହୁ ଓ ଡ. ପ୍ରବୀର କୁମାର ମହାନ୍ତି ଏବଂ ଗୀତାଞ୍ଜଳି ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବାଙ୍କୀ କଲେଜ କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଶୁଭେନ୍ଦୁ ପ୍ରଧାନ, ଜିତେନ୍ଦ୍ର ଦେଓ, ଜଗନ୍ନାଥ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଅଦ୍ୱୈତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫିସହ ଚାମ୍ପିୟନ ଦଳର ଖେଳାଳି।

## ସଂକ୍ଷେପରେ

### ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ କୃଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଡ଼ମ୍ବା,୨୩।୧୨(ମାୟାଧର ମଲ୍ଲିକ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣ୍ଡିଆପଲ୍ଲୀଠାରେ ମଙ୍ଗଳବାର କୃଷକ ଦିବସ ପାଳିତ ହୋଇଯାଇଛି। ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ଦିଲ୍ଲୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଦିବସରେ ସାମାଜିକ କର୍ମୀ ପ୍ରଭାକର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ କୃଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅବସରପ୍ରାପ୍ତ ଆଇସିଆଇସିଆଇ ବ୍ୟାଙ୍କ ମ୍ୟାନେଜର ଭାଗୀରଥି ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କୃଷକ ଓ କୃଷିରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ସେଞ୍ଚୁରିଆନ୍ ୟୁନିଭରସିଟି ଫାକଲିଟ୍ ମ୍ୟାନେଜର ଦେବାଶିଷ ରାୟ ମହାପାତ୍ର, ନରସିଂହପୁର ନିଜିଗଡ଼ ସରପଞ୍ଚ ସୌଭାଗିନୀ ମିଶ୍ର, ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ ବରିଷ୍ଠ ଅଧିକାରୀ ଶ୍ରଦ୍ଧାକର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ କୃଷି ଓ କୃଷକର ବିକାଶ ତଥା ଉଭୟ ବଡ଼ମ୍ବା ଓ ନରସିଂହପୁର ପାଇଁ ଜଳସେଚନର ସୁବ୍ୟବସ୍ଥା ସାଙ୍ଗକୁ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ମିଶ୍ର ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ପଣ୍ଡାଙ୍କ ଉଭୟ ବ୍ଲକର ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଅବ୍ୟାହତ ରଖିଥିବା ପ୍ରଚେଷ୍ଟା ଓ ଚାଷୀମାନଙ୍କୁ ମାଗଣା ବିହନ, ସାର, ଔଷଧ ଓ ସଙ୍କରଜାତୀୟ ବିଭିନ୍ନ ଫଳଚାରା ବଣ୍ଟନ ଆଦି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଚମ୍ପେଶ୍ୱର ଚମ୍ପାନାଥ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉଭୟ ବଡ଼ମ୍ବା ଓ ନରସିଂହପୁର ବ୍ଲକରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

### ଆଠଗଡ଼ ସାହିତ୍ୟ ସମାଜର ପୂର୍ବତନ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି

ଆଠଗଡ଼,୨୩।୧୨(ସତ୍ୟ ପ୍ରସାଦ ରଥ): ଆଠଗଡ ସାହିତ୍ୟ ସମାଜର ପୂର୍ବତନ ସଭାପତି ଅଦ୍ୱୈତ ଚରଣ ପଣ୍ଡାଙ୍କ ପରଲୋକରେ ସମାଜ ତରଫରୁ ଏକ ଶୋକସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପ୍ରାଣକୃଷ୍ଣ ଦାଶଙ୍କ ବାସଭବନରେ ଅନୁଷ୍ଠିତ ଶୋକସଭାରେ ସାହିତ୍ୟ ସମାଜର ସଭାପତି ସୁରେଶ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସମସ୍ତ ସଭ୍ୟ ଯୋଗଦେଇ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ବିଷ୍ଣୁପ୍ରସାଦ ସାହୁ, ଶ୍ୟାମାନନ୍ଦ ମହାରଣା, ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ମିଶ୍ର, ପ୍ରଭାକର ପଟ୍ଟନାୟକ, ଗଣେଶ ପ୍ରସାଦ ରାଉତ, ଦୀପାଳି ଦାଶ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସାଲେପୁର,୨୩।୧୨(ଅରବିନ୍ଦ ଭୂୟାଁ):

ସାଲେପୁର ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବ ସଭାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ତହସିଲଦାର ଜୟନ୍ତ କୁମାର ଜୟସିଂ ଓ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୁରାତନ ଛାତ୍ର ସଂସଦ ସଭାପତି ମିହିର ଜେନା, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ମୁଦୁଲି, ପ୍ରଶାନ୍ତ କୁମାର ଭୂୟାଁ ଓ ନନ୍ଦ କିଶୋର ଭୂୟାଁ ଯୋଗଦେଇଥିଲେ। ୧୯୧୩ରେ ଗଢ଼ି ଉଠିଥିବା ଏହି ବିଦ୍ୟାଳୟର ଐତିହ୍ୟ ଓ ସମ୍ମାନ ରଖିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ସର୍ବଦା ଯତ୍ନବାନ୍ ରହିବା ଉଚିତ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ଓ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଏସ୍‌ସିବିରେ ହେବ ୧୭ ମହଲା ବିଶିଷ୍ଟ ମଲ୍ଟି ଲେଭଲ ପାର୍କିଂ

ଭୁବନେଶ୍ୱର, ୨୩।୧୨(ସୁନିତ୍ ମିଶ୍ର):

- ୧୨ ମହଲା ଯାଏ ପାର୍କିଂ, ଅନ୍ୟ ମହଲାରେ ପ୍ରଶାସିକ କାର୍ଯ୍ୟ ଚାଲିବ
- ଖୁବ୍‌ଶୀଘ୍ର ପିପିପି ମୋଡ୍‌ରେ କାର୍ଯ୍ୟକ୍ଷମ ହେବ ପାଣିକୋଇଲି ଟ୍ରମା କେୟାର
- ୭ ସରକାରୀ ମେଡିକାଲ କଲେଜ କ୍ୟାମ୍ପସରେ ଆଟେଣ୍ଡାଣ୍ଟଙ୍କ ପାଇଁ ରହିବ ବିଶ୍ରାମ ଗୃହ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ(ଏସ୍‌ସିବି)ର ପୁନର୍ବିକାଶ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ପ୍ରତିଦିନ ଏଠାକୁ ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆସୁଥିବାରୁ ଏହାକୁ ଏକ ବିଶ୍ୱସ୍ତରୀୟ ମେଡିକାଲ କଲେଜ ଭାବେ ବିକଶିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଆବଶ୍ୟକ ପାର୍କିଂ ସୁବିଧା ନେଇ ବୈଠକରେ ଆଲୋଚନା ହୋଇଛି। ଏସ୍‌ସିବି ମେଡିକାଲ କଲେଜରେ ୬.୫୧ ଏକର ପରିମିତ ଅଞ୍ଚଳରେ ୧୭ ମହଲା (ଜି+୧୬) ବିଶିଷ୍ଟ ଏକ ମଲ୍ଟି ଲେଭଲ ପାର୍କିଂ ସୁବିଧା ବିକଶିତ କରାଯିବ। ପାର୍କିଂ ସୁବିଧା ଉଭୟ ଏସ୍‌ସିବି ଓ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲକୁ ଆସୁଥିବା ରୋଗୀ ଏବଂ ଆଟେଣ୍ଡାଣ୍ଟମାନେ ବ୍ୟବହାର କରିପାରିବେ। ଏହି ବିଲ୍ଡିଂରେ ୧୨ ମହଲା ପର୍ଯ୍ୟନ୍ତ ପାର୍କିଂ ସୁବିଧା ଏବଂ ଅବଶିଷ୍ଟ ମହଲାଗୁଡିକରେ ପ୍ରଶାସନିକ ବ୍ଲକ୍, ଆନାଟୋମୀ ବ୍ଲକ, ବି. ଫାର୍ମା ଏବଂ ଡି. ଫାର୍ମା କଲେଜ ଇତ୍ୟାଦି କାର୍ଯ୍ୟକ୍ଷମ ହେବ।

ଏଥିସହ ମେଡିକାଲ ଛାତ୍ରମାନଙ୍କୁ ଚାପମୁକ୍ତ ରଖିବା ପାଇଁ ଇନ୍‌ଡୋର ଗେମ୍, ସୁଇମିଂ ପୁଲ୍ ସୁବିଧା ମଧ୍ୟ ଉପଲବ୍ଧ କରାଯିବ। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି ୨୦୨୦ରେ ପିଲାମାନଙ୍କୁ ଚାପମୁକ୍ତ ରଖିବା ପାଇଁ ବିଭିନ୍ନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଏଥିଲାଗି ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ସିବି ନିକଟରେ ୧୩ଟି ହାଉସିଂ ଟାୱାର କାମ ନିର୍ମାଣାଧୀନ ରହିଛି, ଯେଉଁଥିରେ ୬୭୨ଟି ଆବାସିକ ୟୁନିଟ୍ ଓ ୨,୨୪୪ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା କରାଯାଉଛି। ଏହାସହ ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ପୁନର୍ବିକାଶ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା ହୋଇଛି। ପାଣିକୋଇଲି ଟ୍ରମା କେୟାର ସେଣ୍ଟରକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଏହାକୁ ପିପିପି ମୋଡ୍‌ରେ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ହସ୍ପିଟାଲ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଥିବା କେନ୍ଦ୍ର ସରକାରଙ୍କ ପିଏସ୍‌ୟୁକୁ ଏ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ। ଆବଶ୍ୟକସ୍ଥଳେ ଘରୋଇ କ୍ଷେତ୍ରକୁ ମଧ୍ୟ ଏଥିରେ ସାମିଲ କରିବାକୁ କୁହାଯାଇଛି। ଏଥିସହ ରାଜ୍ୟର କଟକ, ବ୍ରହ୍ମପୁର, ବୁର୍ଲା, ସୁନ୍ଦରଗଡ଼, କୋରାପୁଟ, ବାରିପଦା ଓ ବଲାଙ୍ଗୀରରେ ଥିବା ସରକାରୀ ମେଡିକାଲ କଲେଜ କ୍ୟାମ୍ପସ୍‌ରେ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗର କମିଶନର ଅଶ୍ୱତୀ ଏସ୍., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡ. ବୃନ୍ଦା ଡି ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମା’ କଳାପାଟ ସେବା ସଂଘର ସାଧାରଣ ସଭା

ତିଗିରିଆ,୨୩।୧୨(ଜାଫର ଖାଁ):

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା କଲ୍ୟାଣ ମଣ୍ଡପଠାରେ ନୂଆପାଟଣାର ମା’ କଳାପାଟ ସେବା ସଂଘର ଏକ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ନିହାର ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡି ଏମ ମ୍ୟୁଜିକ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ, ତିଗିରିଆ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ସାହୁ, ଯୁବ ସଙ୍ଗଠକ ମହେନ୍ଦ୍ର କୁଣ୍ଟୁ, ସଙ୍ଗଠନ ଉପଦେଷ୍ଟା ମନୋଜ କୁମାର ଗୁଇଁ, ସମ୍ପାଦକ ସ୍ୱାଧୀନ ଗୁଇଁ, ସହ ସମ୍ପାଦକ ଚିତରଞ୍ଜନ ଦାଶ, ଉପସଭାପତି ଜିତେନ୍ଦ୍ର କରଣ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ସଙ୍ଘ ତରଫରୁ ଆଗାମୀ ଦିନରେ କିଭଳି ଭାବେ ଅଧିକରୁ ଅଧିକ ସମାଜ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ସଂଗଠିତ ଓ ସୁଚାରୁ ଭାବେ ରୂପାୟନ କରାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ପଟ୍ଟନାୟକ ଉପସ୍ଥିତ ସଂଘର ସଦସ୍ୟଙ୍କୁ ସାମାଜସେବାମୂଳକ କାର୍ଯ୍ୟକଳାପକୁ ଉଚ୍ଚ ପ୍ରଶଂସା ସହିତ ଅନ୍ତିମ ଯାତ୍ରାର ଶ୍ରେଷ୍ଠ ସମ୍ମାନ ପାଇଁ କରିଥିବା ବ୍ୟବସ୍ଥା ଉଲ୍ଲେଖନୀୟ ବୋଲି କହିଥିଲେ।

## ଉପଖଣ୍ଡସ୍ତରୀୟ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା

ବାଙ୍କୀ,୨୩।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଗାଓ ଟେକ୍ ଫାଉଣ୍ଡେଶନ ତରଫରୁ ଉପଖଣ୍ଡସ୍ତରୀୟ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ବିବେକାନନ୍ଦ ସ୍କୁଲ ଅଫ୍ ଏଜୁକେଶନ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଗାଓ ଟେକ୍ ଅଧ୍ୟକ୍ଷ ପ୍ରଭାତ କୁମାର ନାୟକ, ସାମାଜିକ କର୍ମୀ ଅଜୟ କୁମାର ସ୍ୱାଇଁ, ଶିକ୍ଷାବିତ୍ ସତ୍ୟବ୍ରତ ମହାପାତ୍ର ଓ ଗାଓ ଟେକ୍ ଆଇନ ପରାମର୍ଶଦାତା ମଦନମୋହନ ବେହେରା ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ସୌମ୍ୟରଞ୍ଜନ ନାୟକ ପ୍ରଥମ, ଶୁଭଶ୍ରୀ ନାୟକ ଦ୍ୱିତୀୟ ଓ ଶୁଭ୍ରଜିତ୍ ମନ୍ତ୍ରୀ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ୫୦୦, ୩୦୦ ଓ ୨୦୦ ଟଙ୍କା ପୁରସ୍କାର ପାଇଥିଲେ।

# ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ କାଳୀଚରଣ

ବାଙ୍କୀ,୨୩।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଓଡ଼ିଶୀ ନୃତ୍ୟ ବିଶାରଦ କାଳୀଚରଣ ପଟ୍ଟନାୟକଙ୍କ ୧୨୯ତମ ଜୟନ୍ତୀ ତାଙ୍କ ଜନ୍ମମାଟି ବାଙ୍କୀ ଟାଉନସ୍ଥ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର କବିଚନ୍ଦ୍ର ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପରିଷଦ ପରିସରରେ ସ୍ଥାପିତ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ସୁନୀଲ ମିଶ୍ର ଏଥିରେ ସଭାପତିତ୍ୱ କରି କବିଚନ୍ଦ୍ରଙ୍କ ଜୀବନୀ ଓ ନାଟ୍ୟ ଜଗତରେ ତାଙ୍କର ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ଉପସଭାପତି ତଥା ପୂଜ୍ୟପୂଜା ଅନୁଷ୍ଠାନର ସଂଯୋଜକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କବିଚନ୍ଦ୍ର ୧୨୦ରୁ ଅଧିକ ନାଟକ, ଗୀତିନାଟ୍ୟ ଓ ଗଳ୍ପ ଲେଖି ଓଡ଼ିଶା ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ। ଏଥିସହ କବିଚନ୍ଦ୍ର ମହିଳାମାନଙ୍କୁ ନାଟକରେ ଅଭିନୟ କରିବା ପାଇଁ ପ୍ରେରଣା ଯୋଗାଇଥିଲେ। କାର୍ଯ୍ୟକ୍ରମରେ କବି କୌଶିକ ନାୟକ, ସୁରେଶ୍ୱର ବେହେରା, ଧନେଶ୍ୱର ବଳିୟାରସିଂହ, କବି ଲଲାଟେନ୍ଦୁ ପଣ୍ଡା, ଦିଲୀପ ଦେହୁରୀ, ସମ୍ପାଦକ ବେଣୁଧର କର, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦୀକ୍ଷିତ, ସହ ସମ୍ପାଦକ ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ କବିଚନ୍ଦ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।



କାଳୀଚରଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ରାଜପଥ ଜମି ଅଧିଗ୍ରହଣର ଉଚିତ ମୂଲ୍ୟାଙ୍କନ ଦାବି



ଧାରଣାରେ ବସିଥିବା ଚାଷୀମାନେ।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

ବାଙ୍କୀ,୨୩।୧୨(ଶୁଭେନ୍ଦୁ ମାହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଦେଇ ଯାଉଥିବା ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣ ଚାଲିଛି। ଏହାର ଉଚିତ୍ ମୂଲ୍ୟ ଦେବାକୁ ଦାବି କରି ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ପଞ୍ଚାୟତର ଚାଷୀମାନେ ଧାରଣା ଦେଇଥିଲେ। ଏହି ଅବସରରେ ବିଲିପଡ଼ା, ହରିରାଜପୁର ଓ ଶିମିଳିପୁର ପଞ୍ଚାୟତର ବହୁ ଚାଷୀ ଶୋଭାଯାତ୍ରାରେ ମା’ବ୍ରହ୍ମେଇଙ୍କ ପୀଠରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ୩ ଦଫା ଦାବିରେ ଧାରଣା ଦେବା ସହ ବାଙ୍କୀ ଉପଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ରାଜପଥ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି।

ଚାଷ ଜମିର ବଜାର ଦର ଅନୁଯାୟୀ, ଜମିର ମୂଲ୍ୟାଙ୍କନ କରାଯାଇ ଏହି ୩ ପଞ୍ଚାୟତର ଚାଷୀଙ୍କୁ ୫ ଗୁଣା ଅଧିକ କ୍ଷତିପୂରଣ ଦେବା ସହ କ୍ଷତିଗ୍ରସ୍ତଙ୍କ ପରିବାରର ଜଣଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ ସ୍ଥାୟୀ ନିଯୁକ୍ତି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଉପଜିଲାପାଳ ଜେ.କଳ୍ପନା ଓ ସହକାରୀ ଜିଲାପାଳ ପ୍ରିୟଙ୍କା ଜୁହାର ସିଂହ ଏହାକୁ ଗ୍ରହଣ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏହି ଧାରଣାରେ ସୂର୍ଯ୍ୟକାନ୍ତ ଭୂୟାଁ, ବସନ୍ତ ସାହୁ, ମଦନମୋହନ ବେହେରା, ଯୋଗେଶ ଚନ୍ଦ୍ର ନାୟକ, ପୀତବାସ ନାୟକ, ଶରତ ଚନ୍ଦ୍ର ମନ୍ତ୍ରୀ, ଖଗେଶ୍ୱର ପ୍ରଧାନ, କାଶୀନାଥ ପ୍ରଧାନ, କାହ୍ନୁଚରଣ ସାମଲ ଓ ଯଦୁମଣି ସାମଲ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ପୁନର୍ବାର ଧାରଣା ଦିଆଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, Ph.-(0663) 2460661, Email-hpschiplima@yahoo.in, Fax No. (0663) 2460505
No.-CHEP/TW-02 (Vol.-VI) (Part File-I)/4971 Date: 22.12.2025
TENDER CALL NOTICE NO.-CHEP-48/2025-26
No.CAD-2800 : Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of LED lights of different ratings for illumination of Chiplima Power House Building and Premises | Rs.2,360/- (Rs.2,000/- + GST @18%) | Rs.2,700/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.26.12.2025 up to 12:30 PM of dtd.08.01.2026.
Sd./- C & P Head, CHEP, Chiplima
OIPR-04006/11/0120/2526

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KDJR-527, ତା.17.12.2025ରିଖ
କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ / କେନ୍ଦୁଝରଗଡ଼ଙ୍କ ଅଧିକାର କ୍ଷେତ୍ର ଅଧିନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା’ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (₹): 74,67,830.67, EMD (₹) : 1,49,400.00
ବିଡ୍ ଆରମ୍ଭ ହେବା ତାରିଖ : ତା.25.12.2025ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 08.01.2026 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-926/Q/25-26

**OFFICE OF THE PRINCIPAL ATHMALLIK COLLEGE, ATHMALLIK**
Dist-Angul
e-mail id - athmallik.college@gmail.com
No.980 Dt.23.12.2025
QUOTATION CALL NOTICE
Sealed quotations are invited from different Registered Firms / Authorised dealers/ Suppliers having valid license DGS & GeM rate contract Registration / TIN/PAN, GST and Income Tax clearance for supply of Canon Xerox Machine Model No.2224N Image Runner (both side printing) along with the requisite documents. The quotation should reached the undersigned on or before 31.12.2025 by 2 pm through speed post / Registered post. The authority reserves the right to accept or reject any or all quotations without assigning any reason thereof.
For contact-
9937161781-Principal, Dr. Trilochan Pradhan
9337066395 - Account Bursar, Sri Braja Gopal Mishra
Sd./- Principal-cum-Secretary
Athmallik College, Athmallik

**ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ**
**ODISHA ELECTRICITY REGULATORY COMMISSION**
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021
TEL. No.: 2721048, 2721049
E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org
Together, Let us light up our lives
କେସ୍ ନମ୍ବର - ୭୭ /୨୦୨୫
ସର୍ବସାଧାରଣ ସୂଚନା
ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦ ପାଇଁ ଆବେଦନର ଶୁଣାଣି।
ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି। ଆୟୋଗ ଏହାକୁ ମାମଲା ସଂ ୭୭/୨୦୨୫ ଭାବେ ପଞ୍ଜିକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ମେସର୍ସ ଟିପିସିଓଡିଏଲ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ସମେତ ସମସ୍ତ ପରିଶିଷ୍ଟ ଓଇଆର୍‌ସି ୱେବସାଇଟ୍ (www.orierc.org) ତଥା ମେସର୍ସ ଟିପିସିଓଡିଏଲ୍ ୱେବସାଇଟ (www.tpcentralodisha.com) ରେ ମଧ୍ୟ ଉପଲବ୍ଧ। ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ / ସଂଗଠନ ମେସର୍ସ ଟିପିସିଓଡିଏଲର ଆବେଦନ ଉପରେ ସେମାନଙ୍କର ମତାମତ / ଆପତ୍ତି / ପ୍ରସ୍ତାବ, ଯଦିଥାଏ ତା ୦୫.୦୧.୨୦୨୬ ସୁଦ୍ଧା ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ଆବେଦନକାରିଙ୍କ ନିକଟକୁ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି / ପ୍ରସ୍ତାବର ପ୍ରତ୍ୟୁତ୍ତର ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌ର ଉପରୋକ୍ତ ଆବେଦନ ଉପରେ ଧାର୍ଯ୍ୟ ତାରିଖ ସୁଦ୍ଧା ନିଜର ଆପତ୍ତି / ପ୍ରସ୍ତାବ / ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଶୁଣାଣିରେ ଭାଗ ନେଇପାରିବେ। ଆୟୋଗଙ୍କ ଦ୍ୱାରା ତା ୦୯.୦୧.୨୦୨୬ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ। ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ।
ତାରିଖ : ୨୩.୧୨.୨୦୨୫
ଆୟୋଗଙ୍କ ଆଦେଶକ୍ରମେ
ସ୍ୱା/- ସଚିବ
ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।

# 'ସଂସ୍କୃତି, ସମୃଦ୍ଧିର ପରିଚୟ ଦିଏ ଓଡ଼ିଆ ଖାଦ୍ୟ'

## ଓଡ଼ିଆ ଖାଦ୍ୟ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୧୨
(ସୁଚିସ୍ମିତା ସାହୁ)

ଓଡ଼ିଆ ଖାଦ୍ୟ କେବଳ ଖାଇବା ପାଇଁ ନୁହେଁ, ବରଂ ଓଡ଼ିଆ ସଂସ୍କୃତି ଓ ସମୃଦ୍ଧିର ପରିଚୟ ଦିଏ। ଓଡ଼ିଆ ଖାଦ୍ୟକୁ ଏକ ସଂସ୍କୃତି ଭାବେ ପ୍ରଚାର ପ୍ରସାର କରିବା ପାଇଁ ମତ୍ସ୍ୟ, ପଶୁପାଳନ, ଲଘୁ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଆୟୋଜିତ ୭ଦିନିଆ ଓଡ଼ିଆ ଖାଦ୍ୟ ମହୋତ୍ସବ ମଙ୍ଗଳବାର ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ ପୂର୍ବତନ ଏମ୍‌ପି ଅମର ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଓଡ଼ିଶା ଖାଦ୍ୟର ବିଶେଷ ମହତ୍ତ୍ୱ ରହିଛି। ମାତ୍ର ପ୍ରଚାର ପ୍ରସାର ଅଭାବରୁ ତାହା ଲୋକଲୋଚନକୁ ଆସିପାରୁନାହିଁ। ଏହି ଖାଦ୍ୟକୁ ନେଇ ଓଡ଼ିଆମାନେ ନିଜର ଆର୍ଥିକ ଉନ୍ନତିରେ ଆଣିପାରିବେ। ଅନ୍ୟତମ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କହିଛନ୍ତି, ଏହି ଉତ୍ସବ ଉତ୍କଳୀୟ ସଂସ୍କୃତିର ମହାନ ପରମ୍ପରାକୁ ସୂଚାଇ ଦେଇଛି। ସେହିପରି ଅତିଥି ତଥା ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ କହିଛନ୍ତି, ବିଭିନ୍ନ ସହରରେ ଓଡ଼ିଆ ଖାଦ୍ୟ ଏବଂ ଓଡ଼ିଆ ପୋଷାକର ଯଥେଷ୍ଟ ଚାହିଦା ରହିଛି। ଏହାର ପ୍ରଚାର ଦିଗରେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଆ ଖାଦ୍ୟ ଉପରେ ଆଲୋଚନା କରି କହିଥିଲେ ଯେ, ଓଡ଼ିଆ ସଂସ୍କୃତି ପରି ଓଡ଼ିଆ ଖାଦ୍ୟର ମଧ୍ୟ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଆ ଖାଦ୍ୟର ପ୍ରଚାର ପାଇଁ ସଂସ୍କୃତି ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବାର ଯୋଜନା ରହିଛି। ଉତ୍ସବରେ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।


ମହୋତ୍ସବରେ ଅତିଥିଙ୍କ ଗହଣରେ ଉପସ୍ଥିତ କର୍ମକର୍ତ୍ତା।

# ପ୍ରେମୀଯୁଗଳଙ୍କୁ ବ୍ଲାକ୍‌ମେଲ୍ କରୁଥିବା ନକଲି ପୋଲିସ ଅଟକ

ଭୁବନେଶ୍ୱର,୨୩।୧୨
(ତ୍ରିନାଥ ମହାନ୍ତି)

- ଫଟୋ ଭାଇରାଲ କରିବାର ଧମକ ଦେଇ ଟଙ୍କା ଲୁଟୁଥିଲେ
- ଖଣ୍ଡଗିରି ପାହାଡ଼ରୁ କାବୁ କଲା ପୋଲିସ

ଖଣ୍ଡଗିରି ପାହାଡ଼ ଗୁମ୍ଫାରେ ଲୁଚି ରହି ପ୍ରେମୀ ଯୁଗଳଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକ ମେଲ୍ କରୁଥିବା ଜଣେ ନକଲି ପୋଲିସ ଧରାପଡ଼ିଛି। ନିଜକୁ ପୋଲିସ ବୋଲି ପରିଚୟ ଦେଇ ପ୍ରେମୀଯୁଗଳଙ୍କୁ ବ୍ଲାକମେଲ କରି ମୋଟା ଅଙ୍କର ଟଙ୍କା ଆଦାୟ କରୁଥିଲେ। ଏଭଳି ଜଣେ ନକଲି ପୋଲିସକୁ ଖଣ୍ଡଗିରି ଥାନା ପୋଲିସ ଧରିଛି। ଅଭିଯୁକ୍ତ ଜଣକ କେରଳର ହୋଇଥିବାବେଳେ ତାଙ୍କ ନାମ ଜଜ୍ ବୋଲି ଜଣାପଡ଼ିଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ତାଙ୍କ ମୋବାଇଲରୁ ଏକାଧିକ ପ୍ରେମୀଯୁଗଳଙ୍କ ଫଟୋ ମିଳିଛି। ସେ ୧୦ ଦିନରୁ ଅଧିକ ହେବ ଖଣ୍ଡଗିରି ପାହାଡ଼ ଉପରେ ରହି ଏଭଳି ଫଟୋ ଉଠାଇ ବ୍ଲାକ୍‌ମେଲ୍ କରୁଥିବା ପୋଲିସ ଜାଣିବାକୁ ପାଇଛି।

ମିଳିଥିବା ସୂଚନା ଅନୁସାରେ, ୧୦ଦିନ ହେବ କେରଳର ଜଜ୍ ଖଣ୍ଡଗିରି ଉଦୟଗିରି ପାହାଡ଼ରେ ପୋଲିସ ପୋଷାକ ପିନ୍ଧି ପଇଁତରା ମାରୁଥିଲେ। ଏଠାକୁ ବୁଲିବାକୁ ଆସୁଥିବା ପ୍ରେମୀଯୁଗଳଙ୍କୁ ପିଛା କରୁଥିଲେ। ଏକାନ୍ତ ସ୍ଥାନରେ ବସୁଥିବା ପ୍ରେମୀଯୁଗଳଙ୍କ ପାଖକୁ ଯାଇ ନିଜକୁ ପୋଲିସ ସବ୍ ଇନ୍ସପେକ୍ଟର କହି ପରିଚୟ ଦେଉଥିଲେ। ସାହାଯ୍ୟ କରିବା ଆଳରେ ପାଖଆଖ ଅଞ୍ଚଳରେ ଘୁରିବୁଲି ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭିଡିଓ ଉତ୍ତୋଳନ କରୁଥିଲେ। ପ୍ରେମୀଯୁଗଳମାନେ ଫେରିବା ସମୟରେ ସେମାନଙ୍କ ପାଖରେ ପହଁଚି ଫଟୋ, ଭିଡିଓ ଭାଇରାଲ କରିଦେବା ଧମକ ଦେଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିଲେ। ଖାଲି ସେତିକି ନୁହେଁ ଟଙ୍କା ପାଇବାପରେ ଫଟୋ ଓ ଭିଡିଓ ଡିଲିଟ ମଧ୍ୟ କରୁ ନ ଥିଲେ। ସେମାନଙ୍କ ଫୋନ ନମ୍ବର ଆଣି ପରବର୍ତ୍ତୀ ସମୟରେ କଲ୍ କରି ବାରମ୍ବାର ବ୍ଲାକ୍‌ମେଲ କରୁଥିଲେ। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ନକଲି ପୋଲିସକୁ ଧରିବା ପାଇଁ ଖଣ୍ଡଗିରି ପୋଲିସ ଜାଲ ବିଛାଇଥିଲା। ମଙ୍ଗଳବାର ପାହାଡ଼ ଉପରେ ଏକ ପ୍ରେମୀଯୁଗଳଙ୍କ ଫଟୋ ଉଠାଇ ଧମକ୍ ଦେଇ ଜଜ୍ ଟଙ୍କା ଆଦାୟ କରୁଥିବାବେଳେ ଖଣ୍ଡଗିରି ପୋଲିସ ମାଡ଼ିବସିଥିଲା।

# ୪୭ କୃଷକଙ୍କୁ କୃଷି ଶିରୋମଣି ସମ୍ମାନ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିବିଶେଷ।

## ଓୟୁଏଟିରେ ଜାତୀୟ କୃଷକ ଦିବସ ପାଳିତ

ଭୁବନେଶ୍ୱର,୨୩।୧୨ (ସୁଚିସ୍ମିତା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ମହାବିଦ୍ୟାଳୟରେ ମଙ୍ଗଳବାର ଓୟୁଏଟି ଏବଂ ଭୁବନେଶ୍ୱର ରୋଟାରି କ୍ଲବର ମିଳିତ ଆନୁକୂଲ୍ୟରେ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, କୃଷି ଓ କୃଷକ ଆମ ସଭ୍ୟତା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବର୍ତ୍ତମାନର ବର୍ଦ୍ଧିତ ସମାଜରେ ସମସ୍ତଙ୍କୁ ଖାଦ୍ୟ ଯୋଗାଉଥିବା ଚାଷୀ ଚିର ନମସ୍ୟ। ଏତେବଡ଼ ସଂସାରକୁ ଖାଦ୍ୟ ଯୋଗାଇବାରେ ଓଡ଼ିଶା ଏବେ ମଧ୍ୟ ଆଗରେ ରହିଛି। ପାରମ୍ପରିକ କୃଷିକୁ ଆପଣାଉଥିବା କୃଷକ ବର୍ତ୍ତମାନ ସ୍ମାର୍ଟ କୃଷି ଭାବେ ପରିଚିତ। ବିଗତ ବର୍ଷରେ କୃଷିର ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଏଥିସହ ବୈଜ୍ଞାନିକଙ୍କ ସହଯୋଗ କୃଷି କ୍ଷେତ୍ରକୁ ଅନେକ ଆଗକୁ ନେଇପାରୁଛି ବୋଲି କୁଳପତି ପ୍ରକାଶ କରିଛନ୍ତି। ଉଦ୍ୟାନ ବିଭାଗ ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓମାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଚାଷ କ୍ଷେତ୍ରରେ ଜୈବିକ କୃଷିକୁ ବର୍ତ୍ତମାନ ସ୍ଥିତିରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଗୋବର ଖତକୁ ବ୍ୟବହାର କରି ଚାଷ ଭୂମିକୁ ଉର୍ବର କରିପାରୁଛନ୍ତି। ସେହିପରି ପାରମ୍ପରିକ ଚାଷର ଉପଯୋଗ ଚାଷୀଙ୍କୁ ଅଧିକ ସୁଫଳ ଦେବା ସହ ପ୍ରକୃତି ପାଇଁ ଉପଯୋଗୀ ବୋଲି ଓମାନ କହିଛନ୍ତି। ଆର୍‌ସିବି ହେରିଟେଜ୍‌ର ରୋଟାରିଆନ ପୂର୍ଣ୍ଣଚନ୍ଦ୍ର ସ କୃଷକ ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏଥିସହ ଉନ୍ନତ କାମ ପାଇଁ ୧୦ ଜଣ ରିସୋର୍ସ ପର୍ସନଙ୍କୁ ଦିଶା ସମ୍ମାନ ଏବଂ ୪୭ ଜଣ ଚାଷୀଙ୍କୁ କୃଷି ଶିରୋମଣି ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ରୋଟାରିଆନ ଡ. ପି. ଶ୍ରୀନିବାସ ଧନ୍ୟବାଦ ଦେଇଥିଲେ।

# ଡ୍ରାଫ୍ଟ କ୍ୟାଡର ରୁଲ୍ ଅନୁମୋଦନ ଦାବି

## ଗଣଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର,୨୩।୧୨ (ସୁଚିସ୍ମିତା ସାହୁ)

ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ (ଉତ୍ସା) ଏବଂ ହିନ୍ଦୀ ଶିକ୍ଷକ ସଂଘର କର୍ମକର୍ତ୍ତା ମିଳିତ ଭାବେ ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଡ୍ରାଫ୍ଟ କ୍ୟାଡର ରୁଲ ଅନୁମୋଦନ କରିବା ପାଇଁ ଦାବି ଜଣାଇଛନ୍ତି। ଏ ନେଇ ସେମାନେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୩ କ୍ୟାଡର ରୁଲ୍ ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ସଂସ୍କୃତ, ହିନ୍ଦୀ ଏବଂ ଅନ୍ୟ ଭାଷାର ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ତ୍ରୁଟିପୂର୍ଣ୍ଣ ରୁଲ୍ ପାଇଁ ସରକାର ମଧ୍ୟ ବିଭିନ୍ନ ସମୟରେ ନ୍ୟାୟାଳୟରେ ଛନ୍ଦି ହେଉଥିବାରୁ ମାଧ୍ୟମିକ ଶିକ୍ଷକଙ୍କ ପାଇଁ ନୂତନ କ୍ୟାଡର ରୁଲ ପ୍ରସ୍ତୁତ କରାଯାଇଛି। ଉକ୍ତ ଡ୍ରାଫ୍ଟ ରୁଲ ଚୂଡ଼ାନ୍ତ ହୋଇସାରିଥିଲେ ସୁଦ୍ଧା ତାହା ଏପର୍ଯ୍ୟନ୍ତ ମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିନାହିଁ। ଏହାର ଅନୁମୋଦନ ପାଇଁ ଉଭୟ ସଂଘ ଅନୁରୋଧ କରିଆସୁଥିଲେ ମଧ୍ୟ ମନ୍ତ୍ରୀ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି ବୋଲି ଉତ୍ସା ସଭାପତି ବିଜୟ କୁମାର ତ୍ରିପାଠୀ କହିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ଯଦି ଉକ୍ତ ଫାଇଲକୁ ବିଭାଗୀୟ ଅନୁମୋଦନ ନ ମିଳେ, ତା ହେଲେ ଉଭୟ ସଂଘ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ହିନ୍ଦୀ ସଂଘ ସଭାପତି ଡା. ସୁମନ ପ୍ରକାଶ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଉତ୍ସା ଯୁଗ୍ମସମ୍ପାଦକ ରୁଦ୍ରନାରାୟଣ ମିଶ୍ର, ଲଳିତ ସାହୁ, ଇପ୍ସିତା ରାଉଳ, ଗୋବିନ୍ଦ ବେହେରା, ସଞ୍ଜୀବ ପ୍ରଧାନ, ପ୍ରକାଶ ପାତ୍ର, ଗୀତାଞ୍ଜଳି ସାହୁ ଏବଂ ନିରଞ୍ଜନ ରିପୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆତଙ୍କବାଦୀ ଆକ୍ରମଣ ପ୍ରତିହତ ପାଇଁ ବ୍ଲୁପ୍ରିଣ୍ଟ

ଭୁବନେଶ୍ୱର,୨୩।୧୨
(ତ୍ରିନାଥ ମହାନ୍ତି)

- ଓଡ଼ିଶାରେ ପ୍ରଥମଥର ଏନ୍‌ଆଇଜି ସମ୍ମିଳନୀ
- ଗୋଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

ଓଡ଼ିଶା ଉପରେ ଏବେ ଆତଙ୍କବାଦୀଙ୍କ ନଜର ରହିଛି। ଆତଙ୍କୀଙ୍କୁ ସହଯୋଗ କରୁଥିବା ବ୍ୟକ୍ତିମାନେ ଓଡ଼ିଶାରୁ ବିଭିନ୍ନ ସମୟରେ ଗିରଫ ହେଉଛନ୍ତି। ତେଣୁ କିଭଳି ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରାଯାଇ ପାରିବ, ସେନେଇ ଓଡ଼ିଶାରେ ପ୍ରଥମଥର ଲାଗି ନ୍ୟାଶନାଲ ଇଣ୍ଟେଲିଜେନ୍ସ ଗ୍ରିଡ୍(ଏନ୍‌ଆଇଜି) ସମ୍ମିଳନୀ ହୋଇଛି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। କୌଣସି ପ୍ରକାର ଅଘଟଣ ପୂର୍ବରୁ ଆଗୁଆ ସୂଚନା ହାତେଇବା, ଗୋଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ରଖିବା ଓ ଆତଙ୍କବାଦୀ ଆକ୍ରମଣକୁ ସଫଳତାର ସହ ମୁକାବିଲା ନେଇ ଓଡ଼ିଶା ପୋଲିସ ପ୍ରାକ୍ ପ୍ରସ୍ତୁତି ବୈଠକ କରିଛି। କେବଳ ଏତିକି ନୁହେଁ, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ସଂସ୍ଥା, ହାୱଲା କାରବାର, ବେଆଇନ ଅର୍ଥ ନେଣଦେଣ ରୋକିବାକୁ ଏହି ସମ୍ମିଳନୀ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। କୌଣସି ପ୍ରକାର ମାଓବାଦୀ କିମ୍ବା ଆତଙ୍କବାଦୀ ଯୋଜନାକୁ ବ୍ୟର୍ଥ କରିବା ଲାଗି କିଭଳି ରଣନୀତି ହୋଇପାରିବ, ସେଦିଗରେ ରଣନୀତି ପ୍ରସ୍ତୁତ କରାଯାଇ ବିସ୍ତୃତ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଏନ୍‌ଆଇଜି କାର୍ଯ୍ୟକ୍ଷମ ହେଉଛି। ଏହା ଭାରତର ଏକ ସମନ୍ୱିତ ଗୁପ୍ତଚର ପ୍ଲାଟଫର୍ମ। ୨୦୦୯ ମୁମ୍ବାଇ ଆକ୍ରମଣ ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରକୃତ ସମୟ ପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଡାଟାବେସ୍ ସଂଯୋଗ କରିବା ପାଇଁ ସୃଷ୍ଟି କରାଯାଇଥିଲା। ଏଥିରେ ସମସ୍ତ ପ୍ରକାର ତଥ୍ୟ ଉପଲବ୍ଧ ରହିଛି। ଉକ୍ତ ତଥ୍ୟ ଆତଙ୍କବାଦ ଓ ଅପରାଧକୁ ମୁକାବିଲା କରିବାରେ ସାହାଯ୍ୟ କରୁଛି। ଭୁବନେଶ୍ୱର ପୋଲିସ ଭବନରେ ସୋମବାର ଅନୁଷ୍ଠିତ ଏହି ଏନ୍‌ଆଇଜି ସମ୍ମିଳନୀରେ ୩ଜଣିଆ କେନ୍ଦ୍ରୀୟ ଗୋଇନ୍ଦା ଅଧିକାରୀ ସାମିଲ ହୋଇଥିଲେ। ପୋଲିସ ଡିଜି ୱାଇ.ବି ଖୁରାନିଆ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଗୋଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଜିଲାର ଏସ୍‌ପିମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ।

# ନୂଆବର୍ଷ ପୂର୍ବରୁ ନିଶା ବେପାରୀଙ୍କୁ ସାବାଡ ଅଭିଯାନ

ଭୁବନେଶ୍ୱର,୨୩।୧୨
(ତ୍ରିନାଥ ମହାନ୍ତି)

ନୂଆବର୍ଷ ପୂର୍ବରୁ ନିଶା ମାଫିଆଙ୍କୁ ସାବାଡ କରୁଛି ଅବକାରୀ ବିଭାଗ। ଚୋରାମାଦକ ଦ୍ରବ୍ୟ ଉପରେ ଚାଲିଛି ବ୍ୟାପକ ଚଢ଼ାଉ। ଗତ ୨୦ତାରିଖରୁ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ତୃତୀୟ ଦିନରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ୨୧୧ଟି ମାମଲା ରୁଜୁ ହେବା ସହ ୬୨.୦୩ ଲକ୍ଷ ଟଙ୍କା ମୂଲ୍ୟର ବେଆଇନ ସାମଗ୍ରୀ ଜବତ ହୋଇଛି। ଏଥିସହ ୧୩୬ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏନ୍‌ଡିପିଏସ୍ ଆକ୍ଟରେ ଗୋଟିଏ ମାମଲା ରୁଜୁ ହୋଇଛି। ବେଆଇନ କାରବାରରେ ସମ୍ପୃକ୍ତ ୧୬ଟି ଗାଡ଼ି ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ ୮,୨୬୦ ଲିଟର ବେଆଇନ ମଦ, ୨୯୨ ଲିଟର ଡ୍ୟୁଟି ପେଡ୍ ଲିକର, ୫୯,୪୩୪ ଲିଟର ମହୁଲ ପୋଚ ଏବଂ ୧୨,୫୦୦ କିଲୋଗ୍ରାମ ଗୁଡ଼ ପୋଚ ରହିଛି। ନାର୍କୋଟିକ୍ସ ସାମଗ୍ରୀ ଭାବେ ୫ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି।

# ଗ୍ରାମାଞ୍ଚଳ ସମୃଦ୍ଧତା ସୁନିଶ୍ଚିତ କରିବ 'ଭିବି-ଜି ରାମ୍ ଜି'

## କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନରେ କୃଷକ ଦିବସ ପାଳିତ

ଭୁବନେଶ୍ୱର,୨୩।୧୨
(ଅନୁରାଧା ମହାରଣା)

କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନରେ ମଙ୍ଗଳବାର କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିକଶିତ ଭାରତ-ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ (ଗ୍ରାମୀଣ) ଭିବି-ଜି ରାମ୍ ଜି-୨୦୨୫ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିକାଶ ଗ୍ରାମ @ ୨୦୪୭ ର ଜାତୀୟ ଦୃଷ୍ଟିକୋଣ ସହିତ ଏକ ଗ୍ରାମୀଣ ବିକାଶ ଢାଞ୍ଚା ପ୍ରତିଷ୍ଠା କରିବା ପାଇଁ ଏହା ଏକ କାର୍ଯ୍ୟ, ଯାହାକି ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରତି ଗ୍ରାମୀଣ ପରିବାରକୁ ୧୨୫ ଦିନର ଗ୍ୟାରେଣ୍ଟି ବେତନ ନିଯୁକ୍ତି ସୁନିଶ୍ଚିତ କରିବ। ଏହାଦ୍ୱାରା ବୟସ୍କ ସଦସ୍ୟମାନେ ସ୍ୱଇଚ୍ଛାରେ ଅଣକୁଶଳ ଶାରୀରିକ ଶ୍ରମ କରିବାକୁ ସକ୍ଷମ ହେବେ, ଯାହାକି ଏକ ସମୃଦ୍ଧ ସ୍ଥାୟୀ ଗ୍ରାମୀଣ ଭାରତ ପାଇଁ ସଶକ୍ତୀକରଣ, ଅଭିବୃଦ୍ଧି, ସମ୍ମିଶ୍ରଣ ଏବଂ ପରିପୂର୍ଣ୍ଣତାକୁ ପ୍ରୋତ୍ସାହିତ କରିବ। ଏହି ଉତ୍ସବରେ ୫୦୦ରୁ ଅଧିକ ମହିଳା ଚାଷୀ, ଉଦ୍ୟୋଗୀ, ଏଫ୍‌ପିଓ ଏବଂ ଏସ୍‌ଏଚ୍‌ଜି ସଦସ୍ୟ, ଜନପ୍ରତିନିଧି, ଛାତ୍ରୀଛାତ୍ର ଏବଂ ପ୍ରତିଷ୍ଠାନର କର୍ମଚାରୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ତାଙ୍କ ଅଭିଭାଷଣରେ ଆର୍ଥିକ ଅଭିବୃଦ୍ଧି ପଦକ୍ଷେପ, ଜଳବାୟୁ ସହନଶୀଳ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ କୃଷି ଏବଂ ଅନ୍ତର୍ଭୁକ୍ତ ନୀତି ମାଧ୍ୟମରେ ଜାତୀୟ ଖାଦ୍ୟ ନିରାପତ୍ତା ତଥା ଗ୍ରାମାଞ୍ଚଳର ସମୃଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ। ଭିବି-ଜି ରାମ୍ ଜି-୨୦୨୫ ଅଧିନିୟମ ଗ୍ରାମୀଣ ରୋଜଗାରକୁ ଏକ ସ୍ୱତନ୍ତ୍ର କଲ୍ୟାଣମୂଳକ ପଦକ୍ଷେପରୁ ସମନ୍ୱିତ ବିକାଶର ଏକ ବିସ୍ତୃତ ଉପକରଣରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି ବୋଲି କେନ୍ଦ୍ର ମନ୍ତ୍ରୀ ଚୌହାନ ମତ ରଖିଥିଲେ। ଏହି ଆଇନ ଗ୍ରାମୀଣ ଜୀବିକା ସୁରକ୍ଷାର ଢାଞ୍ଚାକୁ ଆଧୁନିକୀକରଣ ଓ ସୁଦୃଢ଼ କରିବା ସହ କୃଷକଙ୍କୁ ସହାୟତା ଦେବ ବୋଲି କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥି ଚୌଧୁରୀ କହିଥିଲେ। ଆଇସିଏଆର୍-ସିଆଇଡବ୍ଲ୍ୟୁଏର ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀ କୃଷିର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଗୁରୁତ୍ୱାରୋପ କରିବା ସହ ନିରନ୍ତର ତଥା ଅନ୍ତର୍ଭୁକ୍ତ କୃଷି ବିକାଶ ପାଇଁ ଗବେଷଣା, ବିସ୍ତାର ଓ ଦକ୍ଷତା ବୃଦ୍ଧି ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ଦର୍ଶାଇଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳା ଚାଷୀ, ଉଦ୍ୟୋଗୀ, ଏଫ୍‌ପିଓ ଏବଂ ଏସ୍‌ଏଚ୍‌ଜି ସଦସ୍ୟ, ଜନପ୍ରତିନିଧି, ଛାତ୍ରୀଛାତ୍ର।

ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, Ph.-(0663) 2460661, Email-hpschiplima@yahoo.in, Fax No. (0663) 2460505

No.-CHEP/TW-02 (Vol.-VI) (Part File-I)/4971 Date: 22.12.2025

TENDER CALL NOTICE NO.-CHEP-48/2025-26

No.CAD-2800 : Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of LED lights of different ratings for illumination of Chiplima Power House Building and Premises | Rs.2,360/- (Rs.2,000/- + GST @18%) | Rs.2,700/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.26.12.2025 up to 12:30 PM of dtd.08.01.2026.

Sd./- C & P Head, CHEP, Chiplima
OIPR-04006/11/0120/2526

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KDJR-527, ତା.17.12.2025ରିଖ
କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍‌ନାଲ / କେନ୍ଦୁଝରଗଡ଼ଙ୍କ ଅଧିକାର କ୍ଷେତ୍ର ଅଧୀନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (₹): 74,67,830.67, EMD (₹) :1,49,400.00
ବିଡ୍ ଆରମ୍ଭ ହେବା ତାରିଖ : ତା.25.12.2025ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 08.01.2026 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-926/Q/25-26

OFFICE OF THE PRINCIPAL
ATHMALLIK COLLEGE, ATHMALLIK
Dist-Angul
e-mail id - athmallik.college@gmail.com
No.980 Dt.23.12.2025
QUOTATION CALL NOTICE
Sealed quotations are invited from different Registered Firms / Authorised dealers/ Suppliers having valid license DGS & GeM rate contract Registration / TIN/PAN, GST and Income Tax clearance for supply of Canon Xerox Machine Model No.2224N Image Runner (both side printing) along with the requisite documents. The quotation should reached the undersigned on or before 31.12.2025 by 2 pm through speed post / Registered post. The authority reserves the right to accept or reject any or all quotations without assigning any reason thereof.
For contact-
9937161781-Principal, Dr. Trilochan Pradhan
9337066395 - Account Bursar, Sri Braja Gopal Mishra
Sd./- Principal-cum-Secretary
Athmallik College, Athmallik

# 'କାରିଗରଙ୍କ ଜୀବନ-ଜୀବିକା ଅଧିକ ସମୃଦ୍ଧ ହେବ'

## ଓଡ଼ିଶାର ପାରମ୍ପରିକ ଧାତୁଶିଳ୍ପର ପୁନରୁତ୍ଥାନ ପାଇଁ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୩।୧୨
(ବନ୍ଦନା ସେଠୀ)

କଂସା, ପିତ୍ତଳ ଓ ଢୋକ୍ରା ହସ୍ତଶିଳ୍ପରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ହେବ। ହସ୍ତଶିଳ୍ପର କୁଶଳତା ସହ ବିଜ୍ଞାନ-ପ୍ରଯୁକ୍ତି ବିଦ୍ୟା ସଂଯୋଗ ହେଲେ ସାମଗ୍ରୀର ଗୁଣବତ୍ତା ବଢ଼ିବା ସହ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ହୋଇପାରିବ ବୋଲି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ମଙ୍ଗଳବାର ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିରେ ଓଡ଼ିଶାର ପାରମ୍ପରିକ ଧାତୁଶିଳ୍ପର ପୁନରୁତ୍ଥାନ ପାଇଁ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ମନ୍ତ୍ରୀ ବଳସାମନ୍ତ କହିଲେ, କମ୍ ପ୍ରଦୂଷଣ, କମ୍ ଖର୍ଚ୍ଚ, କମ୍ ସମୟ, କମ୍ ପରିଶ୍ରମରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ଆମେ ଉତ୍କୃଷ୍ଟମାନର ସାମଗ୍ରୀ ଉତ୍ପାଦନ କରିପାରିବା। ଏହାଫଳରେ ଅଧିକ ପରିମାଣରେ କଂସା-ପିତ୍ତଳ ଓ ଢୋକ୍ରା ହସ୍ତଶିଳ୍ପ ବିକ୍ରି ହେବ ଏବଂ କାରିଗରଙ୍କ ଜୀବନ ଜୀବିକା ଆର୍ଥିକ ଭାବେ ଅଧିକ ସମୃଦ୍ଧ ହୋଇପାରିବ। କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗଦେଇ କହିଲେ, କାରିଗରଙ୍କ ପାରମ୍ପରିକ ଦକ୍ଷତା ସହ ବିଜ୍ଞାନର ସଂଯୋଗ ଘଟିଲେ ଅଧିକ ଉତ୍କୃଷ୍ଟ ସାମଗ୍ରୀ ଉତ୍ପାଦନ ହୋଇପାରିବ। ଭଲ ସାମଗ୍ରୀ ଗ୍ରାହକଙ୍କ ହୃଦୟ ଜିତି ପାରିବ ଓ ବ୍ୟବସାୟ ଭଲ ହେବ। ଆଇଆଇଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜନ ନାରାୟଣ ପ୍ରଯୁକ୍ତିବିଦ୍ୟାର ସାହାଯ୍ୟ ନେଇ ଓଡ଼ିଶାର ସମୃଦ୍ଧ ହସ୍ତକଳାକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଏହି ଶିବିର ଧାତୁ ଶିଳ୍ପର ପୁରୁଣା ଗୌରବକୁ ପୁନରୁତ୍ଥାନ କରିବା ସହ ନୂତନ ରୋଜଗାର ସୃଷ୍ଟି ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ହସ୍ତଶିଳ୍ପ ନିର୍ଦ୍ଦେଶିକା ଡ. ନିବେଦିତା ପୃଷ୍ଟି ଆଶାବ୍ୟକ୍ତ କରିଥିଲେ। ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଏବଂ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ୧୩ଟି ଜିଲାରୁ ୨୫୦ରୁ ଅଧିକ କଂସା-ପିତ୍ତଳ ଓ ଢୋକ୍ରା ହସ୍ତଶିଳ୍ପୀ ଯୋଗଦେଇଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ବୈଜ୍ଞାନିକ ଡ. ଏ. କେ. ଚୌବେ, ଡ. ୱାଇ.ଏସ୍. ଚୌଧୁରୀ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ବିଭିନ୍ନ ଜିଲାରେ କାର୍ଯ୍ୟରତ ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏବଂ ଅନ୍ୟ ଅତିଥିବୃନ୍ଦ।

ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ
ODISHA ELECTRICITY REGULATORY COMMISSION
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021
TEL. No.: 2721048, 2721049
E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org
Together, Let us light up our lives

କେସ୍ ନମ୍ବର - ୭୭ /୨୦୨୫
ସର୍ବସାଧାରଣ ସୂଚନା

ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦ ପାଇଁ ଆବେଦନର ଶୁଣାଣି।

ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି। ଆୟୋଗ ଏହାକୁ ମାମଲା ସଂ ୭୭/୨୦୨୫ ଭାବେ ପଞ୍ଜିକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ମେସର୍ସ ଟିପିସିଓଡିଏଲ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ସମେତ ସମସ୍ତ ପରିଶିଷ୍ଟ ଓଇଆର୍‌ସି ୱେବସାଇଟ୍ (www.orierc.org) ତଥା ମେସର୍ସ ଟିପିସିଓଡିଏଲ୍ ୱେବସାଇଟ (www.tpcentralodisha.com) ରେ ମଧ୍ୟ ଉପଲବ୍ଧ। ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ / ସଂଗଠନ ମେସର୍ସ ଟିପିସିଓଡିଏଲର ଆବେଦନ ଉପରେ ସେମାନଙ୍କର ମତାମତ / ଆପତ୍ତି / ପ୍ରସ୍ତାବ, ଯଦିଥାଏ ତା ୦୫.୦୧.୨୦୨୬ ସୁଦ୍ଧା ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ଆବେଦନକାରିଙ୍କ ନିକଟକୁ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି / ପ୍ରସ୍ତାବର ପ୍ରତ୍ୟୁତ୍ତର ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌ର ଉପରୋକ୍ତ ଆବେଦନ ଉପରେ ଧାର୍ଯ୍ୟ ତାରିଖ ସୁଦ୍ଧା ନିଜର ଆପତ୍ତି / ପ୍ରସ୍ତାବ / ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଶୁଣାଣିରେ ଭାଗ ନେଇପାରିବେ। ଆୟୋଗଙ୍କ ଦ୍ୱାରା ତା ୦୯.୦୧.୨୦୨୬ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ। ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ।

ତାରିଖ : ୨୩.୧୨.୨୦୨୫
ଆୟୋଗଙ୍କ ଆଦେଶକ୍ରମେ
ସ୍ୱା/- ସଚିବ

ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।

## ସଂକ୍ଷେପରେ

### ୨୭ରେ ଉଚ୍ଚସ୍ତରୀୟ କମିଟି ବୈଠକ

ପୁରୀ,୨୩।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର କାର୍ଯ୍ୟ ସମ୍ପନ୍ନ ହେବା ପରେ ନିଷ୍ପତ୍ତି ଅନୁଯାୟୀ ଅସ୍ଥାୟୀ ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ରତ୍ନଅଳଙ୍କାରଗୁଡ଼ିକୁ ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ଶେଷ ହୋଇଥିଲା। ଅଳଙ୍କାର ସ୍ଥାନାନ୍ତର ସମ୍ପନ୍ନ ହୋଇଥିବା ହେତୁ ରତ୍ନଅଳଙ୍କାର ଗୁଡ଼ିକର ଗଣତି ମଣତି କରିବା ପାଇଁ ବିଭିନ୍ନ ମହଲରେ ମତପ୍ରକାଶ ପାଇଥିଲା। ସରକାରଙ୍କ ପକ୍ଷରୁ ମଧ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ଅଳଙ୍କାର ଏବଂ ମୂଲ୍ୟବାନ ଜିନିଷଗୁଡ଼ିକର ଗଣତି ପାଇଁ ଏସ୍ଓପି ଡ୍ରାଫ୍ଟ ଉପରେ ଏକ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ବୈଠକ ଆସନ୍ତା ୨୭ରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏହି ବୈଠକ ୨୭ ତାରିଖ ଅପରାହ୍ନରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବୈଠକ ସମ୍ପର୍କରେ ଏ ନେଇ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

### ୩୦୦ ଅସହାୟଙ୍କୁ ଶୀତ ବସ୍ତ୍ର ବଣ୍ଟନ

କୋଣାର୍କ,୨୩।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ କିନ୍ନର ସଂଘ ପକ୍ଷରୁ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ ଅସହାୟଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମଙ୍ଗଳବାର ଅପରାହ୍ନରେ ଶୀତବସ୍ତ୍ର କମ୍ବଳ ଓ ସାର୍ଟବଣ୍ଟନ କରାଯାଇଛି। ଶୀତର ପ୍ରକୋପରୁ ରକ୍ଷା ପାଇଁ କୋଣାର୍କ ଏନଏସି ଅଧୀନସ୍ଥ ୧୩ଟି ୱାର୍ଡ ସମେତ କୁରୁଜଙ୍ଗ ପଞ୍ଚାୟତର ପ୍ରାୟ ୩୦୦ ଜଣ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ଅସହାୟଙ୍କୁ କୋଣାର୍କ କିନ୍ନର ସଂଘର ସଭାନେତ୍ରୀ ଦିପ୍ସା କିନ୍ନରଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ମେଡିକାଲ ଛକ ନିକଟସ୍ଥ ରାଜାରାମ ମଠ ପ୍ରାଙ୍ଗଣରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଗାମୀ ଦିନରେ ବ୍ୟାପକ ସାମାଜିକ କାର୍ଯ୍ୟ ଓ ସେବା କାର୍ଯ୍ୟ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କୋଣାର୍କ କିନ୍ନର ସଂଘର ଏଭଳି ଜନକଲ୍ୟାଣକାରୀ ପଦକ୍ଷେପ ପାଇଁ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମକୁ କୋଣାର୍କ କିନ୍ନର ସଂଘର ସୁକାନ୍ତି କିନ୍ନର, କାଜଲ କିନ୍ନର, ଶିବାନୀ କିନ୍ନର, ତୁଳସୀ କିନ୍ନର, ସନ୍ଧ୍ୟା କିନ୍ନର, ଶାନ୍ତି କିନ୍ନର, ଗଙ୍ଗା କିନ୍ନର, ଷୋଳକଳା କିନ୍ନର, ଶ୍ରଦ୍ଧା କିନ୍ନର, କୁନି କିନ୍ନର, ଜ୍ୟୋତ୍ସ୍ନା କିନ୍ନର ପ୍ରମୁଖଙ୍କ ସହିତ ସାମାଜିକ କର୍ମୀ ମନୋଜ ନାୟକ ଉକ୍ତ କାର୍ଯ୍ୟକ୍ରମରେ ରହି ସହଯୋଗ କରିଥିଲେ।

### ପୋଲିସ, ସାଧାରଣ ଜନତା ମଧ୍ୟରେ ବନ୍ଧୁତ୍ୱ ସମ୍ପର୍କ

କାକଟପୁର/ଅସ୍ତରଙ୍ଗ, ୨୩।୧୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ବିଶ୍ୱାସ, ଭରସା, ସହଯୋଗ, ସହାୟତା ତଥା ସାମାଜିକ ସମ୍ପର୍କକୁ ନିବିଡ଼ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି ଓଡ଼ିଶା ପୋଲିସର ସାମୁଦ୍ରିକ ଥାନା ଦ୍ୱାରା ଆୟୋଜିତ 'କମ୍ୟୁନିଟି ପୋଲିସିଂ' କାର୍ଯ୍ୟକ୍ରମ। ଏହାଛଡା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନ ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଞ୍ଚିବାକୁ ରୋକିବା ସହ ସନ୍ଦିଗ୍ଧଙ୍କୁ ପ୍ରତିହତ ପାଇଁ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସର ପୁରୀ ଜିଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ୫ ମେ ୨୦୧୪ ମସିହାରେ ସ୍ଥାପିତ ହୋଇଛି। ଗଭୀର ସମୁଦ୍ରକୁ ଯାଇଥିବା ବେଳେ ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି, ଅନୁପ୍ରବେଶକାରୀ ଅବା ସନ୍ଦେହଜନକ ସାମଗ୍ରୀ ନଜର ପଡ଼େ, ତେବେ ତୁରନ୍ତ ଏ ନେଇ ପୋଲିସକୁ ସୂଚନା ଦେବା ସହ ସାମୁଦ୍ରିକ ଥାନା ପୋଲିସ ଓ ଜନସାଧାରଣ ସୁସମ୍ପର୍କ ରଖିବା ପାଇଁ ମଙ୍ଗଳବାର ମଧ୍ୟାହ୍ନରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ, ନୂଆଗଡ଼ ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଟେକ୍ନିକାଲ ଷ୍ଟାଫ ମାଷ୍ଟର ପ୍ରକାଶ ଦାଶ, ମାଷ୍ଟର ବିପ୍ରଚରଣ ସ୍ୱାଇଁ ଉପସ୍ଥିତ ରହି ନୂଆଗଡ଼ ସ୍ଥିତ ଡାଳଖାଇ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ 'କମ୍ୟୁନିଟି ପୋଲିସିଂ' କାର୍ଯ୍ୟକ୍ରମ ସମ୍ପର୍କରେ ମତ ଦେଇଥିଲେ। 'କମ୍ୟୁନିଟି ପୋଲିସିଂ' ହେଉଛି ସାଧାରଣଜନତା ଓ ପୋଲିସଙ୍କ ମଧ୍ୟରେ ଏକ ବିଶ୍ୱାସର ସେତୁ ବୋଲି ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର କୁମାର ସ୍ୱାଇଁ ମତ ଦେଇଛନ୍ତି।

# ପୋତି ହୋଇଗଲାଣି ଦେବୀ ମୁହାଣ

କାକଟପୁର/ଅସ୍ତରଙ୍ଗ,୨୩।୧୨
(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

- ବିପଦରେ ହଜାର ହଜାର ମତ୍ସ୍ୟଜୀବୀ
- ମୁହାଣ ଖନନ ପାଇଁ ବହୁ କୋଟି ଟଙ୍କାର ବଜେଟ୍
- ୨ବର୍ଷ ପୂର୍ବେ ହୋଇଥିଲା ସର୍ବେକ୍ଷଣ

ଅସ୍ତରଙ୍ଗ ନିକଟ ଦେବୀ ମୁହାଣ ଆଖପାଖ ଗ୍ରାମବାସୀଙ୍କ ଜୀବିକା ଏବେ ବିପଦରେ। ଦେବୀ ମୁହାଣ ପୋତି ହୋଇଯିବା ଫଳରେ ସମୁଦ୍ର ଭିତରକୁ ଟ୍ରଲର୍ ନେବା ଓ ଆଣିବା ସମ୍ଭବ ହେଉନାହିଁ, ଯାହାକି ମତ୍ସ୍ୟଜୀବୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛିବର୍ଷ ଭିତରେ ଦେବୀ ମୁହାଣ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ତଥା ଅସ୍ତରଙ୍ଗ ବ୍ଲକରେ ବାସ କରୁଥିବା ହଜାର ହଜାର ମତ୍ସ୍ୟଜୀବୀ ଏବେ ଚିନ୍ତାରେ। ଫଳରେ ପେଟ ପାଟଣା ପାଇଁ ବାଧ ହୋଇ ଲୋକେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜୀବିକା ବଞ୍ଚାଇବା ପାଇଁ ତୁରନ୍ତ ମୁହାଣ ଖନନ କରିବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଏହାର ପୁନରୁଦ୍ଧାର ପାଇଁ ବହୁ କୋଟି ଟଙ୍କାର ଏକ ବଜେଟ୍ ପ୍ରସ୍ତୁତ କରାଯାଇଛି। କିନ୍ତୁ ପ୍ରଶାସନସ୍ତରରେ ଖାମଖିଆଲ ମନୋଭାବ ସହ ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁ ମୁହାଣ ଖନନ କରାଯାଇନି, ଯାହାକି ପ୍ରଶସ୍ତ ହେବାରେ ଲାଗିଛି ଦେବୀ ନଦୀ ମୁହାଣ। ବଦଳୁଛି ନଦୀର ଗତିପଥ। ଅବକ୍ଷୟ ହେଉଛି ସମୁଦ୍ର। ନଦୀ ଭିତରେ ଧସେଇ ପଶୁଛି ସମୁଦ୍ର ଜୁଆର। ନଦୀର ଜଳ ନିଷ୍କାସନ ପଥରେ ସୃଷ୍ଟି ହୋଇଛି ବାଲୁକା ସ୍ତୁପ।

ଏ ନେଇ ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବୀ ସଂଘ ସଭାପତି ପ୍ରସନ୍ନ ବେହେରା କହିଛନ୍ତି, ନୂଆଗଡ଼ ମାଛଧରା ବନ୍ଦର ଓ ମୁହାଣ ପୁନରୁଦ୍ଧାର ପାଇଁ ସରକାର ଦୀର୍ଘ ୨ବର୍ଷ ହେଲା ଅର୍ଥ ଘୋଷଣା କରିଥିଲେ ମଧ ଆଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଟେଣ୍ଡର ପ୍ରକ୍ରିୟା ହେଉଛି ବୋଲି କହି ଦେବୀ ମୁହାଣ ସରକାରୀସ୍ତରର ଅଧିକାରୀମାନେ ବୁଝାଇ ଚାଲିଛନ୍ତି। ଏହାସହ ଦେବୀ ମୁହାଣ ପୋତି ହୋଇଯିବା ଫଳରେ ଟ୍ରଲର୍, ଯନ୍ତ୍ର ଚାଳିତ ଟାପା ଓ ଡଙ୍ଗାଗୁଡିକ ଯାତାୟାତ ବାଧାପ୍ରାପ୍ତ ହେଉଛି।

ଅସ୍ତରଙ୍ଗ ସହକାରୀ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସ କହିଛନ୍ତି, ୨୦୨୩ ମସିହାରେ ଭାରତୀୟ ଭୂତାତ୍ତ୍ୱିକ ସର୍ଭେକ୍ଷଣ ଏକ ବୈଜ୍ଞାନିକ ଟିମ୍ ଆସି ତଦନ୍ତ କରିଥିଲେ। ଆମେ ଚେଷ୍ଟା ଜାରି ରଖିଛୁ ଯେତେ ଶୀଘ୍ର ପାରିବୁ ଗଭୀର କରିବୁ। ଏନେଇ ମତ୍ସ୍ୟଜୀବୀ ଶିବ ବେହେରା କହିଛନ୍ତି, ସମୁଦ୍ରକୁ ଯିବା ପାଇଁ ରହିଥିବା ମୁହାଣ ପୋତି ହୋଇଯାଇଥିବାରୁ ମତ୍ସ୍ୟଜୀବୀ ନାନା ହଇରାଣ ହେଉଛନ୍ତି। ମୁହାଣ ଗତିପଥରେ ସମୁଦ୍ରକୁ ଡଙ୍ଗା, ଯନ୍ତ୍ରଚାଳିତ ଟାପା ଓ ଟ୍ରଲର୍ ନେଲେ ବାଲି, ଘାସରେ ଲାଗିଯାଉଛି। ଫଳରେ ଯେଉଁ ଟ୍ରଲର ସମୁଦ୍ର ଭିତରକୁ ଯାଉଛି, ତାକୁ ମତ୍ସ୍ୟଜୀବୀ ସମୁଦ୍ର ଭିତରେ ଲଙ୍ଗର ପକାଇ ରଖୁଛନ୍ତି। ଏହାଦ୍ୱାରା ବିଭିନ୍ନ ସମୟରେ ସାମୁଦ୍ରିକ ଝଡ଼ ବାତ୍ୟାରେ ସମୁଦ୍ର ଅଶାନ୍ତ ହେଲେ କିମ୍ବା ବଡ଼ ଲହଡ଼ି ଆସିଲେ ଡଙ୍ଗା, ଟାପା ଓ ଟ୍ରଲର କ୍ଷତିଗ୍ରସ୍ତ ହେଉଥିବା ସେ କହିଛନ୍ତି।

## ଭକ୍ତଙ୍କୁ ସୁରକ୍ଷା କର୍ମୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ପୁରୀ,୨୩।୧୨(ଅଜିତ୍ କୁମାର ମହାନ୍ତି)

ମହାରାଷ୍ଟ୍ରରୁ ଆସିଥିବା ଶ୍ରଦ୍ଧାଳୁ ପରିବାର ଉପରେ ଜଣେ ସୁରକ୍ଷା ଅଧିକାରୀ ଆକ୍ରମଣ କରିଥିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଅଭିଯୋଗ ହୋଇଛି। ଆକ୍ରମଣରେ ଜଣେ ୯ବର୍ଷର ନାବାଳକ ଆହତ ହେବା ସହ ଗୋଡ଼ରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଉକ୍ତ ପୋଲିସ ଅଧିକାରୀ ଜଣକ ମହିଳା ଶ୍ରଦ୍ଧାଳୁଙ୍କୁ ମଧ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ମହାରାଷ୍ଟ୍ରରୁ ଏକ ପରିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ରାତ୍ର ପହୁଡ଼ ସମୟରେ ତାଙ୍କ ପରିବାର ଶ୍ରୀମନ୍ଦିର ଭିତରେ ରହିଥିଲେ। ଏହି ସମୟରେ କେତେଜଣ ସୁରକ୍ଷା କର୍ମୀ ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଅପରାଧିଭଳି ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହୋଇଛି। ପରେ ଜଣେ ପୋଲିସ ଅଧିକାରୀ ତାଙ୍କ ସହ ଥିବା ଜଣେ ନାବାଳକର ସାର୍ଟକୁ ଭିଡ଼ି ଧରି ଘୋଷାଡି ନେଇ ଫୋପାଡ଼ି ଦେଇଥିଲେ। ଫଳରେ ନାବାଳକଙ୍କ ଛାତି ମାଡ଼ ହେବା ସହ ଗୋଡ଼ରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଅନ୍ୟପକ୍ଷରେ ଉକ୍ତ ପୋଲିସ ଅଧିକାରୀ ଜଣକ କେତେଜଣ ମହିଳା ଶ୍ରଦ୍ଧାଳୁଙ୍କୁ ମଧ ଦୁର୍ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ଅଧିକାରୀଙ୍କ ନାମ ଜାଣି ନ ଥିବା ବେଳେ ଶ୍ରଦ୍ଧାଳୁ ଜଣଙ୍କ ତାଙ୍କୁ ଦେଖିଲେ ଚିହ୍ନି ପାରିବେ ବୋଲି ସେ ସୂଚନା ଦେଇଛନ୍ତି।

## ହମ୍ପ୍ସ ଯୋଗୁ ଚାଲିଗଲା ମହିଳାଙ୍କ ଜୀବନ

ଡେଲାଙ୍ଗ,୨୩।୧୨(ରଶ୍ମିରଞ୍ଜନ ପ୍ରଧାନ)

**ପଟ୍ଟନାୟିକିଆ-ଖୋର୍ଦ୍ଧା ରାସ୍ତାରେ ୫୦ରୁ ଉର୍ଦ୍ଧ୍ୱ ବେଆଇନ ହମ୍ପ୍ସ**

ଡେଲାଙ୍ଗ ବ୍ଲକର କଣ୍ଟାବଣିଆ ଛକ ସନ୍ନିକଟ ହମ୍ପ୍ସଠାରେ ବାଇକ୍‌ରୁ ଖସି ମଙ୍ଗଳବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ହମ୍ପ୍ସକୁ ତାଡ଼ିବାକୁ ଚେଷ୍ଟା କରିଥିଲେ। ସୂଚନାଯୋଗ୍ୟ, କଣାସ ବ୍ଲକର ବେଣାଗାଁ ଅଞ୍ଚଳର ମହିଳା ଜିନା ପଟ୍ଟନାୟକ(୫୦) ତାଙ୍କ ପୁତୁରା ସହିତ ବାଇକ୍ ଯୋଗେ ଡେଲାଙ୍ଗ ପଟୁ ପଟ୍ଟନାୟିକିଆ ଅଭିମୁଖେ ଯାଉଥିଲେ। ଡେଲାଙ୍ଗ–ପଟ୍ଟନାୟିକିଆ ପୂର୍ତ୍ତ ସଡ଼କର କଣ୍ଟାବଣିଆ ଛକ ସନ୍ନିକଟରେ ଥିବା ହମ୍ପ୍ସ ଅତିକ୍ରମ କରୁଥିବା ବେଳେ ମହିଳା ଜଣଙ୍କ ବାଇକ୍‌ରୁ ଖସି ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡେଲାଙ୍ଗ ପୋଲିସକୁ ଜଣାଇଥିଲେ। ଖବରପାଇ ଏଏସ୍ଆଇ ପ୍ରଭାତ ପଲାଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଭ୍ୟାନ ଯୋଗେ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଏହି ରାସ୍ତାରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ହମ୍ପ୍ସଗୁଡ଼ିକୁ ଉଠାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପଟ୍ଟନାୟିକିଆ–ଖୋର୍ଦ୍ଧା ରାସ୍ତାରେ ୫୦ରୁ ଉର୍ଦ୍ଧ୍ୱ ହମ୍ପ୍ସ ଥିବାବେଳେ କୌଣସି ହମ୍ପ୍ସରେ ସତର୍କ ସଙ୍କେତ ନାହିଁ। ଏହାସହିତ ସଡ଼କ ବିଭାଗ ପକ୍ଷରୁ ହମ୍ପ୍ସ ପୂର୍ବରୁ କୌଣସି ଫଳକ ତଥା ସଙ୍କେତ ନ ଥିବା ଯୋଗୁ ଗାଡ଼ି ଚାଳକମାନେ ରାସ୍ତାରେ ହମ୍ପ୍ସ କେଉଁ ସ୍ଥାନରେ ରହିଛି ଜାଣିପାରୁ ନାହାନ୍ତି। ଫଳରେ ଦୁର୍ଘଟଣାମାନ ଘଟୁଛି। ବେଆଇନ ହମ୍ପ୍ସ ଉଠାଇବା ଓ ହମ୍ପ୍ସ ଥିବା ସ୍ଥାନଗୁଡ଼ିକରେ ସାଙ୍କେତିକ ଫଳକ ଲଗାଇବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଖରିଫ ଧାନ କ୍ରୟ ପାଇଁ ଦିନକିଆ ପ୍ରଶିକ୍ଷଣ ଶିବିର

ସାକ୍ଷୀଗୋପାଳ,୨୩।୧୨(ଭରତ ରାଉତ)



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିବା ଅଧିକାରୀମାନେ।

ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ ୧୭ଗୋଟି ସମବାୟ ସମିତି ଜରିଆରେ ୨୫–୨୬ ବର୍ଷର ଖରିଫ ଧାନ ମଣ୍ଡି ଖୋଲିବାକୁ ଯାଉଛି। ଏଥିପାଇଁ ପୁରୀ ଜିଲା ପ୍ରଶାସନ ଓ ସାକ୍ଷୀଗୋପାଳ ନିୟନ୍ତ୍ରଣ ବଜାର କମିଟି ସହଯୋଗରେ ପି–ପାସ୍ ଓ ଧାନର ମାନ ନିର୍ଦ୍ଧାରଣ କରିବା ପାଇଁ ସତ୍ୟବାଦୀ, ପିପିଲି, ପୁରୀ ସଦର, କଣାସ ଓ ଡେଲାଙ୍ଗ ବ୍ଲକରେ ଥିବା ସମସ୍ତ ଧାନ ମଣ୍ଡିର ସମ୍ପାଦକଙ୍କ ସହିତ ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରକୁ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ପୁରୀ ଜିଲାର ୧୫/୧/୨୦୨୬ରେ ଧାନ ମଣ୍ଡି ଖୋଲିବାକୁ ଦିନ ଧାର୍ଯ୍ୟ କରାଯାଉଛି ବୋଲି ସତ୍ୟବାଦୀ ତହସିଲ୍‌ଦାରଙ୍କ ଠାରୁ ସୂଚନା ମିଳିଛି। ଶିବିରରେ ପିପିଲି ବ୍ଲକର ଅତିରିକ୍ତ ତହସିଲ୍‌ଦାର, ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ପୁରୀ ବିଭାଜନର ଅଧିକାରୀ ଓ ଜିଲା ଯୋଗାଣ ବିଭାଗ ପୁରୀର ଅଧିକାରୀମାନେ ଯୋଗଦେଇ କିପରି ପି–ପାସ ସହିତ ଧାନର ମାନ ନିର୍ଦ୍ଧାରଣ କରିବାକୁ ହେବ ସେ ସମ୍ପର୍କରେ ମଣ୍ଡିରେ ସମ୍ପାଦକ ନୋଡାଲ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଶେଷ କରି ଧାନମଣ୍ଡିକୁ ଆଣିଥିବା ଚାଷୀର ଧାନକୁ ନ ଫେରାଇ ଉକ୍ତ ଧାନର ମାନ ବଢ଼ାଇବାରେ ସହଯୋଗ କରିବାକୁ ଯୋଗାଣ ବିଭାଗର ଅଧିକାରୀ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମକୁ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ପୁରୁଷୋତ୍ତମ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ଧାନ ମଣ୍ଡି ନୋଡାଲ ଅଫିସର ସୁରେନ୍ଦ୍ର ଦତ୍ତ ଓ ହିସାବ ନିରୀକ୍ଷକ ଜଗତ ଜ୍ୟୋତି ସାହୁ ଓ ଅନ୍ୟ କର୍ମଚାରୀ ପ୍ରଶିକ୍ଷଣ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ନିଷ୍ଠାପର ଉଦ୍ୟମ ସଫଳତା ଆଣିଦିଏ

ସାକ୍ଷୀଗୋପାଳ,୨୩।୧୨(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)

ସତ୍ୟବାଦୀ ଗୁରୁକୁଳ ସ୍କଲାର ବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ ଚେୟାରମ୍ୟାନ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାକ୍ଷୀଗୋପାଳ କଲେଜ ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ପାଇଁ ନିଷ୍ଠାପର ସାଧନା ପ୍ରତିଟି କ୍ଷେତ୍ରରେ ସଫଳତା ଆଣିଦିଏ ବୋଲି ଅଧ୍ୟକ୍ଷା ପଟ୍ଟନାୟକ କହିଥିଲେ। ସମ୍ମାନିତ ଅତିଥି ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ଯୋଗଦେଇ ପିଲାମାନେ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସସ୍ମିତା ମିଶ୍ର ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ। ଆଡ୍‌ଭୋକେଟ ଅଞ୍ଜନ ହୋତା ସଂଯୋଜନା କରିଥିଲେ। ବାର୍ଷିକ କ୍ରୀଡ଼ାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। କୁନିକୁନି ଛାତ୍ରୀଛାତ୍ର ମଙ୍ଗଳା ଚରଣ, ଦେବା ଶ୍ରୀଗଣେଶ, ଝୁଲି ଝୁଲି ଆସୁଛିରେ କଳା କହ୍ନେଇ, ସୁନା ଝୁଲଣାରେ ଝୁଲୁଛି ଦେଖରେ କହ୍ନେଇ, ମୋ ଜଗା କାଳିଆରେ, ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ, ଝୁମ୍‌ଝୁମ୍, ଘୋଡେଜେସି ଚାଲ, ବମବମ ଭୋଲେ, ଓ ନୃତ୍ୟ ପରିବେଷଣ କରିଥିଲେ।

## ଶିକ୍ଷାର ବିକାଶ ହେଲେ ଦେଶ, ରାଜ୍ୟ ବିକଶିତ ହେବ

ନିମାପଡ଼ା,୨୩।୧୨(ବିଚିତ୍ରାନନ୍ଦ ସାହୁ)

ଶିକ୍ଷା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହେବ, ଶିକ୍ଷାର ବିକାଶ ହେଲେ ଦେଶ ଓ ରାଜ୍ୟ ସମୃଦ୍ଧ, ବିକଶିତ ଓ ପ୍ରଗତିଶୀଳ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା ସରସ୍ୱତୀ




ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ଶିଶୁ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ବିଦ୍ୟାଳୟ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା।

ସମାରୋହରେ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ସାଂସଦ ବିଭୂପ୍ରସାଦ ତରାଇ, ଶିକ୍ଷା ବିକାଶ ସମିତି ଓଡ଼ିଶାର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ପଠାଣି ସାମନ୍ତ ପ୍ଲାନେଟୋରିୟମର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ନିର୍ମଳ କୁମାର ମିଶ୍ର, ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୧୮୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି ପ୍ରଦାନ କରି ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି, ଦର୍ଶକ, ଅଭିଭାବକଙ୍କୁ ବେଶ ବିମୋହିତ କରିଥିଲା। ଏହି ସମାରୋହରେ ବହୁ ଶିକ୍ଷାବିତ୍, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ସ୍ଥାନୀୟ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇଥିଲେ।

## ୬୫ ଅଭିଯୋଗର ସମାଧାନ

ଡେଲାଙ୍ଗ,୨୩।୧୨(ରଶ୍ମିରଞ୍ଜନ ପ୍ରଧାନ)

**ଡେଲାଙ୍ଗ ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି**

ଡେଲାଙ୍ଗ ବ୍ଲକରେ ଜିଲା ପ୍ରଶାସନର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଉପଜିଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବ୍ଲକ ଉନ୍ନୟନ ଅଧିକାରୀ କ୍ଷୀତିଶଚନ୍ଦ୍ର ବେହେରା, ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ୟାମଘନ ବାରିକ ପ୍ରମୁଖ ଶୁଣାଣିରେ ଉପସ୍ଥିତ ରହି ବ୍ୟକ୍ତିଗତ ଓ ସାମୂହିକ ମୋଟ ୬୫ଟି ଅଭିଯୋଗ ଶୁଣାଣି କରିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

ସାଉରିଆ ପଞ୍ଚାୟତର ସମିତିସଭ୍ୟା ଅନ୍ନପୂର୍ଣ୍ଣା ରଣଜିତ୍ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ରାମ ପୋଖରୀ ହୁଡ଼ାକୁ ପୋତିବା କାର୍ଯ୍ୟ କରିଥିଲେ। ଅଦ୍ୟାବଧି କୌଣସି ହିତାଧିକାରୀଙ୍କ ଖାତାକୁ ପ୍ରାପ୍ୟ ଅର୍ଥ ଯାଇ ନ ଥିବା ଅଭିଯୋଗ ହୋଇଥିଲା। କଲ୍ୟାଣପୁର ପଞ୍ଚାୟତରେ ପାନୀୟ ଜଳ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ସରପଞ୍ଚ ଗୋବର୍ଦ୍ଧନ ସେଠୀ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରିଥିବା ବେଳେ ତାଙ୍କୁ ବିଲ୍ ମିଳି ନ ଥିବା ନେଇ ସେ ଅଭିଯୋଗ କରିଥିଲେ। କଅଁଳପଡ଼ା ଗ୍ରାମର ପର୍ଶୁରାମ ବଳିୟାରସିଂହଙ୍କ ମୃତ୍ୟୁକୁ ନେଇ ଥାନାରେ ହତ୍ୟା ମୋକଦ୍ଦମା ରୁଜୁ କରାଯାଇଥିବା ବେଳେ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ମୃତକଙ୍କ ମା' ଅଭିଯୋଗ ଆଣିଥିଲେ। ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ମା କୁନିଙ୍କୁ ଅତିରିକ୍ତ ଏସ୍‌ପି ପଟେଲ ଆଶ୍ୱାସନା ଦେଇଥିଲେ। ଅଭିଯୋଗ ଶୁଣାଣିରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଶାନ୍ତନୁ ଜେନା, ସହକାରୀ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ, ରାସ୍ତା ଓ କୋଠାବାଡ଼ି ବିଭାଗର କନିଷ୍ଠ ଯନ୍ତ୍ରୀ ଜଗନ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ ଅନୀଲ ସେଠୀ, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ଶତୃଘ୍ନ ବେହେରା, ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରୀତିତୋଷ ମହାପାତ୍ର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଶିବିରରେ ଉପଜିଲାପାଳ ରାଜକିଶୋର ଜେନାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KDJR-527, ତା.17.12.2025ରିଖ

କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର ସିଗ୍ନାଲ / କେନ୍ଦୁଝରଗଡ଼ଙ୍କ ଅଧିକାର କ୍ଷେତ୍ର ଅଧୀନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (₹): 74,67,830.67, EMD (₹) : 1,49,400.00

ବିଡ୍ ଆରମ୍ଭ ହେବା ତାରିଖ : ତା.25.12.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 08.01.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-926/Q/25-26

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, Ph.-(0663) 2460661, Email-hpschiplima@yahoo.in, Fax No. (0663) 2460505

No.-CHEP/TW-02 (Vol.-VI) (Part File-I)/4971 Date: 22.12.2025

TENDER CALL NOTICE NO.-CHEP-48/2025-26

No.CAD-2800 : Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
| --- | --- | --- |
| Supply of LED lights of different ratings for illumination of Chiplima Power House Building and Premises | Rs.2,360/- (Rs.2,000/- + GST @18%) | Rs.2,700/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.26.12.2025 up to 12:30 PM of dtd.08.01.2026.

Sd./- C & P Head, CHEP, Chiplima
OIPR-04006/11/0120/2526

**OFFICE OF THE PRINCIPAL**
**ATHMALLIK COLLEGE, ATHMALLIK**
Dist-Angul
e-mail id - athmallik.college@gmail.com

No.980 Dt.23.12.2025

QUOTATION CALL NOTICE

Sealed quotations are invited from different Registered Firms / Authorised dealers/ Suppliers having valid license DGS & GeM rate contract Registration / TIN/PAN, GST and Income Tax clearance for supply of Canon Xerox Machine Model No.2224N Image Runner (both side printing) along with the requisite documents. The quotation should reached the undersigned on or before 31.12.2025 by 2 pm through speed post / Registered post. The authority reserves the right to accept or reject any or all quotations without assigning any reason thereof.

For contact-
9937161781-Principal, Dr. Trilochan Pradhan
9337066395 - Account Bursar, Sri Braja Gopal Mishra

Sd./- Principal-cum-Secretary
Athmallik College, Athmallik

**ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ**
**ODISHA ELECTRICITY REGULATORY COMMISSION**
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021
TEL. No.: 2721048, 2721049
Together, Let us light up our lives
E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org

କେସ୍ ନମ୍ବର - ୭୭ /୨୦୨୫

**ସର୍ବସାଧାରଣ ସୂଚନା**

**ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦ ପାଇଁ ଆବେଦନର ଶୁଣାଣି।**

ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି। ଆୟୋଗ ଏହାକୁ ମାମଲା ସଂ ୭୭/୨୦୨୫ ଭାବେ ପଞ୍ଜିକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ମେସର୍ସ ଟିପିସିଓଡିଏଲ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ସମତେ ସମସ୍ତ ପରିଶିଷ୍ଟ ଓଇଆର୍‌ସି ୱେବସାଇଟ୍ (www.orierc.org) ତଥା ମେସର୍ସ ଟିପିସିଓଡିଏଲ୍ ୱେବସାଇଟ (www.tpcentralodisha.com) ରେ ମଧ ଉପଲବ୍ଧ। ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ / ସଂଗଠନ ମେସର୍ସ ଟିପିସିଓଡିଏଲର ଆବେଦନ ଉପରେ ସେମାନଙ୍କର ମତାମତ / ଆପତ୍ତି / ପ୍ରସ୍ତାବ, ଯଦିଥାଏ ତା ୦୫.୦୧.୨୦୨୬ ସୁଦ୍ଧା ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ଆବେଦନକାରିଙ୍କ ନିକଟକୁ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି / ପ୍ରସ୍ତାବର ପ୍ରତ୍ୟୁତ୍ତର ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌ର ଉପରୋକ୍ତ ଆବେଦନ ଉପରେ ଧାର୍ଯ୍ୟ ତାରିଖ ସୁଦ୍ଧା ନିଜର ଆପତ୍ତି / ପ୍ରସ୍ତାବ / ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଶୁଣାଣିରେ ଭାଗ ନେଇପାରିବେ। ଆୟୋଗଙ୍କ ଦ୍ୱାରା ତା ୦୯.୦୧.୨୦୨୬ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ। ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ।

ତାରିଖ : ୨୩.୧୨.୨୦୨୫

ଆୟୋଗଙ୍କ ଆଦେଶକ୍ରମେ
ସ୍ୱା/ - ସଚିବ

ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।

## ସଂକ୍ଷେପରେ

### ଓଡ଼ିଶୀ ଇଣ୍ଟରନ୍ୟାଶନାଲରେ ଶ୍ରୀନିକାଙ୍କ ନୃତ୍ୟ ପ୍ରଦର୍ଶନ



ଭୁବନେଶ୍ୱର,୨୩।୧୨(ଅନୁରାଧା ମହାରଣା)

ଓଡ଼ିଶୀ ଇଣ୍ଟରନ୍ୟାଶନାଲ-୨୦୨୫ରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୟୁକେଜି ଛାତ୍ରୀ ୬ବର୍ଷୀୟା ଶ୍ରୀନିକା ମିଶ୍ର ନମାମି ବିଘ୍ନରାଜ ଓ ମଙ୍ଗଳାଚରଣ ନୃତ୍ୟରେ ସୁନ୍ଦର ନୃତ୍ୟ ପ୍ରଦର୍ଶନ ଦ୍ୱାରା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନୃତ୍ୟଗୁରୁ ରତ୍ନପଦ୍ମା ଅରସ୍ମିତା ଯାଜ୍ଞସେନୀଙ୍କ ସୁଦକ୍ଷ ମାର୍ଗଦର୍ଶନରେ ପ୍ରଶିକ୍ଷିତ ଡ. ସଙ୍ଗୀତସରିତା ନନ୍ଦ ଏବଂ ଅଶୋକ କୁମାର ମିଶ୍ରଙ୍କ ଝିଅ ଶ୍ରୀନିକା, ଏତେ କମ୍ ବୟସରେ ଉଲ୍ଲେଖନୀୟ ସ୍ଥିରତା ଭକ୍ତିଭାବ ସହ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଉପସ୍ଥିତ ଓଡ଼ିଶୀପ୍ରେମୀ ଏବଂ ଅନୁରାଗୀଙ୍କ କରତାଳି ତାଙ୍କର ପ୍ରଦର୍ଶନକୁ ଆହୁରି ପ୍ରସ୍ଫୁଟିତ କରିଥିଲା।

### ସିଏଚ୍ଏସ୍ଇ ପୂର୍ବତନ ଜୁନିଅର ଡାଏରିଷ୍ଟଙ୍କୁ ୩ ବର୍ଷ ଜେଲ

#### ଲାଞ୍ଚ ମାମଲାରେ ରାୟ

ଭୁବନେଶ୍ୱର,୨୩।୧୨(ସତ୍ୟଜିତ ରାଉତ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) କାର୍ଯ୍ୟାଳୟର ପୂର୍ବତନ ଜୁନିଅର୍ ଡାଏରିଷ୍ଟ ଅଜୟ କୁମାର ମହାନ୍ତି (ଅବସରପ୍ରାପ୍ତ) ଏକ ଲାଞ୍ଚ ମାମଲାରେ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ରାୟ ପ୍ରକାଶ କରି ଅଜୟଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ନିରଞ୍ଜନ ନାୟକଙ୍କ ଶାଳୀ ଯୁକ୍ତ ୨ ପରୀକ୍ଷା ଦେବାକୁ ଚମ୍ପେଶ୍ୱର କଲେଜରୁ ଢେଙ୍କାନାଳ ହିନ୍ଦୋଳ କଲେଜକୁ ଟ୍ରାନ୍ସଫର୍ କରିଥିଲେ। ପ୍ରତ୍ୟେକ ବିଷୟରେ ସେ ପରୀକ୍ଷା ଦେଇଥିଲେ। ୨୦୧୩ ମେ'ରେ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ହେଲେ ମାତୃଭାଷା ବିଷୟରେ ନିରଞ୍ଜନଙ୍କ ଶାଳୀଙ୍କ ଫଳ ପ୍ରକାଶ ପାଇ ନ ଥିଲା। ଉକ୍ତ ବିଷୟରେ ପରୀକ୍ଷା ଦିନ ସେ କେନ୍ଦ୍ରରେ ଅନୁପସ୍ଥିତ ଥିବା କୁହାଯାଇଥିଲା। ତେବେ ଏଥିପାଇଁ ନିରଞ୍ଜନ ଭୁବନେଶ୍ୱରସ୍ଥିତ ସିଏଚଏସ୍ଇ ଅଫିସକୁ ଯାଇ ଶାଳୀଙ୍କ ପରୀକ୍ଷା ସମସ୍ୟା ବିଷୟରେ ଜଣାଇଥିଲେ। ସେଠାରେ ନିରଞ୍ଜନଙ୍କୁ ଅଜୟ ଫଳ ପ୍ରକାଶ କରାଇ ଦେବାକୁ କହି ୫ ହଜାର ଟଙ୍କା ଦାବି କରିଥିଲେ। ଜୁନ ୩ ତାରିଖରେ ନିରଞ୍ଜନ ୩ ହଜାର ଟଙ୍କା ନେଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଭୁବନେଶ୍ୱର ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଜୁନ ୧୨ ତାରିଖରେ ଆଉ ଏକ ହଜାର ଟଙ୍କା ଅଜୟ ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ସୌମିତ୍ର ଘୋଷ ପରିଚାଳନା କରୁଥିଲେ। ଦଣ୍ଡାଦେଶକୁ ଆଧାର କରି ଅଜୟଙ୍କ ପେନସନ୍ ରାଶି ବନ୍ଦ କରିବାକୁ ଭିଜିଲାନ୍ସ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି।

# କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ ହେଲେ କିଟ୍ ନନ୍ଦିପରୀ

■ ମଧ୍ୟପ୍ରଦେଶର ପ୍ରାଞ୍ଜଳ ଶର୍ମା ପ୍ରଥମ ଉପବିଜେତା

■ ତେଲଙ୍ଗାନାର ପି. ପ୍ରାର୍ଥିନୀ ଦ୍ୱିତୀୟ ଉପବିଜେତା

ଭୁବନେଶ୍ୱର,୨୩।୧୨(ଅନୁରାଧା ମହାରଣା)



କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ କିଟ୍ ନନ୍ଦିପରୀ ଲିଟିଲ ମିସ୍ ଇଣ୍ଡିଆ ଏବଂ ୨ ଉପବିଜେତା।

କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନନ୍ଦିପରୀ ଲିଟିଲ ମିସ୍ ଇଣ୍ଡିଆ-୨୦୨୫ ଟାଇଟଲ ହାସଲ କରିଛନ୍ତି। କିଟ୍ ଫିଲ୍ମ ଆଣ୍ଡ ଫେଶନ ସ୍କୁଲ ପକ୍ଷରୁ ଆୟୋଜିତ 'କିଟ୍ ନନ୍ଦିପରୀ ଲିଟିଲ୍ ମିସ୍ ଇଣ୍ଡିଆ-୨୦୨୫'ର ଫାଇନାଲ ତଥା ମେଗା ରାଉଣ୍ଡ ମଙ୍ଗଳବାର ଶେଷ ହୋଇଛି। ଫାଇନାଲ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସମୃଦ୍ଧି ନନ୍ଦିପରୀ ମୁକୁଟ ସହ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି। ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିବା ୩୫ ଜଣଙ୍କ ମଧ୍ୟରୁ ୧୦ଜଣ ଫାଇନାଲ ରାଉଣ୍ଡକୁ ଯାଇଥିଲେ। ମଧ୍ୟପ୍ରଦେଶର ପ୍ରାଞ୍ଜଳ ଶର୍ମା ପ୍ରଥମ ଉପବିଜେତା ହୋଇଥିବାବେଳେ ତେଲେଙ୍ଗାନାର ପି. ପ୍ରାର୍ଥିନୀ ଦ୍ୱିତୀୟ ଉପବିଜେତା ହୋଇଛନ୍ତି। ଏହି ଦୁଇ ଉପବିଜେତାଙ୍କୁ ଯଥାକ୍ରମେ ୫ଲକ୍ଷ ଓ ୩ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ନନ୍ଦିପରୀ ମୁଖ୍ୟ ପୃଷ୍ଠପୋଷକ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଫାଇନାଲ ରାଉଣ୍ଡରେ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ-୨୦୨୪ର ବିଜେତା ନିକିତା ପରୱାଲ, ଫେମିନା ମିସ୍ ଇଣ୍ଡିଆ ୱାଲ-୨୦୨୩ର ବିଜେତା ନନ୍ଦିନୀ ଗୁପ୍ତା, ଫେମିନା ମିସ୍ ଇଣ୍ଡିଆସ୍-୨୦୨୪ର ପ୍ରଥମ ଉପବିଜେତା ରେଖା ପାଣ୍ଡେ, ଅଲିମ୍ପିଆନ ଅମିତ ରୋହିଦାସ, ଅଲିମ୍ପିଆନ ଦୂତୀ ଚାନ୍ଦ, ଡା. ଜୟନ୍ତ କୁମାର ଦାସ ପ୍ରମୁଖ ଜୁରି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ (ସୁନ୍ଦର କେଶ) ପାଇଁ ତ୍ରିଶା ଜୈନ (ରାଜସ୍ଥାନ), ଲିଟିଲ ମିସ୍ ଫଟୋଜେନିକ ପାଇଁ ପ୍ରାଞ୍ଜଳ ଶର୍ମା (ମଧ୍ୟପ୍ରଦେଶ), ଲିଟିଲ ମିସ୍ ସେଲ୍ଫି ପାଇଁ ସୁଦେଷ୍ଣା ଗୁରୁଙ୍ଗ (ସିକ୍କିମ), ଲିଟିଲ ମିସ୍ ମୋନାଲିସା ଖୁସାଲୀ ଗୁର୍ଜର (ରାଜସ୍ଥାନ), ଲିଟିଲ ମିସ୍ ଉଇଜକିଡ୍ (କୁଇଜରେ ସର୍ବାଧିକ ନମ୍ବର) ଆହାନା ସିଂହ ଚୌହାନ (ଦିଲ୍ଲୀ), ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ଶର୍ମିଷ୍ଠା ସାଇକିଆ (ଆସାମ), ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ସମୃଦ୍ଧି ତ୍ରିପାଠୀ (କର୍ଣ୍ଣାଟକ), ମିସ୍ ପର୍ସନାଲିଟି ଜିୟା ନେଭାନୀ (ରାଜସ୍ଥାନ), ମିସ୍ ଫେଶନ ସ୍ୱର୍ଣ୍ଣିକା ଖୋଲିୟା (ଓଡ଼ିଶା) ଏବଂ ମିସ୍ ଫିଟ୍ ପାଇଁ ଯଶଶ୍ରୀ ସାଗରିକା (ଓଡ଼ିଶା) ପୁରସ୍କୃତ ହୋଇଥିଲେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୨୦ ହଜାର ଟଙ୍କା ଲେଖାଏ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥର ମୋଟ ୫୬ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା। ସେଥିରୁ ଟାଇଟଲ ବିଜୟିନୀଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ଯେକୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି' ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କା, ୧୦ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ମୋଟ ୨୮ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପ୍ରଥମ ରନର୍ସ ଅପ୍‌ଙ୍କୁ ସମୁଦାୟ ପୁରସ୍କାର ରାଶି ୧୪ ଲକ୍ଷ ଥିବା ବେଳେ ୫ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି' ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି' ଛାଡ଼ କରାଯିବ। ଦ୍ୱିତୀୟ ରନର୍ସ ଅପ୍‌ଙ୍କୁ ମୋଟ ପୁରସ୍କାର ରାଶି ୧୨ଲକ୍ଷ ଟଙ୍କା ଥିବାବେଳେ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି' ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି' ଛାଡ଼ କରାଯିବ। ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଏସ୍.ଏନ୍. ମହାନ୍ତି ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ଡ. ପ୍ରବୋଧ ମହାନ୍ତି, ଇଭୋସ୍ ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଏମ୍‌ଜିଏମ୍ ମିନେରାଲ୍ସ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ନନ୍ଦିପରୀ ପ୍ରତିଷ୍ଠାତା ମଳୟ ମହାପାତ୍ର, ନନ୍ଦିପରୀ କୋର୍ କମିଟି ସଦସ୍ୟା ଡ. ଶ୍ରଦ୍ଧାଞ୍ଜଳି ନାୟକ ଏବଂ ସୋମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିସ୍‌ମାସ୍, ନୂଆବର୍ଷ ପାଇଁ ସୁରକ୍ଷା କଡ଼ାକଡ଼ି

## ଜଗିବେ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ

ଭୁବନେଶ୍ୱର,୨୩।୧୨(ତ୍ରିନାଥ ମହାନ୍ତି)

କ୍ରିସମାସ୍ ଏବଂ ନୂଆବର୍ଷ ପାଇଁ ଟ୍ୱିନ୍‌ସିଟିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏ ନେଇ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଉଭୟ ସହରରେ ଅଧିକ ୧୫ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯିବ ବୋଲି କମିଶନର ଏସ୍. ଦେବଦତ୍ତ ସିଂହ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ସାଦା ପୋଷାକରେ ମୁତୟନ ରହି ସମସ୍ତଙ୍କ ଉପରେ ନଜର ରଖିବେ ବୋଲି କମିଶନର କହିଛନ୍ତି। ନୂଆବର୍ଷ ଆସୁଥିବାରୁ ଜିରୋନାଇଟ ଉତ୍ସବ ପାଳନ ପାଇଁ ସହରର ବିଭିନ୍ନ କ୍ଲବ, ବାର୍ ଏବଂ ହୋଟେଲରେ ବ୍ୟାପକ ଆୟୋଜନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସହରର ସୁରକ୍ଷା ବ୍ୟବସ୍ଥା ଉପରେ ପୋଲିସ ଗୁରୁତ୍ୱ ଦେଇଛି। ମଦ୍ୟପଙ୍କ ଉପରେ ନଜର ରଖାଯାଇଛି। ଯଦି କୌଣସି ବ୍ୟକ୍ତି ମଦ ପିଇ ଉତ୍ପାତ କରନ୍ତି, ତାଙ୍କୁ ତୁରନ୍ତ ଗିରଫ କରାଯିବ। ମଦ ପିଇ ଗାଡ଼ି ଚଳାଉଥିଲେ ଛକରେ ଜଗିଥିବା ପୋଲିସ କର୍ମଚାରୀ ଯାଞ୍ଚ କରିବେ। ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ସହ ଗାଡ଼ି ଜବତ କରାଯିବ। ଜିରୋ ନାଇଟ୍ ଦିନ ନିୟମ ଅନୁସାରେ ସାଉଣ୍ଡ ପାଇଁ ଅନୁମତି ଦିଆଯାଇଛି। ବାହାରେ କୌଣସି ସାଉଣ୍ଡ ବଜାଇବା ଉପରେ କଟକଣା ଜାରି କରାଯାଇଛି। ଜିରୋ ନାଇଟ୍ ସେଲିବ୍ରେଶନ୍ ସମୟରେ କେତେକ ଅସାମାଜିକ ବ୍ୟକ୍ତି ମହିଳାଙ୍କୁ ଅସଦାଚରଣ କରିବାର ଆଶଙ୍କା ରହିଛି। ତେଣୁ ହୋଟେଲ ଓ ପାର୍ଟି ସ୍ଥାନରେ 'ହର୍' ଟିମ୍ ମୁତୟନ ରହିବେ। ରାତିରେ ବିଭିନ୍ନ ଛକରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ସୁଗମ ଯାତାୟତ ପାଇଁ ବାଣୀବିହାର ଛକରୁ ରସୁଲଗଡ଼ ଛକ ପର୍ଯ୍ୟନ୍ତ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ। ଯେଉଁମାନେ ଟ୍ରାଫିକ୍ ସିଗ୍‌ନାଲ ଓ ନିୟମ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି।

# ଉଚ୍ଛେଦ ବିରୋଧରେ ଉଠାଦୋକାନୀ ଏକାଠି

## ସହାୟତା କେନ୍ଦ୍ର ଗଠନ କଲା ଉଠାଦୋକାନୀ ମହାସଂଘ

ଭୁବନେଶ୍ୱର, ୨୩।୧୨(ବନ୍ଦନା ସେଠୀ)

ରାଜଧାନୀରେ ଦୋକାନ କରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିମାନଙ୍କ ଉପରେ ଦାଉ ସାଧି ବିଏମ୍‌ସି, ବିଡିଏ ଏବଂ ସାଧାରଣ ପ୍ରଶାସନ ବିଭାଗ ସମ୍ବିଧାନର ଧାରା ୧୯(୧)(ଛ) ଓ ଉଠାଦୋକାନୀ ଆଇନ-୨୦୧୪କୁ ନ ମାନି ସେମାନଙ୍କୁ ଉଚ୍ଛେଦ କରୁଛନ୍ତି। ଏହା ନିନ୍ଦନୀୟ ଘଟଣା। କିଛିଦିନ ଭିତରେ ସରକାରଙ୍କ ଏହି ୩ଟି ବିଭାଗ ଭୁବନେଶ୍ୱରରେ ୧୦ହଜାରରୁ ଅଧିକ ଉଠାଦୋକାନ ଉଚ୍ଛେଦ କରିସାରିଲେଣି ବୋଲି ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ମଙ୍ଗଳବାର ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘ ତରଫରୁ ଆଇଜି ପାର୍କଠାରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାଖାପାଖି ୧୦୦ଟି ସଂଗଠନର କର୍ମକର୍ତ୍ତା ଯୋଗଦେଇ ବିଏମ୍‌ସି ବିରୋଧରେ ସ୍ଲୋଗାନ ଦେଇଥିଲେ। ଏଥିସହ ଉଚ୍ଛେଦ ସମୟରେ ବିଏମ୍‌ସିକୁ ବିରୋଧ କରିବା ପାଇଁ ୩ଟି ଜୋନ୍‌ରେ ୮ଜଣଙ୍କୁ ଦାୟିତ୍ୱ ଦିଆଯାଇ ଏକ ସହାୟତା କେନ୍ଦ୍ର ଗଠନ କରାଯାଇଛି। ବିଏମ୍‌ସିର କର୍ମଚାରୀମାନେ ଉଚ୍ଛେଦ କରିବାକୁ ଆସିଲେ ବିରୋଧ କରିବା ପାଇଁ ଏହି ସହାୟତା କେନ୍ଦ୍ରର ସାହାଯ୍ୟ ନେବା ପାଇଁ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ନରେନ୍ଦ୍ର ସାହୁ, ସୁଶାନ୍ତ କୁମାର ରାଉତ, ଶ୍ୟାମସୁନ୍ଦର କଅଁର, ଶରତ ସାହୁ, ମଞ୍ଜୁ ନାୟକ, ପ୍ରଶାନ୍ତ ନାୟକ ଏବଂ ସନ୍ତୋଷ କୁମାର ସୁବୁଦ୍ଧି ପ୍ରମୁଖ ସାମିଲ ଥିଲେ।




ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷା ମାନ୍ୟତା ସହ ୩ଦଫା ଦାବିରେ ସାନ୍ତାଳୀ ଯୁବ ଏକତା ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା। (ଫଟୋ- ମନୋରଞ୍ଜନ ମିଶ୍ର)

# ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଉଦ୍‌ଘାଟିତ

ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ବରୁଣେଇ ପାହାଡ଼ସ୍ଥିତ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ୨୦ତମ ରାଜ୍ୟ ଓ ସ୍ୱତନ୍ତ୍ର ଜନଜାତି ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରେଟ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୯ ଜିଲା ଏବଂ ୧୨ ଆଦିବାସୀ ଅଞ୍ଚଳରୁ ୨୫୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ସ ଗାଇଡ୍ସ ଏହି ଜାମ୍ବୋରେଟ୍‌ରେ ଯୋଗ ଦେଇଛନ୍ତି। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଉଦ୍‌ଘାଟକ ଭାବେ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ଜସ୍ୱିନ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟ ଯୁବ ପରାମର୍ଶଦାତା ଓମ୍ ପ୍ରିୟଦର୍ଶୀ ଛୋଟରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

ପ୍ରାରମ୍ଭରେ ସ୍କାଉଟ୍ସ ଗାଇଡ୍ସମାନେ ମା' ବରୁଣେଇଙ୍କ ପୀଠରୁ ଅଖଣ୍ଡ ଦୀପ ମଶାଲ ଶୋଭାଯାତ୍ରାରେ ଆଣି ଅତିଥିଙ୍କୁ ପ୍ରଦାନ କରିଥିଲେ। ଓଏସ୍ଏପି ୭ମ ବାଟାଲିୟନ ଏବଂ ବରଗଡ଼ ହାଇସ୍କୁଲର ସ୍କାଉଟ୍ସ ଗାଇଡ୍ସଙ୍କ ବ୍ୟାଣ୍ଡ ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ରହିଥିଲା। ଏଥିସହିତ ଶତାଧିକ ସ୍କାଉଟ୍ସ ଗାଇଡ୍ସ ସମ୍ମିଳିତ ଭାବେ ଜାତୀୟ ସଂହତି ନୃତ୍ୟ ପରିବେଷଣ ଭାଇଚାରା, ଶାନ୍ତି ମୈତ୍ରୀ, ବିବିଧତାଭରା ଭାରତବର୍ଷରେ ଏକତାର ବାର୍ତ୍ତା ଦେଇଥିଲେ। ପରେ ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରୀଛାତ୍ର ଦଳଗତ ଭାବେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ।

ଏହି ଅବସରରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ମିଶ୍ର ଛାତ୍ର ଜୀବନରେ ସ୍କାଉଟ୍ସ ଗାଇଡ୍ସ କଥା ମନେପକାଇ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳାଜ୍ଞାନ, ଉତ୍ତମ ଚରିତ୍ର ଗଠନ, ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଇଥିଲେ। ଜାମ୍ବୋରେଟ୍ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଭାଇଚାରା ଜାଗ୍ରତ କରିଥାଏ। ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ରହିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବ। ସମ୍ମାନିତ ଅତିଥି ଛୋଟରାୟ କହିଥିଲେ, ଛାତ୍ରସମାଜ ଶୃଙ୍ଖଳିତ ହେଲେ ସମାଜ ଶୃଙ୍ଖଳିତ ହେବ। ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର କମିଶନର ମିଶ୍ର କହିଥିଲେ, ଜାମ୍ବୋରେଟ ଆୟୋଜନ ଉଦ୍ଦେଶ୍ୟ ହେଉଛି ପିଲାଙ୍କ ମଧ୍ୟରେ ଜାତୀୟ ସଂହତି, ଭାଇଚାରାଭାବ ଜାଗ୍ରତ କରିବା। ପିଲାମାନେ ଦେଶର ସଂସ୍କୃତି, ପରମ୍ପରା, ସଂହତି ସୁରକ୍ଷା ଦିଗରେ ଦାୟିତ୍ୱବାନ୍ ହେବା ସହ କର୍ତ୍ତବ୍ୟପଥରେ ଆଗକୁ ବଢ଼ିପାରିବେ। ପ୍ରଶାସନିକ ଅଧିକାରୀ ଅନାମିକା ଦାସ ଅତିଥି ପରିଚୟ ସହ ସ୍ୱାଗତ ଭାଷଣରେ କହିଥିଲେ, ଏଭଳି କାର୍ଯ୍ୟକ୍ରମ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଥାଏ। ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଘଟିଥାଏ। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲା ସମସ୍ତ ସ୍କାଉଟ୍ସ ଗାଇଡ୍ସ ଶିକ୍ଷକ, କ୍ୟାପ୍‌ଟେନ, ରେଭର ରେଞ୍ଜରମାନେ ପରିଚାଳନା କରୁଛନ୍ତି।

### ଗଙ୍ଗା ଯମୁନା ମନ୍ଦିର ନିକଟରେ ବେଆଇନ ନିର୍ମାଣ ବନ୍ଦ ପାଇଁ ନିର୍ଦ୍ଦେଶ

ପୁରୁଣା ଭୁବନେଶ୍ୱର,୨୩।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଗଙ୍ଗା ଯମୁନା ମନ୍ଦିରକୁ ଲାଗି ତଥା ଆମ୍‌ସାର ଆକ୍ଟ ଉଲ୍ଲଂଘନ କରି ନିର୍ମାଣ ହେଉଥିବା ଏକ ବହୁତଳ ପ୍ରାସାଦ କାମ ବନ୍ଦ କରିବା ନେଇ ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ଗତ ଅଗଷ୍ଟ ୨୪ରେ ବିଏମ୍‌ସିର ଓଡିଏ କୋର୍ଟରେ ମାମଲା ନଂ.୪୧୭୧୭ ରୁଜୁ ହୋଇଥିଲା। ଇତିମଧ୍ୟରେ ପ୍ରାୟ ୪ମାସ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସୋମବାର ବିଏମ୍‌ସି କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜୋନାଲ ଡେପୁଟି କମିଶନର ଧନଞ୍ଜୟ ମହାନ୍ତି ଏନ୍‌ଫୋର୍ସମେଣ୍ଟ ଅଫିସର ସଞ୍ଜୟ ସ୍ୱାଇଁଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଅଧିକାରୀ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ନିର୍ମାଣ ପାଇଁ ଯଦି କୌଣସି ଏନ୍ଓସି ପାଇଛନ୍ତି, ଓଡିଏ କୋର୍ଟରେ ପ୍ରଡ୍ୟୁସ କରିବାକୁ କହିଥିଲେ।

### 'ଛାତ୍ରୀଛାତ୍ର ଭଲ ମଣିଷ ହୋଇ ସମାଜସେବାରେ ମନୋନିବେଶ କରନ୍ତୁ'



ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀମାନେ।

ଭୁବନେଶ୍ୱର, ୨୩।୧୨(ବନ୍ଦନା ସେଠୀ)

ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ହୋଇ ସମାଜସେବାରେ ମନୋନିବେଶ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷା ନିର୍ଦ୍ଦେଶିକା ପ୍ରୀତି ପ୍ରତିଭା ଭୋଳ ଯୋଗଦେଇ ନିଜକୁ ସଚ୍ଚା ଦେଶ ସେବକ ରୂପେ ଗଢି ସମ୍ପୂର୍ଣ୍ଣ ବିକଶିତ ଭାରତ ଗଠନରେ ସହାୟକ ହେବାକୁ ପିଲାଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ଛାତ୍ର ସଭାପତି ଅଭିଲାଷ ପଣ୍ଡା, ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ନିରଞ୍ଜନ ମିଶ୍ର, ୱାର୍ଡ ନଂ. ୩୭ର କର୍ପୋରେଟର ବନ୍ଦିତା ପାଲ୍ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅର୍ଜୁନ ବେହେରା, ସମ୍ପାଦକ ମନୋରଞ୍ଜନ ବେହେରା ଏବଂ ମୁଖ୍ୟ ଉପଦେଷ୍ଟା ପ୍ରଭୁଦତ୍ତ ସାମଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାରାଣୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସାଂସ୍କୃତିକ ପ୍ରମୁଖ ନୃସିଂହ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ୬ଷ୍ଠ ସମାବର୍ତ୍ତନ ଉତ୍ସବରେ ଜଣେ ଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଉଛି।

# ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ୬ଷ୍ଠ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୨୩।୧୨(ଅନୁରାଧା ମହାରଣା)

ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ୬ଷ୍ଠ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ୧୨୨୮ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଉତ୍ସବରେ ସିଙ୍ଗାପୁରସ୍ଥିତ କ୍ରାୟୋନ ଡାଟାର ସହପ୍ରତିଷ୍ଠାତା ଏବଂ ସିଟିଓ ବିଜୟ କୁମାର ଇଭାତୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ଉଦ୍‌ବୋଧନରେ ସ୍ନାତକମାନେ ସମ୍ମୁଖୀନ ହେଉଥିବା କ୍ୟାରିୟର ଚ୍ୟାଲେଞ୍ଜ ବିଷୟରେ କହିବା ସହିତ ଛାତ୍ରୀଛାତ୍ରଙ୍କୁ ଆଇ ଇଞ୍ଜିନିୟରିଂ, ଏଆଇ ଏବଂ ମେଶିନ୍ ଲର୍ନିଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ସେମିକଣ୍ଡକ୍ଟର ଟେକ୍ନୋଲୋଜି ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଓ ସଭାପତି ସଞ୍ଜୀବ କୁମାର ରାଉତ ଛାତ୍ରୀଛାତ୍ରଙ୍କ ସଫଳତା ଏବଂ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବାକୁ ଥିବା ନୂଆ ଟେକ୍ନୋଲୋଜି ସେଣ୍ଟରଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ବିଭାଗର ଅତିରିକ୍ତ ସଚିବ ସୁକାନ୍ତ କୁମାର ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହ ଦେଇଥିଲେ। ସମାରୋହରେ ବିଶ୍ୱବିଦ୍ୟାଳୟର ବୋର୍ଡ ମେମ୍ବର ଶରତ ଚନ୍ଦ୍ର ଭଦ୍ରା ଶୈଳଜା ରାଉତ, ପ୍ରୋ-ଭାଇସ୍ ଚାନ୍‌ସେଲର ପ୍ରଫେସର ଡ. ଗୁଡ଼ା ଶ୍ରୀଦେବୀ ଏବଂ ରେଜିଷ୍ଟ୍ରାର ଡ. ବିନିତା ପଣ୍ଡା ଉପସ୍ଥିତ ଥିଲେ।

# ୮ମ ରାଜ୍ୟ ପୋଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା

ଭୁବନେଶ୍ୱର,୨୩।୧୨(ସତ୍ୟଜିତ ରାଉତ)





ଏଡିଜି ସଞ୍ଜୀବ ପଣ୍ଡା ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

ଚନ୍ଦକାସ୍ଥିତ ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍ଓଜି)ରେ ମଙ୍ଗଳବାର ୮ମ ରାଜ୍ୟ ପୋଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟ ପୋଲିସର ବିଭିନ୍ନ ସଶସ୍ତ୍ର ବାଟାଲିୟନ ଅଧୀନ ୧୭ଟି ଟିମ୍‌ର ୪୦୨ ଜଣ କମାଣ୍ଡୋ ଅଂଶଗ୍ରହଣ କରିଛନ୍ତି। ଯୁଦ୍ଧ କୌଶଳ, ଶାରୀରିକ ସାମର୍ଥ୍ୟ, ରଣନୀତି କୌଶଳ ଓ ମାନସିକ ସହନଶୀଳତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିବା ମୁଖ୍ୟଅତିଥି ଭାବେ ଯୋଗଦେଇ ନକ୍ସଲ ବିରୋଧୀ ଅଭିଯାନ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଏହି ପ୍ରତିଯୋଗିତା କମାଣ୍ଡୋଙ୍କ ମଧ୍ୟରେ ପେଶାଦାରିତା, ଶୃଙ୍ଖଳା ଓ ଦଳୀୟ ସମନ୍ୱୟକୁ ବଢ଼ାଇବାରେ ସକ୍ଷମ ହେବ। ସେହିପରି ଯେକୌଣସି ପ୍ରତିକୂଳ ପରିସ୍ଥିତିକୁ ତ୍ୱରିତ ଓ ସଫଳ ଭାବେ ମୁକାବିଲା କରିବା ପାଇଁ କମାଣ୍ଡୋମାନଙ୍କୁ ମାନସିକସ୍ତରରେ ସୁଦୃଢ କରିପାରିବ। ସାମ୍ପ୍ରତିକ ପରିସ୍ଥିତିରେ ଆସୁଥିବା ଭିନ୍ନ ଭିନ୍ନ ଚ୍ୟାଲେଞ୍ଜଗୁଡ଼ିକୁ ଦୃଷ୍ଟିରେ ରଖି କମାଣ୍ଡୋମାନେ ସବୁସମୟରେ ଶାରୀରିକ ଓ ମାନସିକ ଭାବେ ଫିଟ୍ ରହିବା ନିହାତି ଆବଶ୍ୟକ। ଏଥିସହ ନୂତନ ପ୍ରଯୁକ୍ତି, ଆଧୁନିକ ଅସ୍ତ୍ରଶସ୍ତ୍ର ଓ ରଣନୀତି କୌଶଳ ସହ ନିଜକୁ ଅପ୍‌ଡେଟ ରଖିବା ଅତ୍ୟନ୍ତ ଆବଶ୍ୟକ ବୋଲି ପଣ୍ଡା କହିଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣକାରୀ କମାଣ୍ଡୋମାନେ ଅବ୍‌ଷ୍ଟାକଲ୍ କୋର୍ସ, ୫ କେଜି ଓଜନର ବ୍ୟାକପ୍ୟାକ୍ ପିନ୍ଧି କନ୍‌ଫିଡେନ୍ସ କୋର୍ସରେ ୧.୩ କିମି ଦୌଡ଼, ୫ କେଜି ଓଜନର ବ୍ୟାକପ୍ୟାକ୍ ସହିତ କ୍ରସ୍-କଣ୍ଟ୍ରି ପଦଯାତ୍ରା, ଫାୟାରିଂ ଆଦିରେ ନିଜ ଦକ୍ଷତା ପ୍ରଦର୍ଶନ କରିବେ। ଏଡିଜି ପଣ୍ଡା ସମସ୍ତ ଅଂଶଗ୍ରହଣକାରୀ କମାଣ୍ଡୋଙ୍କୁ ଶୁଭେଚ୍ଛା ଜଣାଇବା ସହ ପେସାଦାର ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଆଇନ ଶୃଙ୍ଖଳା ଓ ଶାନ୍ତି ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ପାଇଁ ସବୁବେଳେ ପୋଲିସ ବାହିନୀକୁ ଅତ୍ୟାଧୁନିକ, ସକ୍ଷମ ଏବଂ ବିଭିନ୍ନ ଚ୍ୟାଲେଞ୍ଜ ସଫଳ ମୁକାବିଲା କରିବାକୁ ଓଡ଼ିଶା ପୋଲିସ ସବୁବେଳେ ପ୍ରସ୍ତୁତ ଓ ସଜାଗ ରହିଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଉଦ୍‌ଘାଟନ ସମାରୋହରେ ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ରାଜ ପ୍ରସାଦ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ**

**ବାଘମାରୀ, (ମିହିର ରଞ୍ଜନ ମହାପାତ୍ର):** ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର ଶଙ୍ଖ ନିକଟରୁ ବାଘମାରୀ ପୋଲିସ ଏକ ବାଲି ବୋଝେଇ ହାଇୱା (ଓଡି ୦୯ଇ ୭୮୦୯)ଜବତ କରିଛି। ଏଥିସହ ହାଇୱା ଚାଳକ ପବିତ୍ର କୁମାର ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ବାଘମାରୀ ଥାନା ଉପନିରୀକ୍ଷକ ଚନ୍ଦନ କୁମାର ଦାସଙ୍କ ନେତୃତ୍ୱରେ ପାଟ୍ରୋଲିଂ ବେଳେ ଏହି ବେଆଇନ ବାଲି ବୋଝେଇ ହାଇୱା ଜବତ କରାଯାଇଥିଲା।

# ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ସଫଳତା ଆଣେ

## ୨୦ତମ ରାଜ୍ୟ ଓ ସ୍ୱତନ୍ତ୍ର ଜନଜାତି ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରେଟ୍ ଉଦ୍‌ଘାଟିତ

**ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ବରୁଣେଇ ପାହାଡ଼ସ୍ଥିତ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ୨୦ତମ ରାଜ୍ୟ ଓ ସ୍ୱତନ୍ତ୍ର ଜନଜାତି ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରେଟ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୯ ଜିଲା ଏବଂ ୧୨ ଆଦିବାସୀ ଅଞ୍ଚଳରୁ ୨୫୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ସ ଗାଇଡ୍ସ ଏହି ଜାମ୍ବୋରେଟ୍‌ରେ ଯୋଗ ଦେଇଛନ୍ତି। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଉଦ୍‌ଘାଟକ ଭାବେ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ଜସ୍ମିନ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟ ଯୁବ ପରାମର୍ଶଦାତା ଓମ୍ ପ୍ରିୟଦର୍ଶୀ ଛୋଟରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

ପ୍ରାରମ୍ଭରେ ସ୍କାଉଟ୍ସ ଗାଇଡ୍ସମାନେ ମା' ବରୁଣେଇଙ୍କ ପୀଠରୁ ଅଖଣ୍ଡ ଦୀପ ମଶାଲ ଶୋଭାଯାତ୍ରାରେ ଆଣି ଅତିଥିଙ୍କୁ ପ୍ରଦାନ କରିଥିଲେ। ଓଏସ୍‌ଏପି ୭ମ ବାଟାଲିୟନ ଏବଂ ବରଗଡ଼ ହାଇସ୍କୁଲର ସ୍କାଉଟ୍ସ ଗାଇଡ୍ସଙ୍କ ବ୍ୟାଣ୍ଡ ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ରହିଥିଲା। ଏଥିସହିତ ଶତାଧିକ ସ୍କାଉଟ୍ସ ଗାଇଡ୍ସ ସମ୍ମିଳିତ ଭାବେ ଜାତୀୟ ସଂହତି ନୃତ୍ୟ ପରିବେଷଣ ଭାଇଚାରା, ଶାନ୍ତି ମୈତ୍ରୀ, ବିବିଧତାଭରା ଭାରତବର୍ଷରେ ଏକତାର ବାର୍ତ୍ତା ଦେଇଥିଲେ। ପରେ ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରୀଛାତ୍ର ଦଳଗତ ଭାବେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ମିଶ୍ର ଛାତ୍ର ଜୀବନରେ ସ୍କାଉଟ୍ସ ଗାଇଡ୍ସ କଥା ମନେପକାଇ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳାଜ୍ଞାନ, ଉତ୍ତମ ଚରିତ୍ର ଗଠନ, ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେଇଥିଲେ। ଜାମ୍ବୋରେଟ୍ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଭାଇଚାରା ଜାଗ୍ରତ କରିଥାଏ। ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ରହିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବ। ସମ୍ମାନିତ ଅତିଥି ଛୋଟରାୟ କହିଥିଲେ, ଛାତ୍ରସମାଜ ଶୃଙ୍ଖଳିତ ହେଲେ ସମାଜ ଶୃଙ୍ଖଳିତ ହେବ। ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର କମିଶନର ମିଶ୍ର କହିଥିଲେ, ଜାମ୍ବୋରେଟ ଆୟୋଜନ ଉଦ୍ଦେଶ୍ୟ ହେଉଛି ପିଲାଙ୍କ ମଧ୍ୟରେ ଜାତୀୟ ସଂହତି, ଭାଇଚାରାଭାବ ଜାଗ୍ରତ କରିବା। ପିଲାମାନେ ଦେଶର ସଂସ୍କୃତି, ପରମ୍ପରା, ସଂହତି ସୁରକ୍ଷା ଦିଗରେ ଦାୟିତ୍ୱବାନ୍ ହେବା ସହ କର୍ତ୍ତବ୍ୟପଥରେ ଆଗକୁ ବଢ଼ିପାରିବେ। ପ୍ରଶାସନିକ ଅଧିକାରୀ ଅନାମିକା ଦାସ ଅତିଥି ପରିଚୟ ସହ ସ୍ୱାଗତ ଭାଷଣରେ କହିଥିଲେ, ଏଭଳି କାର୍ଯ୍ୟକ୍ରମ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଥାଏ। ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଘଟିଥାଏ। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲା ସମସ୍ତ ସ୍କାଉଟ୍ସ ଗାଇଡ୍ସ ଶିକ୍ଷକ, କ୍ୟାପ୍‌ଟେନ, ରେଭର ରେଞ୍ଜରମାନେ ପରିଚାଳନା କରୁଛନ୍ତି।



ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# ଜିଲାସ୍ତରୀୟ ଜାତୀୟ ଗଣିତ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଜଟଣୀ,୨୩।୧୨ (ରବୀନ୍ଦ୍ରନାଥ ମହାକୁଡ଼)**

ଜିଲାସ୍ତରୀୟ ଜାତୀୟ ଗଣିତ ଦିବସ ସୋମବାର ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପ୍ରାଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ଏବଂ ସମ୍ମାନିତ ଅତିଥିଭାବେ ଗଡ଼ସାନପୁଟ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ବିଜୟ କୁମାର ପଣ୍ଡା, ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଅଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ କୁଇଜ୍ ଏବଂ ତର୍କ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଝରଣା ସ୍ୱାଇଁ ସମ୍ପାଦିକା ଭାବେ ସମସ୍ତ କାର୍ଯ୍ୟ ତୁଲାଇଥିବା ବେଳେ ସୁଶୀଳା ଦେବୀ ପ୍ରଗତି ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ଅଜୟ କୁମାର ବରାଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଛୋଟରାୟ ଏବଂ ସିଆର୍‌ସିସି ଅଜୟ କୁମାର ସେଠୀ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ମହିଳାଙ୍କୁ ବଳାତ୍କାର ମାମଲା**

# ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ

**ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ)**

ଜଣେ ମହିଳାଙ୍କୁ ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ ସୁଷମା ସ୍ୱାଇଁ ଏହି ମାମଲାର ବିଚାର କରି ଅଭିଯୁକ୍ତ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ଟାଙ୍ଗିଆପଡ଼ା ଗ୍ରାମର ବାଙ୍କ ନାୟକଙ୍କୁ ଆଇପିସି ଧାରା ୩୭୬(୧) ଅନୁସାରେ ୧୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨୦ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଆଇପିସି ଧାରା ୪୫୦ ଅନୁସାରେ ୫ ବର୍ଷ କାରାଦଣ୍ଡ ଓ ୫ ହଜାର ଜରିମାନା, ଅନାଦାୟ ୨ ମାସ ଏବଂ ଧାରା ୫୦୬ ଓ ୩୨୩ ଅନୁସାରେ ୨ ବର୍ଷ ଓ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ୨୦୨୪ ଫେବୃଆରୀ ୬ ତାରିଖ ବିଳମ୍ବିତ ରାତିରେ ଅଭିଯୋଗକାରୀ ତାଙ୍କ ଦୃଷ୍ଟିବାଧିତ ପୁଅ ଓ ଝିଅ ସହ ଘରେ ଶୋଇଥିବା ବେଳେ ଏବଂ ତାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗରେ ଅଭିଯୁକ୍ତ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ପୁଅ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇ ଫେରାର ହୋଇଯାଇଥିଲେ। ଏନେଇ ପୀଡିତା ସେହି ମାସ ୧୯ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୪୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତତ୍କାଳୀନ ଥାନାଧିକାରୀ ଗାୟତ୍ରୀ ମିଶ୍ର ଏହାର ତଦନ୍ତ ଦାୟିତ୍ୱରେ ରହିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏନେଇ କୋର୍ଟରେ ଜିଆର କେଶ ନମ୍ବର ୧୭୦/୨୪ରେ ମାମଲା ବିଚାରାଧୀନ ରହିଥିଲା। ମଙ୍ଗଳବାର ମାମଲାର ବିଚାର କରି ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ରାୟ ଶୁଣାଇଛନ୍ତି। ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ରୁଦ୍ରନୀଳ ଭଟ୍ଟାଚାର୍ଯ୍ୟ ମାମଲା ପରିଚାଳନା କରିଥିଲେ। ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସେନ ନଳିନୀକାନ୍ତ ମହାରଣା ମାମଲା ନିରୀକ୍ଷଣ କରିଥିଲେ।

# ବଡ଼ଦିନ ପାଇଁ ସହର ଉତ୍ସବମୁଖର



ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚକୁ ଆଲୋକମାଳାରେ ସଜାଯାଇଛି।

**ଜଟଣୀ,୨୩।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡ଼ପର୍ବ ଖ୍ରୀଷ୍ଟମାସ୍ ପାଳନ ପାଇଁ ଉତ୍ସବ ମୁଖର ହୋଇଉଠିଛି ଜଟଣୀ ସହର। ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ, ସାକ୍ରିଡ୍ ହାର୍ଟ ଚର୍ଚ୍ଚ ଏବଂ ଏଭେଜିଲିକାଲ ୟୁନିଅନ ଅଫ୍ ବାପ୍ଟିଷ୍ଟ ଚର୍ଚ୍ଚକୁ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଏଥିସହ ଖ୍ରୀଷ୍ଟମାସ ଟ୍ରି ସ୍ଥାପନ କରାଯାଇଛି। ଏଭେଜିଲିକାଲ ୟୁନିଅନ ଅଫ୍ ବାପ୍ଟିଷ୍ଟ ଚର୍ଚ୍ଚ ଏବଂ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ମଙ୍ଗଳବାର ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଜିଙ୍ଗଲବେଲ ଗୀତ ଗାଇ ସହରରେ ବୁଲିବା ସହ ଘରକୁ ଘର ଯାଇ ପ୍ରଭୁ ଯୀଶୁଙ୍କ ବାର୍ତ୍ତା ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ଖ୍ରୀଷ୍ଟମାସରେ ଶ୍ରଦ୍ଧାଳୁଙ୍କ ପାଇଁ ଚର୍ଚ୍ଚ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚର ସମ୍ପାଦକ ହିମାଂଶୁ କୁମାର ଦାସ କହିଛନ୍ତି। ସେହିପରି ଏଭେଜିଲିକାଲ ୟୁନିଅନ ଅଫ୍ ବାପ୍ଟିଷ୍ଟ ଚର୍ଚ୍ଚର ଦୟାନନ୍ଦ ପ୍ରସାଦ ଜୋସେଫ କୁହନ୍ତି, ଯୀଶୁଙ୍କ ଆଗମନ ପାଇଁ ନଭେମ୍ବରରୁ ପ୍ରାକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ପ୍ରଭୁ ଯୀଶୁଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା ସହ ନାଚ ଗୀତ ଏବଂ ଖେଳକୁଦର ଆୟୋଜନ କରାଯାଇଛି। ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚର ସଦସ୍ୟ ନ୍ୟୁଟନ କର ସାଣ୍ଟା ବେଶରେ ଲୋକଙ୍କୁ ବିଭିନ୍ନ ମିଠା ବାଣ୍ଟୁଥିବା ଦେଖିବାକୁ ମିଳିଛି। ଆଚାର୍ଯ୍ୟ ବିଭୂଦାସ ପ୍ରଧାନ ବଡ଼ଦିନ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଭୁ ଯୀଶୁଙ୍କ ଆଗମନ ସମସ୍ତଙ୍କ ଜୀବନରେ ଆନନ୍ଦ ଭରିଦେଉ ବୋଲି କହିଛନ୍ତି।

# ହାତୀ ନଷ୍ଟ କଲେ ୫୦୦ କଳେଇ

**ବେଗୁନିଆ,୨୩।୧୨ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେବା ସହିତ ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଗଡ଼ମାଣତିର ଗ୍ରାମର ହାଡ଼ିବନ୍ଧୁ ବିଶ୍ୱାଳଙ୍କ ମାଣତ୍ରୀ ମୌଜାର ସିଆରିଆରେ ଥିବା ୨ ଏକର ଜମିର ଧାନ ଫସଲ କାଟି ବିଲରେ ପ୍ରାୟ ୫୦୦ କଳେଇ ବେଙ୍ଗଳା ପକାଇବା ପାଇଁ ଗଦା କରି ରଖିଥିଲେ। ମଙ୍ଗଳବାର ଭୋରୁ ଗଡ଼ମାଣତିର ଏବଂ ଛିଆମ ମଧ୍ୟବର୍ତ୍ତୀ ଜଙ୍ଗଲରେ ଥିବା ୧୫ଟିକିଆ ହାତୀପଲ ଉକ୍ତ ଗଦାକୁ ଭାଙ୍ଗି ଧାନ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ବର୍ଷକର ଫସଲ ହରାଇ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି ହାଡ଼ିବନ୍ଧୁ।

# ଆମ୍ବୁଲାନ୍ସକୁ ଧକ୍କାଦେଲା ଟ୍ରକ୍

## ୨ ଗୁରୁତର

**ଟାଙ୍ଗୀ,୨୩।୧୨(ରଘୁନାଥ ସାହୁ)**

୧୬ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କୁହୁଡ଼ି ନିକଟରେ ମଙ୍ଗଳବାର ଏକ ଆମ୍ବୁଲାନ୍ସ ପଛକୁ ମାଲ୍ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ଆମ୍ବୁଲାନ୍ସ ଚାଳକଙ୍କ ସମେତ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଆନ୍ଧ୍ରପ୍ରଦେଶର ଏସ୍. କେ. ରିୟାଜ୍ (୪୦) ଏବଂ ଟି. ଅନିଲ (୩୦)। ଖବରପାଇ ଟାଙ୍ଗୀ ଅଗ୍ନିଶମ ବାହିନୀ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଚିକିତ୍ସା ପରେ ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଦ୍ୱୟଙ୍କୁ ଆନ୍ଧ୍ରପ୍ରଦେଶ ଯିବା ପାଇଁ ବ୍ୟବସ୍ଥା କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ଜଗା ୟୁନାଇଟେଡ୍ ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳ।

## ସର୍ବଭାରତୀୟ ମଦନପୁର ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟ

**ଯାଁଳା,୨୩।୧୨(ବୁଲା ବାରିକ)**

ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୪ଶ ସର୍ବଭାରତୀୟ ମଦନପୁର ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟରେ ଜଗା ୟୁନାଇଟେଡ୍ ଟିମ୍ ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍ ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ଏବଂ ଜଗା ୟୁନାଇଟେଡ୍ ଟିମ୍ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ଟାଇବ୍ରେକରରେ ୩-୧ ଗୋଲ ବ୍ୟବଧାନରେ ଜଗା ୟୁନାଇଟେଡ୍ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଜଳନ୍ଧର ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଭାଜପା ନେତା ସମୀର ମହାନ୍ତି, ବରିଷ୍ଠ ନେତା ସୁଦୀପ୍ତ ରାୟ, ବିଶ୍ୱ ରଞ୍ଜନ ବଡ଼ଜେନା, ପ୍ରବକ୍ତା ଅନିଲ ବିଶାଳ, କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଲିଙ୍କନ ପଟ୍ଟନାୟକ, ସତ୍ୟ ରଞ୍ଜନ ଜେନା, ତାପସ ବିଦ୍ୟାଧର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ। ଛେନୁ ଶେଖର ପଟ୍ଟନାୟକ ପରିଚାଳନା କରିଥିଲେ।

# କିଆଁଝରକୁ ହରାଇ ମେଣ୍ଢାଶାଳ ସେମିରେ

**ବେଗୁନିଆ,୨୩।୧୨ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର କିଆଁଝର ଓ ମେଣ୍ଢାଶାଳ ଟିମ ମଧ୍ୟରେ ମ୍ୟାଚ୍ ହୋଇଥିଲା। କିଆଁଝର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୧ରନ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳ ଟିମ୍ ୮ ଓଭରରେ କୌଣସି ଉଇକେଟ ନ ହରାଇ ୮୨ରନ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମେଣ୍ଢାଶାଳ ଟିମର ମିଥୁନ ମଜୁମଦାର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରମାକାନ୍ତ ପାତ୍ର ଏବଂ ବିନୟ କୁମାର ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ। ମିଥୁନ ପ୍ରଧାନ ସ୍କୋରର, ଚିନ୍ମୟ କୁମାର ପଣ୍ଡା ଓ ଶରତ କୁମାର ପାଇକରାୟ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ଆସୋସିଏଶନର ସମ୍ପାଦକ ସୌମ୍ୟ ରଞ୍ଜନ ଦାଶ, ପ୍ରଭାତ ପଣ୍ଡା, ଶ୍ରୀକାନ୍ତ ବାହିନୀପତି, ଜ୍ଞାନ ରଞ୍ଜନ ଜେନା, ଧ୍ରୁବ ଚରଣ ବେହେରା, ନରସିଂହ ପ୍ରଧାନ, ଦୁର୍ଗା ପ୍ରସାଦ ଦାଶ, ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ସେରସା ଚକ୍ରଧରପୁରକୁ ହରାଇ ଓଡ଼ିଶା ପୋଲିସ ବିଜୟୀ

## ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

**ଟାଙ୍ଗୀ,୨୩।୧୨(ରଘୁନାଥ ସାହୁ)**

କୁହୁଡ଼ି ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଓଡ଼ିଶା ପୋଲିସ ଏବଂ ସେରସା ଚକ୍ରଧରପୁର ମଧ୍ୟରେ ହୋଇଥିଲା। ୪-୦ ଗୋଲ ବ୍ୟବଧାନରେ ଓଡ଼ିଶା ପୋଲିସ ଟିମ୍ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଉପସଭାପତି ରାଜ କିଶୋର ବୈରିଗଞ୍ଜନ, ପୂର୍ବତନ ସଭାପତି ହୃଷୀକେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବାବେଳେ କାଳୁ ଚରଣ ସିଂ, ଗୋପାଳ ସାମନ୍ତରାୟ ଏବଂ ବିଜୟ ମଙ୍ଗରାଜ ସହାୟତା କରିଥିଲେ। ରତ୍ନାକର ସାମନ୍ତରାୟ, କେଦାର ପାତାଳ ସିଂ, କେଦାର ଦାସ, ତ୍ରିନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ଧାନବାଦ ଫୁଟ୍‌ବଲ କ୍ଲବ ଏବଂ କୋଲାହନ ସକର ଏକାଡେମୀ ଝାଡ଼ଖଣ୍ଡ ମଧ୍ୟରେ ମ୍ୟାଚ୍ ହେବ ବୋଲି କମିଟି ସମ୍ପାଦକ ମନୋଜ କୁମାର ମାନସିଂହ କହିଛନ୍ତି।

**ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ**

# ଶବର ସ୍ପୋର୍ଟିଂ କ୍ଲବ୍ ବିଜୟୀ


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ନିରାକାରପୁର,୨୩।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ମଙ୍ଗଳବାର ସଖାସଙ୍ଘ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ୩୨ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ଇଷ୍ଟଦେବୀ ମା'ହରଚଣ୍ଡୀଙ୍କ ପୀଠରୁ ପଦଯାତ୍ରାରେ କ୍ରୀଡ଼ା ମଶାଲ ପଡ଼ିଆକୁ ଅଣାଯାଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ଫା ଫୁଟ୍‌ବଲ କ୍ଲବ ମଣିପୁରକୁ ୨-୦ ଗୋଲରେ ହରାଇ ଶବର ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ବିଜୟୀ ହୋଇଛି। ରେଫରି ଭାବେ ସୁଦିପ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରଦୀପ ମହାନ୍ତି ଓ ପ୍ରିୟବ୍ରତ ବାହିନୀପତି ଲାଇନ୍ସରେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ, ହୃଦାନନ୍ଦ ମହତରାୟ, କୋଚ ଭାବେ ଅବିନାଶ ପଟ୍ଟନାୟକ, ମ୍ୟାଚ କମିଶନର ଭାବେ ଅକ୍ଷୟ ପଟ୍ଟନାୟକ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦର ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଖୋର୍ଦ୍ଧା ବିଧାୟକଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ଜେନା, ସମିତିସଭ୍ୟା ଲୋପାମୁଦ୍ରା ଦାଶ, ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ସିପିଏମ୍ ନେତା ବିଧୁଭୂଷଣ ମହାରଣା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କମଳଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ମହାବୀର କ୍ଲବକୁ ହରାଇ ଏସ୍‌ଏସ୍‌ଏ ବିଜୟୀ

## ଶରଧାପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

**ଖୋର୍ଦ୍ଧା,୨୩।୧୨(ପ୍ରଭାତ ପାଣିଗ୍ରାହୀ)**

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଚାଲିଥିବା ୧୬ତମ ଶରଧାପୁର କପ୍ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଆୟୋଜକ ଟିମ୍ ଏସ୍‌ଏସ୍‌ଏ ଏବଂ ଗୋପାଳପୁର ମହାବୀର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଏସ୍‌ଏସ୍‌ଏ ଟିମର ସାକିର ରହେମାନ ଓ ସୋନୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଏସ୍‌ଏସ୍‌ଏ ଟିମ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସୋନୁ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ବେଷ୍ଟ ସ୍କୋରର ଭାବେ ସାକିର ରହେମାନଙ୍କୁ ମୁଖ୍ୟ ଅତିଥି ବିଜେଡି ନେତା ମନ୍ମଥ ରାଉତରାୟ ପୁରସ୍କୃତ କରିଥିଲେ। ଜ୍ୟୋତିରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିବା ବେଳେ ସଗିର ଅହମ୍ମଦ ଓ ଗିରିଶ ଚନ୍ଦ୍ର ଜାନି ଲାଇନ୍ସରେ ସହାୟତା କରିଥିଲେ। ଚତୁର୍ଥ ରେଫରିଭାବେ ମକବୁଲ ଅହେମ୍ମଦ ଦାୟିତ୍ୱ ତୁଲାଇଥିଲେ। ଲକ୍ଷ୍ମୀଧର ବଡ଼ଜେନା, ମହମ୍ମଦ ଜମିରୁଲ ରହେମନ, ଦେବରାଜ ବାରିକ, ମୀନକେତନ ବଡ଼ଜେନା, ଜାପାନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ବୁଧବାର ଶିବଶକ୍ତି ଭୁବନେଶ୍ୱର ଏବଂ ବାଇଗୁଣିଆ ମଧ୍ୟରେ ମ୍ୟାଚ ହେବ ବୋଲି ଆସୋସିଏଶନର ସମ୍ପାଦକ ଏସ୍.କେ ହୁଦା ସୂଚନା ଦେଇଛନ୍ତି।

**ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାଶନାଲ ସ୍କୁଲ୍ର ମହାମେଳା**

ଚାରିଛକ,(ଶିଶିର କୁମାର ସ୍ୱାଇଁ)- ଚାରିଛକସ୍ଥିତ ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ମହାମେଳା ଅନୁଷ୍ଠିତ ହୋଇଛି। ପ୍ରିନ୍ସିପାଲ ବନମାଳୀ ପାଣିଙ୍କ ଦ୍ୱାରା ଆୟୋଜିତ ମହାମେଳାରେ ମୁଖ୍ୟ ଅତିଥିଭାବେ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଅରୁଣ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ ଯୋଗଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ଏହି ମେଳାରେ ୮୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ପ୍ରକଳ୍ପ ସ୍ଥାନ ପାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୧୨।୨୦୨୫

| | |
|---|---|
| ୬,୫୨,୫୪୨ ଟଙ୍କା | |
| ସୁନା | ୪୬.୪୦୦ ଗ୍ରାମ୍ |
| ରୁପା | ୧୪.୬୦୦ ଗ୍ରାମ୍ |

## ସଂକ୍ଷେପରେ

## ଜାତୀୟ ଗଣିତ ଦିବସ ପାଳିତ

ପୁରୀ,୨୩।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପୋଲିସ ସଂଯୁକ୍ତ ଉଚ୍ଚବିଦ୍ୟାଳୟ, ପୁରୀ ପରିସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଜିଲା ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ନେଇ ଗାଣିତିକ ଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ପୋଲିସ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବରାମ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଶିକ୍ଷକ ଦେବବ୍ରତ ବେଦମତା, ପ୍ରଭାତ କୁମାର ଦାସ, ଶିକ୍ଷୟିତ୍ରୀ ଅନିମା ମିଶ୍ର ଏବଂ ଛାତ୍ରୀ ଆଦ୍ୟାଶା ମହାପାତ୍ର, ଲକ୍ଷ୍ମୀପ୍ରିୟା ପୃଷ୍ଟି ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୀବନୀ ଓ ଗଣିତ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ମହେନ୍ଦ୍ର ପ୍ରଧାନ ଓ ଉମାକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅୟନ ଚକ୍ରବର୍ତ୍ତୀ, ହିରଣ୍ୟ ସେଠୀ, ନରେନ୍ଦ୍ର ପ୍ରଧାନ ସଭାକାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ନିରୀକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## କେନାଲ ପୋଲ ଭୁଶୁଡ଼ି ପଡ଼ିବା ଆଶଙ୍କା

ଯୋଗେଶ୍ୱରପୁର,୨୩।୧୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଦେଇ ଯାଇଥିବା କୁଣ୍ଡେଇ ଡିଷ୍ଟ୍ରିବ୍ୟୁଟାରି ବରଗରଡ଼ାଠାରେ ନୟାହାଟ-ନାଗପୁର ରାସ୍ତାକୁ ସଂଯୋଗ କରୁଥିବା ଏହି କେନାଲ ଉପରେ ଦୀର୍ଘ ୪୦ ବର୍ଷ ତଳେ ନିର୍ମାଣ ହେଇଥିବା ପୋଲର ବାଡ଼ା ଭାଙ୍ଗିଯାଇଥିବା ବେଳେ ପୋଲର ତଳ ଅଂଶରୁ ସିମେଣ୍ଟ ଛାଡ଼ି ରଡ୍ ଦେଖାଯାଉଛି। ଏହି ପୋଲ ଉପରେ ପ୍ରତିଦିନ ମାଲ୍ ବୋଝେଇ ଗାଡ଼ି ସହ ଯାତ୍ରୀବାହୀ ବସ୍ ପୁରୀ, କୋଣାର୍କ ଯାଉଥିବା ବେଳେ ପୋଲଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ପୋଲ ଉପରେ ପ୍ରତିଦିନ ଗୋପ ବ୍ଲକକୁ ଜଙ୍ଗଲବୋରି, ଧୂମାଳ ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ସ୍କୁଲ, କଲେଜ ପିଲା ମଧ୍ୟ ଉକ୍ତ ପୋଲ ଉପରେ ଯିବାଆସିବା କରିବାକୁ ନିରାପଦ ମଣୁନାହାନ୍ତି। ସାମାଜିକ କର୍ମୀ ଅନନ୍ତ ସାହୁ କାକଟପୁର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସହକାରୀ ଯନ୍ତ୍ରୀ କହିଛନ୍ତି ଯେ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନିଆଯିବ।

# ବଡ଼ଦିନ, ନୂଆବର୍ଷ ପାଇଁ ଶ୍ରୀକ୍ଷେତ୍ର ଉତ୍ସବମୁଖର



ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡରେ ବ୍ୟାରିକେଡ୍ ବନ୍ଧାଯାଉଛି ।

ପୁରୀ,୨୩।୧୨(ଅଜିତ୍ କୁମାର ମହାନ୍ତି)

ଦିନକ ପରେ ବଡ଼ଦିନ। ଏହାକୁ ନେଇ ଏବେ ଚର୍ଚ୍ଚଠାରୁ ହୋଟେଲ୍ ଯାଏଁ ଚାରିଆଡ଼େ ଉତ୍ସବମୁଖର ହୋଇଉଠିଛି। ଆସନ୍ତାକାଲି (ବୁଧବାର) ବିଳମ୍ବିତ ରାତିରେ ଧରାପୃଷ୍ଠରେ ଅବତରଣ କରିବେ ପ୍ରଭୁଯୀଶୁ। ଏହି ଉତ୍ସବକୁ ସାରାବିଶ୍ୱରେ ଖ୍ରୀଷ୍ଟମାସ ଡେ' ଭାବେ ସାରା ବିଶ୍ୱରେ ପାଳନ କରାଯାଉଥିବା ବେଳେ ପୁରୀରେ ଏହାକୁ ସ୍ୱତନ୍ତ୍ର ଭାବେ ପାଳନ କରାଯିବ। ପୁରୀ ଏକ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ବର୍ଷସାରା ଦେଶବିଦେଶରୁ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ଆସନ୍ତା ୨୫ ତାରିଖକୁ ଯୀଶୁଙ୍କ ଜନ୍ମ ଦିବସ ଭାବେ ସାରାବିଶ୍ୱରେ ପାଳନ କରାଯାଇଥାଏ। ପର୍ଯ୍ୟଟକଙ୍କ ଠାରୁ ଆରମ୍ଭ କରି ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବଡ଼ଦିନ ପାଳନ କରିବାକୁ ବେଶ୍ ଉତ୍ସାହ ଥିବା ଜଣାପଡ଼ିଛି। ବେଶ ଧୁମ୍‌ଧାମରେ ପ୍ରଭୁ ଯୀଶୁଙ୍କ ଆଗମନରେ କୌଣସି ଉଣା ନ ହୁଏ, ସେଥିପାଇଁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି।

ପୁରୀରେ ଥିବା କ୍ୟାଥଲିକ୍ ଚର୍ଚ୍ଚ ଏବଂ ବାପିଷ୍ଟ ଚର୍ଚ୍ଚ ପରିସରରେ ପ୍ରଭୁ ଯୀଶୁଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ଚାଲିଛି।

### ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ଚର୍ଚ୍ଚ ଏବଂ ପ୍ରାର୍ଥନା ଗୃହଗୁଡ଼ିକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଖ୍ରୀଷ୍ଟଧର୍ମାବଲମ୍ବୀ ନିଜ ନିଜ ଘରକୁ ସଜାଇବା ସହ ପ୍ରଭୁଙ୍କ ଧରାବତରଣକୁ ଅତି ଉତ୍କଣ୍ଠାର ସହକାରେ ଅପେକ୍ଷା କରିଛନ୍ତି। ଅପରପକ୍ଷରେ ଖ୍ରୀଷ୍ଟମାସକୁ ସେଲିବ୍ରେଶନ କରିବା ପାଇଁ ପୁରୀରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି, ଆଗକୁ ମଧ୍ୟ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଶାନ୍ତିଶୃଙ୍ଖଳାରେ କିଭଳି ପର୍ଯ୍ୟଟକମାନେ ଖ୍ରୀଷ୍ଟମାସ ସେଲିବ୍ରେଶନ କରିବେ ସେନେଇ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷ କରି ସମୁଦ୍ର କୂଳରେ ପର୍ଯ୍ୟଟକଙ୍କ ଅଧିକ ସମାଗମ ହେବା ସମ୍ଭାବନା ଥିବାରୁ ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ପୋଲିସ ଫୋର୍ସ ମୁତୟନ ରହିବେ। ଖ୍ରୀଷ୍ଟମାସକୁ ସ୍ମରଣୀୟ କରିବା ପାଇଁ ସହରରେ ଥିବା ବିଭିନ୍ନ ହୋଟେଲ୍‌ଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ହୋଟେଲ୍‌ଗୁଡ଼ିକୁ ଆକର୍ଷଣୀୟ ରଙ୍ଗୀନ ଆଲୋକମାଳାରେ ସଜା ଯାଉଥିବା ବେଳେ ସାନ୍ତା କ୍ଲଜ୍, ଖ୍ରୀଷ୍ଟମାସ ଟ୍ରିକୁ ଅତି ଆକର୍ଷଣୀୟ ଭାବେ ହୋଟେଲଗୁଡ଼ିକରେ ସଜା ଯାଇଛି।

ଏନେଇ ପୁରୀ ଏମ୍ପାୟାର ହୋଟେଲର ଜେନେରାଲ ମ୍ୟାନେଜର ରବି ଦାଶ କହିଛନ୍ତି, କ୍ରିସ ମାସ ଡେ' ପାଇଁ ହୋଟେଲକୁ କ୍ରିସମାସ ଟ୍ରିସହିତ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକରେ ସଜାଯାଇଛି। ପୁରୀ ଆସୁଥିବା ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଓ ଆନନ୍ଦ ପ୍ରଦାନ ପାଇଁ ଏହି ବ୍ୟବସ୍ଥା ପ୍ରତିବର୍ଷ କରିଥାଉ। କ୍ରିସମାସ ଡେ' ସେଲିବ୍ରେଶନ ପାଇଁ ସଙ୍ଗୀତ କାର୍ଯ୍ୟକ୍ରମ ସହ ଭଲ ଖାଦ୍ୟ, ପାନୀୟର ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଜିରୋ ନାଇଟ ସେଲିବ୍ରେଶନ ପାଇଁ ବ୍ୟାପକ ପ୍ରସ୍ତୁତି ମଧ୍ୟ କରିଛୁ। ଏଥିପାଇଁ ସବୁ ଟିକେଟ ୧୫ଦିନ ପୂର୍ବରୁ ବିକ୍ରି ହୋଇସାରିଛି। ଜିରୋ ନାଇଟ ସେଲିବ୍ରେଶନ ପାଇଁ ବଲିଉଡ୍, ଓଲିଉଡ୍ କଣ୍ଠଶିଳ୍ପୀଙ୍କ ସହ ଡିଜେ ନାଇଟ୍ କାର୍ଯ୍ୟକ୍ରମ ରହିଛି। ଶହେରୁ ଅଧିକ ପ୍ରକାର ଖାଦ୍ୟର ବ୍ୟବସ୍ଥା କରାଯାଉଛି। ମହାପ୍ରଭୁଙ୍କ ଦର୍ଶନ ସହ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ମୁଖ୍ୟତଃ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ପୁରୀ ଆସିଥାନ୍ତି। ତାଙ୍କୁ ଏକ ଅଭୁଲା ଅନୁଭୂତି ଦେବା ପାଇଁ ଆମେ ସବୁ ବ୍ୟବସ୍ଥା କରିଛୁ ବୋଲି ସେ କହିଛନ୍ତି।

ଏନେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ବଡ଼ଦିନ ଓ ନୂଆବର୍ଷ ଅବସରରେ ପୁରୀକୁ ବହୁ ପର୍ଯ୍ୟଟକ ଓ ଭକ୍ତଙ୍କ ଆଗମନ ହେବାର ସମ୍ଭାବନା ରହିଛି। ପର୍ଯ୍ୟଟକ ଓ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି। ଭକ୍ତଙ୍କ ସୁବିଧା ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଟଏଲେଟ୍ ବ୍ୟବସ୍ଥା କରାଯାଉଛି। ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ସୁପରିଚାଳନା ପାଇଁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବେଳାଭୂମିରେ ଲାଇଫ ଗାର୍ଡ ସଂଖ୍ୟା ବୃଦ୍ଧି କରାଯାଇଛି। ଫାୟାର, ଆମ୍ବୁଲାନ୍ସ, ଓଡ୍ରାଫ ସବୁ ମୁତୟନ ରହିବେ। ଶ୍ରୀମନ୍ଦିର ଆସୁଥିବା ସବୁ ଭକ୍ତ କିଭଳି ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପାଇଁ ହୋଟେଲ୍ ଓ ପୁରୀର ପ୍ରବେଶ ପଥରେ କଡ଼ା ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି।

## ଆଜି 'ରୂପଶ୍ରୀ କଳା ମନ୍ଦିର'ର ଶ୍ରୀମନ୍ଦିର ମାହାରୀ ପରମ୍ପରା ଉତ୍ସବ

ପୁରୀ,୨୩।୧୨(ଅଜିତ୍ କୁମାର ମହାନ୍ତି)

'ରୂପଶ୍ରୀ କଳା ମନ୍ଦିର' ପୁରୀର ୧୩ତମ ଶ୍ରୀମନ୍ଦିର ମାହାରୀ ପରମ୍ପରା ଉତ୍ସବ-୨୦୨୫ ଚଳିତ ମାସ ୨୪ ତାରିଖ ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ରବିବାର ଖବରଦାତା ସମ୍ମିଳନୀ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁ ରୂପଶ୍ରୀ ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମକୁ ଆଦିଗୁରୁ ପଦ୍ମଶ୍ରୀ ପଙ୍କଜ ଚରଣ ଦାସଙ୍କୁ ଉତ୍ସର୍ଗୀକୃତ କରାଯାଇଛି। କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଆ ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଲୋକ ସେବକ ମଣ୍ଡଳର ଦୀପକ କୁମାର ମାଲବ୍ୟ, ଉପଆଇନ ପରାମର୍ଶଦାତା ସିବିଆଇ ରାଜଶ୍ରୀ ମହାପାତ୍ର, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

ଏହି ଅବସରରେ ସଙ୍ଗୀତ ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ, ସଂଗଠକ ଜଗବନ୍ଧୁ ଜେନା ଓ ଶିକ୍ଷାବିତ୍ ସାବିତ୍ରୀ ମହାପାତ୍ର ପ୍ରମୁଖଙ୍କୁ 'ଶଶିମଣୀ ଦେବଦାସୀ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଗୁରୁ ରୂପଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରଥମ ମାହାରୀ ନୃତ୍ୟଗୁରୁ ରୂପଶ୍ରୀ ମହାପାତ୍ର ଓ ସାଥୀମାନେ ମାହାରୀ ନୃତ୍ୟ ପ୍ରସ୍ତୁତ କରିବେ। ତା' ପରେ ଆରାଧନା ନୃତ୍ୟ ଏକାଡେମୀ ଦ୍ୱାରା ପ୍ରସ୍ତୁତ ଗୋଟିପୁଅ ନୃତ୍ୟକୁ ଗୁରୁ ଚିତ୍ରସେନ, ଓଡ଼ିଶୀ ବୈତ୍ୟ ନୃତ୍ୟକୁ କୁମାର ଭୀମସେନ ଓ ଅମ୍ରିତା ଦାସ ଏବଂ ଓଡ଼ିଶୀ ଏକକ ନୃତ୍ୟକୁ ରୋଜାଲିନ ପଣ୍ଡା ଓ ଶେଷରେ ମେଳ ନୃତ୍ୟକୁ ଗୁରୁ ବିବେକ ମହାନ୍ତି ପ୍ରସ୍ତୁତ କରିବେ ବୋଲି ସୂଚନା ମିଳିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ମଣ୍ଡଳୀ ଦେବାଶିଷ ଦାସଗୁପ୍ତା, ଶ୍ୟାମପ୍ରକାଶ ସେନାପତି, ରାଜା ମହାନ୍ତି ଏବଂ ନୃତ୍ୟଶିଳ୍ପୀ ସୁଚିସ୍ମିତା ନାୟକ ଓ ପାୟଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସାହି, ଲେନ୍ ଓ ବାଇ-ଲେନ୍‌ର ମାଇକ୍ରୋ ଲେବଲ୍ ସମୀକ୍ଷା

ପୁରୀ,୨୩।୧୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖ ଉପଲକ୍ଷେ ପୁରୀ ସହରକୁ ଦେଶର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ସମ୍ଭାବନା ଥିବା ପରିପ୍ରେକ୍ଷୀରେ ଶାନ୍ତି, ଶୃଙ୍ଖଳା, ଆଇନ, ଶୃଙ୍ଖଳା ଓ ସାର୍ବଜନୀନ ସୁରକ୍ଷାକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ପୁରୀ ସହରର ବିଭିନ୍ନ ସାହି, ଗଳି, ଲେନ୍ ଓ ବାଇଲେନ୍‌ଗୁଡ଼ିକର ସମୀକ୍ଷା କରାଯାଇଛି। ସକାଳ ୭ଟା ଠାରୁ ଆରମ୍ଭ ହୋଇଥିବା ଏହି ମାଇକ୍ରୋ ଲେବଲ୍ ଇନ୍ସପେକ୍ସନ୍‌ରେ ପୁରୀ ସହରର ଗଡ଼ନ୍ତି ଛକ, ମିଶ୍ରସାହି, ମଙ୍ଗଳାହାଟ ଛକ, ଓଡ଼ିଆ ମଠ ରାସ୍ତା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ସାହି ଓ ଗଳି ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଏହି ସମସ୍ତ ଅଞ୍ଚଳ ମାଧ୍ୟମରେ ଦୈନିକ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକଙ୍କ ଯାତାୟାତ ହୋଇଥାଏ। ଏସ୍‌ପି ପ୍ରତୀକ ସିଂହ ନିଜେ ଲେନ୍ ଓ ବାଇଲେନ୍ ଗୁଡ଼ିକର ଚଉଡ଼ା, ରାସ୍ତାର ଭୌତିକ ଅବସ୍ଥା, ସମ୍ଭାବ୍ୟ ଅବରୋଧ, ଅନାବଶ୍ୟକ ଓ ଅବୈଧ ପାର୍କିଂ, ଅସୁରକ୍ଷିତ ସ୍ଥାନ, ଆଲୋକ ବ୍ୟବସ୍ଥା ଓ ଆପାତକାଳୀନ ସ୍ଥିତିରେ ଚଳାଚଳ ସୁବିଧା ସମ୍ପର୍କରେ ନିରୀକ୍ଷଣ କରିଥିଲେ। ସେଥିସହ ନିକଟସ୍ଥ ଥାନା ଓ ଫିଲ୍ଡ ଅଫିସରମାନଙ୍କୁ ସମ୍ଭାବ୍ୟ ଚାଲେଞ୍ଜ ଚିହ୍ନଟ କରି ପୂର୍ବ ପ୍ରସ୍ତୁତି ନେବାକୁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା।

ଏସ୍ପି ସିଂହ ଆହୁରି କହିଛନ୍ତି ଯେ, ପୁରୀ ହେଉଛି ଜଗତର ଆସ୍ଥାର କେନ୍ଦ୍ର। ନବବର୍ଷ ଓ ପର୍ଯ୍ୟଟନ ଋତୁରେ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ପୁରୀକୁ ଆସନ୍ତି। ସେମାନଙ୍କ ସୁରକ୍ଷା, ସୁବିଧା ଓ ସକାରାତ୍ମକ ଅନୁଭବ ନିଶ୍ଚିତ କରିବା ପୁରୀ ପୋଲିସର ପ୍ରଥମ ପ୍ରାଥମିକତା। ସାହି, ଲେନ୍ ଓ ବାଇଲେନ୍‌ରେ ଯାଇ ମାଇକ୍ରୋ ଲେବଲ୍‌ରେ ସମୀକ୍ଷା କରିବା ଆମ ପ୍ରସ୍ତୁତିର ଏକ ଅଂଶ। ପୁରୀ ପୋଲିସ ପକ୍ଷରୁ ସହରବାସୀ, ବ୍ୟବସାୟୀ ଓ ପର୍ଯ୍ୟଟକଙ୍କୁ ସହଯୋଗ ପାଇଁ ଆହ୍ୱାନ କରାଯାଇଛି। କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ, ଅସାମାଜିକ ତତ୍ତ୍ୱ କିମ୍ବା ଆପାତକାଳୀନ ସ୍ଥିତି ଦେଖିଲେ ୧୧୨ କିମ୍ବା ନିକଟସ୍ଥ ଥାନାକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ମହିଳା ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବା ବେଳେ ମହିଳାମାନେ ଯେକୌଣସି ସମସ୍ୟାରେ ନିର୍ଭୟ ଭାବେ ପୋଲିସ ସହ ଯୋଗାଯୋଗ କରିପାରିବେ। ପର୍ଯ୍ୟଟକ ସୁରକ୍ଷା ଓ ଶାନ୍ତି-ଶୃଙ୍ଖଳା ରକ୍ଷା ଦୃଷ୍ଟିରେ ପୁରୀ ପୋଲିସ ପକ୍ଷରୁ ପର୍ଯ୍ୟାୟକ୍ରମେ ମାଇକ୍ରୋ ଲେବଲ୍ ସମୀକ୍ଷା, ରୁଟ୍ ମ୍ୟାନେଜମେଣ୍ଟ, ପଦଚାରୀ ପାଟ୍ରୋଲିଂ, ନାକାବନ୍ଦୀ ଓ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଉଛି। ପୁରୀକୁ ଏକ ସୁନ୍ଦର, ସୁରକ୍ଷିତ ଓ ଆତ୍ମୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ପୁରୀ ପୋଲିସ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ସେ କହିଥିଲେ।



ପୁରୀ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଭାଷା ପରିବାରର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ସ୍ୱେଚ୍ଛାସେବୀମାନେ ।

## 'ଆଜିର କୋଣାର୍କ କୋଣାଦିତ୍ୟ' ପୁସ୍ତକ ଲୋକାର୍ପିତ

ପୁରୀ,୨୩।୧୨(ଅଜିତ୍ କୁମାର ମହାନ୍ତି)

ଝାଡ଼େଶ୍ୱରୀ କ୍ଲବ ସଭାଗୃହରେ ସୋମବାର ଲୋକାର୍ପିତ ହୋଇଛି 'ଆଜିର କୋଣାର୍କ କୋଣାଦିତ୍ୟ' ପୁସ୍ତକ। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରାକ୍ତନ ବରିଷ୍ଠ କ୍ରୀଡ଼ା ଶିକ୍ଷକ ତଥା ଲେଖକ ନୀଳକଣ୍ଠ ମିଶ୍ର ଏବଂ ଡ. ନିରଞ୍ଜନ ମିଶ୍ରଙ୍କ ମିଳିତ ଉଦ୍ୟମରେ ଏହି ପୁସ୍ତକ ରଚିତ ହୋଇଛି। ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨ଟି ପୁସ୍ତକର ଲୋକାର୍ପଣ କରିଥିଲେ। ଲେଖକଙ୍କ ଉନ୍ନତି ପାଇଁ ପୁରୀରେ ଆଗାମୀ ଦିନରେ ସମସ୍ତ ସହଯୋଗ କରିବେ ବୋଲି ରାଜ୍ୟସଭା ସଦସ୍ୟ ଖୁଣ୍ଟିଆ ମତପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶାର ପ୍ରଥମ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଅନ୍ୟତମ ଅତିଥି ଭାବେ ଦେବୀପ୍ରସନ୍ନ ନନ୍ଦ ଏହି ପୁସ୍ତକ ସମ୍ପର୍କରେ ବୁଝାଇଥିଲେ। ଇଂ. ମୀନକେତନ ମିଶ୍ର କୋଣାର୍କକୁ ନେଇ ଲେଖାଯାଇଥିବା ଏହି ପୁସ୍ତକ ସମସ୍ତଙ୍କ ପାଇଁ ବେଶ ଆଦୃତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। 'ପ୍ରିୟପତ୍ର'ର ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ସର୍ବାଣୀ ଦାସ ପରିଚାଳନା କରିଥିଲେ।

## ଓଡ଼ିଆ ସାହିତ୍ୟର ସାର୍ବଜନୀନ ସ୍ୱର ଜାତୀୟ ଚେତନାକୁ ବଳିଷ୍ଠ କରେ

ପୁରୀ,୨୩।୧୨ (ଅଜିତ୍ କୁମାର ମହାନ୍ତି)

### ରାଜ୍ୟସ୍ତରୀୟ ଲେଖକ ସମାବେଶ ଉଦ୍‌ଯାପିତ

ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଲେଖକ ସମାବେଶ ଅବସରରେ ଓଡ଼ିଆ ସାହିତ୍ୟର ଗତିଧାରା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶତ୍ରୁଘ୍ନ ପାଣିଗ୍ରାହୀ କହିଛନ୍ତି, ଓଡ଼ିଆ ସାହିତ୍ୟର ଶାସ୍ତ୍ରୀୟ ସ୍ୱରୂପ ଭରତ ମୁନିଙ୍କ ରଚିତ ନାଟ୍ୟଶାସ୍ତ୍ରରେ ରହିଛି। ଉଡ୍ର, ମାଗଧୀ ଭାଷା ହିଁ ଆଧୁନିକ ଓଡ଼ିଆ ସାହିତ୍ୟର ଗତିଧାରା ନିରୂପଣ କରିଛି। ଖଣ୍ଡଗିରି ଓ ଉଦୟଗିରିର ଶିଳାଲେଖରେ ଥିବା ପାଲି ଓ ପ୍ରାକୃତ ଭାଷା ତାହାର ବିକଶିତ ରୂପ। ମଞ୍ଚର ଅଧ୍ୟକ୍ଷା ଲେଖିକା ପ୍ରତିଭା ତ୍ରିପାଠୀଙ୍କ ପୌରାହିତ୍ୟରେ ସମାବେଶ ଅନୁଷ୍ଠିତ ହୋଇଛି। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମାଜର ସଭାପତି ଦଣ୍ଡପାଣି ମହାପାତ୍ର, ସାମାଜିକ କର୍ମୀ ତଥା ଲେଖିକା ରୁଚିମିତ୍ରା ଜଗଦେବ ମହାପାତ୍ର, ନାଟ୍ୟକାର ଦୟାନିଧି ତ୍ରିପାଠୀ, ଓଡ଼ିଆ ଅଧ୍ୟାପକ ଅଶୋକ କୁମାର ମିଶ୍ର, ପ୍ରାଧ୍ୟାପିକା ସନ୍ଧ୍ୟାରାଣୀ ବେହେରା, ସମ୍ମିଳିତ ଲେଖକ ମଞ୍ଚର ଉପାଧ୍ୟକ୍ଷ, ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରାରମ୍ଭରେ ପ୍ରବନ୍ଧ ପାଠ କରିଥିଲେ। ଆଲୋଚନା ଚକ୍ରରେ ଓଡ଼ିଆ ଅଧ୍ୟାପକ ଡ଼ଃ, ଦିଲୀପ ସେନାପତି, ଡ଼ଃ. ନରସିଂହ ଗୌଡ଼, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ,କବି ସୁରେଶ ପଟନାୟକ,ଲେଖିକା ଶକୁନ୍ତଳା ଓଝା, ସନ୍ତୋଷ କୁମାର ମହାନ୍ତି, ପଣ୍ଡିତ ସଦାଶିବ ମିଶ୍ର, ଡ଼ାକ୍ତର ନିହାର ତ୍ରିପାଠୀ, ଅର୍ଜୁନ ପରମଗୁରୁ, ଦିଗମ୍ବର ବିଶ୍ୱାଳ, ଶଶୀ ଭୂଷଣ ବରାଳ, ନାଟ୍ୟକାର ଭିକାରି ପ୍ରଧାନ, ବନଲତା ସେଠି, ଖବରଦାତା ଲଲାଟେନ୍ଦୁ ମିଶ୍ର ଓ କ୍ରିଷ୍ଣା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ପୁରାତନ ବନ୍ଧୁମାନେ ଏକତ୍ରିତ ହୋଇଛନ୍ତି ।

ସାକ୍ଷୀଗୋପାଳ,୨୩।୧୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ୨୦୧୩ ମ୍ୟାଟ୍ରିକ ବ୍ୟାଚ ଛାତ୍ରଙ୍କର ବନ୍ଧୁମିଳନ ବକୁଳବନ ସ୍ଥିତ ବଉଳ ବାଟିକାରେ ରବିବାର ଅନୁଷ୍ଠିତ ହୋଇଥିଲା। ଆୟୋଜକ କମିଟିର ସଦସ୍ୟଙ୍କ ମଧ୍ୟରେ ଆଦିତ୍ୟ ଖୁଣ୍ଟିଆ, ଜନ୍ମେଜୟ ପ୍ରଧାନ, ସୁନିଲ ବରାଳ, କାହ୍ନା ସେନାପତି, ହୃଷିକେଶ ସ୍ୱାଇଁ, ରାଜେଶ ପାତ୍ର, କାହ୍ନୁ ପାତ୍ର, ଦେବବ୍ରତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ହୋଇ ସମସ୍ତ ବନ୍ଧୁଙ୍କୁ ସ୍ୱାଗତ କରିଥିଲେ। ଅତୀତରେ ବନ୍ଧୁମାନଙ୍କ ସହ ବିତେଇଥିବା ମୁହୂର୍ତ୍ତ,ନିର୍ମଳ ବନ୍ଧୁତ୍ୱ ଓ ଅଭୁଲା ସ୍ମୃତି କୁ ମନେପକାଇ ଶିକ୍ଷା ଜୀବନର ମଜାଦାର ଘଟଣା, ପୁରୁଣା କ୍ଲାସ ରୁମ୍,ପ୍ରାର୍ଥନା ସଭା,ଶିକ୍ଷକ ମାନଙ୍କ କଠୋରତା ଭିତରେ ଲୁଚିଥିବା ସ୍ନେହର କଥା, ବନ୍ଧୁତ୍ୱର ଗଭୀରତା ଓ ସେ ଦିନର ଅଭୁଲା ସ୍ମୃତିକୁ ସମସ୍ତଙ୍କ ସହ ଭାବ ବିନିମୟ କରିଥିଲେ। ଶେଷରେ ପୁରାତନ ଛାତ୍ର ବିଶ୍ୱଜିତ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ବିଭାଗର ଗ୍ରାହକ ମାରଣନୀତିକୁ କଡ଼ା ବିରୋଧ

ନିମାପଡ଼ା,୨୩।୧୨( ବିଚିତ୍ରାନନ୍ଦ ସାହୁ)

### ଜାଗ୍ରତ ଯୁବଶକ୍ତି ସଂଗଠନ ପକ୍ଷରୁ ୭ ଦଫା ଦାବିପତ୍ର ପ୍ରଦାନ

ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଜାଗ୍ରତ ଯୁବଶକ୍ତି ଅନୁଷ୍ଠାନ ପକ୍ଷରୁ ବିଦ୍ୟୁତ୍ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ, ଶକ୍ତି ବିଭାଗ ସଚିବ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ପ୍ରମୁଖଙ୍କୁ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିମାପଡ଼ାର ଅତିରିକ୍ତ ତହସିଲଦାର କେ. ଭେଙ୍କଟେଶ୍ୱର ରାୟଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ଟାଟା ପାୱାରର ଗ୍ରାହକ ମାରଣନୀତି ଯୋଗୁ ନିମାପଡ଼ା ଅଞ୍ଚଳରେ ଗ୍ରାହକମାନେ ଦୀର୍ଘଦିନ ଧରି ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କମ୍ପାନୀର ଏଭଳି ନୀତି ଓ କାର୍ଯ୍ୟ ପ୍ରତିବାଦରେ ନିମାପଡ଼ାରେ ଗ୍ରାହକମାନେ ଏବେ ତାତି ଉଠିଥିବା ଦେଖାଯାଇଛି। ସ୍ମାର୍ଟ ପ୍ରିପେଡ୍ ମିଟର ପ୍ରତ୍ୟାହାର କରାଯିବା, ବିଦ୍ୟୁତ୍ ଯୋଗାଣ ସଂକ୍ରାନ୍ତରେ ବିବାଦ ଓ ଅଭିଯୋଗର ଶୁଣାଣି ପାଇଁ ପୁରୀ ଜିଲାର ନିମାପଡ଼ାଠାରେ ଖୁବ୍‌ଶୀଘ୍ର ଇଲେକ୍ଟ୍ରିକାଲ ଇନିପେକ୍ଟରଙ୍କ ଅଫିସ୍ ଖୋଲାଯିବା, ଓଡ଼ିଆ ଭାଷାରେ ବିଦ୍ୟୁତ୍ ବିଲ୍ ପ୍ରଦାନ, ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଘରୋଇକରଣ ବନ୍ଦ କରାଯାଇ ସମ୍ପୂର୍ଣ୍ଣ ସରକାରୀ ନିୟନ୍ତ୍ରଣାଧୀନ କରାଯିବା ପ୍ରମୁଖ ଦାବି କରିଛନ୍ତି। ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀ, ସଚିବ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜାଗ୍ରତ ଯୁବଶକ୍ତି ସଂଗଠନର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ବିଜୟାନନ୍ଦ ଦାସ, ଅଜୟ କୁମାର ମିଶ୍ର, ବିଶ୍ୱଜିତ୍ ବେହେରା, ଦଣ୍ଡପାଣି ସାହୁ, ଶୈଳେନ୍ଦ୍ର ରଥ, ଅଭିଜିତ୍ ବେହେରା ପ୍ରମୁଖ ରାଜ୍ୟ ସରକାରଙ୍କଠାରେ ଦୃଢ଼ ଦାବି କରିଥିବା ବେଳେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ ପ୍ରମୁଖଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଗଠନର ଏଭଳି ଜନହିତକର କାର୍ଯ୍ୟକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।



ଜାଗ୍ରତ ଯୁବଶକ୍ତି ସଂଗଠନର କର୍ମକର୍ତ୍ତାମାନେ ଅତିରିକ୍ତ ତହସିଲଦାର୍‌ଙ୍କୁ ଦାବିପତ୍ର ଦେଉଛନ୍ତି।

# ପିପିଲିରେ ହେବ ଶବ ବ୍ୟବଚ୍ଛେଦ କେନ୍ଦ୍ର

### ବିଧାୟକଙ୍କ ପ୍ରସ୍ତାବକୁ ଅନୁମୋଦନ କଲେ ରାଜ୍ୟ ସରକାର

ପିପିଲି,୨୩।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

କିଛିଦିନ ପରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ହେବ ଶବ ବ୍ୟବଚ୍ଛେଦ କେନ୍ଦ୍ର। ଏନେଇ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ପୁରୀ ଶ୍ରୀମନ୍ଦିର ଓ ବେଳାଭୂମି, କୋଣାର୍କ, ସାତପଡ଼ା, ଚିଲିକା, ପିପିଲି ଚାନ୍ଦୁଆ ଓ ସତ୍ୟବାଦୀସ୍ଥିତ ସାକ୍ଷୀଗୋପୀନାଥ ଦେବ ମନ୍ଦିର, ରଘୁରାଜପୁରସ୍ଥିତ ପଟ୍ଟଚିତ୍ର ପାଇଁ ଦେଶ ବିଦେଶର ଶତାଧିକ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଅନେକ ସମୟରେ ରାସ୍ତାରେ ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବା ବେଳେ ସ୍ଥାନୀୟ ଲୋକେ ଶବ ବ୍ୟବଚ୍ଛେଦ ଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ଯଦି ପହଞ୍ଚିବାରେ ବିଳମ୍ବ ହୁଏ ତେବେ ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ। ସ୍ଥାନୀୟ ଲୋକଙ୍କ ହିତସାଧନ ଏବଂ ଆବଶ୍ୟକତାକୁ ଉପଲବ୍ଧି କରି ସ୍ଥାନୀୟ ବିଧାୟକ ଗତ ଅକ୍ଟୋବର ୧୨ରେ ପତ୍ର ସଂଖ୍ୟା-ଆପ୍ ବି୧୧୦/୩୩୦ଏ ଯୋଗେ ପିପିଲି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହା ଅନୁମୋଦିତ ହେବାପରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହୋଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ସୁବିଧା ଉପଲବ୍ଧ ହେବ ବୋଲି ବିଧାୟକ ପଟ୍ଟନାୟକ କହିଛନ୍ତି। ଦେଢ଼ବର୍ଷ ହେବ ବିଧାୟକ ଭାବେ ନିର୍ବାଚିତ ହେବା ଭିତରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଅନେକ ଲୋକାଭିମୁଖୀ ଯୋଜନାର ଶିଳାନ୍ୟାସ ହୋଇ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଥିଲା। ଜାତୀୟ ରାଜପଥ ପାର୍ଶ୍ୱ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ହେଲେ କେବଳ ଯେ ସ୍ଥାନୀୟ ଲୋକେ ଲାଭ ପାଇବେ ତା' ନୁହେଁ, ଏହାର ସୁବିଧା ସମସ୍ତେ ପାଇପାରିବେ। ବିଧାୟକଙ୍କ ଏଭଳି ଦୂରଦୃଷ୍ଟିସମ୍ପନ୍ନ ସେବା ପାଇଁ ସ୍ଥାନୀୟ ସମିତିସଭ୍ୟ ଗଦାଧର ପରିଡ଼ା ଓ ସରପଞ୍ଚ ବିଭୂତି ଭୂଷଣ ନାଥ ବିଧାୟକଙ୍କ ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।



ଆଶ୍ରିତ୍ ପଟ୍ଟନାୟକ
ବିଧାୟକ
ଡେଲାଙ୍ଗ ପିପିଲି

ବିଧାନସଭା ସ୍ଥାୟୀ ସମିତି ସଦସ୍ୟ

ଚିଠି ସଂଖ୍ୟା-ଆପ/ବି/୧୧୦- 330A

ତା. 12/10/2025

To

The CDMO & PHO PURI,
PURI.

Sub: Regarding establishment of Postmortem Centre at CHC Mangalpur.

With reference to the subject cited above I am to request you that there is a serious public demand to establish one Postmortem Centre at CHC Mangalpur.

In this connection I am to requesting you, necessary urgent steps may be taken at your end to establish the Postmortem Centre at CHC Mangalpur.

Yours faithfully

Ashrit Pattanayak
ଆଶ୍ରିତ୍ ପଟ୍ଟନାୟକ
ବିଧାୟକ
ଡେଲାଙ୍ଗ, ପିପିଲି

**କମିଶନରେଟ ପୋଲିସ ପକ୍ଷରୁ ରକ୍ତଦାନ ଶିବିର**

କଟକ ସଦର,(ସୁଶାନ୍ତ କୁମାର ଜେନା): କମିଶନରେଟ ପୋଲିସ ଏବଂ ୪୨ ମୌଜା ଥାନାର ମିଳିତରେ ବେଣ୍ଟକାରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଟକ ଅତିରିକ୍ତ ଡିସିପି ରଞ୍ଜିତ ପୃଷ୍ଟି ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ। ଏସିପି ଜୋନ-୪ ଶଶିକାନ୍ତ ରାଉତ, ଅଶୋକ କୁମାର ଗିରି, ବିଶ୍ୱରଞ୍ଜନ ନାୟକ, ତୁଷାରକାନ୍ତ ସେଠୀ ଏବଂ ବିଭୁ ପ୍ରସାଦ ପ୍ରଧାନଙ୍କ ସମେତ ଥାନାର ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ। ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, ରକ୍ତ ଭଣ୍ଡାର ଶାଖାର କର୍ମକର୍ତ୍ତାମାନେ ରକ୍ତସଂଗ୍ରହ କରିଥିଲେ। ଟୁଇନସିଟିରେ ରକ୍ତର ଆବଶ୍ୟକ ପୂରଣ କରିବା ଉଦ୍ଦେଶ୍ୟରେ କମିଶନରେଟ ପୋଲିସ ଭୁବନେଶ୍ୱର-କଟକ ଓ ରେଡ୍‌କ୍ରସ ଶାଖା ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିରର କରାଯାଉଛି।

## ସଂକ୍ଷେପରେ

### ଡିବେଟ୍, ନଲେଜ ସେଣ୍ଟର ଉଦ୍‌ଘାଟିତ

କଟକ,୨୩।୧୨(କାର୍ତ୍ତିକ ସାହୁ)

ଆଧାତ୍ମିକ ଗୁରୁ ଡ. ଚନ୍ଦ୍ରଭାନୁ ଶତପଥୀ ରେଭେନ୍‌ଶା କଲିଜିଏଟ ସ୍କୁଲର ଡିବେଟ ଓ ନଲେଜ ସେଣ୍ଟରକୁ ସୋମବାର ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମଣିପୁର ହାଇକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଗତି ପଣ୍ଡା ଯୋଗଦେଇ ପାଠପଢ଼ା ସହିତ ବାହ୍ୟ ଜ୍ଞାନର ବିକାଶ ପାଇଁ ଏହି କକ୍ଷରେ ସଂଗୃହିତ ସମସ୍ତ ପ୍ରକାର ପୁସ୍ତକର ସୁବିନିଯୋଗ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କଣ୍ଠଶିଳ୍ପୀ ମିନାକ୍ଷୀ ରଥ ସାଇ ଭଜନ ପରିବେଷଣ କରିଥିଲେ। ଛାତ୍ର ସିଦ୍ଧାନ୍ତ ସାହୁ ବକ୍ତୃତା ଦେବା ସହ ଛାତ୍ରୀ ଶ୍ରୁତି ସୁହାନୀ ଦାସ ଭକ୍ତି ସଙ୍ଗୀତ ଗାନ କରିଥିଲେ। ପୁରାତନ ଛାତ୍ର ଶୁଭାନ୍ୱେଷ ରଥ ଅତିଥି ପରିଚୟ ଓ ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ଗୃହର ନବୀକରଣରେ ବିଶେଷ ଅବଦାନ ପାଇଁ ଶୁଭାନ୍ୱେଷ ରଥ, ସେକ ଗୁଲାମ ଅହମ୍ମଦ, ସରୋଜ ମହାନ୍ତି ଏବଂ ବିଶ୍ୱ ରଞ୍ଜନ ନାୟକଙ୍କୁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ପରେଶ କୁମାର ମଲ୍ଲ, ମଧୁସ୍ମିତା ମହାନ୍ତି, ଡ. ପୁଷ୍ପାଞ୍ଜଳି ବେହେରା, କଳ୍ପନା ବ୍ରହ୍ମା, ସନ୍ତୋଷ କୁମାର ସ୍ୱାଇଁ, ପ୍ରଣବ ବେହେରା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

### ଡାଲିଯୋଡ଼ା ସାହିତ୍ୟ ସଂସଦ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

ମଙ୍ଗୁଳି–ଜଗତପୁର,୨୩।୧୨(ମାନସ ସାମଲ)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅଧୀନ ତନ୍ତିରା ଗ୍ରାମର ଜଣେ ଅଗ୍ନିବିପନ୍ନ ପରିବାରକୁ ଚୌଦ୍ୱାର ଡାଲିଯୋଡ଼ା ସାହିତ୍ୟ ସଂସଦ ପକ୍ଷରୁ ମଙ୍ଗଳବାର ସହାୟତା ପ୍ରଦାନ କରାଯାଇଛି। ବିପନ୍ନ ପରିବାରଙ୍କୁ ସାନ୍ତ୍ୱନା ଦେବା ସହ ସେମାନଙ୍କୁ ବସ୍ତ୍ର ଓ ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। ସହାୟତା ସମୟରେ ଅନୁଷ୍ଠାନ ସଭାପତି କେ.ସି. ପ୍ରତାପ ସିଂ, ଗୌତମ ଆଚାର୍ଯ୍ୟ, ଶଲେନ୍ଦ୍ର ମୁଖୀ, ବିଶ୍ୱ କଲ୍ୟାଣ ଦାସ, ସହଦେବ ବରାଳ, ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ତନ୍ତିରା ଗ୍ରାମର ଅନାଦି ଦାସଙ୍କ ପରିବାର ଗତ ଶନିବାର ରାତିରେ ଶୋଇପଡ଼ିଥିଲେ। ମଧ୍ୟରାତ୍ରିରେ ପ୍ରଥମେ ରୋଷେଇ ଘରେ ନିଆଁ ହୁତୁହୁତୁ ହୋଇ ଲାଗିଥିଲା। ଚାହୁଁ ଚାହୁଁ ଅନ୍ୟ ୨ଟି ଘରକୁ ନିଆଁ ବ୍ୟାପି ଯାଇଥିଲା। ଭୟରେ ସପରିବାର ଜୀବନ ବଞ୍ଚାଇ ପଦାକୁ ପଳାଇ ଆସିଥିଲେ। ଖବର ପାଇ ବହୁ ବିଳମ୍ବରେ ଅଗ୍ନିଶମ ବାହିନୀ ଗୋଟିଏ ଦମକଳ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଘର ଓ ସମସ୍ତ ଜିନିଷ ଜଳି ଯାଇଥିଲା।




କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ କ୍ୟାଥଲିକ୍ ଚର୍ଚ୍ଚରେ କ୍ରିସ୍‌ମାସ ପାଳନ ପାଇଁ ପ୍ରସ୍ତୁତି। (ଫଟୋ: ରାଜକିଶୋର ମହାନ୍ତି)

# କ୍ରିସ୍‌ମାସ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

## ଚାହିଦାରେ ଡ୍ୟାନ୍ସିଂ ସାଣ୍ଟା, ଫ୍ରୁଟ୍ କେକ୍

କଟକ,୨୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଦିନକ ପରେ କ୍ରିସ୍‌ମାସ ବା ବଡ଼ଦିନ। ପ୍ରଭୁ ଯିଶୁ ଧରାପୃଷ୍ଠକୁ ଧରାବତଣ କରିବେ। ଖ୍ରୀଷ୍ଟ ସମ୍ପ୍ରଦାୟର ଲୋକେ ଏହି ଦିନକୁ ବେଶ୍ ଆଡ଼ମ୍ବର ସହ ପାଳିଥା'ନ୍ତି। ବଡ଼ଦିନ ପାଳନ ପାଇଁ ସହରବାସୀ ଉତ୍ସାହିତ ଅଛନ୍ତି। ଏଥିପାଇଁ କଟକରେ ଥିବା ଚର୍ଚ୍ଚଗୁଡ଼ିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚର୍ଚ୍ଚରେ କ୍ୟାରୋଲ ଗାନ ଓ ପ୍ରାର୍ଥନା ହେବାକୁ ଥିବାବେଳେ ବଡ଼ଦିନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାସହ ବଡ଼ଦିନ ପାଇଁ ଏବେ ଭଳିକି ଭଳି କେକ୍ ପ୍ରସ୍ତୁତ କରାଯାଉଛି। ଲୋକେ କେକ୍ ପାଇଁ ଆବଶ୍ୟକ ସାମଗ୍ରୀର ତାଲିକା ନେବା ସହ ସାମଗ୍ରୀ କିଣି ଆଣି ବେକ୍‌ରୀରେ ଦେବା ପାଇଁ ଲୋକଙ୍କ ଭିଡ଼ ଜମିଛି। ସେହିପରି ଚର୍ଚ୍ଚ ହେଉ କିମ୍ବା ଘର ସଜାଇବା ପାଇଁ ବିଭିନ୍ନ ସାମଗ୍ରୀ ଏବେ ବଜାରରେ ବିକ୍ରି ହେଉଛି। ଏହି ସାମଗ୍ରୀ ମଧ୍ୟରେ ଧଳା, ନାଲି ଡ୍ୟାନ୍ସିଂ ସାଣ୍ଟା ଦର ୫୦୦୦ରୁ ୧୧,୦୦୦ ଟଙ୍କା, କ୍ରିସ୍‌ମାସ ଟ୍ରି ୧୫୦ରୁ ୧୧,୦୦୦ ଟଙ୍କା, କାଠର ଯିଜସ୍ ବାଥ୍ ସେଟ୍ ୫୦୦ ଟଙ୍କା, ବଲ୍, ଷ୍ଟିକର୍, ହେୟାର କ୍ଲିପ୍, ଚଷମା ଓ କ୍ୟାଣ୍ଡେଲ ଦର ୧୩୦ରୁ ୪୦୦ ଟଙ୍କା, ବେଲ ୫୦୦ ଟଙ୍କା, ଗୋଲ୍‌ଡେନ ଡିଅର ୪୦୦୦ ଟଙ୍କା, ଷ୍ଟାର ୧୦୦ରୁ ୬୫୦ ଟଙ୍କା ଆଦି ରହିଛି। ଏହି ସମସ୍ତ ସାମଗ୍ରୀ କିଣିବା ପାଇଁ ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି।



ମିଶନ ରୋଡ୍‌ଠାରେ ଖୋଲିଥିବା ଏକ ଷ୍ଟଲରେ କ୍ରିସ୍‌ମାସ ସାମଗ୍ରୀ ବିକ୍ରି କରାଯାଉଛି।



କ୍ରିସ୍‌ମାସ ପାଇଁ କେକ୍ ପ୍ରସ୍ତୁତ କରାଯାଉଛି।

## ସେମାନେ ଯାହା କୁହନ୍ତି...

### ୫ ଭାଷାରେ ପ୍ରାର୍ଥନା କରାଯିବ



ପ୍ରଭୁ ଯିଶୁଙ୍କ ଜନ୍ମଦିନ ପାଳନ ପାଇଁ ଚର୍ଚ୍ଚ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚର୍ଚ୍ଚକୁ ସମ୍ପୂର୍ଣ୍ଣ ଭାବେ ସଜା ଯାଇଥିବାବେଳେ ଏକ ଗୁହାଳ ଘର ପ୍ରସ୍ତୁତ କରାଯାଇଛି। ୨୪ ତାରିଖ (ବୁଧବାର) ରାତି ୧୦ଟାରେ କ୍ୟାରୋଲ ଗାନ କରାଯିବ। ପରେ ପ୍ରାର୍ଥନା କରାଯିବ। ୫ ଭାଷା ଯଥା ଓଡ଼ିଆ, ହିନ୍ଦୀ, ଇଂଲିଶ୍, ତେଲୁଗୁ ଓ ମାଲାୟାଲମରେ ପ୍ରାର୍ଥନା କରାଯିବ। ପରେ ଯିଶୁଙ୍କ ଜନ୍ମ ପାଳନ କରାଯାଇ କେକ୍ କଟାଯିବ। ଏହାସହ ୨୫ ତାରିଖ (ଗୁରୁବାର) ସକାଳ ୮ଟାରେ ସମୂହ ପ୍ରାର୍ଥନା କରାଯିବ।

**ପ୍ରବୋଧ କୁମାର ପ୍ରଧାନ, ଫାଦର, କ୍ୟାଥୋଲିକ୍ ଚର୍ଚ୍ଚ**

### ଫ୍ରୁଟ୍ କେକ୍‌ର ଚାହିଦା



ବଡ଼ଦିନ ପାଇଁ କେକ୍‌ର ଅଧିକ ଚାହିଦା ରହିଥାଏ। ଆଜକୁ ୩୧ବର୍ଷ ହେବ ସୂତାହାଟରେ କେକ୍ ବ୍ୟବସାୟ କରିଆସୁଛି। ଗ୍ରାହକଙ୍କ ପସନ୍ଦ ମୁତାବକ କେକ୍ ସର୍ବଦା ତିଆରି କରୁଛୁ। ବଡ଼ଦିନକୁ ଦୃଷ୍ଟିରେ ରଖି ୧୦ ଦିନ ହେବ ସ୍ୱତନ୍ତ୍ର କେକ୍ ପ୍ରସ୍ତୁତି ଆରମ୍ଭ କରାଯାଇଛି। ପ୍ରତିଦିନ ୫୦ କେଜିରୁ ଅଧିକ କେକ୍ ତିଆରି କରୁଛି। ଉଭୟ ଭେଜ୍ ଓ ନନ୍‌ଭେଜ୍ କେକ୍ ତିଆରି କରାଯାଉଛି। ସେଥିମଧ୍ୟରେ ଫ୍ରୁଟ୍ କେକ୍‌ର ଅଧିକ ଡିମାଣ୍ଡ ରହିଛି। ଗ୍ରାହକ ସାମଗ୍ରୀ କିଣି ଆଣୁଥିବାବେଳେ ସାମଗ୍ରୀ ବାଦ୍ ୧ କେଜି କେକ୍‌କୁ ୨୦୦ ଟଙ୍କା ଦର ରହିଛି। ବେପାର ଖୁବ୍ ଭଲ ରହିଛି।

**ଫଜିଲ୍ ଖାନ୍, ଜେ.କେ. ଫୁଡ୍ସ ମାଲିକ**

### ଡ୍ୟାନ୍ସିଂ ସାଣ୍ଟାର ଡିମାଣ୍ଡ



କ୍ରିସ୍‌ମାସ୍ ପାଇଁ ଘର ସଜାଇବାକୁ ଲୋକମାନେ ବେଶ୍ ଆଗ୍ରହ ପ୍ରକାଶ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ବିଭିନ୍ନ ଭୋରାଇଟିର ସାମଗ୍ରୀ ଗୋଆ, ମୁମ୍ବାଇ ଓ କୋଲକାତାରୁ ଆଣିଛି। ସେଥିମଧ୍ୟରୁ ଡ୍ୟାନ୍ସିଂ ସାଣ୍ଟାର ଚାହିଦା ଅଧିକ ରହିଛି। ଚଳିତ ୭ ତାରିଖରୁ ଦୋକାନ ଖୋଲିଛି ଏବଂ ବେପାର ଖୁବ୍ ଭଲ ହେଉଥିବା ସେ କହିଛନ୍ତି।

**ମିନତି ସାହୁ, ମାଲିକ, ମାଡାମ୍‌ସ**

## ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚୌଦ୍ୱାର/ମଙ୍ଗୁଳି–ଜଗତପୁର, ୨୩।୧୨(ଆଶୁତୋଷ ଦାସ/ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ କଳାପ୍ରକାଶିନୀ କ୍ଲବରେ ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଇମ୍ଫା ଶିଳ୍ପଗୋଷ୍ଠୀ ସାମାଜିକ ଦାୟିତ୍ୱ ବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ଇମ୍ଫା ପାୱାର ପ୍ଲାଣ୍ଟ ପରିଚାଳନା ବିଭାଗ ମୁଖ୍ୟ ଲଲାଟ କିଶୋର ଓ କ୍ଲବ ସଭାପତି ବିଷ୍ଣୁ ଚରଣ ପରିଡ଼ା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଅସ୍ଥିଶଲ୍ୟ, ଭେଷଜ, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି, କର୍ଣ୍ଣ, ନାସା, ଗଳା ଆଦି ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କ୍ଲବ ସଦସ୍ୟ ସୌମ୍ୟରଞ୍ଜନ ପରିଡ଼ା, ସୁଧାଂଶୁ ପରିଜା ସହଯୋଗ କରିଥିବା ବେଳେ ଇମ୍ଫା ଅଧିକାରୀ ଅଭିଷେକ ଘୋଷ, ବବି ନନ୍ଦ, ଦେବାଶିଷ ତ୍ରିପାଠୀ, ମାନସ ପଣ୍ଡା, ପ୍ରଶାନ୍ତ ସାହୁ, ସଞ୍ଜୀବ ପୁରୋହିତ, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ଫା ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ସମେତ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନର ସ୍ଥିତପ୍ରଜ୍ଞ ଦାସ, ବିଶ୍ୱଜିତ୍ ମିଶ୍ର, ମନୋଜ ମହାପାତ୍ର ଓ ଇମ୍ଫାରୁ ସ୍ୱେଚ୍ଛାକୃତ ଭାବେ ୧୦ଜଣ ସ୍ୱେଚ୍ଛାସେବୀ ପରିଚାଳନା କରିଥିବା ବେଳେ ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଡାକ୍ତର ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ଊଜ୍ଜ୍ୱଳ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

କଟକ ସଦର,୨୩।୧୨(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ ସାମନ୍ତରାପୁରସ୍ଥିତ ଊଜ୍ଜ୍ୱଳ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କିଶନନଗର ଅତିରିକ୍ତ ତହସିଲଦାର ସୌମେନ୍ଦ୍ର ତେଜ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ପ୍ରିତମ ଚୌଧୁରୀ, ବିବେକାନନ୍ଦ ଭୂୟାଁ, ସାମାଜିକ କର୍ମୀ ଜନ ରଞ୍ଜନ ସ୍ୱାଇଁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଗୀତାଞ୍ଜଳି ନାୟକ, ଇସ୍ତେୟାକ ଅହମଦ, ରଶ୍ମିରଞ୍ଜନ ରଣା, ସୟେଦ ଅଞ୍ଜୁମ, ମୌସୁମୀ ମହାନ୍ତି, ବନଜା ବାସିନୀ ଦାସ, ପ୍ରଜ୍ଞା ପଣ୍ଡା, ସିଦ୍ଧେଶ୍ୱର ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଛତୁଚାଷର ଉପଯୋଗିତା ସମ୍ପର୍କରେ ଆଲୋଚନା



ଚୌଦ୍ୱାର,୨୩।୧୨(ଆଶୁତୋଷ ଦାସ)

ଚୌଦ୍ୱାର ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଛତୁଚାଷ ଓ ପରିବେଶ ସୁରକ୍ଷା ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ସିଆରଆରଆଇର ବୈଜ୍ଞାନିକ ଡ.ରଞ୍ଜନ କୁମାର ମହନ୍ତ, ସିଇଏସ୍‌ର ପ୍ରକଳ୍ପ ସହଯୋଗୀ ଭରତ କୁମାର ଜେନା, ବିଶ୍ୱନାହାକାଣୀ କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ କୃଷି ବିକାଶ ଦ୍ୱାରା ସମାଜର ସ୍ଥିତି ସୁଦୃଢ଼ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଛତୁଚାଷର ଉପଯୋଗିତା ସମ୍ପର୍କରେ ଆଲୋଚନା କରି ଆଧୁନିକ ପ୍ରଣାଳିରେ ଛତୁଚାଷ କରି ରୋଜଗାରକ୍ଷମ ହେବାର ଉପାୟ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ସଫଳ ଛତୁଚାଷୀ ମାନସ ରଞ୍ଜନ ଦାସ ଛାତ୍ରୀଛାତ୍ରମାନଙ୍କୁ ଛତୁଚାଷ ଉପରେ ପ୍ରଶିକ୍ଷଣ ପ୍ରଦାନ ସହିତ ଛତୁମଞ୍ଜି ବଣ୍ଟନ କରିଥିଲେ। ରାଜ୍ୟ ସରକାରଙ୍କ ଭୁବନେଶ୍ୱରସ୍ଥିତ ପରିବେଶ ଅଧ୍ୟୟନ କେନ୍ଦ୍ର ଦ୍ୱାରା ଆୟୋଜିତ ଶିବିରରେ ଅଧ୍ୟାପିକା ଡ. କ୍ରୀଷ୍ଣା କାବେରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡେମନଷ୍ଟ୍ରେଟର ଚିତ୍ତରଞ୍ଜନ ଦାସ, ଲହରୀ ଲୋପାମୁଦ୍ରା ଦାସ, ବିଜୟ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଟିଏ ଡାଇଗ୍ନୋଷ୍ଟିକ୍ ସେଣ୍ଟର ସିଲ୍

### କ୍ଲିନିକ, ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଚଢ଼ାଉ

କଟକ,୨୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ଜିଲା ସ୍ୱାସ୍ଥ୍ୟ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଷ୍ଟେଟ୍ ଇନ୍ସପେକ୍ସନ ଟିମ୍ କଟକର ବିଭିନ୍ନ କ୍ଲିନିକ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ଚଢ଼ାଉ କରିଛି। ଏହି ସମୟରେ କଟକ ମଙ୍ଗଳାବାଗ କାଠଗୋଲା ଅଞ୍ଚଳରେ ଥିବା ବିଏସ୍‌ଆର୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର କାଗଜପତ୍ର ଠିକ୍ ନ ଥିବାରୁ ଏହାକୁ ସିଲ୍ କରାଯାଇଛି। ତେବେ ୨୦୧୯ରୁ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଚଳାଇବା ପାଇଁ ଲାଇସେନ୍ସ ନାହିଁ ଏବଂ ଏକ କମ୍ପାନୀ ନାମରେ ଏହା ପଞ୍ଜୀକୃତ ରହିଛି। ଏହାସହ ଅନୈତିକ ଭାବେ ଏଠାରେ ସିଟି ସ୍କାନ, ଅଲଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ ଆଦି ପରୀକ୍ଷା କରାଯାଉଥିବା ଚଢ଼ାଉ ବେଳେ ଜଣାପଡିଥିଲା। ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଚିନ୍ତାମଣି ମିଶ୍ର କହିଛନ୍ତି, କଟକରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ସେଥିମଧ୍ୟରୁ ଗୋଟିଏକୁ ସିଲ୍ କରାଯାଇଛି। ବେଆଇନ ଭାବେ ଡାଇଗ୍ନୋଷ୍ଟିକ୍ ସେଣ୍ଟର କାର୍ଯ୍ୟ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

ସୂଚନାଥାଉକି, ବେଆଇନ ଲିଙ୍ଗ ନିରୂପଣ କରାଯାଉଥିବା ଘଟଣାକୁ ନଜରରେ ରଖି ଗତ ଏକ ମାସ ହେବ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଟକର ବିଭିନ୍ନ କ୍ଲିନିକ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟରଗୁଡିକରେ ଚଢ଼ାଉ କରାଯାଇଛି। ଏହିକ୍ରମରେ ଏକାଧିକ କ୍ଲିନିକ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ସିଲ୍ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ମାସ ୨୫ ତାରିଖରେ କଟକ ମଙ୍ଗଳାବାଗ କାଠଗୋଲା ଅଞ୍ଚଳରେ ଗୋଟିଏ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ସିଲ୍ କରାଯାଇଥିଲା।



ଡାଇଗ୍ନୋଷ୍ଟିକ୍ ସେଣ୍ଟର କାଗଜପତ୍ର ଷ୍ଟେଟ୍ ଇନ୍ସପେକ୍ସନ ଟିମ୍ ଯାଞ୍ଚ କରୁଛି।

## କ୍ରିକେଟ୍‌ରେ କଟକ ସଦର, ବଡ଼ମ୍ବା ବିଜୟୀ

କଟକ,୨୩।୧୨(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ସାଂସଦ ଖେଳ ମହୋତ୍ସବର କ୍ରିକେଟ ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ୨୫ ବର୍ଷରୁ କମ ବାଳକ ଫାଇନାଲ କ୍ରିକେଟ ମ୍ୟାଚରେ କଟକ ସଦର ଦଳ ୧୦ ଉଇକେଟରେ ବିଜୟୀ ହୋଇଛି। କଟକ ସଦର ଓ ବଡ଼ମ୍ବା ମଧ୍ୟରେ ଅନୁଷ୍ଠିତ ଫାଇନାଲରେ କଟକ ସଦର ଦଳ ଟସ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବଡ଼ମ୍ବା ଦଳ ୮ ଓଭରରେ ୮ ଉଇକେଟ ହରାଇ ୭୮ ରନ ସଂଗ୍ରହ କରିଥିଲା। କଟକ ସଦର ଦଳ ମାତ୍ର ୪ ଓଭରରେ ୮୦ ରନ ସଂଗ୍ରହ କରିଥିଲା। ସେହିପରି ୧୭ ବର୍ଷରୁ କମ ବାଳକ କ୍ରିକେଟ ବର୍ଗରେ ଆଠଗଡ଼ ଦଳକୁ ୪୮ ରନ୍‌ରେ ହରାଇ ଚାମ୍ପିୟନ ହୋଇଛି। ବଡମ୍ବା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୮ ଓଭରରେ ୧୦୫ ରନ ସଂଗ୍ରହ କରିଥିଲା। ଆଠଗଡ ଦଳ ୭ ଓଭର ୫ଟି ବଲରେ ସମସ୍ତ ଉଇକେଟ ହରାଇ ମାତ୍ର ୫୮ ରନ ସଂଗ୍ରହ କରିପାରିଥିଲା। ଅନ୍ୟପକ୍ଷରେ ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ଖୋ ଖୋ ଫାଇନାଲରେ ଆଠଗଡ ଦଳ ବଡମ୍ବା ଦଳକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ବାରବାଟୀ ଷ୍ଟାଡିୟମ କବାଡି ଗ୍ରାଉଣ୍ଡରେ ଅନୁଷ୍ଠିତ ୨୫ ବର୍ଷରୁ ଊର୍ଦ୍ଧ୍ୱ ବାଳକ ଫାଇନାଲରେ ବାରବାଟୀ କଟକ ନରସିଂପୁରକୁ ୩୧–୨୩ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଥିବାବେଳେ ୨୫ ବର୍ଷରୁ କମ ବାଳକ କବାଡି ଫାଇନାଲରେ ବାରବାଟୀ କଟକ ଦଳ ବଡ଼ମ୍ବାକୁ ୪୨–୨୬ରେ ପରାସ୍ତ କରିଛି ଏବଂ ୨୫ ବର୍ଷରୁ କମ ବାଳିକା କବାଡି ଫାଇନାଲରେ ବାରବାଟୀ କଟକ ଚୌଦ୍ୱାରକୁ ୪୩–୯ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମ୍ୟାଚଗୁଡ଼ିକୁ ଏମ୍‌ପି ଭର୍ତ୍ତୃହରି ମହତାବ ବୁଲି ଦେଖିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସାଂସଦଙ୍କ ସହ ଉପସ୍ଥିତ ରହି ବିଭିନ୍ନ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ଆସନ୍ତା ୨୫ ତାରିଖରେ ସାଂସଦ ଖେଳ ମହୋତ୍ସବର ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ। ଏହିଦିନ ୧୭ ବର୍ଷରୁ କମ ଫୁଟବଲ ଫାଇନାଲ ଓ ଖୋ ଖୋ ଫାଇନାଲ ମ୍ୟାଚ ଖେଳାଯିବା ସହ ପୁରସ୍କାର ବିତରଣୀ କରାଯିବ ବୋଲି ସୂଚନା ରହିଛି।

**ସାଂସଦ ଖେଳ ମହୋତ୍ସବ**



ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ସାଂସଦ ଖେଳ ମହୋତ୍ସବ କ୍ରିକେଟ୍ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ମେକ୍ସିକୋ ବିମାନ ଦୁର୍ଘଟଣାରେ ୫ ମୃତ

ଗାଲ୍‌ଭେଷ୍ଟୋନ୍, ୨୩।୧୨

ମେକ୍ସିକୋ ନୌସେନାର ଏକ କ୍ଷୁଦ୍ର ବିମାନ ସୋମବାର ଗାଲଭେଷ୍ଟୋନ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଅନ୍ୟୁନ ୫ ଜଣଙ୍କ ମୃତ୍ୟୁ ଘଟିଛି। ବିମାନରେ ଜଣେ ରୋଗୀ ଓ ଅନ୍ୟ ୭ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ନୌସେନା ଅଧିକାରୀ ହୋଇଥିବାବେଳେ ଅନ୍ୟ ୪ ଜଣ ସାଧାରଣ ନାଗରିକ। ଏକ ଅଣଲାଭକାରୀ ସଂସ୍ଥାର ୨ ଜଣ ଲୋକ ବିମାନରେ ଥିଲେ। ଉକ୍ତ ସଂସ୍ଥା ମେକ୍ସିକୋର ପୋଡ଼ିଯାଇଥିବା ପିଲାମାନଙ୍କୁ ହସ୍ପିଟାଲ ନେବାରେ ସହାୟତା କରିଥାଏ। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।



କ୍ରିସ୍‌ମାସ୍ ଉତ୍ସବ ପୂର୍ବରୁ ପ୍ରୟାଗରାଜସ୍ଥିତ ସେଣ୍ଟ ଜୋସେଫ୍ କାଥେଡ୍ରାଲକୁ ମଙ୍ଗଳବାର ରଙ୍ଗିନ୍ ଆଲୋକମାଳାରେ ସଜାଯାଇଛି।

# ଏପ୍‌ଷ୍ଟିନ୍‌ଙ୍କ ସମ୍ପର୍କିତ ଅଧିକ ଦସ୍ତାବିଜ ଜାରି

ୱାଶିଂଟନ, ୨୩।୧୨



ଜେଫ୍ରି ଏପଷ୍ଟିନ

ଆମେରିକା ନ୍ୟାୟ ବିଭାଗ ମଙ୍ଗଳବାର ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନଙ୍କ ମାମଲା ସହ ସମ୍ପୃକ୍ତ ଅନେକ ହଜାର ନୂଆ ଦସ୍ତାବିଜ୍ ଜାରି କରିଛି। ଡୋନାଲ୍ଡ ଟ୍ରମ୍ପ ଏପ୍‌ଷ୍ଟିନ୍‌ଙ୍କ ଘରୋଇ ଜେଟ୍‌ରେ ଉଡ଼ିଥିବା ଫ୍ଲାଇଟ୍ ରେକର୍ଡ ଏଥିରେ ରହିଛି। ୩୦,୦୦୦ ପୃଷ୍ଠାର ଏହି ଫାଇଲ୍‌ରେ ଜେଲ ଭିତରର ଫଟୋ ସମେତ ଅନେକ ଭିଡିଓ କ୍ଲିପ୍ ଜାରି ହୋଇଛି। ୨୦୧୯ ଅଗଷ୍ଟରେ ଏପ୍‌ଷ୍ଟିନ୍ ରହୁଥିବା ଜେଲ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ସମୟର ସର୍ଭିଲାନ୍ସ ଫୁଟେଜ୍ ଉକ୍ତ ଫାଇଲରେ ରହିଛି।

ଗତ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ଏପ୍‌ଷ୍ଟିନ୍‌ଙ୍କ ସମ୍ପର୍କିତ କେତେକ ଫାଇଲ୍ ଜାରି ହୋଇଥିଲେ ମଧ୍ୟ ଫାଇନାନ୍ସର ଏବଂ ତାଙ୍କ ସହ ସମ୍ପର୍କ ରଖିଥିବା ଧନୀ ଓ କ୍ଷମତାଶାଳୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ଆପରାଧିକ ତଦନ୍ତ ସମ୍ପର୍କରେ ଉଲ୍ଲେଖନୀୟ ତଥ୍ୟ ପ୍ରଘଟ ହୋଇ ନ ଥିଲା। ଫାଇଲ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଳ୍ପ କେତେକ ଫଟୋ ଥିବାବେଳେ ହ୍ୱାଇଟ୍ ହାଉସ୍‌କୁ ବାଦ୍ ଦିଆଯାଇଥିଲା। ନ୍ୟାୟ ବିଭାଗ ତଥ୍ୟ ଲୁଚାଉଥିବା ଅଭିଯୋଗ କରି ଡେମୋକ୍ରାଟମାନେ ସମାଲୋଚନା କରିଥିଲେ।

**ୱାକ୍‌ଫ ବିରୋଧୀ ବିକ୍ଷୋଭବେଳେ ବାପପୁଅଙ୍କୁ ପିଟି ହତ୍ୟା ମାମଲା**

# ୧୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

କୋଲକାତା, ୨୩।୧୨ (ପି.ଟି.)

ୱାକ୍‌ଫ ସଂଶୋଧନ ଆଇନ ବିରୋଧରେ ଗତ ଏପ୍ରିଲ ୧୨ରେ ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ବିକ୍ଷୋଭ ବେଳେ ହରଗୋବିନ୍ଦ ଦାସ (୭୨) ଏବଂ ତାଙ୍କ ପୁଅ ଚନ୍ଦନ ଦାସ (୪୨)ଙ୍କୁ ସେମାନଙ୍କ ଜାଫ୍ରାବାଦସ୍ଥିତ ଘରେ ପିଟି ହତ୍ୟା କରାଯାଇଥିଲା। ଏହି ମାମଲାରେ ଉକ୍ତ ଜିଲାର ଏକ ଅଦାଲତ ମଙ୍ଗଳବାର ୧୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୋମବାର ଅଦାଲତ ସେମାନଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଭିଡ଼ ହିଂସା ମାମଲାରେ ଏହା ଦେଶରେ ଦ୍ୱିତୀୟ ଦୋଷୀସାବ୍ୟସ୍ତ ଘଟଣା ହୋଇଥିବାବେଳେ ପଶ୍ଚିମବଙ୍ଗରେ ପ୍ରଥମ ବୋଲି ସ୍ୱତନ୍ତ୍ର ସରକାରୀ ଓକିଲ ବିଭାସ ଚାଟାର୍ଜୀ କହିଛନ୍ତି। ଜଙ୍ଗିପୁରର ଫାଷ୍ଟ-ଟ୍ରାକ୍ କୋର୍ଟ ମୃତ ବାପପୁଅଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ରାୟ ବିରୋଧରେ କୋଲକାତା ହାଇକୋର୍ଟରେ ଅପିଲ୍ କରିବେ କି ନାହିଁ ତାହା ବିଚାର କରିବେ।

# କାର୍ତ୍ତି ଚିଦାମ୍ବରମ୍‌ଙ୍କ ବିରୋଧରେ ଚାର୍ଜଫ୍ରେମ୍ ନିର୍ଦ୍ଦେଶ

**ଚାଇନା ଭିଜା ଦୁର୍ନୀତି ମାମଲା**

ନୂଆଦିଲ୍ଲୀ, ୨୩।୧୨

ଚାଇନା ଭିଜା ଦୁର୍ନୀତି ମାମଲାରେ କଂଗ୍ରେସ ଏମ୍‌ପି କାର୍ତ୍ତି ଚିଦାମ୍ବରମ୍‌ଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ସିବିଆଇ ବିଚାରପତି ଦିଗ୍‌ବିନୟ ସିଂ ୭ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ ପାଇଁ ନିର୍ଦ୍ଦେଶ ଦେବା ସହ ଅନ୍ୟତମ ଅଭିଯୁକ୍ତ ଚେତନ ଶ୍ରୀବାସ୍ତବଙ୍କୁ ମୁକ୍ତ କରିଦେବାକୁ କହିଛନ୍ତି। ବାପା ପି. ଚିଦାମ୍ବରମ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବାବେଳେ ୨୦୧୧ରେ ଏକ ବିଦ୍ୟୁତ୍ କମ୍ପାନୀ ପାଇଁ ଚାଇନା ନାଗରିକଙ୍କୁ ଭିଜା ଯୋଗାଇଦେବା ନିମନ୍ତେ କାର୍ତ୍ତି ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ୨୦୨୪ ଅକ୍ଟୋବରରେ ସିବିଆଇ କାର୍ତ୍ତିଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।

# ଏସ୍‌ଆଇଆର୍: ୩ ରାଜ୍ୟରୁ ୯୫ ଲକ୍ଷ ଭୋଟରଙ୍କ ନାଁ କଟିଲା

ନୂଆଦିଲ୍ଲୀ, ୨୩।୧୨

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବା ବେଳେ ମଙ୍ଗଳବାର ମଧ୍ୟପ୍ରଦେଶ, ଛତିଶଗଡ଼, କେରଳ ଏବଂ ଆଣ୍ଡାମାନ ନିକୋବର ପାଇଁ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଉପରୋକ୍ତ ୩ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରୁ ପାଖାପାଖି ୯୫ ଲକ୍ଷ ଭୋଟରଙ୍କ ନାଁ ହଟାଇ ଦିଆଯାଇଛି। ମଧ୍ୟପ୍ରଦେଶରେ ମୋଟ ୫.୭୪ କୋଟି ଭୋଟରଙ୍କ ମଧ୍ୟରୁ ୪୨.୭୪ ଲକ୍ଷ ଭୋଟରଙ୍କ ନାଁ କମିଛି, ଯାହା ମୋଟ ଭୋଟର ସଂଖ୍ୟାର ୭ ପ୍ରତିଶତ। ସେହିପରି କେରଳରେ ୨.୭୮ କୋଟି ଭୋଟରଙ୍କ ମଧ୍ୟରେ ୨୪.୦୮ ଲକ୍ଷ ଚିଠା ତାଲିକାରୁ ବାଦ୍ ପଡ଼ିଛନ୍ତି। ଛତିଶଗଡ଼ର ୨.୧୨ କୋଟି ଭୋଟରଙ୍କ ମଧ୍ୟରୁ ୨୭.୩୪ ଲକ୍ଷଙ୍କ ନାଁ ତାଲିକାରେ ନାହିଁ। ସେହିପରି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ମୋଟ ୩.୧୦ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୪,୦୦୦ ବାଦ୍ ପଡ଼ିଛନ୍ତି।

# ୱେଷ୍ଟ କାର୍ବି ଆଙ୍ଗ୍‌ଲଙ୍ଗରେ ଦଙ୍ଗା

**ଆଇପିଏସ୍ ଅଫିସରଙ୍କ ସମେତ ୩୮ ପୋଲିସ ଆହତ**

ଗୁଆହାଟୀ, ୨୩।୧୨



ଆସାମର ୱେଷ୍ଟ କାର୍ବି ଆଙ୍ଗ୍‌ଲଙ୍ଗ ଜିଲାରେ ମଙ୍ଗଳବାର କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଉତ୍ତେଜନା ଜାରି ରହିଛି। ବିକ୍ଷୋଭକାରୀମାନେ ଦଙ୍ଗା ସୃଷ୍ଟି କରିବା ସହ ବହୁ ଘର ଓ ଦୋକାନ ଭଙ୍ଗାରୁଜା ଓ ପୋଡ଼ାଜଳା କରିଛନ୍ତି। କେରୋନିରେ ସେମାନେ ପୋଲିସ ଉପରକୁ ବୋମାମାଡ଼ କରିବା ସହ ପଥର ଓ ଧନୁତୀରରେ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ଆଇପିଏସ୍ ଅଫିସରଙ୍କ ସମେତ ୩୮ ଜଣ ପୋଲିସ ଆହତ ହୋଇଛନ୍ତି।

ସୋମବାର ସନ୍ଧ୍ୟାରୁ କାର୍ବି ଆଙ୍ଗ୍‌ଲଙ୍ଗ ଏବଂ ୱେଷ୍ଟ କାର୍ବି ଆଙ୍ଗଲଙ୍ଗ୍ ଜିଲାରେ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଅଧୀନରେ ନିଷିଦ୍ଧାଦେଶ ଲାଗୁ ହୋଇଥିଲେ ମଧ୍ୟ ସଂଘର୍ଷ ଥମିନାହିଁ। ହିଂସା ଜାରି ରହିଥିବାରୁ ରାଜ୍ୟ ସରକାର ସାମୟିକ ଭାବେ ଇଣ୍ଟରନେଟ୍ ଏବଂ ମୋବାଇଲ୍ ଡାଟା ସେବା ବନ୍ଦ କରିଦେଇଛନ୍ତି। ଗ୍ରାମ ଚାରଣ ଭୂମିରୁ ବାହାର ଲୋକଙ୍କୁ ବହିଷ୍କାର କରିବା ଦାବିରେ ଆଦିବାସୀ କାର୍ବି ସମ୍ପ୍ରଦାୟର ଲୋକମାନେ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଜିଲାରେ ଉତ୍ତେଜନା ଲାଗିରହିଥିବାରୁ ସୋମବାରଠାରୁ ପୋଲିସ ଡିଜି ହର୍‌ମିତ ସିଂ ସେଠାରେ ରହିଛନ୍ତି। ସେ କହିଛନ୍ତି, ମଙ୍ଗଳବାର ଉଭୟ ପାର୍ଶ୍ୱରୁ ଆକ୍ରମଣ ହେବାରୁ ଜଣେ ଆଇପିଏସ୍ ଅଫିସରଙ୍କ ସମେତ ୩୮ ଜଣ ପୋଲିସ ଆହତ ହୋଇଛନ୍ତି। ତାଙ୍କ କାନ୍ଧରେ ମଧ୍ୟ ଆଘାତ ଲାଗିଥିବା ସିଂ କହିଛନ୍ତି। ଆଉ ହିଂସାରେ ସାମିଲ ହେବେନାହିଁ ବୋଲି ବିକ୍ଷୋଭକାରୀ ସୋମବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ମଙ୍ଗଳବାର କେତେକ ଦୋକାନ ଉପରେ ଆକ୍ରମଣ କରିବା ସହ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ କରାଇଥିଲେ। ପୋଲିସ ଉପରକୁ ସେମାନେ ବୋମା ଫିଙ୍ଗିଥିଲେ। ଜଣେ ପୋଲିସ କର୍ମଚାରୀଙ୍କୁ ତୀର ମାଡ଼ ହୋଇଛି। ପୋଲିସ କେବଳ ଲୁହବୁହା ବାଷ୍ପ ଓ ରବର ବୁଲେଟ୍ ମାଡ଼ କରିଥିଲା। ଶାନ୍ତି ପାଇଁ ଡିଜିପି ନିବେଦନ କରିଥିବାବେଳେ ହିଂସା ଜାରି ରହିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଖେରୋନିରେ ଅନଶନରେ ସାମିଲ ଥିବା ୯ ଜଣଙ୍କୁ ରବିବାର ରାତିରେ ପୋଲିସ ଗିରଫ କରିଥିବା ଖବର ପ୍ରଚାରିତ ହେବା ପରେ ସୋମବାର ହିଂସାକାଣ୍ଡ ଆରମ୍ଭ ହୋଇଥିଲା। ଉତ୍ତ୍ୟକ୍ତ ଲୋକେ କାର୍ବି ଆଙ୍ଗ୍‌ଲଙ୍ଗ ସ୍ୱୟଂଶାସିତ ପରିଷଦ (କେଏଏସି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ତୁଲିରାମ ରୋଙ୍ଗ୍‌ହାଙ୍ଗ୍‌ଙ୍କ ପୁରୁଣା ଘରକୁ ଜାଳିଦେଇଥିଲେ। ରାଜ୍ୟ ଶିକ୍ଷାମନ୍ତ୍ରୀ ରନୋଜ ପେଗୁ ଏବଂ ଡିଜିପି ପହଞ୍ଚିବା ପରେ ହିଂସା ବନ୍ଦ ହୋଇଯାଇଥିଲା। ଆନ୍ଦୋଳନକାରୀ ୧୫ ଦିନ ହେଲା ଅନଶନରେ ବସିଥିବାବେଳେ ମନ୍ତ୍ରୀ ସେମାନଙ୍କ ଦାବି ପୂରଣ ପାଇଁ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବା ସହ ବୁଝାଶୁଝା କରିଥିଲେ। ମନ୍ତ୍ରୀ ଉକ୍ତ ସ୍ଥାନ ଛାଡ଼ିବା ପରେ ମଙ୍ଗଳବାର ପୁଣି ହିଂସା ଆରମ୍ଭ ହୋଇଥିଲା।

# ଶ୍ରୀ ଶ୍ରୀ ରବିଶଙ୍କରଙ୍କ ନେତୃତ୍ୱରେ ୧୫୦ ଦେଶର ୧୨.୧ ନିୟୁତ ଲୋକ ଧ୍ୟାନ ଦିବସରେ ଭାଗନେଲେ



ବେଙ୍ଗାଲୁରୁ/ନ୍ୟୁୟର୍କ, ୨୩।୧୨

ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ନେତୃତ୍ୱରେ ୧୫୦ ଦେଶର ୧୨.୧ ନିୟୁତ ଲୋକ ସାମୂହିକ ଧ୍ୟାନ ଦିବସରେ ଭାଗନେଇ ଇତିହାସ ସୃଷ୍ଟି କରିଛନ୍ତି। ବିଶ୍ୱ ଧ୍ୟାନ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ବିଶ୍ୱରେ ବଢିଥିବା ଚାପ, ଦ୍ୱନ୍ଦ୍ୱ ଏବଂ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଶାନ୍ତି ଏବଂ ନମନିୟତା ଅନ୍ୱେଷଣକୁ ପ୍ରତିବିମ୍ବିତ କରିଛି।

ଜାତିସଙ୍ଘ ସାଧାରଣ ସଭାରେ ମାନସିକ ସୁସ୍ଥତା ଓ ସାମାଜିକ ସମନ୍ୱୟରେ ଧ୍ୟାନର ଭୂମିକାକୁ ଉଜାଗର କରିବାକୁ ୨୦୨୪ରେ ଧ୍ୟାନ ଦିବସକୁ ଏକ ବାର୍ଷିକ ଅନ୍ତର୍ଜାତୀୟ ଦିବସ ରୂପେ ମାନ୍ୟତା ଦିଆଯାଇଥିଲା। ଏହି ବର୍ଷର ମୁଖ୍ୟ କାର୍ଯ୍ୟକ୍ରମ ନ୍ୟୁୟର୍କସ୍ଥିତ ସଂଯୁକ୍ତ ରାଷ୍ଟ୍ର ଟ୍ରଷ୍ଟିଶିପ୍ କାଉନ୍‌ସିଲରେ ଆୟୋଜିତ ହୋଇଥିଲା, ଯେଉଁଠି ରାଷ୍ଟ୍ରନାୟକ ଏବଂ ବରିଷ୍ଠ ଅଧିକାରୀମାନେ ଗୁରୁଦେବଙ୍କ ଉପସ୍ଥିତିରେ ଧ୍ୟାନ କରିଥିଲେ। ଭାରତର ସହର ଏବଂ ଗାଁରୁ ଆଫ୍ରିକା ୟୁରୋପ, ଏସିଆ, ଆମେରିକା ଓ ଅଷ୍ଟ୍ରେଲିଆ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲା। ଛାତ୍ରଙ୍କ ସହ ବ୍ୟବସାୟୀ, କୃଷକ, ବୁଦ୍ଧିଜୀବୀ ଷାଠିଏରୁ ଅଧିକ ଦେଶର ଭିନ୍ନ ଭିନ୍ନ ପୃଷ୍ଠଭୂମିରୁ ଆସି ବିଶ୍ୱ ଏକତାର ଅନୁଭୂତିରେ ଏକତ୍ରିତ ହୋଇଥିଲେ।

ଗତ ୧୯ରେ ଭାରତ, ଶ୍ରୀଲଙ୍କା, ଆଣ୍ଡୋରା, ମେକ୍ସିକୋ ଓ ନେପାଳର ସ୍ଥାୟୀ ପ୍ରତିନିଧିମାନେ, ଅନ୍ୟାନ୍ୟ ସଦସ୍ୟ ଦେଶ ଓ ସଂଯୁକ୍ତ ଜାତିସଙ୍ଘ ସଂସ୍ଥାମାନଙ୍କ ସହ ଏହି ପ୍ରାଚୀନ ଅଭ୍ୟାସକୁ ପାଳନ କରିଥିଲେ ଓ ବିଶ୍ୱସ୍ତରୀୟ ସାମାଜିକ, ରାଜନୈତିକ ଓ ମାନସିକ ସ୍ୱାସ୍ଥ୍ୟ ଆହ୍ୱାନର ପ୍ରତିଦ୍ୱନ୍ଦ୍ୱିତା, ଏହାର ପ୍ରସଙ୍ଗିକତାକୁ ଉଲ୍ଲେଖ କରିଥିଲେ। ସେହି କାର୍ଯ୍ୟକ୍ରମରେ ଗୁରୁଦେବଙ୍କ ମୁଖ୍ୟ ଭାଷଣ ଓ ନିର୍ଦ୍ଦେଶିତ ଧ୍ୟାନ, ଭାରତର ସଭ୍ୟତାମୂଳକ ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ କୂଟନୀତିର କେନ୍ଦ୍ରସ୍ଥଳରେ ସ୍ଥାପିତ କରିଥିଲା।

# ବାଂଲାଦେଶରେ ହିନ୍ଦୁ ପରିବାରର ଘର ଜାଳିଦେଲେ



ନୂଆଦିଲ୍ଲୀ, ୨୩।୧୨

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଜାରି ରହିଥିବାବେଳେ ମଙ୍ଗଳବାର ଏକ ହିନ୍ଦୁ ପରିବାରର ଘରକୁ ଦୁର୍ବୃତ୍ତମାନେ ଜାଳିଦେଇଛନ୍ତି। ଉକ୍ତ ପରିବାରର ଗୃହପାଳିତ ପ୍ରାଣୀଙ୍କୁ ପୋଡ଼ିଦେବା ସହ ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ଏଥିସହିତ ସେମାନେ ଉକ୍ତ ଘର ନିକଟରେ ଏକ ଧମକପୂର୍ଣ୍ଣ ବ୍ୟାନର ଲଗାଇଛନ୍ତି। ସେଥିରେ ଅଭିଯୋଗ ରହିଛି ଯେ, ହିନ୍ଦୁମାନେ ଇସ୍‌ଲାମ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତୁରନ୍ତ ଏହା ବନ୍ଦ ନ କଲେ ହିଂସାର ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସେମାନଙ୍କ ଘର, ସମ୍ପତ୍ତି ଓ ବ୍ୟବସାୟ ସବୁକିଛି ଧ୍ୱଂସ କରିଦିଆଯିବ। କେହି ଆପଣମାନଙ୍କୁ ରକ୍ଷା କରିପାରିବେ ନାହିଁ, ଏହା ଚୂଡ଼ାନ୍ତ ଚେତାବନୀ ବୋଲି ବ୍ୟାନରରେ ଲେଖାଯାଇଛି। ଚଟ୍ଟୋଗ୍ରାମରେ ରହୁଥିବା ପ୍ରବାସୀ ଜୟନ୍ତୀ ସଂଘ ଏବଂ ବାବୁ ଶୁକୁଶୀଲଙ୍କ ଘର ଉପରେ ଆକ୍ରମଣ ହୋଇଛି। ତେବେ ପରିବାର ଲୋକେ ବାଡ଼ କାଟି କୌଣସି ପ୍ରକାରେ ଖସି ପଳାଇଥିଲେ।

ସୂଚନାଯୋଗ୍ୟ, ପ୍ରଫେଟ୍ ମହମ୍ମଦଙ୍କୁ ନିନ୍ଦା ଅଭିଯୋଗରେ ଗତ ୧୮ ତାରିଖରେ ମିମେନ୍‌ସିଂ ଜିଲାରେ ଦୀପୁ ଚନ୍ଦ୍ର ଦାସ ନାମକ ହିନ୍ଦୁ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେବା ସହ ଗଛରେ ଝୁଲାଇ ଜାଳିଦେଇଥିଲେ। ଦୀପୁ ଏକ ପୋଷାକ କାରଖାନାରେ କାମ କରିବା ସହ ଭଡ଼ାଘରେ ରହୁଥିଲେ। ସେ ପ୍ରଫେଟ ମହମ୍ମଦଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଉଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। ଆକ୍ରମଣ ଦିନ କାରଖାନାର ସୁପରଭାଇଜର ଦୀପୁଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରିଥିଲେ।

## ଭାରତକୁ ପାକ୍ ନେତାଙ୍କ ଆକ୍ରମଣ ଧମକ

ଇସ୍‌ଲାମାବାଦ, ୨୩।୧୨

ବାଂଲାଦେଶରେ ଉତ୍ତେଜନାକୁ ନେଇ ପାକିସ୍ତାନ ମୁସ୍‌ଲିମ୍ ଲିଗ୍ ଯୁବନେତା ଭାରତକୁ ଧମକ ଦେଇଛନ୍ତି। ବାଂଲାଦେଶ ଉପରେ ଆକ୍ରମଣ ହେଲେ ପାକ୍ ସେନା ଏବଂ ମିଶାଇଲ୍ ଏହାର ଜବାବ ଦେବ ବୋଲି ପିଏମ୍‌ଏଲ୍ ନେତା କାମରନ୍ ସଇଦ ଉସ୍‌ମାନି କହିଛନ୍ତି। ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ସାମରିକ ମେଣ୍ଟ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଭାରତ ଆକ୍ରମଣର ଦୁଃସାହସ କଲେ ପାକିସ୍ତାନ ସଶସ୍ତ୍ର ବଳ ଏବଂ ମିଶାଇଲ୍ ଅଧିକ ଦୂର ନୁହେଁ ବୋଲି ସେ କହିଛନ୍ତି।

## ହିନ୍ଦୁଙ୍କୁ ହତ୍ୟା ଘଟଣାକୁ ଆମେରିକା ନେତାଙ୍କ ନିନ୍ଦା

ୱାଶିଂଟନ, ୨୩।୧୨

**୧୯୭୧କୁ ମନେପକାଇବାକୁ କହିଲା ରୁଷିଆ**

ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ହତ୍ୟା ଘଟଣାରେ ଆମେରିକାର କଂଗ୍ରେସ ସଦସ୍ୟମାନେ ନିନ୍ଦା କରିଛନ୍ତି। ଦେଶରେ ଧର୍ମୀୟ ସଂଖ୍ୟାଲଘୁଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସେମାନେ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଘରୋଇ ହିଂସା ଜାରି ରହିବା ସହ ଭୂରାଜନୈତିକ ସମ୍ପର୍କ ଖରାପ ହେଉଥିବାବେଳେ ଭାରତ ସହ ତୁରନ୍ତ ଉତ୍ତେଜନା କମାଇବା ପାଇଁ ରୁଷିଆ ବାଂଲାଦେଶକୁ ଆହ୍ୱାନ ଦେଇଛି। ଦୁଇ ଦକ୍ଷିଣ ଏସୀୟ ରାଷ୍ଟ୍ର ମଧ୍ୟରେ ସ୍ଥାୟୀ ସମ୍ପର୍କ ଆଞ୍ଚଳିକ ସ୍ଥିରତା ପାଇଁ ଜରୁରୀ ବୋଲି ଢାକାରେ ରୁଷିଆ ରାଷ୍ଟ୍ରଦୂତ ଆଲେକ୍‌ଜାଣ୍ଡାର ଗିଗୋରେଭିଚ୍ ଖୋଜିନ୍ କହିଛନ୍ତି। ୧୯୭୧ରେ ବାଂଲାଦେଶ ସ୍ୱାଧୀନ ହେବାରେ ନୂଆଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା, ଯାହାକୁ ଢାକା ମନେପକାଇବା ଉଚିତ ବୋଲି ଖୋଜିନ୍ ପରାମର୍ଶ ଦେଇଛନ୍ତି।

ଦୀପୁ ଚନ୍ଦ୍ର ଦାସଙ୍କୁ ପିଟି ହତ୍ୟା ଘଟଣାକୁ ଆମେରିକା କଂଗ୍ରେସମ୍ୟାନ୍ ରାଜା କ୍ରିଷ୍ଣମୂର୍ତ୍ତି ନିନ୍ଦା କରିବା ସହ ବାଂଲାଦେଶ ସରକାର ଏଥିପାଇଁ ଉତ୍ତରଦାୟୀ ରହିବାକୁ କହିଛନ୍ତି। ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଅତ୍ୟନ୍ତ ଦୁଃଖଦାୟକ ବୋଲି ନ୍ୟୁୟର୍କ ରାଜ୍ୟ ବିଧାନସଭା ସଦସ୍ୟ ଜେନିଫର ରାଜକୁମାର କହିଛନ୍ତି।

**ଜର୍ମାନୀରେ ରାହୁଲ**

# ଭୋଟ ଚୋରି ପ୍ରସଙ୍ଗ ଉଠାଇଲେ

ନୂଆଦିଲ୍ଲୀ, ୨୩।୧୨



ରାହୁଲ ଗାନ୍ଧୀ

ଜର୍ମାନୀ ଗସ୍ତରେ ଯାଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବର୍ଲିନ୍‌ରେ ଭୋଟ ଚୋରି ଅଭିଯୋଗ ଆଣିବା ସହ ଭାରତୀୟ ସଂସ୍ଥାଗତ ଢାଞ୍ଚା ଉପରେ ଆକ୍ରମଣ ହେଉଥିବା କହିଛନ୍ତି। ଏହାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। କଂଗ୍ରେସ ନେତା ବିଦେଶରେ ଭାରତକୁ ବଦନାମ କରୁଥିବା ଭାଜପା ଅଭିଯୋଗ କରିବା ସହ ତାଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ କରିଛି।

୫ ଦିନିଆ ଜର୍ମାନୀ ଗସ୍ତ ଅବସରରେ ରାହୁଲ ହେର୍ଟି ସ୍କୁଲ୍‌ଠାରେ ଉଦ୍‌ବୋଧନ ଦେଇ କହିଥିଲେ, ଭାଜପା ନେତୃତ୍ୱାଧୀନ ସରକାରରେ ଭୋଟ ଚୋରି ହେଉଛି। ଦେଶର ସଂସ୍ଥାଗତ ଢାଞ୍ଚା ଉପରେ ପୂର୍ଣ୍ଣମାତ୍ରାରେ ଆକ୍ରମଣ ହେଉଛି। ଭାରତରେ ନିର୍ବାଚନୀ କଳରେ ସମସ୍ୟା ରହିଥିବା ରାହୁଲ କହିବା ସହ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ସମ୍ପୂର୍ଣ୍ଣ କବଳିତ କରାଯାଇଥିବା ଅଭିଯୋଗ କରିଛନ୍ତି। ସିବିଆଇ ଏବଂ ଇଡିକୁ ସରକାର ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। କଂଗ୍ରେସକୁ ସମର୍ଥନ କରୁଥିବା ବ୍ୟବସାୟୀମାନଙ୍କୁ ଭୟଭୀତ କରାଯାଉଛି। ସରକାରୀ ସଂସ୍ଥାଗୁଡ଼ିକ ସ୍ୱାଧୀନ ଭାବେ କାର୍ଯ୍ୟ କରୁ ନ ଥିବା ରାହୁଲ କହିଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନଗୁଡ଼ିକ ସମ୍ପର୍କରେ ରାହୁଲ କହିଥିଲେ, ଆମେ ତେଲଙ୍ଗାନା ଏବଂ ହିମାଚଳପ୍ରଦେଶରେ ବିଜୟୀ ହୋଇଛୁ। ମହାରାଷ୍ଟ୍ର ନିର୍ବାଚନରେ ସ୍ୱଚ୍ଛତା ନ ଥିବା ଦର୍ଶାଇ ବିରୋଧୀ ଦଳ ନିର୍ବାଚନ କମିଶନଙ୍କୁ ସିଧା ପ୍ରଶ୍ନ କରିଥିବା କହିଥିଲେ।

**ତୀବ୍ର ନିନ୍ଦାକଲା ଭାଜପା**

ରାହୁଲ ବିଦେଶରେ ଏଭଳି ମନ୍ତବ୍ୟ ଦେଉଥିବାରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହାର ନିନ୍ଦା କରିଛନ୍ତି। ରାହୁଲ ଜର୍ମାନୀରେ ଭାରତ ବିରୋଧରେ ଭାଷଣ ଦେଉଛନ୍ତି। ଯେଉଁ ବ୍ୟକ୍ତି ବାସ୍ତବରେ ଭାରତକୁ ଭଲ ପାଆନ୍ତି, ସେ ବିଦେଶରେ ଦେଶର ବଦନାମ କରିବାକୁ କେବେ ଚାହିଁବେ କି ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି। ରାହୁଲ ତାଙ୍କ ବୈଚାରିକ ସହାୟକ ଜର୍ଜ ସୋରୋସ୍‌ଙ୍କ ସହ ଭାରତୀୟ ଗଣତନ୍ତ୍ରରେ ଅରାଜକତା ଏବଂ ଅଶାନ୍ତି ବଢ଼ାଇବାକୁ ଉଦ୍ୟମ କରିଛନ୍ତି। ସେମାନେ ବିଦେଶ ଯାଇ ସେଠାରେ ଭାରତ ବିରୋଧୀ ଶକ୍ତିକୁ ଏକାଠି କରୁଛନ୍ତି ବୋଲି ଭଣ୍ଡାରୀ Xରେ ପୋଷ୍ଟ କରିଛନ୍ତି।

# ଫସିଲେ କମେଡି କିଙ୍ଗ୍



କପିଲ ଶର୍ମା

**ମୁମ୍ବାଇ:** ଫସିଯାଇଛନ୍ତି କମେଡି କିଙ୍ଗ୍ କପିଲ ଶର୍ମା। ତାଙ୍କ ଶୋ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶୋ' ପୁଣିଥରେ ଚର୍ଚ୍ଚାରେ। ନୂତନ ସିଜିନର ପ୍ରଥମ ଏପିସୋଡ ଶୋ'ର ତୃତୀୟ ସିଜିନରେ ବିନା ଅନୁମତିରେ ତିନୋଟି ବଲିଉଡ୍ ଗୀତ ବ୍ୟବହାର କରାଯାଇଥିଲା। ଏହି କାରଣରୁ ଫୋନୋଗ୍ରାଫିକ୍ ପର୍‌ଫର୍ମାନ୍ସ ଲିମିଟେଡ୍ (ପିପିଏଲ୍) ଇଣ୍ଡିଆ ଶୋ'ର ନିର୍ମାତାଙ୍କ ବିରୋଧରେ ବମ୍ବେ ହାଇକୋର୍ଟରେ ମାମଲା ଦାୟର କରିଛି।

ଜୁନ୍ ୨୧ରୁ ସେପ୍ଟେମ୍ବର ୨୦ ମଧ୍ୟରେ ଶୋ'ର କିଛି ଏପିସୋଡ୍‌ରେ ଲାଇସେନ୍ସ ବିନା ୩ଟି ଗୀତ ବ୍ୟବହାର କରାଯାଇଥିଲା। ଏହି ଗୀତଗୁଡ଼ିକ ମଧ୍ୟରେ 'ଏମ୍ ବୋଲେ ତୋ' (ମୁନ୍ନାଭାଇ ଏମ୍‌ବିବିଏସ୍), 'ରାମା ରେ' (କାଣ୍ଟେ), ଏବଂ 'ସୁବା ହୋନେ ନା ଦେ (ଦେଶୀ ବୟଜ) ଅନ୍ତର୍ଭୁକ୍ତ।

କପିଲ ଶର୍ମାଙ୍କ ଶୋ'ରେ ବ୍ୟବହୃତ ଗୀତଗୁଡ଼ିକ ୧୯୫୭ର କପିରାଇଟ୍ ଆଇନ ଅଧୀନରେ ଆସେ। ଶୋ'ରେ ବାଜୁଥିବା ଗୀତ ପାଇଁ ଅଧିକାର ଧାରକଙ୍କଠାରୁ ଲାଇସେନ୍ସ ଆବଶ୍ୟକ। କିନ୍ତୁ ଶୋ'ରେ ଲାଇସେନ୍ସ ମଗାଯାଇ ନ ଥିଲା । ଏହି କାରଣରୁ କେ-୯ ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ବିଙ୍ଗ୍ ୟୁ ଷ୍ଟୁଡିଓଜ ପ୍ରାଇଭେଟ୍ ଲିମିଟେଡ୍ କପିରାଇଟ୍ ଉଲ୍ଲଂଘନର ଅଭିଯୋଗ ଆଣିଛନ୍ତି।

# ଥାନା ଆଗରେ ୨ କିନ୍ନର ଗୋଷ୍ଠୀ ମୁହାଁମୁହିଁ

## ବାଂଲାଦେଶୀ ସନ୍ଦେହରେ ୪ କିନ୍ନରଙ୍କୁ ପୋଲିସ ଜିମା

ଭଦ୍ରକ,୨୩।୧୨(ସନାତନ ରାଉତ)

ଭଦ୍ରକ ସହରରେ ୨ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ମଙ୍ଗଳବାର ଉଗ୍ରରୂପ ନେଇଛି। ଟାଉନ ଥାନା ଆଗରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ବାଂଲାଦେଶୀ ସନ୍ଦେହରେ ୪ କିନ୍ନରଙ୍କୁ ଅପରଗୋଷ୍ଠୀ ପୋଲିସ ଜିମା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ କିଛିଦିନ ଧରି ୨ କିନ୍ନର ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ସୋମବାର ଶ୍ରାବଣୀ କିନ୍ନରଙ୍କ ବିରୋଧରେ ସଞ୍ଜନା ସାସମଲଙ୍କ ଗୋଷ୍ଠୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଗୁଣ୍ଡା ଲଗାଇ ସେମାନଙ୍କୁ ଆକ୍ରମଣ କରୁଥିବା ଓ ବିଭିନ୍ନ ସମୟରେ ମାଡ଼ ମାରୁଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ସେହିପରି ଶ୍ରାବଣୀଙ୍କ ଗୋଷ୍ଠୀ ପକ୍ଷରୁ ପାଲଟା ଅଭିଯୋଗ କରାଯାଇଥିଲା। ସଞ୍ଜନାଙ୍କ ଅଭିଯୋଗକ୍ରମେ ଥାନାରେ ଏକ


ଭଦ୍ରକ ଟାଉନ ଥାନା ଆଗରେ କିନ୍ନର ଗୋଷ୍ଠୀ ହୋହଲ୍ଲା କରୁଛନ୍ତି।

ମାମଲା(ନଂ.୭୩୭/୨୫) ଓ ଶ୍ରାବଣୀଙ୍କ ଗୋଷ୍ଠୀର ସୀମା ଟାଙ୍ଗୁରୁଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ.୭୩୮/୨୫) ରୁଜୁ ହୋଇଛି। ମଙ୍ଗଳବାର ଶ୍ରାବଣୀଙ୍କ ଗୋଷ୍ଠୀ ସଞ୍ଜନାଙ୍କ ଗୋଷ୍ଠୀର ୪ଜଣଙ୍କୁ ବାଂଲାଦେଶୀ ଅଭିଯୋଗ କରି ସେମାନଙ୍କୁ ଧରି ଆଣି ଟାଉନ ଥାନାରେ ଜିମା ଦେଇଥିଲେ। ଏହାକୁ ନେଇ ଥାନା ପରିସରରେ ୨ ଗୋଷ୍ଠୀର କିନ୍ନର ନାରାବାଜି କରିବା ସହ ହୋହଲ୍ଲା କରିଥିଲେ। ଶ୍ରାବଣୀ କହିଛନ୍ତି, ବାଂଲାଦେଶୀ କିନ୍ନରମାନଙ୍କୁ ସଞ୍ଜନା ତାଙ୍କ ଗୋଷ୍ଠୀରେ ସାମିଲ କରି ସଂଖ୍ୟା ବୃଦ୍ଧି କରିବାକୁ ଚାହୁଁଛନ୍ତି। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବାଂଲାଦେଶୀ କିନ୍ନର ଭଦ୍ରକରେ ରହି ବିଭିନ୍ନ ଅନୈତିକ ଓ ଆପରାଧିକ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା କିନ୍ନରସମାଜ ବଦ୍‌ନାମ ହେଉଛି। ସକାଳେ ୪ଜଣ ବାଂଲାଦେଶୀ କିନ୍ନର ଏକ ଅଟୋରେ ସେମାନଙ୍କ ବ୍ୟାଗ୍ ଧରି ପଳାଇ ଯାଉଥିବା ବେଳେ ସେମାନଙ୍କୁ ଥାନା ଜିମା ଦିଆଯାଇଛି। ସେମାନଙ୍କର ଆଧାର କାର୍ଡ ଯାଞ୍ଚ କରାଯିବାକୁ ସେମାନେ ଦାବି କରିଛନ୍ତି। ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ଆଧାରକାର୍ଡ ଯାଞ୍ଚ ପରେ ସେମାନେ ପଶ୍ଚିମବଙ୍ଗର ହୋଇଥିବା ଜଣାପଡ଼ିଥିଲା। ଅପରାହ୍ନରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

# ବୃଦ୍ଧଙ୍କୁ ହତ୍ୟା କରି ପଶ୍ଚିମବଙ୍ଗରେ ଲୁଚାଇଦେଲେ

## ଜମିବାଡ଼ି ଗଣ୍ଡଗୋଳ

ଭୋଗରାଇ, ୨୩।୧୨(ପ୍ରଦୀପ ଦାସ)

ଜମିବାଡ଼ି ଗଣ୍ଡଗୋଳକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଡେମୁରିଆ ଗାଁର ସାମାଜିକ କର୍ମୀ ଅଜୟ କୁମାର ଦାସ(୮୩)ଙ୍କୁ ସୋମବାର ରାତିରେ କେତେକ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ହତ୍ୟା କରିଥିଲେ। ଏହାପରେ ମୃତଦେହକୁ ପଶ୍ଚିମବଙ୍ଗ ସୀମାନ୍ତ ବିଲମାଧିଆ ଗାଁ ନିକଟ ବିଲରେ ଏକ ଗାତରେ ପୂରାଇ ନଡ଼ା ଘୋଡ଼ାଇ ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ପଶ୍ଚିମବଙ୍ଗ ପଶ୍ଚିମମେଦିନୀପୁର ମୋହନପୁର ଥାନା ପୋଲିସ ପହଞ୍ଚି ମୃତଦେହକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜବତ କରିଥିଲା। ଖଡ୍‌ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

ସୂଚନାନୁଯାୟୀ, ଡେମୁରିଆ ଗାଁର ସାମାଜିକ କର୍ମୀ ଅଜୟ କୁମାର ଦାସ ସ୍ଥାନୀୟ ଲୋକଙ୍କ କାର୍ଯ୍ୟ ନିମନ୍ତେ ଭୋଗରାଇ ତହସିଲ କାର୍ଯ୍ୟାଳୟକୁ ସୋମବାର ପୂର୍ବାହ୍ନରେ ଯାଇଥିଲେ। ସେଠାରେ କାର୍ଯ୍ୟ ସାରି ଘରକୁ ସନ୍ଧ୍ୟା ସୁଦ୍ଧା ନ ଫେରିବାରୁ ରାତି ପର୍ଯ୍ୟନ୍ତ ଘରଲୋକେ ଖୋଜାଖୋଜି କରିଥିଲେ। ବିଲମାଧିଆ ଗାଁର କାଳିଚରଣ ବେହେରାଙ୍କ ଘରଠାରୁ ସାଇକେଲ ନେଇ ଅଜୟ କୁମାର ଦାସ ଭୋଗରାଇ ତହସିଲ କାର୍ଯ୍ୟାଳୟ ଆଡକୁ ଯାଇଥିଲେ ବୋଲି ଘର ଲୋକ ଜାଣିବାକୁ ପାଇଥିଲେ। କମର୍ଦ୍ଦା ଥାନା ପୋଲିସ ପହଞ୍ଚିଥିଲେ ବି ଏହା ପଶ୍ଚିମବଙ୍ଗ ସୀମା ହୋଇଥିବାରୁ ମୋହନପୁର ଥାନା ପୋଲିସ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରି ଅଜୟଙ୍କ ମୃତଦେହକୁ ଜବତ କରି ଥାନାକୁ ନେଇଥିଲା। ମୃତ ଅଜୟଙ୍କ ବିବାହିତା ଝିଅ ଅମିତା ଦାସ କହିଛନ୍ତି, ତାଙ୍କ ବାପା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଉପକାର କରି ଆସୁଥିଲେ। ନଭେମ୍ବର ୧୨ରେ ମଧ୍ୟ କେତେଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଘେରି ହତ୍ୟା ଧମକ ଦେଇଥିଲେ। ପୂର୍ବରୁ ଆମ ପରିବାରରେ ସମ୍ପତ୍ତି ବାଡି ଭାଗବଣ୍ଟାକୁ ନେଇ ବିବାଦ ରହିଛି ଏବଂ ମୋ ବାପାଙ୍କୁ ସୁପରିକଳ୍ପିତ ଭାବେ ବୀଭତ୍ସ ଭାବେ ମୁଣ୍ଡକୁ ହାଣି ହତ୍ୟା କରାଯାଇଛି।

# କେନାଲରୁ ନରକଙ୍କାଳ ଜବତ

ବ୍ରହ୍ମପୁର,୨୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିମଖଣ୍ଡି ଥାନା ପୋଲିସ ଏକ କେନାଲ ଭିତରୁ ମଙ୍ଗଳବାର ନରକଙ୍କାଳ ଜବତ କରି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି। କଙ୍କାଳଟି ଜଣେ ପୁରୁଷଙ୍କର। ଏହାର କେହି ଦାବିଦାର ନ ଥିବାରୁ ପୋଲିସ ନଂ.୩୬/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର କଙ୍କାଳ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ମିଳିବା ପରେ ବ୍ୟକ୍ତିଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ହୁଗୁଲାପଙ୍ଗା ଓ ଗୁରୁଣ୍ଡି ମଧ୍ୟ ଦେଇ ଯାଇଥିବା କେନାଲ ଭିତରେ ନରକଙ୍କାଳ ପଡିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ତାହାକୁ ଜବତ କରିଥିଲା। ମୃତକଙ୍କ ବୟସ ଆନୁମାନିକ ୩୦ରୁ ୩୫ ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଅନ୍ୟ କୌଣସି ସ୍ଥାନରୁ ଭାସି ଆସି ଏଠାରେ ଅଟକିଥିବା ସନ୍ଦେହ କରାଯାଉଛି। ପୋଲିସ ଆଖପାଖ ଲୋକଙ୍କୁ ଡାକି କଙ୍କାଳ ଚିହ୍ନଟ କରିବାକୁ ଉଦ୍ୟମ କରୁଛି। ହୁଗୁଲାପଙ୍ଗା ଗ୍ରାମରୁ ୨ କିଲୋମିଟର ଦୂର ଜଙ୍ଗଲ ଅଞ୍ଚଳରେ କେନାଲ ନିକଟକୁ ଯୁବକ ଜଣଙ୍କ କିପରି ଗଲେ ସେ ନେଇ ପ୍ରଶ୍ନ ଉଠିଛି।

# ଡକାୟତି ଯୋଜନା ପଣ୍ଡ: ୯ ଗିରଫ

## ଚୋରି ୧୭ ମୋବାଇଲ, ୧୩ ବାଇକ୍ ସହ ମାରଣାସ୍ତ୍ର ଜବତ

ବାଲେଶ୍ୱର, ୨୩।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଳଷ୍ଟେଶନ ପଛପଟ ମାଲଗୋଦାମ ନିକଟରେ ସହଦେବଖୁଣ୍ଟା ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ତେଲେଙ୍ଗା କଟୁରୀ ସହ ଚୋରି ୧୭ ମୋବାଇଲ ଓ ୧୩ ବାଇକ୍ ଜବତ ହୋଇଛି। ଦୁଇ ନାବାଳକଙ୍କ ସମେତ ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦିପୁର ଥାନା ପାତ୍ରପଡ଼ା ଅଞ୍ଚଳର ଧୀରଜ ବେହେରା, ଟାଉନ ଥାନା ଖଲାସିମହଲାର ସରୁଜୁ ଖାଁ, ସ୍କୁଲବଜାରର ସେକ ରଫିକ୍, ବଡ଼ଖୁଆର ସୁଶାନ୍ତ ଜେନା, ସଦର ଥାନା ଟିଆଖିଆ ଗ୍ରାମର ସଞ୍ଜୟ ଦାସ ଓ ଅଶୋକ ଦାସ ଏବଂ ଚୋରି ବାଇକ୍ କିଣିଥିବା ଟାଉନ ଥାନା ବାଲୁବଜାର ଅଞ୍ଚଳର ସେକ ସଲିମ୍ ବୋଲି ମଙ୍ଗଳବାର ସହଦେବଖୁଣ୍ଟା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇପିଏସ୍ ପ୍ରବେଶନର ତଥା ଭାରପ୍ରାପ୍ତ ସିଟି ଡିଏସ୍‌ପି ମନିସା ସଉଗୁନ ଓ ଆଇଆଇସି ବିରଞ୍ଚି ସାହୁ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଏସ୍‌ଆଇ ଅଭିଷେକ ସାମନ୍ତରାୟ ଉପସ୍ଥିତ ଥିଲେ।

ମାଲଗୋଦାମ ନିକଟ ଏକ ପରିତ୍ୟକ୍ତ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ଟ୍ରେନ ଓ ବସ୍‌ରୁ ଓହ୍ଲାଇ ଯାଉଥିବା ଯାତ୍ରୀଙ୍କଠାରୁ ଲୁଟ୍, ଛିନ୍ତାଇ କରିବା ଯୋଜନା କରୁଥିଲେ। ଆଇଆଇସି ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଛି ବୋଲି ପୋଲିସ ସୂଚନା ଦେଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୪୯୯/୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

## ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ମୃତଦେହ ଜବତ

ଚାନ୍ଦବାଲି, ୨୩।୧୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ୧୧ ବର୍ଷୀୟା ନାବାଳିକାଙ୍କ ଅର୍ଦ୍ଧ ଉଲଗ୍ନ ମୃତଦେହ ମିଳିଛି। ନାବାଳିକା ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ତାଙ୍କୁ ବଳାତ୍କାର ପରେ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହେଉଛି। ଚାନ୍ଦବାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାନ୍ଦବାଲି ଡାକ୍ତରଖାନା ପଠାଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକେ ବାଲିଗାଁ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛି।

# ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

## ଅଭିଯୁକ୍ତଙ୍କ ଅସ୍ଥାବର ସମ୍ପତ୍ତି ଜବତ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୩।୧୨(ସତ୍ୟଜିତ ରାଉତ)

ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ରାମ ନାରାୟଣ ବଳଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ହୋଇ ଜେଲରେ ଥିବା ଭଦ୍ରକ ଜିଲା ପୁରୁଣାବଜାର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରର ରାମ ନାରାୟଣଙ୍କ ବହୁ ଅସ୍ଥାବର ସମ୍ପତ୍ତି ଇଓଡବ୍ଲ୍ୟୁ ଜବତ କରିଛି। ଗତ ଅକ୍ଟୋବର ୨୯ ତାରିଖରେ ରାମ ନାରାୟଣଙ୍କୁ ଗିରଫ କରାଯିବା ପରେ ତାଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ବନ୍ଧକ ଥିବା ପ୍ଲଟ୍‌ଗୁଡ଼ିକୁ ବ୍ୟାଙ୍କ ନିଲାମୀ


ରାମ ନାରାୟଣ ବଳ

ପ୍ରକ୍ରିୟାରେ କ୍ରୟ କରାଇବା ଆଳରେ ରାମ ଲୋକମାନଙ୍କୁ ଠକେଇ କରିଥିଲେ। ତେବେ ରାମଙ୍କୁ ରିମାଣ୍ଡରେ ଆଣି ଇଓଡବ୍ଲ୍ୟୁ ଟିମ୍ ପଚରାଉଚରା କରିବା ପରେ ତାଙ୍କର ସମ୍ପତ୍ତି ସାମ୍ରାଜ୍ୟ ବିଷୟରେ ଅଧିକ ଜଣାପଡ଼ିଥିଲା। ଠକେଇ ଟଙ୍କାରେ ସମ୍ପତ୍ତି କରିଥିବା ପ୍ରମାଣ ମିଳିବାପରେ ଇଓଡବ୍ଲ୍ୟୁ ପକ୍ଷରୁ ବହୁ ଅସ୍ଥାବର ସମ୍ପତ୍ତିକୁ ଜବତ କରାଯାଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି।

ଡିସେମ୍ବର ୨୦ତାରିଖରେ ଅଭିଯୁକ୍ତ ରାମ ନାରାୟଣଙ୍କ ଭଦ୍ରକ ଜିଲା ପୁରୁଣା ବଜାର ନୀଳାଦ୍ରିବିହାରସ୍ଥିତ ବାସଭବନ, ବାଇପାସ୍ ରୋଡରେ ଥିବା ଭଦ୍ରାଣୀ ମୋବାଇଲ୍ ଷ୍ଟୋର୍, ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାହାଞ୍ଜାସ୍ଥିତ ଭଦ୍ରାଣୀ ମ୍ୟୁଜିକ୍, ଭୁବନେଶ୍ୱର ପାହାଲସ୍ଥିତ ଭଦ୍ରାଣୀ ମ୍ୟୁଜିକ୍‌ରେ ଇଓଡବ୍ଲ୍ୟୁ ଟିମ୍ ଚଢ଼ାଉ କରିଥିଲା। ଏହି ସମୟରେ ବାସଭବନରୁ ୩ଟି ସ୍କୁଟି, ଭଦ୍ରାଣୀ ମୋବାଇଲ୍ ଷ୍ଟୋରରୁ ୧୪୪ଟି ଦାମୀ ମୋବାଇଲ ଫୋନ୍, ଭଦ୍ରାଣୀ ମ୍ୟୁଜିକ୍‌ରୁ ଅତ୍ୟାଧୁନିକ ଆଲୋକ ଓ ସାଉଣ୍ଡ ସିଷ୍ଟମ୍ ଥିବା ୪ଟି ଡିଜେ ଗାଡି, ଭଦ୍ରାଣୀ ଫଟୋଗ୍ରାଫିରୁ ସାଉଣ୍ଡ ସିଷ୍ଟମ୍ ଓ ଫଟୋ ଉତ୍ତୋଳନକାରୀ ସାମଗ୍ରୀ ଏବଂ ୩ଟି ଦାମୀ କାର୍ ଜବତ କରାଯାଇଛି। ଅଭିଯୁକ୍ତ ରାମ ନାରାୟଣ ୨୦୨୩ରୁ ୨୦୨୪ ଯାଏ ଏସ୍‌ବିଆଇ କ୍ୟାପ୍ ସିକ୍ୟୁରିଟିରେ ସେଲ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେ ପରେ ଷ୍ଟେଟ ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ଅନେକ ବ୍ୟକ୍ତିଙ୍କୁ ଠକେଇ କରିଥିଲେ। ଋଣ ନେଇ ଶୁଝି ପାରି ନ ଥିବା ଲୋକମାନଙ୍କ ଜମିକୁ ବ୍ୟାଙ୍କ ପକ୍ଷରୁ ନିଲାମୀ ପ୍ରକ୍ରିୟାବେଳେ ସେମାନଙ୍କୁ କିଣେଇ ଦେବାକୁ କହି ପ୍ରତିଶ୍ରୁତି ଦେଇ ଠକେଇ କରିଥିଲେ। ଜଣେ ଅଭିଯୋଗକାରୀ ୧୪ କୋଟିର ଠକେଇର ଶିକାର ହୋଇ ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଅକ୍ଟୋବର ୨୮ରେ ମାମଲା (ନଂ.୧୭/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଭଳି ୯ଜଣଙ୍କୁ ସେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ତଦନ୍ତରୁ ଜଣାପଡ଼ିଛି। ଏପରିକି ସେ ଏସ୍‌ବିଆଇର ଇନ୍‌ସ୍ପେକ୍ସନ୍ ଅଫିସର ଭାବେ ପରିଚୟ ଦେବା ସହ ଡିଜିଏମ୍‌ଙ୍କ ଜାଲ୍ ଦସ୍ତଖତ କରାଇ ଏସ୍‌ବିଆଇ ଫେକ୍ ସିଲ୍ ମଧ୍ୟ ବନାଇଥିବା ଜଣାପଡ଼ିଛି।

## Business

# ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'

ଭୁବନେଶ୍ୱର,୨୩।୧୨
(ଅନୁରାଧା ମହାରଣା)



କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'ରେ ମଙ୍ଗଳବାର ଓଡ଼ିଶାର ପଶ୍ଚିମାଞ୍ଚଳ ଓ ପଡ଼ୋଶୀ ଛତିଶଗଡ଼ର ଲୋକ ସଭା ସଦସ୍ୟମାନଙ୍କ ଉପସ୍ଥିତିରେ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଏବଂ ଛତିଶଗଡ଼ର ଏମ୍‌ପିମାନେ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶାର ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର, ତାଳଚେର-ବିମଳାଗଡ଼, ଜରପଡ଼ା-ସମ୍ବଲପୁର ଏବଂ ଶାସନ-ଝାରସୁଗୁଡ଼ା ତୃତୀୟ ଓ ଚତୁର୍ଥ ଲାଇନ କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଚର୍ଚ୍ଚା ହୋଇଛି। ବରଗଡ଼-ନୂଆପଡ଼ା, ଝାରସୁଗୁଡ଼ା-ବାରକୋଟ ଏବଂ ଏମ୍‌ସିଏଲ୍ ରେଳଲାଇନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରାଥମିକତା ପ୍ରଦାନ କରାଯାଇଛି। ଓଡ଼ିଶାର ପଶ୍ଚିମାଞ୍ଚଳରୁ ବିଶାଖାପାଟଣା, ରାୟପୁର, ରାଞ୍ଚି ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ କରାଇବା ପାଇଁ ଦାବି ଏବଂ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଯାତ୍ରୀସେବାରେ ଉନ୍ନତି ଆଣିବା ପାଇଁ 'ଅମୃତ ଷ୍ଟେଶନ' ଯୋଜନା ଅନ୍ତର୍ଗତ ସମ୍ବଲପୁର ସମେତ ଅନ୍ୟାନ୍ୟ ରେଳ ଷ୍ଟେଶନଗୁଡ଼ିକର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟକୁ ଆଗେଇନେବା ଦିଗରେ ମଧ୍ୟ ଚର୍ଚ୍ଚା ହୋଇଛି।

# ପ୍ରଦୂଷଣ ନିୟନ୍ତ୍ରଣ ଭେସେଲ 'ସମୁଦ୍ର ପ୍ରତାପ'

ଭୁବନେଶ୍ୱର,୨୩।୧୨

ଭାରତୀୟ ତଟ ସୁରକ୍ଷା ବାହିନୀ (ଆଇସିଜି) ମଙ୍ଗଳବାର ଗୋଆ ଶିପ୍‌ୟାର୍ଡ ଲିମିଟେଡ୍ (ଜିଏସ୍‌ଏଲ୍)ରେ ୦୨ ପିସିଭି ପ୍ରକଳ୍ପ ଅଧୀନରେ ଏହାର ପ୍ରଥମ ପ୍ରଦୂଷଣ ନିୟନ୍ତ୍ରଣ ଭେସେଲ୍ (ପିସିଭି), ୟାର୍ଡ ୧୨୬୭ ସମୁଦ୍ର ପ୍ରତାପକୁ ସାମିଲ କରିଛି। 'ସମୁଦ୍ର ପ୍ରତାପ' ହେଉଛି ଭାରତୀୟ ତଟ ସୁରକ୍ଷା ବାହିନୀର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ଡିଜାଇନ ଏବଂ ନିର୍ମିତ ପ୍ରଦୂଷଣ ନିୟନ୍ତ୍ରଣ ଭେସେଲ୍। ଏହି ଜାହାଜଟି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ଡିଜାଇନ୍ ହୋଇଥିବାବେଳେ ଏଥିରେ ଏକ ୩୦ଏମ୍‌ଏମ୍ ସିଆର୍‌ଏନ୍-୯୧ ବନ୍ଧୁକ, ସମନ୍ୱିତ ଅଗ୍ନି ନିୟନ୍ତ୍ରଣ ପ୍ରଣାଳୀ ସହିତ ଦୁଇଟି ୧୨.୭ଏମ୍‌ଏମ୍ ସ୍ଥିର ରିମୋଟ ନିୟନ୍ତ୍ରିତ ବନ୍ଧୁକ, ଏକ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବ୍ରିଜ୍ ସିଷ୍ଟମ,



ପ୍ଲାଟ୍‌ଫର୍ମ ପରିଚାଳନା ପ୍ରଣାଳୀ, ସ୍ୱୟଂଚାଳିତ ଶକ୍ତି ପରିଚାଳନା ପ୍ରଣାଳୀ ଆଦି ରହିଛି। ଏଥିରେ ୬୦%ରୁ ଅଧିକ ସ୍ୱଦେଶୀ ସାମଗ୍ରୀ ଅଛି, ଯାହା 'ଆତ୍ମନିର୍ଭର ଭାରତ' ଏବଂ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ସହିତ ସମନ୍ୱିତ। ଏହି ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ଭାରତ ମହାସାଗର ଅଞ୍ଚଳରେ ତଟରକ୍ଷୀ ବାହିନୀର ପ୍ରଦୂଷଣ ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ କ୍ଷମତା ବୃଦ୍ଧିକରେ। ପ୍ରଦୂଷଣ ନିୟନ୍ତ୍ରଣ ଭେସେଲ୍ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀ, ସାମୁଦ୍ରିକ ଆଇନ ପ୍ରବର୍ତ୍ତନ, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଏବଂ ଭାରତର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଇଇଜେଡ୍)କୁ ସୁରକ୍ଷା ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ଭାବରେ କାର୍ଯ୍ୟ କରିବ।

# ଅକ୍ଷମ ପିଲାଙ୍କ ପାଇଁ ହେବ ସେନ୍ସୋରି ପାର୍କ

## ଓଏଚ୍‌ପିସି, ଏସ୍‌ଭି ନିର୍‌ତାର ମଧ୍ୟରେ ଏମ୍‌ଓୟୁ



ଭୁବନେଶ୍ୱର,୨୩।୧୨
(ଅନୁରାଧା ମହାରଣା)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍ (ଓଏଚ୍‌ପିସି) ଏହାର ସିଏସ୍‌ଆର୍ ପଦକ୍ଷେପ ଅଧୀନରେ କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସନ, ପ୍ରଶିକ୍ଷଣ ଓ ଗବେଷଣା ସଂସ୍ଥା (ଏସ୍‌ଭି ନିର୍‌ତାର), ଓଲଟପୁର, କଟକ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ସହଯୋଗ ମାଧ୍ୟମରେ ଦ ହିଲିଂ ହେଭେନ ନାମରେ ଏକ ଆଧୁନିକ ସେନ୍ସୋରି ପାର୍କ ସ୍ଥାପନ କରାଯିବ। ଓଏଚ୍‌ପିସି ଦ୍ୱାରା ସମ୍ପୂର୍ଣ୍ଣ ଅର୍ଥାନୁଦାନ ପ୍ରଦାନ କରାଯାଇଥିବା ଏହି ସେନ୍ସୋରି ପାର୍କ ୭,୬୦୦ ବର୍ଗ ଫୁଟ ଅଞ୍ଚଳରେ ବିକଶିତ ହେବ। ଏହା ବିଶେଷକରି ଅଟିଜମ୍ ସ୍ପେକ୍ଟ୍ରମ ଡିସ୍‌ଅର୍ଡରେ (ଏଏସ୍‌ଡି) ଥିବା ଶିଶୁମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସହାୟକ କେନ୍ଦ୍ର ଭାବେ କାମ କରିବ। ପାର୍କଟିରେ ସ୍ପର୍ଶ, ଗତି, ସମତୋଳନ, ଦୃଶ୍ୟ, ଶ୍ରବଣ ଓ ଘ୍ରାଣ ସମ୍ବେଦନାକୁ ଉତ୍ସାହିତ କରିବା ଭଳି ବିଭିନ୍ନ ସେନ୍ସୋରି ଉପାଦାନ ରହିବ, ଯାହା ଶିଶୁମାନଙ୍କର ଧ୍ୟାନକ୍ଷମତା, ଆଚରଣ ନିୟନ୍ତ୍ରଣ, ଚଳନ ଦକ୍ଷତା ଓ ସାମାଜିକ ମିଶ୍ରଣକୁ ସୁଦୃଢ଼ କରିବ। ଏହି ପାର୍କ ଏଡିଏଚ୍‌ଡି, ବିକାଶ ଅବରୋଧ, ସେରିବ୍ରାଲ ପଲ୍‌ସି, ସ୍ନାୟୁ ଓ ଅସ୍ଥି ସମ୍ବନ୍ଧୀୟ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ମଧ୍ୟ ଉପକୃତ କରିବ। ଏହି ବୁଝାମଣାପତ୍ରରେ ଓଏଚ୍‌ପିସି ପକ୍ଷରୁ ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏବଂ ଏସ୍‌ଭି ନିର୍‌ତାର ପକ୍ଷରୁ ଡ. ପତିତପାବନ ମହାନ୍ତି, ନିର୍ଦ୍ଦେଶକ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଓଏଚ୍‌ପିସିର ମନୋଜକୁମାର ମହାନ୍ତି, ଉପ-ମହାପ୍ରବନ୍ଧକ (ମାନବ ସମ୍ବଳ)ଙ୍କ ସହ ଏସ୍‌ଭି ନିର୍‌ତାରର ଉପ-ନିର୍ଦ୍ଦେଶକ ସତ୍ୟଜିତ ପଟ୍ଟନାୟକ ଓ ଅଡିଟ ଅଫିସର ସ୍ୱାଗତ ମିଶ୍ର ଉପସ୍ଥିତ ଥିଲେ।

# ଟ୍ରାଇଡେଣ୍ଟରେ ଆଇଡିଇ ବୁଟ୍ କ୍ୟାମ୍ପ୍

ଭୁବନେଶ୍ୱର,୨୩।୧୨
(ଅନୁରାଧା ମହାରଣା)

ପିଏମ ଶ୍ରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଇଁ ଉଦ୍ଭାବନ, ଡିଜାଇନ ଏବଂ ଉଦ୍ୟୋଗୀତା (ଆଇଡିଇ) ବୁଟ କ୍ୟାମ୍ପର ଦ୍ୱିତୀୟ ପର୍ଯ୍ୟାୟ ୨୨ରୁ ୨୪ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜିରେ ଆୟୋଜିତ ହେଉଛି। ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ଏଆଇସିଟିଇ ଏବଂ ଶିକ୍ଷା ମନ୍ତ୍ରଣାଳୟର ଉଦ୍ଭାବନ ସେଲ୍ (ଏମ୍‌ଆଇସି) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ୱାଧୱାନୀ ଫାଉଣ୍ଡେସନ ସହଯୋଗରେ ହେଉଛି। ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ସୀତାରାମ ଟିଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଧୀରଜ ସାହୁ ଏବଂ ଏଆଇସିଟିଇ ଉପାଧ୍ୟକ୍ଷ ଡ. ଅଭୟ ଜେରେ ଏହି ବୁଟ କ୍ୟାମ୍ପରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଯୁଗ୍ମ ସଚିବ କମଲଜିତ ଦାସ, ଏମ୍‌ଆଇସିର ମ୍ୟାନେଜିଂ ଏଡିଟର ବିକାଶ ବର୍ମା, ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ଦୃପ୍ତ ଦେ ଯୋର୍ଦ୍ଧାର ଏବଂ ୱାଧୱାନୀ ଟ୍ରେନର ଡ. ସପ୍ତପର୍ଣ୍ଣା ଘୋଷ ଉପସ୍ଥିତ ଥିଲେ। ଟିଏଟିର ପ୍ରିନ୍ସିପାଲ ପ୍ରଫେସର ଡ. ଡି.ଏନ୍. ପଟ୍ଟନାୟକ, ଡିନ୍ (ସ୍କୁଲ ଅଫ୍ କମ୍ପ୍ୟୁଟିଂ) ପ୍ରଫେସର ଡ. ଏ. କେ. ସାମଲ ଏବଂ ୧୯୦ରୁ ଅଧିକ ପ୍ରିନ୍ସିପାଲ ଓ ଶିକ୍ଷକ ଯୋଗଦେଇଥିଲେ।




# ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ ନେଇ ଏମ୍‌ସିଏଲ୍‌ର କର୍ମଶାଳା

ଭୁବନେଶ୍ୱର,୨୩।୧୨
(ଅନୁରାଧା ମହାରଣା)

ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ମଙ୍ଗଳବାର କୋଲ୍ ଇଣ୍ଡିଆରେ ନୂତନ ଶ୍ରମ ସଂହିତା କାର୍ଯ୍ୟକାରୀ କରିବା ପାଇଁ ରୋଡ୍‌ମ୍ୟାପ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଏହାର ସହାୟକ ସଂସ୍ଥାଗୁଡ଼ିକରେ ନୂତନ ଶ୍ରମ ସଂହିତାର ଅନୁପାଳନ ଏବଂ କାର୍ଯ୍ୟକାରିତା ପାଇଁ ରଣନୀତି ଉପରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଡ. ବିନୟ ରଞ୍ଜନ, ନିର୍ଦ୍ଦେଶକ



(କାର୍ମିକ), କୋଲ୍ ଇଣ୍ଡିଆ ଉଦ୍‌ଘାଟନୀ ଅଧିବେଶନରେ ଶ୍ରମ ସଂହିତା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍. ଏନ୍. ମିଶ୍ରଙ୍କ ସମେତ କୋଲଥ୍ ଇଣ୍ଡିଆ ସହାୟକ ସଂସ୍ଥାର ସମସ୍ତ ନିର୍ଦ୍ଦେଶକ (କାର୍ମିକ) ତଥା ସିସିଏଲର ମିଶ୍ର, ଏନ୍‌ସିଏଲ୍‌ର ମନୀଷ କୁମାର, ଏସ୍‌ଇସିଏଲ୍‌ର ବିରଞ୍ଚି ଦାସ, ଇସିଏଲ୍‌ର ଗୁଞ୍ଜନ କୁମାର ସିହ୍ନା ଏବଂ ଡବ୍ଲ୍ୟୁସିଏଲ୍‌ର ହେମନ୍ତ ଶରଦ ପାଣ୍ଡେ ଓ ଗୌତମ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଟି.କେ. ପଣ୍ଡା ଶିଳ୍ପନୀତି ଏବଂ ଅନୁପାଳନ ଉପରେ ନୂତନ ଶ୍ରମ ସଂହିତାର ପ୍ରଭାବ ଉପରେ ସେ ନିଜର ବିଶେଷଜ୍ଞ ମତାମତ ରଖିଥିଲେ। ସିଏମ୍‌ପିଡିଆଇର ନିର୍ଦ୍ଦେଶକ(ପ୍ରଯୁକ୍ତି/ସିଆର୍‌ଡି) ଶଙ୍କର ନାଗାଚାରୀ ଏବଂ ଇଣ୍ଡିଆନ ଅଏଲ (ଆଇଓସିଏଲ୍)ର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ରଞ୍ଜନ କୁମାର ମହାପାତ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ। ଗୌତମ ବାନାର୍ଜୀ କୋଲ ଇଣ୍ଡିଆର ରୋଲ୍‌ଆଉଟ ଯୋଜନା ଉପସ୍ଥାପନ କରିଥିଲେ।

# ୨୬୩ ଦିନରେ ୨୦୦ ନିୟୁତ ଟନ୍ ପରିବହନ

ଭୁବନେଶ୍ୱର,୨୩।୧୨

ପୂର୍ବତଟ ରେଳପଥ ୨୦୨୫-୨୬ ମଧ୍ୟରେ ସବୁଠାରୁ କମ୍ ସମୟ ମଧ୍ୟରେ ମାତ୍ର ୨୬୩ ଦିନ ମଧ୍ୟରେ ୨୦୦ ଏମ୍‌ଟି ମାଲ ପରିବହନ ପରିଚାଳନାକରି ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ୨୦୨୪-୨୫ରେ ପୂର୍ବତଟ ରେଳପଥର ଗତ ଶ୍ରେଷ୍ଠ ୨୯୦ ଦିନକୁ ଅତିକ୍ରମ କରିଛି। ୨୭ ଦିନ ପୂର୍ବରୁ ଅର୍ଥାତ୍ ୨୬୩ଦିନରେ ଏହି ମାଇଲଖୁଣ୍ଟ ହାସଲ କରିଛି। ୨୦୨୩-୨୪ରେ ଏହି ପରିମାଣର ମାଲ ପରିବହନ ପାଇଁ ୨୯୫ ଦିନ ଲାଗିଥିବାବେଳେ ୨୦୨୨-୨୩ରେ ୩୧୦ ଦିନ ସମୟ ଲାଗିଥିଲା। ଏହା ବ୍ୟତୀତ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୩୮୪.୨୦ ନିୟୁତ ଟନ୍ ମୋଟ ମାଲ ପରିବହନକରି ରେକର୍ଡ କରିଛି। ଯେଉଁଥିରେ ୨୦୨.୫୦ ଏମ୍‌ଟି ଲୋଡିଂ ଏବଂ ୧୮୧.୭୦ ଏମ୍‌ଟି ଅନ୍‌ଲୋଡିଂ କରାଯାଇଛି । ଏହା ୩୪୮.୭୦ ଏମଟି ମାଲ ପରିବହନ ତୁଳନାରେ ୧୦.୨% ସାମଗ୍ରିକ ଅଭିବୃଦ୍ଧି ହାସଲ କରିଛି, ଯେଉଁଥିରେ ପୂର୍ବ ବର୍ଷର ସମାନ ସମୟ ମଧ୍ୟରେ ୧୮୧.୫୪ ଏମ୍‌ଟି ଲୋଡିଂ ଏବଂ ୧୬୭.୧୬ ଏମ୍‌ଟି ଅନ୍‌ଲୋଡିଂ କରାଯାଇଛି।

# ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଓ ତୁରନ୍ତ ସମାଧାନ

**ଆଜି ଜାତୀୟ ଉପଭୋକ୍ତା ଦିବସ**



ଉପଭୋକ୍ତାଙ୍କ ଅଧିକାରର ଗୁରୁତ୍ୱ ଏବଂ ସୁରକ୍ଷାର ବ୍ୟାପକ ତାଞ୍ଚା ବିଷୟରେ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୨୪ ରେ ଆମ ଦେଶରେ ପାଳିତ ହୋଇଆସୁଛି 'ଜାତୀୟ ଉପଭୋକ୍ତା ଦିବସ'। ୧୯୮୬ରେ ଉକ୍ତ ଦିନ ଉପଭୋକ୍ତା ସୁରକ୍ଷା ଆଇନ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା, ଯାହାକି ଉପଭୋକ୍ତାଙ୍କ ପାଇଁ ଏକ ବ୍ୟାପକ ଅଧିକାର ବ୍ୟବସ୍ଥାକୁ ସ୍ଥାପନ କରିଥିଲା। ତେବେ ଏହି ଦିବସ ପାଳନର ଲକ୍ଷ୍ୟ ଉପଭୋକ୍ତା ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଏବଂ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସକୁ ପ୍ରୋତ୍ସାହିତ କରିବା। ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଓ ତୁରନ୍ତ ସମାଧାନ'। ଯାହାକି ପ୍ରଯୁକ୍ତିବିଦ୍ୟା-ସକ୍ଷମ, ସୁଲଭ ଏବଂ ସମୟୋଚିତ ଉପଭୋକ୍ତାଙ୍କ ଅଭିଯୋଗ ସମାଧାନ ଉପରେ ନିରନ୍ତର ଗୁରୁତ୍ୱକୁ ପ୍ରତିଫଳିତ କରେ।

# ପଶୁପକ୍ଷୀ ବଳିରେ ଭିଜିଲା ଶୁଳିଆ ପୀଠ

ବଲାଙ୍ଗୀର /ଦେଓଗାଁ,୨୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଦେଓଗାଁ ବ୍ଲକ୍ ଖଇରଗୁରା ବଡ଼ଖଳାରେ ପୂଜାର୍ଚ୍ଚନା ଚାଲିଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ କୁଲୁତାପଡ଼ା ପଞ୍ଚାୟତର ଖଇରଗୁରା ବଡ଼ଖଳା ଓ କୁମୁରିଆ ସାନଖଳାରେ ପ୍ରସିଦ୍ଧ ଶୁଳିଆଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପ୍ରବଳ ଶୀତ ଓ କୁହୁଡ଼ି ସତ୍ତ୍ୱେ ଯାତ୍ରାସ୍ଥଳରେ ପାହାନ୍ତିଆରୁ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ସୋନପୁର, ଫୁଲବାଣୀ ସମେତ ବିଭିନ୍ନ ଜିଲାରୁ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ, ଶତାଧିକ ପଶୁପକ୍ଷୀଙ୍କ ବଳିରେ ଉଭୟ ଖଳା ରକ୍ତରଞ୍ଜିତ ହୋଇଥିବା ଦେଖିବାକୁ ମିଳିଥିଲା। ଖଇରଗୁରାରୁ ଦେହୁରିଆ ଓ ବରୁଆମାନେ ପାରମ୍ପରିକ ବାଦ୍ୟ, ନିଷାନ,ମହୁରିର ତାଳେ ତାଳେ କନ୍ଧ ଆଦିବାସୀ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ପାଟବୁଢ଼ାକୁ ନେଇ ପାରମ୍ପରିକ ଅସ୍ତ୍ରଶସ୍ତ୍ର ତଥା ପାଟଟାଙ୍ଗି ଧରି ନୃତ୍ୟକରି ପୀଠସ୍ଥଳୀରେ ପହଞ୍ଚିଥିଲେ। ବଡ଼ଖଳାରେ ମୁଖ୍ୟ ପୂଜକ ସୋମନାଥ ଦେହେରିଆ ଦେବ ନିମନ୍ତ୍ରଣ ପରେ ସିଆଳପତ୍ର ପିନ୍ଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ପରେ ସାନଖଳାରେ ମଧ୍ୟ ଅନୁରୂପ ଭାବେ ପୂଜା କରାଯାଇଥିଲା। ପାଟବୋଦାକୁ ପୀଠରେ ବଳି ପ୍ରଦାନ ପରେ ଅନ୍ୟ ବଳି ଦିଆଯାଇଥିଲା। ବଡ଼ଖଳାରେ ୫୦ରୁ ଊର୍ଦ୍ଧ୍ୱ ପୋଢ଼, ଶତାଧିକ ଛେଳି, ମେଣ୍ଢା ଓ ସହସ୍ରାଧିକ କୁକୁଡ଼ା, ପାରା ଆଦି ବଳିପଡ଼ିଥିବାବେଳେ ସାନଖଳାରେ ୩୦ରୁ ଊର୍ଦ୍ଧ୍ୱ ପୋଢ଼, ଶତାଧିକ ଛେଳିମେଣ୍ଢା, ସହସ୍ରାଧିକ କୁକୁଡ଼ା, ପାରାଙ୍କ ବଳି ପଡ଼ିଥିଲା । ଅନେକ ଶ୍ରଦ୍ଧାଳୁ ଫୁଲ, ନଡ଼ିଆ ଓ ଧୂପକାଠି ନେଇ ଶୁଳିଆଙ୍କୁ ଗୁହାରି ଜଣାଇଥିଲେ। ବଡ଼ଖଳାରେ ମୁଖ୍ୟ ଦେହେରିଙ୍କ ସମେତ ଦେହୁରୀ ମଧୁବନ ଭୋଇ, ବରୁଆ ବସନ୍ତ କାଲସାଏ, ଦିଲୀପ କହଁର, ଅନନ୍ତ ଦେହୁରିଆ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ସେହିପରି ସାନଖଳାରେ ମୁଖ୍ୟ ପୂଜକ ହରିହର ଝାଙ୍କର, ସମାରୁ ଦେହେରିଆ ଓ ଲଳିତ କୁଅଁର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ମାନସିକଧାରୀଙ୍କ ସୂଚନା ଅନୁଯାୟୀ, ଶୁଳିଆ ଦେବତାଙ୍କ ନିକଟରେ ମାନସିକ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଅନେକ ଅପୁତ୍ରିକଙ୍କ ପୁତ୍ରପ୍ରାପ୍ତି ହୋଇଥିବା ନଜିର ରହିଛି। ଏଣୁ ଲୋକଙ୍କ ବିଶ୍ୱାସ ରହିଥିବାରୁ ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟାରେ ଭିଡ଼ ଜମୁଛି। ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ବିଶିଷ୍ଟ ରାଜନେତା ମନ୍ମଥ ବିଜୟ ସିଂଦେଓ, ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ପ୍ରମୁଖ ଯୋଗଦେଇ ଶୁଳିଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ସତ୍ୟପାଠ ଦାଖଲ କରିବେ ରାଜ୍ୟ ସରକାର

**ପ୍ରାଥମିକ ଶିକ୍ଷକଙ୍କୁ ସିଆର୍‌ସିସି ନିଯୁକ୍ତି ମାମଲା**

କଟକ,୨୩।୧୨(କାର୍ତ୍ତିକ ସାହୁ)

ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଅର୍ଡିନେଟର (ସିଆର୍‌ସିସି) ଭାବେ ନିଯୁକ୍ତି କରିବାକୁ ବିରୋଧ କରି ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। କେତେ ପ୍ରାଥମିକ ଶିକ୍ଷକ ପାଠ ନ ପଢ଼ାଇ ସିଆର୍‌ସିସି ଦାୟିତ୍ୱରେ ଅଛନ୍ତି, ସେ ନେଇ ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରାଇବେ ବୋଲି ଜଣାଯାଇଛି। ସୂଚନାନୁସାରେ, କଟକ ଜିଲା ଧାନମଣ୍ଡଳ ନୋଡାଲ ୟୁପି ସ୍କୁଲରେ ବାଲ୍‌ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ଏଠାରେ ୩ ଜଣ ଶିକ୍ଷକ ଅଛନ୍ତି। ପୂର୍ବରୁ ପ୍ରଧାନ ଶିକ୍ଷକଙ୍କ ସମେତ ୫ଜଣ ଶିକ୍ଷକ ଥିବା ବେଳେ ଜଣଙ୍କର ବଦଳି ଓ ଜଣଙ୍କର ଅବସର ପରେ ଶିକ୍ଷକ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ଏହି ସ୍କୁଲରେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ବେଳେ ଶିକ୍ଷକଙ୍କୁ ସିଆର୍‌ସିସି ଭାବେ ନିଯୁକ୍ତି ଦିଆଯାଉଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ପୂର୍ଣ୍ଣକାଳୀନ ଶିକ୍ଷକଙ୍କୁ ଶିକ୍ଷାଦାନରୁ ଅନ୍ତର କରି ସିଆର୍‌ସିସି ଦାୟିତ୍ୱ ଦିଆଯିବା ଉଚିତ ନୁହେଁ। ତେବେ ଧାନମଣ୍ଡଳ ଗ୍ରାମୋଦ୍ୟୋଗ ସଙ୍ଗଠନ ସମ୍ପାଦକ ବିଜୟରାମ ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇ କେତେ ପ୍ରାଥମିକ ଶିକ୍ଷକଙ୍କୁ ପାଠପଢ଼ାରୁ ଅନ୍ତର କରାଇ ସିଆର୍‌ସିସି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି, ସେ ନେଇ ରାଜ୍ୟ ସରକାର ତଥ୍ୟ ପ୍ରଦାନ କରିବାକୁ ପ୍ରାର୍ଥନା କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ଜାତୀୟ ଭୋଟର ଦିବସ ଲାଗି ସିଇଓଙ୍କ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୩।୧୨ (ରବିନାରାୟଣ ଜେନା)

ଜାତୀୟ ଭୋଟର ଦିବସ(୨୦୨୬ ଜାନୁଆରୀ-୨୫) ପାଳନ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ସୂଚନା ଅନୁଯାୟୀ, ଜାନୁଆରୀ ୨୫ରେ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଏବଂ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ରାଲି କ୍ୟାପିଟାଲ ହାଇସ୍କୁଲଠାରୁ ସଚିବାଳୟର ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ କରାଯିବ। ଏହି କାର୍ଯ୍ୟକ୍ରମରେ ଦୁଲ୍‌ଦୁଲି, ଘୁମୁରା ନାଚ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କୁ ଶପଥପାଠ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ନିମନ୍ତେ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଖୋର୍ଦ୍ଧା ଜିଲାପାଳ ଅମ୍ରିତ୍ ଋତୁରାଜ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ସାହୁ, ଭୁବନେଶ୍ୱର ଉପଜିଲାପାଳ ଡ. ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଇଆର୍‌ସିଙ୍କ ବିନା ସ୍ୱୀକୃତିରେ ବେଆଇନ ନିର୍ମାଣ ଅଭିଯୋଗ

ଭୁବନେଶ୍ୱର,୨୩।୧୨ (ରବିନାରାୟଣ ଜେନା)

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ର ବିନା ଅନୁମତିରେ ବହୁ ପ୍ରକଳ୍ପ ନିର୍ମାଣ କରାଯାଇଛି ବୋଲି 'ଆମ ଜନତା ଅଧିକାର' ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ପ୍ରକଳ୍ପ ଖର୍ଚ୍ଚର ଅନାବଶ୍ୟକ ଆର୍ଥିକ ବୋଝ ଆଗାମୀ ଦିନରେ ସାଧାରଣ ଖାଉଟିଙ୍କଠୁ ଆଦାୟ ହେବାକୁ ରହିଛି ବୋଲି ଆୟୋଗଙ୍କ ପକ୍ଷରୁ ମଙ୍ଗଳବାର ଶୁଣାଣିରୁ ଜଣାଯାଇଥିବା ଆମ ଜନତା ଅଧିକାର ସହ-ଆବାହକ ବାସୁଦେବ ଭଟ୍ଟ ଓ ସଂଯୋଜକ ପ୍ରସନ୍ନ ବିଷୋୟୀ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ପରିବହନ ପାଇଁ ଅଧିକ ଖର୍ଚ୍ଚ ହେଲେ ଟାଟା ଅଧିକ ଦରରେ ବିଜୁଳି କିଣିବ ଓ ବିଦ୍ୟୁତ୍ ଟାରିଫ୍ ଉପରେ ସାଧାରଣ ଖାଉଟିଙ୍କୁ ବେଶି ବୋଝ ପଡ଼ିବ । ବିଷୋୟୀ କହିଛନ୍ତି, ଓପିଟିସିଏଲ୍ ଯେକୌଣସି ପ୍ରୋଜେକ୍ଟ କରିବ ଓଇଆର୍‌ସିଙ୍କ ନିକଟରେ ଅନୁମୋଦନ ପାଇଁ ଆବେଦନ କରି ସ୍ୱୀକୃତି ପାଇବା ଆବଶ୍ୟକ। ମାତ୍ର ନିର୍ମାଣ ବେଳେ ଏସବୁକୁ ଗୁରୁତ୍ୱ ଦିଆଯାଇନାହିଁ। ଏହାର ଶୁଣାଣି ବେଳେ ଅନେକ ତ୍ରୁଟି ଓ ଅବ୍ୟବସ୍ଥା ଏବଂ ଅନାବଶ୍ୟକ ପ୍ରକଳ୍ପ ସଂକ୍ରାନ୍ତୀୟ ତଥ୍ୟ ସାମ୍ନାକୁ ଆସିଛି ବୋଲି ବିଷୋୟୀ କହିଛନ୍ତି।


**ROURKELA SMART CITY LIMITED, Rourkela**

Udit Nagar, Rourkela-769012, Email: rourkelascl@gmail.com

BID ID : RSCL/1881/2025 DATE : 22/12/2025

**NOTICE INVITING TENDER NATIONAL COMPETITIVE BIDDING**

**No.C-1862** : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Painting Works In Big Recreational Park at Koel Nagar on Percentage Rate Basis | 40.28 Lakhs |

The Tender Fees of Rs.7,100/- be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 22.12.2025 to 02.01.2026 (up to 17:00 Hrs. IST). Pre- Bid Meeting will be held on 24.12.2025 at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No.8984353513, Email Id: rourkelascl@gmail.com.

Sd./- Chief Executive Officer
Rourkela Smart City Limited

OIPR-13080/11/0052/2526

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR**

No.6390 dt.22.12.2025

2nd Corrigendum to EOI Identification No. CCEKC-02/2025-26

**Expression of Interest**

**No.B-892** : The following changes are made to EOI Identification No. CCEKC - 02/2025-26 vide No. 6248 dt. 15.12.2025.

1. Letter of Invitation of the Authority along with all other relevant details of Expression of Interest (EOI) will be available in the website: www.tendersodisha.gov.in from **10:30 A.M of 07.01.2026 to 4:00 P.M of 02.02.2026**. Further details with any addendum, corrigendum and cancellation can be seen from www.tendersodisha.gov.in.
2. Expression of Interest (EOI) shall be received only "On-line" latest by **4:00 P.M. on 02.02.2026**.
3. Proposals received "On-line" shall be opened at **11:00 A.M. on 03.02.2026** in the Office of the Chief Construction Engineer, Keonjhar (R&B) Circle, Keonjhar-758001 in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

All other terms & conditions remained unchanged.

Sd./- Chief Construction Engineer,
Keonjhar (R&B) Circle, Keonjhar

OIPR-34033/11/0107/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା: ୬୭୪ **ବିଜ୍ଞାପନ** ତା.୧୦.୧୨.୨୦୨୫

**No.CAD-2810**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ୍ ନଂ.-ଏମ୍.ଆଇ.ଜି.୨-୧୧/୨ (MIG-II-11/2) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ କନକ ମଞ୍ଜରୀ ଖାଡଙ୍ଗା, ପିତା-ଌଶଶୀଭୂଷଣ ଖାଡଙ୍ଗା, ସ୍ୱାମୀ-ତୁଷାର ରଞ୍ଜନ ମିଶ୍ର, ସା-ସଦାଶିବପୁର, ପୋ-ବାଲିପଦର, ଥାନା-ବୁଗୁଡା, ଜିଲ୍ଲା-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ କନକ ମଞ୍ଜରୀ ଖାଡଙ୍ଗା ଉକ୍ତ ଗୃହ (ଫ୍ଲାଟ)ଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଚନ୍ଦ୍ରଧର ଦାସ, ପିତା-ଌସନାତନ ଦାସ, ସା-ଚନ୍ଦ୍ରଶେଖରପୁର, ପୋ-ସଂପୁର, ଥାନା-ବୋଲଗଡ଼, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି । ଉକ୍ତ ପ୍ରକଳ୍ପ ଗୃହ (ଫ୍ଲାଟ)ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/1024/2526

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ଅନଗ୍ରସର କଲ୍ୟାଣ ବିଭାଗ, ଓଡ଼ିଶା ମଡେଲ୍ ଟ୍ରାଇବାଲ ଏଜୁକେସନ ସୋସାଇଟି (OMTES)**

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (Eklavya Model Residential School), କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (Kalinga Model Residential School) ଏବଂ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (Biju Pattanaik Adarsha Vidyalaya) ରେ ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଛାତ୍ରଛାତ୍ରୀଙ୍କର ନାମଲେଖା ଆବେଦନ ନିମନ୍ତେ ବିଜ୍ଞାପନ

No.V-27: ଭାରତ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ଏବଂ ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେସନ ସୋସାଇଟି (OMTES), ଭୁବନେଶ୍ୱର ଦ୍ୱାରା ପରିଚାଳିତ ୪୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (Ekalavya Model Residential School), ରାଜ୍ୟ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ୯ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (Kalinga Model Residential School) ଏବଂ ୧ଟି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (Biju Pattanaik Adarsha Vidyalaya) ରେ ଶିକ୍ଷାବର୍ଷ ୨୦୨୬-୨୭ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀଙ୍କୁ ଏବଂ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟରେ ୬୦ ଜଣ ଛାତ୍ର ଓ ୬୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧.୦୧.୨୦୨୬ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହିଁ । ଆବେଦନପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ଅନଗ୍ରସର କଲ୍ୟାଣ ବିଭାଗର ୱେବସାଇଟ (https://stsc.odisha.gov.in/) ଏବଂ ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେସନ ସୋସାଇଟିର ୱେବସାଇଟ (http://www.omtes.org/) ରୁ ପାଇପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ୧୫.୦୨.୨୦୨୬ ତାରିଖ (ରବିବାର) ଦିବା ୧୦.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ସ୍ୱା./-
ସେକ୍ରେଟାରୀ, ଓ.ଏମ.ଟି.ଇ.ଏସ୍
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

OIPR-26009/11/0013/2526

ODISHA COMPUTER APPLICATION CENTRE
**OCAC REQUEST FOR PROPOSAL**
Enq.No.:-OCAC-NEGP-INFRA-0034-2025-25116

OCAC invites Request for Proposal (RFP) for Comprehensive Product Warranty Support extension of existing Switches and Security Devices installed at Odisha State Data Centre (OSDC), Bhubaneswar. For details please visit websites www.ocac.in & www.odisha.gov.in. **The bid shall be submitted in electronic mode only in the portal https://enivida.odisha.gov.in latest by 15.01.2026, 2.00 P.M.** OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

No.U-41 OIPR-16003/11/0161/2526

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION-II, KENDRAPARA**

No.O-1856

eerw_kendraparat@yahoo.co.in

**'E' PROCUREMENT NOTICE NO. RWD-II/KPD-14/25-26 DTD 22.12.2025**

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2025-26 |
| 2 | Total No. of Work | : | 08 Nos Buildings |
| 3 | Estimated Cost | : | Rs.77.76 Lakhs (Approx) |
| 4 | Period of Completion | : | As specified in the Annexure |
| 5 | Class of contractors | : | B Class |
| 6 | Cost of Tender Paper | : | Cost of Tender paper is to be remitted ONLINE as specified in column - 3 of the Annexure |
| 7 | Detail projects | : | As specified in the Annexure |

**Other details as follows :**

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 26.12.2025 at 11:00 A.M. to 05.01.2026 up to 5:00 P.M. |
| c) | Last date & time of seeking of tender clarification | : | 03.01.2026 up to 5:00 P.M. |
| d) | Opening of Tender | : | 05.01.2026 at 05.30 P.M. |
| e) | Date of lottery | : | 16.01.2026 at 11:30 A.M. |

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Kendrapara

OIPR-25098/11/0032/2526

**ପୌରପରିଷଦ କାର୍ଯ୍ୟାଳୟ:ସୁନ୍ଦରଗଡ଼**

ସଂଖ୍ୟା 2718, ତା.22.12.25 ରିଖ

No.C-1865:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ ପୌରପରିଷଦ ଅନ୍ତର୍ଗତ ଲୁହୁରାଡିପାଠାରେ ଥିବା ସୁନ୍ଦରଗଡ ବସ୍ ଟର୍ମିନାଲ ପଛପଟରେ ନିର୍ମାଣ ହୋଇଥିବା ୨୮ ଗୋଟି (C/11 ରୁ C38) 8'x10' ଦୋକାନ ଗୃହ (Shop Room) ର ଆବଣ୍ଟନ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା ।

| କ୍ରମିକ ନଂ. | ଦୋକାନ | ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ |
|---|---|---|---|
| ୧ | ଲୁହୁରାଡିପାଠାରେ ଥିବା ସୁନ୍ଦରଗଡ ବସ୍ ଟର୍ମିନାଲ ପଛପଟରେ ନିର୍ମାଣ ହୋଇଥିବା ଗୋଟି (C/11 ରୁ C38) 8'x10' ଦୋକାନ ଗୃହ (Shop Room) | ଟ.୧,୨୦,୦୦୦.୦୦ | ଟ.୧୦,୦୦୦.୦୦ |

ସର୍ତ୍ତାବଳୀ: ୧.ଆବେଦନକାରୀ ଅତିକମ୍‌ରେ ସୁନ୍ଦରଗଡ଼ ପୌରପାଳିକାରେ ୩୦ ବର୍ଷର ବାସିନ୍ଦା ହୋଇଥିବା ଆବଶ୍ୟକ । (ଜମି ପଟ୍ଟା କିମ୍ବା ବାସିନ୍ଦା ପ୍ରମାଣପତ୍ର କିମ୍ବା ଓଡ଼ିଶା ସରକାରଙ୍କ ରାଜସ୍ୱ ଦେୟର ରସିଦ) ୨. ପୂର୍ବ ବର୍ଷରୁ ବକେୟା ଦେୟ ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ । (ଯଥା-ହୋଲଡିଙ୍ଗ ଟିକସ, ୟୁଜର ଫି ଇତ୍ୟାଦି) ୩. ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ,ସ୍ଥାନ, ସମୟରେ ନିର୍ଦ୍ଧାରିତ ଆବେଦନ ଟ.୧୫୦୦.୦୦ ଙ୍କା (ଏକ ହଜାର ପାଞ୍ଚ ଶତ ଟଙ୍କା ମାତ୍ର) ମୂଲ୍ୟ ଆବେଦନ ଫର୍ମ ପୂରଣ କରି ଉକ୍ତ ଦୋକାନ ଗୃହ (Shop Room)ର ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ଟେଣ୍ଡର ଦାଖଲକାରୀ ନିର୍ଦ୍ଧାରିତ ଦୋକାନର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ(in favour of Executive Officer, Sundargarh Municipality payble at Sundargarh)ଦ୍ୱାରା ଜମା କରିବେ । ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ । ୪. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ସେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ । ନଚେତ୍ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦର ଦାଖଲକାରୀ ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ୍ ଉକ୍ତ ଦୋକାନର ପୁନର୍ବାର ଟେଣ୍ଡର କରାଯିବ । ୫. ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ । ୬.ଟେଣ୍ଡର ପାଇଥିବା ବ୍ୟକ୍ତି ତାଙ୍କର ପଇଠ ଜମା କରିବାପାଇଁ ଚୁକ୍ତିନାମା କରିବେ । ଚୁକ୍ତିନାମାରେ ଥିବା ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ କରିବେ । ୭. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ୮. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ । ୯. ଟେଣ୍ଡରରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ । ୧୦.ପ୍ରତି ୨ ବର୍ଷରେ ଥରେ ଲିଜ୍ ନବୀକରଣ ହେବ ଏବଂ ପ୍ରତି ବର୍ଷ ୧୦% ଭଡା ବୃଦ୍ଧି କରାଯିବ । ୧୧. ପ୍ରତି ଦୋକାନ ଗୃହ ପିଚ୍ଛା ପ୍ରତି ମାସ ଟ.୧୦୦୦/- ଭଡା ଓ ଟ.୧୦୦/- ସୁରକ୍ଷା ବାବଦକୁ ନିଆଯିବ । ୧୨. ଯେଉଁ ବ୍ୟକ୍ତି ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟଠାରୁ କମ ଦର ଦେବେ ତାଙ୍କର ଟେଣ୍ଡର ଅସିଦ୍ଧ ଘୋଷଣା କରାଯିବା ସହିତ ଅମାନତ ରାଶି ବାଜ୍ୟାପ୍ତ ହୋଇଯିବ । ୧୩.ଆବେଦନକାରୀଙ୍କର ଭୋଟ ପରିଚୟପତ୍ର, ଆଧାର କାର୍ଡ ଏବଂ ବିଦ୍ୟୁତ ବିଲ୍ ଥିବା ଆବଶ୍ୟକ । ୧୪. ଆବେଦନକାରୀଙ୍କର ପୌରାଞ୍ଚଳ ମଧ୍ୟରେ କୌଣସି ଦୋକାନ (ସରକାରୀ/ବେସରକାରୀ/RDA) ନଥିବ । (ଆତ୍ମଘୋଷଣା ହଲପନାମା) ୧୫. ଆବେଦନକାରୀ ଯଦି ଟେଣ୍ଡର ପାଇବ ନାହିଁ, ତାହେଲେ ତାର ଅମାନତ ରାଶି ପ୍ରଥମ ସର୍ବୋଚ୍ଚ ଟେଣ୍ଡରଧାରୀଙ୍କ ଚୁକ୍ତିନାମା ସ୍ୱାକ୍ଷର ହେଲାପରେ ଫେରସ୍ତ ପାଇବେ । ୧୬. ତହସିଲଭୁକ୍ତ ଜାତି ପାଇଁ ୨ ଟି, ତହସିଲଭୁକ୍ତ ଜନଜାତି ପାଇଁ ୨ଟି, ବିଧବା ପାଇଁ ୨ଟି, ଭିନ୍ନକ୍ଷମ ପାଇଁ ୨ଟି ଦୋକାନ ଆରକ୍ଷଣ ରଖାଯିବ । ୧୭.କାର୍ଯ୍ୟନିର୍ବାହୀ ଅଧିକାରୀ ଯେକୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି । ୧୮.ବିଶଦ ବିବରଣୀ ପାଇଁ ସୁନ୍ଦରଗଡ଼ ପୌରପାଳିକା ସହିତ ଯୋଗାଯୋଗ କରନ୍ତୁ । କ) ତା.24.12.25 ରିଖରୁ ତା.06.01.26 ରିଖ ଟେଣ୍ଡର ପେପର ବିକ୍ରୟ କରାଯିବ । ଖ) ତା.06.01.26 ରିଖ ସମୟ- ଅପରାହ୍ନ 4.30 PM ପର୍ଯ୍ୟନ୍ତ - ଟେଣ୍ଡର ପେପର ଗ୍ରହଣ କରାଯିବ (ପୋଷ୍ଟ/କୁରିଅର ସେବା/ବାକ୍ସ ଦ୍ୱାରା) । ଗ) ତା.07.01.26 ରିଖ ସମୟ- ପୂର୍ବାହ୍ନ ୧୧ଟା- ଟେଣ୍ଡର ଖୋଲାଯିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପରିଷଦ

OIPR-13130/11/0053/2526

See Career Appointment on every Wednesday & Saturday

DSPL-435

**ଜାତୀୟ ଉପଭୋକ୍ତା ଦିବସ-୨୦୨୫ ପାଳନ ଅବସରରେ**

**ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ବାର୍ତ୍ତା**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମ ରାଜ୍ୟରେ 'ଜାତୀୟ ଉପଭୋକ୍ତା ଦିବସ-୨୦୨୫' ଡିସେମ୍ବର ୨୪ ତାରିଖ ଦିନ ପାଳନ କରାଯାଉଥିବା ଜାଣି ମୁଁ ଆନନ୍ଦିତ । ରାଜ୍ୟର ଅଗଣିତ ଉପଭୋକ୍ତାମାନଙ୍କର ଅଧିକାରର ସୁରକ୍ଷା କରିବା ସହିତ ସେମାନଙ୍କୁ ନିଜର କର୍ତ୍ତବ୍ୟ ବିଷୟରେ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପଭୋକ୍ତା ସୁରକ୍ଷା ଆନ୍ଦୋଳନକୁ ଅଧିକ ସୁଦୃଢ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ପ୍ରଣୟନ କରାଯାଇଅଛି । ଏହି ବିପ୍ଳବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସରକାର ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କ ସହାୟତାରେ ରାଜ୍ୟ ଓ ଜିଲ୍ଲା ସ୍ତରରେ ଉପଭୋକ୍ତାଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ ବିଭିନ୍ନ କର୍ମଶାଳା ଏବଂ ଆଲୋଚନାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଖାଉଟି ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟରତ ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡିକୁ ଲୋକଭିମୁଖୀ କରିବା ପାଇଁ ମଧ୍ୟ ଆମେ ପ୍ରତିଶ୍ରୁତିବଦ୍ଧ ।

'ଡିଜିଟାଲ୍ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ' ହେଉଛି ଚଳିତ ବର୍ଷ ପାଳିତ ହେବାକୁ ଥିବା ' ଜାତୀୟ ଉପଭୋକ୍ତା ଦିବସ-୨୦୨୫' ର ଆଲୋଚ୍ୟ ବିଷୟବସ୍ତୁ ।

ଏହି ଦିବସର ପ୍ରତିପାଳନ ଉପଭୋକ୍ତା ସମାଜକୁ ଜାଗ୍ରତ କରିବା ପାଇଁ ତଥା ଏକ ଶକ୍ତ ସଚେତନ ଉପଭୋକ୍ତା ଗୋଷ୍ଠୀ ଗଠନ କରି ଖାଉଟି ବିପ୍ଳବକୁ ଅଧିକ ଲୋକାଭିମୁଖୀ କରିବ ବୋଲି ମୋର ଦୃଢ ବିଶ୍ୱାସ ।

ଖାଉଟି ସୁରକ୍ଷା ଜାଗରଣରେ ସାମିଲ ହୋଇ ଏହି ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଅଛି ।

(କୃଷ୍ଣ ଚନ୍ଦ୍ର ପାତ୍ର)

OIPR-07001/13/0025/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଂଶୁମାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସ୍‌ଓବି-ଓଡ଼ିଶାର ଫୁଟସାଲ୍ ରାଜ୍ୟ ଚୟନ ଶିବିର

**ଭୁବନେଶ୍ୱର, ୨୩।୧୨(ତପନ ସ୍ୱାଇଁ)**

ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓପନ୍ ଲର୍ଣ୍ଣ ସିଷ୍ଟମ୍ସ (ଓଏଲ୍ଏସ୍) ପରିସରରେ ସ୍ପେଶାଲ୍ ଅଲିମ୍ପିକ୍ ଭାରତ (ଏସ୍‌ଓବି)-ଓଡ଼ିଶା ଦ୍ୱାରା ଫୁଟ୍‌ସାଲ ରାଜ୍ୟ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୫୫ ପ୍ରତିଯୋଗୀ ଓ ପ୍ରଶିକ୍ଷକ ଭାଗ ନେଇଥିଲେ। କଟକର ଆଶୁତୋଷ ପଟ୍ଟନାୟକ, ମହମ୍ମଦ ୱାସିମ୍ ଅଖ୍ତର ଓ ମୀନା ରାଓ, ଖୋର୍ଦ୍ଧାର ଦଧୀଚି, ସ୍ୱୟଂଶୁ ମିଶ୍ର, ଝରଣା ଦାସ ଓ ରିଦ୍ଧିକ୍ ପଟ୍ଟନାୟକ, ବରଗଡ଼ର ଦୀପିକା କୁମ୍ଭାର ଓ ସୀମା ପଟେଲ, ବାଲେଶ୍ୱରର ରଣଜିତ ଖୁଣ୍ଟିଆ, କେନ୍ଦୁଝରର ବାସନ୍ତୀ ମହନ୍ତ ଓ ସୋନାଲି ନାୟକ, ସୋନପୁରର ଶ୍ୱେତରାଜ୍ ସାମଲ ଆଗାମୀ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସୋନପୁରର ତ୍ରିନାଥ ସାମଲ, ଖୋର୍ଦ୍ଧାର ନିରଜ୍ ସିଂ, କଟକର ସସ୍ମିତା ରାଉତରାୟ ଓ ବରଗଡ଼ର ବିଭୀଷିକା ବେହେରା ପ୍ରଶିକ୍ଷକ ଭାବେ ଆସନ୍ତା ଜାନୁଆରୀ ୭ରୁ ୧୧ ପର୍ଯ୍ୟନ୍ତ ଦିଲ୍ଲୀଠାରେ ହେବାକୁଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳ ସହ ରହିବେ। ଚୟନ ପ୍ରକ୍ରିୟାକୁ ସସ୍ମିତା ମହାପାତ୍ର, ଅର୍ପିତା ମହାପାତ୍ର, ବିବେକାନନ୍ଦ ମହାନ୍ତି ଓ ସରିତା ରାଉତରାୟ ପରିଚାଳନା କରିଥିଲେ। ଓଏଲ୍ଏସ୍‌ର ଅନ୍ୟ କାର୍ଯ୍ୟକର୍ତ୍ତା ଏଥିରେ ସହଯୋଗ କରିଥିଲେ। ଏସ୍‌ଓବି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନିତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଓ ଅନ୍ୟ ସମସ୍ତ ବୋର୍ଡ ସଦସ୍ୟ ଏବଂ ଓଏଲ୍ଏସ୍‌ର ସୁଜାତା ପଟ୍ଟନାୟକ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଚୟନ ଶିବିରରେ ଭାଗ ନେଇଥିବା ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

# ବିଜୟ ସ୍ମାରକୀ ବାସ୍କେଟବଲ ୨୬ରୁ



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ, ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନ ଓ ବାଦଲ ଭାଇ ସ୍ମୃତି କମିଟି ଆନୁକୂଲ୍ୟରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ କୁମାର ମହାନ୍ତିଙ୍କ ସ୍ମୃତିରେ ପ୍ରଥମ ବାସ୍କେଟବଲ (ମହିଳା ଓ ପୁରୁଷ) ଟୁର୍ନାମେଣ୍ଟ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୨୮ ତାରିଖ ପର୍ଯ୍ୟନ୍ତ ୟୁନିଟ-୧ସ୍ଥିତ ବାସ୍କେଟବଲ୍ କୋର୍ଟରେ ହେବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୬ ବାଳକ ଓ ୪ ବାଳିକା ଦଳ ସାମିଲ। ଫ୍ଲଡ୍ ଲାଇଟରେ ହେବାକୁଥିବା ଏହି ପ୍ରତିଯୋଗିତା ଲିଗ୍ ଏବଂ ନକ୍ଆଉଟ ଭିତ୍ତିରେ ଖେଳାଯିବ ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ସଦସ୍ୟ ସକଳେଶ୍ୱର ପଟ୍ଟନାୟକ ପ୍ରକାଶ କରିଛନ୍ତି। ବାଳିକା ବର୍ଗରେ କିଟ୍, ଭୁବନେଶ୍ୱର କ୍ରୀଡା ଛାତ୍ରାବାସ, ୟୁନିଟ୍-୧ ଏବଂ ବିର୍ଲା ଗ୍ଲୋବାଲ ଦଳ ଭାଗନେବେ। ସେହିପରି ବାଳକ ବର୍ଗରେ ଯୁବ ୟୁଥ ଆସୋସିଏଶନ୍, ଯୁବ ବାସ୍କେଟବଲ କ୍ଲବ, ୟଙ୍ଗଷ୍ଟର୍ସ ବାସ୍କେଟବଲ, ବକ୍ସି ବାସ୍କେଟବଲ ଆସୋସିଏଶନ୍, କିଟ୍ ଓ କଳିଙ୍ଗ ବାସ୍କେଟବଲ କ୍ଲବ ଅଂଶଗ୍ରହଣ କରିବ। ଚାମ୍ପିୟନ ଓ ରନରଅପ୍ ଦଳକୁ ଆକର୍ଷଣୀୟ ଟ୍ରଫି ସହ ଯଥାକ୍ରମେ ୭୦୦୦ ଓ ୫୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବ୍ୟକ୍ତିଗତ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରତିଯୋଗିତାର ସୁପରିଚାଳନା ଲାଗି ଏକ ଆୟୋଜକ କମିଟି ଗଠନ କରାଯାଇଛି। ଏଥିରେ ବିଧାୟକ ସୁଶାନ୍ତ କୁମାର ରାଉତ ଓ ବାବୁ ସିଂ ଏବଂ ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ ସଭାପତି ସୟଦ ମକବୁଲ ଅଲୀ ପୃଷ୍ଠପୋଷକ ରହିଛନ୍ତି। ସକଳେଶ୍ୱରଙ୍କ ବ୍ୟତୀତ ପ୍ରଦୀପ୍ତ ମହାନ୍ତି, ରାଜେନ୍ଦ୍ର ପ୍ରସାଦ ପାଣି, ଏସ.ଜେ. ରହମାନ, ମୃତ୍ୟୁଞ୍ଜୟ ବେହୁରା, ପ୍ରହ୍ଲାଦ ବେହେରା ଓ ମହମ୍ମଦ ଶହୀଦ ପ୍ରମୁଖ ଏହି କମିଟିରେ ରହିଛନ୍ତି। ପ୍ରଶାନ୍ତ କୁମାର ନାୟକ କମିଟିର ଆବାହକ ରହିଛନ୍ତି ବୋଲି ପୂର୍ବତନ ଖେଳାଳି ଅଶ୍ୱିନୀ ପ୍ରହରାଜ ଓ ବିଶିଷ୍ଟ କ୍ରୀଡ଼ା ସଂଗଠକ ମନୋଜ ମହାପାତ୍ର ସୂଚନା ଦେଇଛନ୍ତି।

# ଭାରତୀୟ ଖେଳାଳିଙ୍କ ବ୍ୟବହାର ସମ୍ପର୍କରେ ଆଇସିସିକୁ ଜଣାଇବ ପିସିବି

**କରାଚୀ, ୨୩।୧୨(ପି.ଟି.)**

୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ପ୍ରତି ଉତ୍ତେଜନାମୂଳକ ବ୍ୟବହାର କରିବା ପାଇଁ ଭାରତୀୟ ଖେଳାଳିଙ୍କ ବିରୋଧରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦକୁ ଅବଗତ କରାଯିବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭି ମଙ୍ଗଳବାର ଏହା କହିଛନ୍ତି। ରବିବାର ଦୁବାଇଠାରେ ଅନୁଷ୍ଠିତ ଫାଇନାଲରେ ପାକିସ୍ତାନ ବଡ଼ ବ୍ୟବଧାନରେ ଭାରତକୁ ହରାଇ ଚାମ୍ପିୟନ ହୋଇଥିଲା। ମ୍ୟାଚ୍ ବେଳେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ଦୁଇ ଦଳର ଖେଳାଳି ମ୍ୟାଚ୍ ପୂର୍ବରୁ କିମ୍ବା ପରେ ପରସ୍ପର ସହ ହାତ ମିଳାଇ ନ ଥିଲେ। 'ଭାରତୀୟ ଖେଳାଳିମାନେ ମ୍ୟାଚ୍ ବେଳେ ପାକିସ୍ତାନ ଦଳର ଖେଳାଳିଙ୍କୁ ଉସୁକାଇଥିଲେ। ଏ ସମ୍ପର୍କରେ ପାକିସ୍ତାନ ପକ୍ଷରୁ ଆଇସିସିକୁ ଅବଗତ କରାଯିବ। ରାଜନୀତି ଓ କ୍ରୀଡ଼ାକୁ ଅଲଗା ରଖାଯିବା ଉଚିତ' ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ନକ୍‌ଭି କହିଛନ୍ତି।

# ଗୋଟିଏ ଓଭରରେ ୫ ଉଇକେଟ

**ବାଲି, ୨୩।୧୨ (ପି.ଟି.)**

ଇଣ୍ଡୋନେସିଆର ଡାହାଣହାତୀ ପେସ୍ ବୋଲର ଗେଡେ ପ୍ରିଆନ୍ଦନା ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟରେ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। କାମ୍ବୋଡ଼ିଆ ବିପକ୍ଷ ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ଇଣ୍ଡୋନେସିଆ ୬୦ ରନରେ ବିଜୟୀ ହୋଇଥିବାବେଳେ ପ୍ରିଆନ୍ଦନା ଗୋଟିଏ ଓଭର ବୋଲିଂ କରି ମାତ୍ର ୧ ରନ ବିନିମୟରେ ୫ ଉଇକେଟ ହାସଲ କରିଥିଲେ। ଏହା ମଧ୍ୟରେ ହ୍ୟାଟ୍ରିକ ଅନ୍ତର୍ଭୁକ୍ତ। ପୁରୁଷ ଟି୨୦ରେ ଗୋଟିଏ ଓଭରରେ ୫ ଉଇକେଟ ହାସଲ ଏହା ତୃତୀୟ ଦୃଷ୍ଟାନ୍ତ। ତେବେ ଅନ୍ତର୍ଜାତୀୟ କ୍ରିକେଟରେ ଏହା ପ୍ରଥମ।

# ଜାତୀୟ ଜୁ-ଜିତ୍‌ସୁରେ ଓଡ଼ିଶାର ସଫଳତା



ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଆଇଜିଆଇ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ଓ ଜୁନିୟର ଜୁ-ଜିତସୁ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ସମେତ ମୋଟ ୬ଟି ପଦକ ହାସଲ କରିଛି। ଶ୍ରେୟାଂଶୀ ତ୍ରିପାଠୀ ସବ୍ ଜୁନିୟର ମହିଳା ୪୦ କେଜିରୁ ଅଧିକ ନୋ-ୱାଜା ବିଭାଗରେ ସ୍ୱର୍ଣ୍ଣ ଓ ଫାଇଟିଂ ସିଷ୍ଟମରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ପଲକ ପ୍ରିୟଦର୍ଶିନୀ ମହାନ୍ତି ଜୁନିୟର ମହିଳା ୫୭ କେଜି ବର୍ଗର ନୋ-ୱାଜାରେ ରୌପ୍ୟ ଓ ଫାଇଟିଂ ସିଷ୍ଟମରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସାନଭି ସାହୁ ସବ୍ ଜୁନିୟର ମହିଳା ୨୫ କେଜିରୁ କମ ନୋ-ୱାଜା ବିଭାଗରେ ବ୍ରୋଞ୍ଜ ଓ କୋନା ମହେଶ ରେଡ୍ଡୀ ସବ୍‌ଜୁନିୟର ପୁରୁଷ ୫୬ କେଜିରୁ କମ୍ ଫାଇଟିଂ ସିଷ୍ଟମରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଟିମ୍ କୋଚ ସ୍ୱରାଜ ଯାନୀଙ୍କ ନେତୃତ୍ୱରେ ଯାଇଥିବା ଓଡ଼ିଶା ଦଳର କୃତୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଜୁ-ଜିତସୁ ସଂଘର ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସଂଘର ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

# ଫାଇନାଲରେ କିଟ୍ ମହିଳା ଦଳ

**ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ**

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)**

ଚେନ୍ନାଇର ଏସଆରଏମ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍‌ର ଫାଇନାଲରେ କିଟ୍ ଦଳ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ କିଟ୍ ୩-୧ (୨୫-୨୩, ୨୯-୨୭, ୨୧-୨୫, ୨୫-୧୨)ରେ ଆଡାମାସ ବିଶ୍ୱବିଦ୍ୟାଳୟକୁ ହରାଇଥିବାବେଳେ ସେମିଫାଇନାଲରେ କୋଟ୍ଟାୟମର ଏମ୍‌ଜି ବିଶ୍ୱବିଦ୍ୟାଳୟକୁ ୩-୧ (୨୫-୨୧, ୨୫-୨୩, ୨୬-୨୮, ୨୫-୨୩)ରେ ପରାସ୍ତ କରିଛି। ଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଚେନ୍ନାଇର ଏସଆରଏମ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ମୁକାବିଲା ହେବ।


# Classified Everyday

**0674-2580101, 9692975378**




## BRIDE WANTED

ମାଟିବଂଶ ଜାତିର ମାଇନ୍ସ ଅଫିସର ପୁଅ ପାଇଁ ଝିଅ ଆବଶ୍ୟକ। ମୋବାଇଲ- 8839575893. D-2891

## GROOM WANTED

Groom for Viswakarma girl, 1998, M.Tech (Mechanical). Serving in LG electronics. Contact: 9825529555. D-2911

A Bhubaneswar based retired banker is seeking a well settled groom in and around Bhubaneswar and Cuttack for his daughter, aged 37years, height 5ft., Colour wheatish, Khandayat caste, qualification PG and Diploma in IT. Contact 7656947034. D-2889

Beautiful Karan girl, 1992, 5'3", B-Tech, serving American Express Bank, London. SUNASANSAR, 9937512659. D-2890

ବୟସ 29, Medical ରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2892

Now Matrimonial ads. only on Wednesday & Sunday Book 1 Get 1 FREE




## SALE

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୪୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୮୪୧

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ ସନ୍ତୋଷ- 9438362273 D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




All types of physiotherapy with massage, Contact number 9556924059/ 7656969134. D-2766

## LOST

By an affidavit before Notary Public, Koraput, I, Rama Kumari Singh, D/o.- Guman Singh, Resident of Dumuriput, P.O.- Dumuriput, P.S.- Koraput Town, Dist.- Koraput declare that my RC Book vide Regd. No. OD10P7221, Driving Licence and Sale Deed of Landed Property vide No.2140/1999 has been lost at Koraput while I am returning from RTO, Koraput on 27.11.2025. That, I swear this affidavit to file before the IIC, Koraput Town Police Station for issue of SDE Copy in my favour. D-2916

## AFFIDAVIT

By virtue of an affidavit sworn before the Executive Magistrate, Boudh, No.1626, Dtd.- 01/12/25, I, Inamati Mallick, W/o.- Late Ganeswar Mallick, R/o. Village At- Kaltimendi, P.O.- Bapalamendi, P.S.- Tikabali, Dist.- Kandhamal, PIN- 762010 (Odisha) declare that I have changed my name from Enamati Kanhar to Inamati Mallick. Henceforth, I shall be known as Inamati Mallick for all purposes.
Inamati Mallick
D-2908

I, SUGYANI SANGHAMITRA SWAIN, D/o.- Niranjan Swain, resident of Plot No.- 434, Prachivihar, Palasuni, Bhubaneswar, P.O.- GGP Colony, P.S.- Mancheswar, Dist.- Khordha, PIN- 751025, Odisha declare by this affidavit No.- 31, Dated- 19.12.2025 that now onwards I shall be known as SUGYANIS SWAIN for all future purposes. D-2912

I, Binod Samal, S/o.- Bichitra Samal, At/P.O.- Kunua, P.S.- Rasol, Dist.- Dhenkanal, Odisha- 759021 declare that my minor Son's name changed from Soumyajeet Samal to Somyajeet Samal on dtd. 23.12.2025 before Executive Magistrate, Hindol.
Binod Samal
D-2913

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Kanika, dated- 21.11.2025, I, Biswanath Dash, At- Kantapada, P.O./P.S.- Rajkanika, Dist.- Kendrapara, PIN- 754220 declare that I have changed the name of my daughter from Rutupragyan Dash to Ritupragyan Dash. Henceforth, she shall be known as Ritupragyan Dash for all purposes.
Biswanath Dash
D-2915

By virtue of an affidavit sworn before Executive Magistrate, Kanika, dated- 20.12.2025, I, Chitrapaksha, At- Bansaria, P.O.- Giria, P.S.- Rajkanika, Dist.- Kendrapara, PIN- 754220 declare that I have changed my name from Ankita Mishra to Chitrapaksha Mishra. Henceforth, she shall be known as Chitrapaksha Mishra for all purposes.
Chitrapaksha Mishra
D-2914

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ**



**ଂ ନୀରାମଣି ମିଶ୍ର**
ସ୍ୱାମୀ: ଂ ଶିବାଜୀ ମିଶ୍ର
ଖଣ୍ଡ ସାହି ଓ ଗଙ୍ଗନଗର ୟୁନିଟ୍-୬
ଆବିର୍ଭାବ: ୧୫.୦୩.୧୯୪୫
ତିରୋଧାନ: ୧୦.୦୧.୨୦୧୯
ପୌଷ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥି
ବୋଉ, ତୋର ସେହି ସ୍ନେହ ଓ ଶ୍ରଦ୍ଧାକୁ ଆଜି ପର୍ଯ୍ୟନ୍ତ ଆମ ମନରେ ସାଉଁଟି ରଖିଛୁ। ତୋର ଶିକ୍ଷା ଓ ପ୍ରେରଣା ପାଇଁ ଆମେ ସମାଜରେ ଠିଆ ହୋଇପାରିଛୁ। ପ୍ରଭୁ ଶ୍ରୀ ଜଗନ୍ନାଥ ତୋର ଆତ୍ମାକୁ ସଦ୍‌ଗତି ଦେଇ ସ୍ୱର୍ଗରେ ଭଲରେ ରଖିଥାନ୍ତୁ। ଆମକୁ ଆଶୀର୍ବାଦ ଦେଇ ଭଲରେ ରଖିଥା।
-: ହତଭାଗା :-
ମୀନା, ବୁଲୁ ଓ ଆଦରଣୀୟ ଲୁଲୁ ସହ ବନ୍ଧୁ ଓ ପରିବାରବର୍ଗ
ଧ-୨୯୧୯

**ତ୍ରୟୋଦଶ ଶ୍ରାଦ୍ଧ ବାର୍ଷିକୀ**



**ଂଶ୍ରୀମତୀ ମମତା ଦାଶ/ରଥ**
ସ୍ୱାମୀ-ପ୍ରଦ୍ୟୁମ୍ନ ରଥ
ଆବିର୍ଭାବ:୨୮.୦୬.୧୯୬୩
ତିରୋଧାନ:୧୬.୦୧.୨୦୧୩
(ପୌଷ ଶୁକ୍ଳ ଚତୁର୍ଥୀ)
ତୁମକୁ ଚିଠି-ତା୮.୮.୧୯୮୮
ଧୋଇ ଦିଅ ତୁମ ପାଦ
ମୋ ପ୍ରତୀକ୍ଷିତ ଆଖିର ଅଶ୍ରୁରେ
ହାତ ଧରି ନେଇଯାଅ ମୋତେ
ଲିଭାଇ ଦିଅ ବାସର ଦୀପାଳୀ
ସପ୍ନଭରା ସପ୍ତରଙ୍ଗୀ ଆଲୋକରେ(ମମତା)
ଶୋକସନ୍ତପ୍ତ-ହତଭାଗ୍ୟ ସ୍ୱାମୀ
ପୁତ୍ର-ଙ୍କ ଅନିରୁଦ୍ଧ, ବୋହୂ-ରାକ୍ଷୀ, ନାତି-ରୁଦ୍ରାଦିତ୍ୟ, କନ୍ୟା- ଅଭିଷିକ୍ତା, କାଳିଆ, ମିନୁ, ଯସ୍ମିନ୍ ଏବଂ ସମସ୍ତ ବନ୍ଧୁ ଓ ପରିଜନ ବର୍ଗ
ଧ-୨୯୧୮

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ଂ ବିକ୍ରମ ପରିଡ଼ା**
ଆବିର୍ଭାବ: ୨୯।୧୧।୧୯୪୫
ତିରୋଧାନ: ୩୦।୧୨।୨୦୧୯
ମାଧବ, ନିଆଳି
ସମୟର ଅଫେରା ଗତିରେ ପାଞ୍ଚବର୍ଷ ବିତିଗଲାଣି, ଅଥଚ ତୁମ ଶୂନ୍ୟସ୍ଥାନ ଅଦ୍ୟାବଧି ଅକ୍ଷୁଣ୍ଣ ରହିଛି। ତୁମର ନିରାଡ଼ମ୍ବର ଜୀବନଶୈଳୀ, କର୍ମତତ୍ପରତା, ଅନାବିଳ ସ୍ନେହ ଓ ଶାନ୍ତ ସ୍ୱଭାବ ଆଜି ବି ଆମ ଆଖି ଆଗରେ ନାଚିଉଠୁଛି। ତୁମ ନୀତି ଆଦର୍ଶ ଆମ ଚଲାପଥର ପାଥେୟ ହେଉ ଏବଂ ତୁମେ ଆରପାରିରେ ଭଲରେ ଥାଅ, ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୁହାରି।
-: ଶୋକସନ୍ତପ୍ତ :-
ନାତୁଣୀ- ଲକି, ନାତି- ରିଙ୍କୁ, ଲିକୁ, ଗୁଡୁ, କ୍ରୀଷ୍ଣା, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୯୦୯

**ଏକାଦଶାହ ଉପଲକ୍ଷେ**



**ଂ ବିନ୍ଦୁସାଗର ମହାନ୍ତି (ବିମଳ)**
ଆବିର୍ଭାବ-୨.୩.୧୯୮୦
ତିରୋଧାନ-୧୫.୧୨.୨୦୨୫
ସା-ମୁରଦାବାଦ,ନିଶ୍ଚିନ୍ତକୋଇଲି,ଜି-କଟକ
ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରାର୍ଥନା। ହତଭାଗ୍ୟ ନାବାଳକ ରିଷଭ, ସ୍ତ୍ରୀ-ତପସ୍ୱିନୀ, ମା-ଲିଲିବାଳା ଓ ପରିବାରର ଅନ୍ୟ ବନ୍ଧୁବର୍ଗ:- ପ୍ରଦ୍ୟୁମ୍ନ, ଆଶୀଷ ରଞ୍ଜନ, କଳ୍ପନା, ସ୍ନେହମୟୀ, ଆଲିସା, ଆଦ୍ୟାଶା, ଆୟାନ, ଅଭିପ୍ସା, ଆଶୀଷା, ଦୀପକ, ରଞ୍ଜନ, ସରୋଜିନୀ, ଅନୁରାଧା, ପ୍ରସନ୍ନ, ଅରୁଣ, ଗୀତାଞ୍ଜଳି, ସୁପ୍ରଭା, ଅଭିଷେକ, ରୋଜାଲିନ, ବିରଞ୍ଚି, ମୀରା, ବୀରେନ, ବିନୀତା, ବିନାୟକ ଓ ଦେବଦତ୍ତ।
ଧ-୨୯୧୭

## ଫୁଲଚାଷରେ ଖତ ପ୍ରୟୋଗ



ଫୁଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ନିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

## ବାଇଗଣରେ ସମନ୍ୱିତ ପୋକ ପରିଚାଳନା



ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ଶୀତଦିନେ ସବୁଜ ଗୋଖାଦ୍ୟ ଚାଷ



କେଶବ କୁମାର ମହାପାତ୍ର

ଶୀତଦିନିଆ ଘାସଚାଷ ଅକ୍ଟୋବର ୧୫ରୁ ଆରମ୍ଭହୋଇ ଫେବୃଆରୀ ୧୫ରେ ଶେଷ ହୁଏ। ଅକ୍ଟୋବରର ମାସ ବେଳକୁ ପ୍ରାକୃତିକ ଚାରଣଭୂମିର ଘାସ ସରିଥାଏ । ବର୍ଷାଦିନିଆ ଚାଷଘାସର ଉତ୍ପାଦନ ମଧ୍ୟ ସରିଆସେ। ସବୁଦିନିଆ ଘାସ କିଆରିରୁ ଉତ୍ପାଦନ ମଧ୍ୟ ଉତ୍ତାପର ହ୍ରାସ ପାଇଁ କମି କମି ଆସିଥାଏ। ତେଣୁ ସୁଷମ କଞ୍ଚା ଘାସ ଅଭାବ ସହ ଶୀତର ପ୍ରଭାବରେ ଗୋରୁ ପୁଷ୍ଟିହୀନତାର ଶିକାରହୋଇ ଦୁର୍ବଳ ହୋଇଯାଆନ୍ତି ଓ ଗାଈମାନଙ୍କର ଦୁଗ୍ଧ ଉତ୍ପାଦନ ଏବଂ ପ୍ରଜନନ ଦକ୍ଷତା ହ୍ରାସ ପାଇବା ସମ୍ଭାବନା ଦେଖାଯାଏ। ତେଣୁ ଶୀତଦିନିଆ ଘାସଚାଷକରି ଗୋରୁମାନଙ୍କୁ ଖୁଆଇବା ଦ୍ୱାରା ଏସବୁ ସମସ୍ୟାର ସମାଧାନ ହୋଇଥାଏ ।

ଜଳସେଚନର ସୁବିଧା ଥିଲେ ମାତ୍ର କେତୋଟି ହାତଗଣତି ପ୍ରକାର ଘାସ ଶୀତଋତୁରେ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ଛୁଇଁଜାତୀୟ ବର୍‌ସିମ୍, ଲୁସର୍ନ, ଶସ୍ୟଜାତୀୟ ଯବଧାନ ଓ ଅନ୍ୟାନ୍ୟ ମଧ୍ୟରେ ଚାଇନା ସୋରିଷ ପ୍ରଧାନ । ବର୍‌ସିମ ଓ ଲୁସର୍ନ ଅଧିକ ପୁଷ୍ଟିସାରଯୁକ୍ତ ହୋଇଥାଏ। ତେଣୁ ସେ ଦୁହିଁଙ୍କୁ ଯଥା କ୍ରମେ ଘାସର ରାଜା ଓ ରାଣୀ ମଧ୍ୟ କୁହାଯାଇଥାଏ । ଏହି ସବୁର ଚାଷ ପାଇଁ ଗୁଣ୍ଡ ହଳ କରିବାକୁ ହୋଇଥାଏ । ଏକର ପ୍ରତି ୧୦ ଶଗଡ଼ ସଢ଼ା ଗୋବରଖତ ସହ ୨୦ କି.ଗ୍ରା. ପଟାସ୍ ଓ ୧୦୦କି.ଗ୍ରା. ସୁପର ଫସ୍‌ଫେଟ୍ କିମ୍ବା ୫୦ କି.ଗ୍ରା. ଡିଏପି ସାର ଦେଇ ଜମି ପ୍ରସ୍ତୁତି କରାଯାଇଥାଏ। ବର୍‌ସିମ୍ ଓ ଲସର୍ନ ମଞ୍ଜି ଖୁବ୍ ଛୋଟ ଆକାରର ହୋଇଥାଏ। ତେଣୁ ବୁଣିବା ସମୟରେ କିଆରିକୁ ଛୋଟ ଛୋଟ ପଟାଳିକରି ତା' ମଧ୍ୟରେ ପାଣି ଭର୍ତ୍ତିକରି ପଟାମାରି ଠିଆ ପାଣିରେ ମଞ୍ଜି ବୁଣାଯାଇଥାଏ। ବୁଣିବା ସମୟରେ ମଞ୍ଜି ସହ କେଜି ପ୍ରତି ୨.୫ ଗ୍ରାମ ରାଇଜୋବିୟମ କଲ୍‌ଚର କିମ୍ବା ପୂର୍ବ ବର୍ଷର ଚାଷ କିଆରିର ମାଟି ମଞ୍ଜି ସହିତ ଗୋଳାଇ ବୁଣିଲେ ଭଲ ଘାସ ଉତ୍ପାଦନ ହୋଇଥାଏ । ଦରକାର ପଡ଼ିଲେ ଗଛ ଉଠିବାର କିଛିଦିନ ପରେ ଓ ପ୍ରତିଥର ଘାସ ଅମଳ ପରେ ୟୁରିଆ ସାର ୧୦ ରୁ ୧୫ କି.ଗ୍ରା. ଏକର ପ୍ରତି କ୍ଷେତରେ ଦିଆଯାଏ।

ଏକର ପ୍ରତି ବର୍‌ସିମ୍ ଓ ଲୁସର୍ନର ମଞ୍ଜି ୮ରୁ ୧୦କି.ଗ୍ରା. ଆବଶ୍ୟକ ପଡ଼ିଥାଏ । ବୁଣିବାର ୪୫ ରୁ ୬୦ ଦିନ ବେଳକୁ ଘାସ ଅମଳ ପାଇଁ ଉପଯୁକ୍ତ ହୋଇଯାଏ । ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ ୩ ରୁ ୪ ଥର ଘାସ ଅମଳ ମିଳିଥାଏ ଏବଂ ମୋଟରେ ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଘାସ ଅମଳ ହୋଇଥାଏ । ବର୍‌ସିମ୍ ଓ ଲୁସର୍ନର ମଞ୍ଜି ଓଡ଼ିଶାରେ ଶୀତଦିନ କମ୍ ସମୟ ରହୁଥିବାରୁ ଉତ୍ପାଦନ ହୋଇପାରି ନ ଥାଏ । ତେଣୁ ବାହାରୁ କିଣା ହୋଇଥାଏ । ଉପଯୁକ୍ତ ଯତ୍ନ ନେଲେ ଲୁସର୍ନ ସବୁଦିନିଆ ଘାସ ଭାବରେ ୨/୩ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହି ଅମଳ ଦେଇଥାଏ । ଯବଧନକୁ ଗହମ ଚାଷ ଭଳି ଓ ଚାଇନା ସୋରିଷକୁ ସୋରିଷ ଚାଷ କଲା ଭଳି ବୁଣାଯାଇଥାଏ । ଯବଧନ ଚାଷ ପାଇଁ ଏକରକୁ ୪୦ କି.ଗ୍ରା. ଓ ଚାଇନା ସୋରିଷ ପାଇଁ ୪ କି.ଗ୍ରା. ମଞ୍ଜି ଆବଶ୍ୟକ ହୋଇଥାଏ ଏବଂ ଯଥାକ୍ରମେ ୧୦୦ ରୁ ୬୦ କୁଇଣ୍ଟାଲ ଘାସ ଅମଳ ମିଳିଥାଏ। ଯବଧନ ଓ ଚାଇନା ସୋରିଷକୁ ବର୍‌ସିମ ଓ ଲୁସର୍ନ ସହ ମିଶାଇ ବୁଣିଲେ ଅଧିକ ଅମଳ ମିଳିଥାଏ। ଶୀତଦିନରେ ଅଧିକ ସବୁଜ ଗୋଖାଦ୍ୟ ଉତ୍ପାଦନ ପାଇଁ ବିଭିନ୍ନ ଜ୍ଞାନକୌଶଳର ପ୍ରୟୋଗ ମଧ୍ୟ ହୋଇପାରେ।

"ଜଳସେଚନର ସୁବିଧା ଥିଲେ ମାତ୍ର କେତୋଟି ହାତଗଣତି ପ୍ରକାର ଘାସ ଶୀତଋତୁରେ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ଛୁଇଁଜାତୀୟ ବର୍‌ସିମ୍, ଲୁସର୍ନ, ଶସ୍ୟଜାତୀୟ ଯବଧାନ ଓ ଅନ୍ୟାନ୍ୟ ମଧ୍ୟରେ ଚାଇନା ସୋରିଷ ପ୍ରଧାନ। ବର୍‌ସିମ ଓ ଲୁସର୍ନ ଅଧିକ ପୁଷ୍ଟିସାରଯୁକ୍ତ ହୋଇଥାଏ। ତେଣୁ ସେ ଦୁହିଁଙ୍କୁ ଯଥା କ୍ରମେ ଘାସର ରାଜା ଓ ରାଣୀ ମଧ୍ୟ କୁହାଯାଇଥାଏ । ଏହି ସବୁର ଚାଷ ପାଇଁ ଗୁଣ୍ଡ ହଳ କରିବାକୁ ହୋଇଥାଏ । ଏକର ପ୍ରତି ୧୦ ଶଗଡ଼ ସଢ଼ା ଗୋବରଖତ ସହ ୨୦ କି.ଗ୍ରା. ପଟାସ୍ ଓ ୧୦୦କି.ଗ୍ରା. ସୁପର ଫସ୍‌ଫେଟ୍ କିମ୍ବା ୫୦ କି.ଗ୍ରା. ଡିଏପି ସାର ଦେଇ ଜମି ପ୍ରସ୍ତୁତି କରାଯାଇଥାଏ ।"



ଧାନ କିଆରିରେ ମଧ୍ୟ ଶୀତଦିନିଆ ଘାସ ଚାଷକରି ହେବ । ଧାନ କ୍ଷୀର ଢୋକିଲା ପରେ ପାଇରା ଫସଲ ଭାବରେ କିଆରିରୁ ପାଣି କାଟିଦେଇ ବର୍‌ସିମ୍ ଏବଂ ଲୁସର୍ନ ଘାସ ମଞ୍ଜିକୁ ଛଟାବୁଣା କରି ଏକର ପ୍ରତି ୨୦ କେ.ଜି. ହିସାବରେ ବୁଣିଲେ ଧାନକଟା ବେଳକୁ ଗଛ ଉଠିଯାଇଥିବ । ଏହାପରେ ମୃତ୍ତିକାର ଆର୍ଦ୍ରତାକୁ ବ୍ୟବହାରକରି ସେହି କିଆରିରୁ ସବୁଜ ଗୋଖାଦ୍ୟ ଉତ୍ପାଦନ କରିପାରିବେ । ସେହି ଘାସକୁ ନଡ଼ା ସହ ମିଶାଇ କାଟିନେଲେ ଶୀତଦିନରେ ଘାସର ଅଭାବ ଅନୁଭୂତ ହେବ ନାହିଁ। ଏହାବ୍ୟତୀତ ନିମ୍ନଲିଖିତ ଟିପ୍ସ ଅନୁସରଣ କରିପାରନ୍ତି।

–ଯେଉଁମାନେ ସଙ୍କରହାତିଆ ଘାସ ଚାଷ କରିଥାନ୍ତି, ଶୀତଦିନରେ ଉତ୍ତାପର ହ୍ରାସ ହେତୁ ଅମଳ କମିଯାଇଥାଏ। ସେଠି କିଆରିର ୨ଧାଡ଼ି ଘାସ ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ବର୍‌ସିମ୍, ଲୁସର୍ନ, ଯବଧନ ଓ ଚାଇନା ସୋରିଷକୁ ବୁଣି ସବୁଜ ଗୋଖାଦ୍ୟ ମଧ୍ୟ ଅମଳ କରିପାରିବେ।

–ଶୀତଦିନରେ ବର୍‌ସିମ୍ ସହ ଓଟ୍, ଲୁସର୍ନ ସହ ଓଟ୍, ଲୁସର୍ନ ସହ ଚାଇନା ସୋରିଷ ମିଶ୍ରିତ ଚାଷକଲେ ଚାଷୀକୁ ସନ୍ତୁଳିତ ଓ ସୁଷମ ସବୁଜ ଗୋଖାଦ୍ୟ ମିଳିପାରିବ।

–ଶୀତଦିନରେ ଚାଷ ହେଉଥିବା ସମସ୍ତ ଘାସକୁ ଘାସ ଶୁଖୁଆ ଭାବରେ ସଂରକ୍ଷିତ କରି ରଖାଯାଇପାରିବ ଓ ତିରୋଟ ସମୟରେ ଏହାର ସୁବିନିଯୋଗ କରାଯାଇପାରିବ।

–ମଧୁବାବୁ କମ୍ପ୍ଲେକ୍ସ,ଖନ୍ତାପଡ଼ା, ବାଲେଶ୍ୱର
ମୋ : ୯୪୩୭୧୧୭୪୦୬

## ପିଆଜ ତଳି ରୋଇବା ସମୟରେ...



ପିଆଜ ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ଶେଷ ସପ୍ତାହରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ। ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲରେ ପ୍ରୟୋଗକଲେ ପତ୍ର ଉକୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ । ପିଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ସଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ। ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ। ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ। ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ। ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ୨ କିସ୍ତିରେ ପ୍ରୟୋଗ କରନ୍ତୁ ।

## ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ପରିଚାଳନା



ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ। ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ। ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

## ଆଖୁରେ ସାର ପ୍ରୟୋଗ



ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସାକରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗକରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁଗଛ ମୂଳରେ ଦିଅନ୍ତୁ।

## ପାଳ ଛତୁ



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

## ଶୀତଦିନେ ପନିପରିବା ଚାଷ



ଆଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମେ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ। ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ୨ ପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ । ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଝିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।





# ଦୀପ୍ତି ଶର୍ମା ନମ୍ବର ୱାନ୍

## ଆଇସିସି ଟି୨୦ ର୍ୟାଙ୍କିଙ୍ଗ

ଦୁବାଇ, ୨୩।୧୨ (ପି.ଟି.)



ଭାରତର ଷ୍ଟାର ଅଲରାଉଣ୍ଡର ଦୀପ୍ତି ଶର୍ମା ପ୍ରଥମଥର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଟି୨୦ ବୋଲିଂ ର୍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ୨୮ବର୍ଷୀୟା ଅଫ୍-ସ୍ପିନର ବିଶାଖାପାଟଣାଠାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ୨୦ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏହି ବୋଲିଂ ଫିଗର ଯୋଗୁ ତାଙ୍କ ର୍ୟାଙ୍କିଙ୍ଗ ପଏଣ୍ଟ ୭୩୭କୁ ବୃଦ୍ଧି ପାଇଥିଲା। ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ଆନାବେଲ ସଦରଲାଣ୍ଡଙ୍କୁ ମାତ୍ର ଗୋଟିଏ ପଏଣ୍ଟ ପଛରେ ପକାଇ ସେ ନମ୍ବର ୱାନ ସ୍ଥାନ ଅଧିକାର କରିନେଇଥିଲେ। ପେସର ଅରୁନ୍ଧତୀ ରେଡ୍ଡୀ ୫ ସ୍ଥାନ ପଦୋନ୍ନତି ସହ ୩୬ତମ ସ୍ଥାନରେ ରହିଥିବା ବେଳେ ସ୍ପିନର ଶ୍ରୀ ଚାରନୀ ୧୯ସ୍ଥାନ ଉପରକୁ ଉଠି ୬୯ତମ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ବିଶାଖାପାଟଣାରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଜେମିମା ରୋଡ୍ରିଗ୍ସ ତାଙ୍କ ୪୪ ବଲ୍‌ରୁ ଅପରାଜିତ ୬୯ ରନ ପାଇଁ ୫ ସ୍ଥାନ ଉପରକୁ ଉଠି ଅନ୍ତର୍ଜାତୀୟ ଟି୨୦ ବ୍ୟାଟରମାନଙ୍କ ମଧ୍ୟରେ ୯ମ ସ୍ଥାନ ହାସଲ କରିଛନ୍ତି। ଉପ ଅଧିନାୟିକା ସ୍ମୃତି ମନ୍ଧନା ପୂର୍ବଭଳି ଭାରତୀୟଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି, କିନ୍ତୁ ଟପ୍ ଟେନ୍‌ରେ ତାଙ୍କ ୩ୟ ସ୍ଥାନ ବଜାୟ ରଖିଛନ୍ତି। ଶେଫାଳି ବର୍ମା ଗୋଟିଏ ସ୍ଥାନ ତଳକୁ ଖସି ୧୦ମରେ ଅଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଲଉରା ଓଲ୍‌ଭାର୍ଡଟ ମନ୍ଧାନାଙ୍କୁ ହଟାଇ ଅନ୍ତର୍ଜାତୀୟ ମହିଳା ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗରେ ନମ୍ବର ୱାନ ସ୍ଥାନ ଦଖଲ କରି ନେଇଛନ୍ତି। ଓଲ୍‌ଭାର୍ଡଟ ଆୟର୍ଲାଣ୍ଡ ବିପକ୍ଷ ଘରୋଇ ସିରିଜର ଦ୍ୱିତୀୟ ଓ ତୃତୀୟ ମ୍ୟାଚରେ କ୍ରମାଗତ ଦୁଇଟି ଶତକ (୧୨୪ ରନ ଓ ୧୦୦*)କରିବା ଦ୍ୱାରା ତାଙ୍କ କ୍ୟାରିୟର ଶ୍ରେଷ୍ଠ ୮୨୦ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ମନ୍ଧାନାଙ୍କଠାରୁ ସେ ୯ପଏଣ୍ଟ ଆଗରେ ରହିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ର୍ୟାଙ୍କିଙ୍ଗରେ ଆୟର୍ଲାଣ୍ଡ ଅଧିନାୟକ ଗାବି ଲିୱିସ ତାଙ୍କ ୪୫ ଓ ୬୪ ରନ ବ୍ୟାଟିଂ ପାଇଁ ୪ ସ୍ଥାନ ଉପରକୁ ଉଠି ୧୮ତମ ସ୍ଥାନରେ ଅଛନ୍ତି।

# ରାଇଜିଂ, ଆଇଆଇସି କ୍ୱାର୍ଟରରେ

## ମୁକ୍ତେଶ୍ୱର କପ୍ କ୍ରିକେଟ

ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ଟି ପ୍ରି-କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ରାଇଜିଂ ଷ୍ଟାର ଓ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ (ଆଇଆଇସି) ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟାର ୧୬ ରନରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟାର ୨୦ ଓଭରରେ ୬ ଉଇକେଟ ହରାଇ ୮୯ ରନ କରିଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ସ୍ୱାଇଁ ସର୍ବାଧିକ ୨୭ ରନ କରିଥିଲେ। ଜବାବରେ ଗ୍ରୀନ୍ସ ଧିମା ବ୍ୟାଟିଂ କରି ପ୍ରଥମ ୧୦ ଓଭରରେ ମାତ୍ର ୧୭ ରନ କରିବାରୁ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଫଳରେ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୭୩ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଦୀପ୍ତାଂଶୁ ୨୩ ଓ ଜଗନ୍ନାଥ ବେହେରା ୨୨ ରନ କରିଥିଲେ। ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଆଇଆଇସି ୫ ଉଇକେଟରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ)କୁ ହରାଇଛି। ବିବିସିଏ ୨୦ ଓଭରରେ ୭ ଉଇକେଟ ହରାଇ ୧୧୪ ରନ କରିଥିଲା। ସାଇ ଶଙ୍କର ସେଠୀ ସର୍ବାଧିକ ୫୬ ରନ କରିଥିଲେ। ପ୍ରତିପକ୍ଷ ବୋଲର ଆଶୁତୋଷ ଯାଦବ, ଆଦିତ୍ୟ ପଣ୍ଡା, ରଞ୍ଜିତ ସାହୁ ୨ଟି ଉଇକେଟ ନେଇଥିଲେ। ଜବାବରେ ଆଇଆଇସି ୧୯.୪ ଓଭରରେ ୫ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରି ନେଇଥିଲା। ସେକ୍ ରମଜାନ ୪୪ ଓ ରାଜବୀର ସାମନ୍ତରାୟ ୨୧ ରନକରି ଦଳକୁ ଜିତାଇଥିଲେ। ବିବିସିଏ ପକ୍ଷରୁ ମୃତ୍ୟୁଞ୍ଜୟ ରାୟ ୧୩ ରନରେ ୨ଟି ଉଇକେଟ ନେଇଥିଲେ।


## ଭାରତ ତୀର୍ଥ ସାଥୀ ପ୍ୟାକେଜ୍ ଟୁର୍

ପରିଚାଳକ: ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ.୯୪୩୭୭୫୩୫୮୮/୯୬୯୨୫୭୪୯୬୨

୧ମ ଯାତ୍ରା (ଉତ୍ତର ଭାରତ): ତା.୭.୩.୨୬ (ନବଦୋଳ ଉପଲକ୍ଷେ) ଏହ୍ଲାବାଦ (ପ୍ରୟାଗରାଜ) ଅସ୍ଥି ବିସର୍ଜନ ଓ ପିଣ୍ଡଦାନ, ମଥୁରା, ଗୋପ, ବୃନ୍ଦାବନ, ଆଗ୍ରା, ହରିଦ୍ୱାର, ଋଷିକେଶ, ଲଛମନ୍‌ଝୁଲା, ଅଯୋଧ୍ୟା-ନୂତନ ମନ୍ଦିରରେ ରାମଲାଲା ଦର୍ଶନ, ସରୁଜ ସ୍ନାନ, ହନୁମାନ ଗଡି, ଦଶରଥ ମହଲ, କାଶୀ-ବାରାଣାସୀ (କାଶିବିଶ୍ୱନାଥ ଜ୍ୟୋତିର୍ଲିଙ୍ଗ), ଗୟାରେ ମଧୁମାସରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରି ୧୭.୩.୨୬ରେ ମଧ୍ୟାହ୍ନରେ ପୁରୀ ପହଞ୍ଚିବେ । ୨ୟ ଯାତ୍ରା (ବିଶାଖାପାଟଣା, ନୃସିଂହନାଥ ମନ୍ଦିର, ରାଜମହେନ୍ଦ୍ରୀ, ପିଠାପୁରମ୍, ପାଦଗୟା)- ତା.୨୭.୩.୨୬ ରୁ ତା.୩୧.୩.୨୬ ଯାତ୍ରାସାରି ପୁରୀ ପହଞ୍ଚିବେ । ୩ୟ ଯାତ୍ରା: ତା.୪.୪.୨୬ରୁ ୯.୪.୨୬- ତିରୁପତି, ଶ୍ରୀଶୈଳମ୍, ମଲ୍ଲିକାର୍ଜୁନ (ଜ୍ୟୋତିର୍ଲିଙ୍ଗ) ହୋଇ ଭୁବନେଶ୍ୱର ତା.୯.୪.୨୬ରେ ପହଞ୍ଚିବେ । ୪ର୍ଥ ଯାତ୍ରା (ବିମାନଯାତ୍ରା-ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ) ତା.୨୫.୨.୨୬ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି କଲିକତା, ଏଠାରୁ ବିମାନଯୋଗେ ପୋର୍ଟବ୍ଲେୟାର ତିନିରାତି ରହଣି ଓ ବିଭିନ୍ନ ଦ୍ୱୀପ ଭ୍ରମଣ ପରେ ତା.୧.୩.୨୬ କଲିକତା ବିମାନଯୋଗେ କଲିକତା ହୋଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ । ୫ମ ଯାତ୍ରା (ନେପାଳ, କାଠମାଣ୍ଡୁ) ତା.୦୯.୦୫.୨୦୨୬ ଦାର୍ଜିଲିଂ, ଗ୍ୟାଙ୍ଗଟକ୍, କାଠମାଣ୍ଡୁ, ଜନକପୁର, ଗୌହାଟୀ, ସିଲଂ, ଚେରାପୁଞ୍ଜି ହୋଇ ୨୨.୦୫.୨୬ରେ ପୁରୀ ପ୍ରତ୍ୟାବର୍ତ୍ତନ ଓ ଯାତ୍ରା ଶେଷ । ଭଲ ଗାଇଡ୍, ରୁଚିକର ଖାଦ୍ୟ, ବୃଦ୍ଧବୃଦ୍ଧାଙ୍କ ଦାୟିତ୍ୱ ଓ ଉତ୍ତମ ବ୍ୟବହାର । ଟିକେଟ୍‌ର ମୂଲ୍ୟ- ତ୍ରିତଳ ଶୟନ ଯାନ ରେଳଭଡ଼ା+ ଦୁଇବେଳା ଖାଦ୍ୟ+ ଧର୍ମଶାଳା/ଲଜିଂ ରହଣି+ ଦର୍ଶନୀୟ ସ୍ଥାନ ଭ୍ରମଣ ସହ ଜଣ ପ୍ରତି ୧ମ ଯାତ୍ରା- ୧୩,୫୦୦/-, ୨ୟ ଯାତ୍ରା-୪,୫୦୦/-, ୩ୟ ଯାତ୍ରା ୪,୫୦୦/-, ଚତୁର୍ଥ ଯାତ୍ରା (ବିମାନ ଭଡା ସହ) ଟ.୪୨,୫୦୦/- ୫ମ ଯାତ୍ରା- ଟ.୨୭,୫୦୦/- । ୨ୟ ଓ ୩ୟ ଯାତ୍ରାର ଖାଇବା ଖର୍ଚ୍ଚ ଯାତ୍ରୀ ବହନ କରିବେ ।

ଯୋଗାଯୋଗ ଭୁବନେଶ୍ୱର- ୯୭୭୮୮୯୬୫୪୦, କଟକ, ୭୦୦୮୬୯୩୦୪୪, ବାଲେଶ୍ୱର- ୯୮୬୧୦୭୫୩୨୮, ସମ୍ବଲପୁର-୯୭୭୭୪୭୨୪୪୧, ଖୋର୍ଦ୍ଧା- ୯୯୩୭୨୭୫୨୫୮, ଢେଙ୍କାନାଳ-୯୩୩୭୧୬୩୫୫୧, ଚୌଦ୍ୱାର-୬୩୭୦୨୫୨୮୧୧, ରାଉରକେଲା-୮୬୩୭୨୩୯୯୪୯, ନିମାପଡ଼ା-୭୯୭୮୭୯୪୬୨୯, ଯାଜପୁରରୋଡ୍-୯୦୯୦୩୩୨୬୨୮ ।

ବିଜ୍ଞାପନ ପ୍ରକାଶ ପାଇବା ଦିନ ଯୋଗାଯୋଗ ପାଇଁ ଅନୁରୋଧ । ସବିଶେଷ ବିବରଣୀ ପାଇଁ ପରିଚାଳକଙ୍କ ସହିତ ଯୋଗାଯୋଗ କରନ୍ତୁ ।


# ଭାରତୀୟ ମହିଳା କ୍ରିକେଟ ଦଳର ଦ୍ୱିତୀୟ ବିଜୟ

ବିଶାଖାପାଟଣା, ୨୩।୧୨

ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଭାରତୀୟ ମହିଳା କ୍ରିକେଟ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭାରତ ୭ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ ୧୨୮ ରନ କରିଥିଲା। ହର୍ଷିଥା ସମରବିକ୍ରମା ୩୩ ଓ ଅଧିନାୟିକା ଚାମରି ଅଟାପାଟ୍ଟୁ ୩୧ ରନ କରିଥିଲେ। ଭାରତ ପକ୍ଷରୁ ବୈଷ୍ଣବୀ ଶର୍ମା ଓ ଶ୍ରୀ ଚରଣୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ଶେଫାଳି ବର୍ମାଙ୍କ ଅପରାଜିତ ୬୯ (୩୪ ବଲ, ୧୧ ଚୌକା, ୧ ଛକା) ରନ ବଳରେ ୧୧.୫ ଓଭରରେ ୩ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ନେଇଥିଲା। ଏଠାରେ ବିଜୟ ଫଳରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ